
# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ଅକ୍ଟୋବର ୨୯/୨୦୧୯ (୧୬ ପୃଷ୍ଠା) Dhenkanal, Tuesday, October 29 / 2019 ★★★★★

୧୫ଶ ଭାଗ ୨୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-

**ଦୀପାବଳିରେ ଟ୍ରୋଲ୍ ହେଲେ ଶାହରୁଖ୍**
ବଲିଉଡ୍ କିଙ୍ଗ୍ ଖାନ୍ ଶାହରୁଖ୍ ନିଜ ଫ୍ୟାନ୍‌ମାନଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଥିବାବେଳେ ତାଙ୍କୁ ସୋସିଆଲ ମିଡିଆରେ ପ୍ରବଳ ଟ୍ରୋଲ୍ କରାଯାଇଛି। ୦୨

୧୫
**ହାମିଲଟନଙ୍କୁ ଟାଇଟଲ**
ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ରବିବାର ମେକ୍ସିକାନ ଫର୍ମୁଲା ୱାନ ଗ୍ରାଁ.ପ୍ରି. ଟାଇଟଲ ହାସଲ କରିଛନ୍ତି।








## ଶ୍ରଦ୍ଧାଞ୍ଜଳି



ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟର ପୂର୍ବତନ ପ୍ରକାଶକ ଦଣ୍ଡପାଣି ମିଶ୍ରଙ୍କର ଆଜି ପଞ୍ଚମ ଶ୍ରାଦ୍ଧଦିବସ। ଏହି ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି।

## ଆଜିର ସମ୍ପାଦକୀୟ

ଅବୁ ବକର ଅଲ୍ ବାଗ୍‌ଦାଦି

## ଆଜିର ମନ୍ତବ୍ୟ

“ଆତଙ୍କବାଦକୁ ସମର୍ଥନ ଓ ପ୍ରୋତ୍ସାହନ ଦେଉଥିବା ଦେଶ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## କିଛି ତଥ୍ୟ

- ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁନ ସମୟରେ ଦେଶ ମଧ୍ୟକୁ ଏଫ୍‌ଡିଆଇରେ ୨୮% ବୃଦ୍ଧି ଘଟି ୧୬.୩୩ ବିଲିୟନ ଡଲାର ରହିଛି। – ଅର୍ଥ ମନ୍ତ୍ରଣାଳୟ

■ ଜିଲାପାଳଙ୍କ ନିକଟରେ ଚାଷୀଙ୍କ ଅଭିନବ ପ୍ରତିବାଦ

# ଶୁଣାଣି ବେଳେ ଛାଡ଼ିଲେ ଷଣ୍ଢ

ରାଜନଗର, ୨୮।୧୦ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଞ୍ଚଳରେ ବୁଲା ଷଣ୍ଢ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସେମାନଙ୍କ ପ୍ରାଦୁର୍ଭାବ ଯୋଗୁ ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଅନେକ ସମୟରେ ଷଣ୍ଢଗୁଡ଼ିକ କିଆରିରେ ପଶି ଫସଲ ଖାଇବା ସହ ହେକ୍ଟର ହେକ୍ଟର ଫସଲ ନଷ୍ଟ କରି ପକାଉଛନ୍ତି। ଏ ନେଇ ଚାଷୀମାନେ ବାରମ୍ବାର ଅଭିଯୋଗ କରୁଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରଶାସନର ଏଭଳି ନିଷ୍କ୍ରିୟତା ବିରୋଧରେ ସ୍ଥାନୀୟ ଚାଷୀମାନେ ସୋମବାର ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ଜିଲାପାଳଙ୍କ ଜନଶୁଣାଣି ଚାଲିଥିବା ବେଳେ ଶିବିର ଭିତରେ ଚାଷୀମାନେ ଷଣ୍ଢ ଛାଡ଼ିଦେବା ଭଳି ଘଟଣା ନଜରକୁ ଆସିଛି। ଯାହାକୁ ନେଇ ଏବେ ଜିଲାବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଛି।

ରାଜନଗର ବ୍ଲକ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନରେ ଜିଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସମର୍ଥ ବର୍ମା ପହଞ୍ଚିବା ପୂର୍ବରୁ ଚାଷୀମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ଶତାଧିକ ଷଣ୍ଢ ଏକାଠି କରିଥିଲେ। ପୋଲିସ ଫୋର୍ସ ସହାୟତାରେ ଜିଲାପାଳ ଶିବିରରେ ପହଞ୍ଚିବା ସହ ଚାଷୀଙ୍କ ଅସୁବିଧା ସମ୍ପର୍କରେ ଆଲୋଚନା କରିବା ପାଇଁ ବିଡିଓ ମନ୍ଦରଧର ମହାଳିକ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଚାଷୀମାନଙ୍କ ସହ ସେମାନଙ୍କ ଆଲୋଚନା ସଫଳ ହୋଇ ନ ଥିଲା। ପ୍ରାୟ ୧୧ଟା ବେଳେ ଏସ୍‌ପି ନୀତିଶେଖର ଶିବରରେ ପହଞ୍ଚିବା ପରେ ଜିଲାପାଳ ଏ ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିଲେ। ଚାଷୀଙ୍କ ଫସଲ ସୁରକ୍ଷା ପାଇଁ ଏସ୍‌ପି ଦାୟିତ୍ୱ ନେବା ସହ ଆସନ୍ତା ଦୁଇ ଦିନ ମଧ୍ୟରେ ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ହେବା ପରେ ଚାଷୀମାନେ ଶାନ୍ତ ହୋଇଥିଲେ। ଏହାପରେ ବ୍ଲକ ପରିସରରୁ ଷଣ୍ଢଗୁଡ଼ିକୁ ବାହାରକୁ ଛାଡ଼ି ☞ପୃଷ୍ଠା–୪



ବ୍ଲକ କାର୍ଯ୍ୟାଳୟ ପରିସରରେ ଶତାଧିକ ଷଣ୍ଢ।

■ ଆଇନଜୀବୀଙ୍କୁ ବିସିଆଇର ଚରମବାଣୀ

# ଆନ୍ଦୋଳନ ବନ୍ଦ କର, ନଚେତ୍ କାର୍ଯ୍ୟାନୁଷ୍ଠାନ

- ■ ହାଇକୋର୍ଟ ବାର୍, ୬୮ ବାର୍ ଆସୋସିଏଶନକୁ ନୋଟିସ୍
- ■ ୩ ତାରିଖ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ

କଟକ ଅଫିସ,୨୮।୧୦

ବିଭିନ୍ନ ଦାବିରେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନ ଓ ରାଜ୍ୟର ୬୮ଟି ବାର ଆସୋସିଏଶନ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଫଳରେ ହାଇକୋର୍ଟ ଓ ତଳ କୋର୍ଟଗୁଡ଼ିକ ଅଚଳ ରହିଛି। ଏହାକୁ ନେଇ କିଛିଦିନ ତଳେ ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ ହେବା ସହ ବାର କାଉନସିଲ ଅଫ୍ ଇଣ୍ଡିଆ(ବିସିଆଇ)ର ସହଯୋଗ ଲୋଡ଼ିଥିଲେ। ବିସିଆଇ ଆନ୍ଦୋଳନରତ ଆଇନଜୀବୀଙ୍କୁ ଚରମବାଣୀ ଶୁଣାଇଛନ୍ତି। ତୁରନ୍ତ ଆନ୍ଦୋଳନ ବନ୍ଦ କରି କାର୍ଯ୍ୟରେ ଯୋଗଦେବାକୁ ଆଇନଜୀବୀମାନଙ୍କୁ ବିସିଆଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କିତ ଏକ ପତ୍ର ବିସିଆଇ ପକ୍ଷରୁ ହାଇକୋର୍ଟ ବାର ଏବଂ ୬୮ ☞ପୃଷ୍ଠା–୪

■ ଉତ୍ତର ପଶ୍ଚିମ ସିରିଆରେ ଆମେରିକାର ଗୁପ୍ତ ଚଢ଼ାଉ


# ଆଇଏସ୍ ନେତା ବାଗ୍‌ଦାଦି ନିହତ

ୱାଶିଂଟନ,୨୮।୧୦(ପି.ଟି.)

ଉତ୍ତରପଶ୍ଚିମ ସିରିଆରେ ଆମେରିକାର ସ୍ୱତନ୍ତ୍ର ବାହିନୀ ପକ୍ଷରୁ ଗୁପ୍ତ ଚଢ଼ାଉ ବେଳେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ମୁଖ୍ୟ ଅବୁ ବକର୍ ଅଲ-ବାଗଦାଦି ନିହତ ହୋଇଛନ୍ତି। ଆମେରିକା ସେନା ହାତରେ ଧରାପଡିବା ନିଶ୍ଚିତ ଜାଣି ଶେଷ ମୂହୂର୍ତ୍ତରେ ବିଶ୍ୱର ସବୁଠୁ ଦୁର୍ଦ୍ଧାନ୍ତ ଓ ନିଷ୍ଠୁର ଆତଙ୍କବାଦୀ ବାଗଦାଦି ଶେଷରେ ଆତଙ୍କ ମଧ୍ୟରେ ନିଜକୁ ବିସ୍ଫୋରଣ କରି ଉଡାଇଦେଇଛନ୍ତି। ଜଣେ ଭୀରୁ ଓ କୁକୁର ଭଳି ସେ ନିହତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏହି ଆତଙ୍କବାଦୀ ନେତାଙ୍କ ଶେଷ ମୁହୂର୍ତ୍ତ କ୍ରନ୍ଦନ ଓ ଚିତ୍କାରରେ ବିତିଥିଲା। ଏକ ସୁଡ଼ଙ୍ଗ ମଧ୍ୟରେ ସେ ନିଜକୁ ବିସ୍ଫୋରଣରେ ଉଡାଇ ଦେଇଥିଲେ। ଏହି ବିସ୍ଫୋରଣରେ ତାଙ୍କର ୩ ପିଲା ମଧ୍ୟ ପ୍ରାଣ ହରାଇଥିବା ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ରେ କହିଛନ୍ତି।

ଆମେରିକାର ସ୍ୱତନ୍ତ୍ର ଅପରେଶନ୍ ଫୋର୍ସ ରାତି ସମୟରେ ନିର୍ଭୀକତାର ସହ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଶେଷରେ ନମ୍ବର ୱାନ୍ ଆତଙ୍କବାଦୀଙ୍କୁ ଆମେରିକା ନ୍ୟାୟର କାଠଗଡ଼ାକୁ ଆଣିଛି ଓ ଦୁର୍ଦ୍ଧାନ୍ତ ବାଗଦାଦି ନିହତ ହୋଇଥିବା ଟ୍ରମ୍ପ୍ ସାରା ବିଶ୍ୱକୁ ଜଣାଇଦେଇଛନ୍ତି। ନିରୀହ ଲୋକଙ୍କୁ ନିର୍ମମ ଭାବେ ହତ୍ୟା କରୁଥିବା ଆଇଏସ୍‌ର ପ୍ରତିଷ୍ଠାତା ଥିଲେ ବାଗଦାଦି। ବହୁବର୍ଷ ହେଲା ତାଙ୍କୁ ଧରିବା ଲାଗି ଆମେରିକା ଅଭିଯାନ ଚଳାଇଥିଲା।


ଆଇଏସ୍ ସଂଗଠନ ସକ୍ରିୟ ଥିବା ଉତ୍ତରପଶ୍ଚିମ ସିରିଆର ଇଡଲିବ୍ ପ୍ରଦେଶ ଅନ୍ତର୍ଗତ ଏକ ଅଞ୍ଚଳରେ ଆମେରିକା ହେଲିକପ୍ଟରରୁ ସ୍ୱତନ୍ତ୍ର ବାହିନୀର ସୈନ୍ୟ ଓହ୍ଲାଇଥିଲେ। ପରେ ହେଲିକପ୍ଟରଗୁଡିକ ବରିଶା ଗ୍ରାମ ବାହାରେ ଥିବା ଏକ ଘର ଓ କାରକୁ ଟାର୍ଗେଟ କରିଥିଲେ। ଏହି କାର୍ଯ୍ୟାନୁଷ୍ଠାନରେ ଆଇଏସ୍‌ର ବରିଷ୍ଠ ନେତା ଅବୁ ୟମାନୁଙ୍କ ସମେତ ୯ ଜଣ ନିହତ ହୋଇଥିଲେ। ନିହତଙ୍କ ମଧ୍ୟରେ ଜଣେ ଶିଶୁ ଓ ୨ ମହିଳା ଥିଲେ ବୋଲି ବ୍ରିଟେନସ୍ଥିତ ସିରିଆ ମାନବାଧିକାର ପର୍ଯ୍ୟବେକ୍ଷଣ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ଉକ୍ତ ଅଞ୍ଚଳରେ ବାଗଦାଦି ଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇ ନ ଥିଲା। ଏହି ଆକ୍ରମଣରେ କାର ଭିତରେ ଥିବା ଦୁଇଜଣ ନିହତ ହୋଇଥିଲେ। ତେବେ ଆମେରିକା ସ୍ୱତନ୍ତ୍ର ଅପରେଶନ ବାହିନୀ ନିକଟତର ହେବାରୁ ଆତ୍ମଘାତୀ ପୋଷାକରେ ଥିବା ବାଗଦାଦି ନିଜକୁ ବିସ୍ଫୋରଣରେ ଉଡାଇଦେଇଥିଲେ ବୋଲି ବିଭିନ୍ନ ସରକାରୀ ସୂତ୍ରକୁ ଉଦ୍ଧାର କରି ଆମେରିକା ଗଣମାଧ୍ୟମ ☞ପୃଷ୍ଠା–୪





ଥାନା ପାଇବ ମାସିକ ଅନୁଦାନ
........ ୩ ........






| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 63 | 110 | 120 |
| BLS | 65 | 113 | 123 |
| ANG | 63 | 110 | 120 |
| BHM | 59 | 105 | 115 |








ଫିଲ୍ମ 'ବାଲା'ର ପ୍ରମୋଶନ ଛାଡ଼ି ମୁଁ ମୋ ପରିବାର ସହ ଦିୱାଲି ପାଳିବାକୁ ଚାହୁଁଥିଲି।
- ୟାମି ଗୌତମ, ବଲିଉଡ୍ ଅଭିନେତ୍ରୀ



# ଦୀପାବଳି ଶୁଭେଚ୍ଛା ଜଣାଇ ଶାହରୁଖ୍ ହେଲେ ଟ୍ରୋଲ୍

**ମୁମ୍ବାଇ:** ରବିବାର ସାରା ଦେଶରେ ଧୁମ୍‌ଧାମ୍‌ରେ ଦୀପାବଳି ପାଳିତ ହୋଇଛି। ଏହି କ୍ରମରେ ବି-ଟାଉନ୍ ସେଲିବ୍ରିଟିମାନେ ମଧ୍ୟ ସ୍ୱତନ୍ତ୍ର ଭାବେ ପାଳନ କରି ଏହି ଦିବସର ମଜା ଉଠାଇଛନ୍ତି, ଯାହାର ଝଲକ ସୋସିଆଲ୍ ମିଡିଆରେ ଦେଖିବାକୁ ମିଳୁଛି। ବଲିଉଡ୍ ସେଲିବ୍ରିଟି ପ୍ରିୟଙ୍କା ଚୋପ୍ରାଙ୍କଠାରୁ ଅକ୍ଷୟ କୁମାରଙ୍କ ପର୍ଯ୍ୟନ୍ତ ସମସ୍ତେ ଫ୍ୟାନ୍‌ମାନଙ୍କୁ ଦୀପାବଳି ଅବସରରେ ସୋସିଆଲ ମିଡିଆରେ ନିଜ ନିଜ ତରିକାରେ ଶୁଭେଚ୍ଛା ଜଣାଇଥିଲେ। କିନ୍ତୁ ଯେତେବେଳେ ବଲିଉଡ୍ କିଙ୍ଗ୍ ଖାନ୍ ଶାହରୁଖ୍ ନିଜ ଫ୍ୟାନ୍‌ମାନଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଲେ, ତାଙ୍କୁ ସୋସିଆଲ ମିଡିଆରେ ପ୍ରବଳ ଟ୍ରୋଲ୍ କରାଗଲା।

ପ୍ରକୃତରେ ଶାହରୁଖ୍ ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲରେ ଦୀପାବଳି ପାଇଁ ଏକ ନିଆରା ଢଙ୍ଗରେ ଶୁଭକାମନା ଜଣାଇଥିଲେ। ଶାହରୁଖ୍ ନିଜ ପତ୍ନୀ ଗୌରୀ ଖାନ୍ ଓ ପୁଅ ଅବରାମଙ୍କ ସହ ଗୋଟିଏ ଫଟୋ ଶେୟାର କରିଥିଲେ, ଯେଉଁଥିରେ ତିନିଜଣଙ୍କର କେବଳ ଆଖି ଓ କପାଳରେ ତିଳକ ଲଗାଇଥିବା ଦେଖିବାକୁ ମିଳିଥିଲା। ତେବେ ଶାହରୁଖ୍‌ଙ୍କ ଏଭଳି ନିଆରା ଢଙ୍ଗରେ ଦୀପାବଳିର ଶୁଭେଚ୍ଛା ତାଙ୍କ ଫ୍ୟାନମାନଙ୍କୁ ଭଲ ଲାଗିଥିଲେ ମଧ୍ୟ କିଛି କଠୋର ଧର୍ମପନ୍ଥୀଙ୍କ ମନକୁ ପାଇ ନ ଥିଲା। ସେମାନେ ତୁରନ୍ତ ତାଙ୍କୁ ଟ୍ରୋଲ କରିଥିଲେ। ଜଣେ ୟୁଜରଙ୍କ ଅନୁସାରେ, ଶାହରୁଖ୍ ମୁସଲମାନ ହୋଇଥିବାରୁ ତାଙ୍କର ମଥାରେ ତିଳକ ଲଗାଇବା ଉଚିତ ହେଲା ନାହିଁ। ଆଉ ଜଣେ ୟୁଜର ଲେଖିଛନ୍ତି, "କେବେ ଇଦ୍‌ରେ ମଧ୍ୟ ଶୁଭେଚ୍ଛା ଜଣାଇଦିଅ।" ସେହିପରି ଆଉ ଜଣେ ୟୁଜର କହିଛନ୍ତି, "ଏହା କ'ଣ କେସରିଆ ରଙ୍ଗ? ଏବେ ତୁମକୁ ବି ଫତ୍‌ୱା ଜାରି କରାହେବ କି? ନା କେବଳ ମହିଳାଙ୍କ ଉପରେ ଫତ୍‌ୱା ଜାରି କରାଯାଏ?" ଏହିପରି କିଛି ସୋସିଆଲ ମିଡିଆରେ ଟ୍ରୋଲର ଶିକାର ହେଲେ ଶାହରୁଖ୍।

ଅନ୍ୟପକ୍ଷରେ ଶାହରୁଖ୍‌ଙ୍କ ପାଇଁ ଶବାନା ଆଜ୍‌ମୀ କିନ୍ତୁ ଟ୍ରୋଲରଙ୍କୁ କଡ଼ା ଜବାବ୍ ଦେଉଛନ୍ତି। ଟ୍ରୋଲରଙ୍କ ପାଲଟା ଜବାବ୍ ଦେଇ ଶବାନା ଟୁଇଟ୍ କରିଛନ୍ତି, ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ, ଶାହରୁଖ୍‌ଙ୍କ ଦୀପାବଳି ଶୁଭକାମନାକୁ ନେଇ କିଛି ଇସଲାମିକ୍ କ୍ରୋଧିତ। ମଥାରେ ତିଳକ ଲଗାଇଥିବାରୁ ସେମାନେ ତାଙ୍କୁ ଢୋଙ୍ଗି ମୁସଲମାନ ବୋଲି ମଧ୍ୟ କହୁଛନ୍ତି। ଇସଲାମ୍ ଧର୍ମ ଏତେ ଦୁର୍ବଳ ନୁହେଁ ଯେ, ଏହା ଏକ ସୁନ୍ଦର ଭାରତୀୟ ପରମ୍ପରା ଦ୍ୱାରା କ୍ଷତିଗ୍ରସ୍ତ ହୋଇଯିବ। ଗଙ୍ଗା-ଯମୁନା ପରମ୍ପରାରେ ଭାରତର ସୌନ୍ଦର୍ଯ୍ୟ ରହିଛି।" ତେବେ ଶବାନାଙ୍କ ଏପରି କଡ଼ା ଜବାବ ପରେ, ତାଙ୍କୁ ମଧ୍ୟ ଟ୍ରୋଲ୍ ହେବାକୁ ପଡ଼ିଲା। ଏଭଳି ଟୁଇଟ୍ ପରେ ଜଣେ ୟୁଜର ଲେଖିଲେ, "ଏ ଇସଲାମ୍ ବହୁତ ଜଲ୍‌ଦି ଅସୁବିଧାରେ ପଡ଼ିଯାଏ।" ସେହିପରି ଆଉଜଣେ ଲେଖିଲେ, "ଶାନ୍ତିଦୂତଙ୍କ ଦ୍ୱାରା କ'ଣ ବିଶେଷ ଟିପ୍ପଣୀ କରାଗଲା?"

# ବୃଦ୍ଧିପାଉଛି ଷ୍ଟ୍ରୋକ୍ ଜନିତ ମୃତ୍ୟୁ

**ନୂଆଦିଲ୍ଲୀ:** ସାମ୍ପ୍ରତିକ ସାମାଜିକ ଚାଲିଚଳଣୀ, ଜୀବନଶୈଳୀ ଲୋକମାନଙ୍କ ଶରୀର ଉପରେ ବିଶେଷ ପ୍ରଭାବ ପକାଉଛି। ମାନସିକ ଚାପ ଓ ବିଭିନ୍ନ ରୋଗରେ ପୀଡ଼ିତ ଲୋକମାନେ ଏବେ ଷ୍ଟ୍ରୋକ୍ ବା ଘାତର ଶିକାର ହେଉଛନ୍ତି। ପୃଥିବୀରେ ଯେତିକି ମାତ୍ରାରେ ଅସ୍ୱାଭାବିକ ଅବସ୍ଥାରେ ମୃତ୍ୟୁ ଘଟୁଛି ତା'ର ଅଧା ବିଭିନ୍ନ ଷ୍ଟ୍ରୋକ୍ ଦ୍ୱାରା ହେଉଛି। ଏଣୁ ଅକ୍ଟୋବର ୨୯କୁ ୱାର୍ଲ୍ଡ ଷ୍ଟ୍ରୋକ୍ ଡେ' ଭାବେ ପାଳନ କରାଯାଉଛି। ମନୁଷ୍ୟ ଶରୀରର ବ୍ରେନ୍ ବା ମସ୍ତିଷ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାର କାର୍ଯ୍ୟଧାରା ବାଧାପ୍ରାପ୍ତ ହେଲେ ଆମେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଉ। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା

ୱାର୍ଲ୍ଡ ଷ୍ଟ୍ରୋକ୍ ଡେ'




ପାଇଁ ପ୍ରତିବର୍ଷ ଅକ୍ଟୋବର ୨୯ ତାରିଖକୁ 'ୱାର୍ଲ୍ଡ ବ୍ରେନ୍ ଷ୍ଟ୍ରୋକ୍ ଡେ' ଭାବରେ ମଧ୍ୟ ପାଳନ କରାଯାଇଥାଏ। ଏ ସମ୍ପର୍କରେ ଭୁବନେଶ୍ୱରସ୍ଥ କେୟାର ହସ୍‌ପିଟାଲର ବରିଷ୍ଠ ନ୍ୟୁରୋଲୋଜି ସ୍ପେଶାଲିଷ୍ଟ ଡା. ଶୁଭ୍ରାଂଶୁ ଶେଖର ଜେନା କହନ୍ତି, "ନିକଟରେ ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଆମ ଦେଶରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ପ୍ରମୁଖ କାରଣ ମଧ୍ୟରୁ ବ୍ରେନ୍‌ଷ୍ଟ୍ରୋକ୍ ଦ୍ୱିତୀୟ ମୁଖ୍ୟ କାରଣ। ସମଗ୍ର ପୃଥିବୀରେ ପ୍ରତିବର୍ଷ ପାଖାପାଖି ୧୫ ମିଲିୟନ ଲୋକ ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହୋଇଥାଆନ୍ତି। ଏପରି କି ପ୍ରତି ୬ ସେକେଣ୍ଡରେ ଜଣେ ବ୍ୟକ୍ତି (ପୃଥିବୀରେ) ବ୍ରେନ୍ ଷ୍ଟ୍ରୋକ୍ ଦ୍ୱାରା ଆକ୍ରାନ୍ତ ହୁଅନ୍ତି। ଖାସ୍ କଥା ହେଲା, ଆମ ଦେଶରେ ପଶ୍ଚିମବଙ୍ଗ ପରେ ଓଡିଶାରେ ସବୁଠାରୁ ଅଧିକ ଲୋକ ବ୍ରେନ୍ ଷ୍ଟ୍ରୋକ୍ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ତେବେ ଯେଉଁମାନଙ୍କର ଡାଇବେଟିସ୍, ବ୍ଲଡପ୍ରେସର ରହିଛି ଏବଂ ରକ୍ତରେ କୋଲେଷ୍ଟରଲ ସମସ୍ୟା ରହିଛି ସେମାନେ ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହେବାର ଆଶଙ୍କା ଅଧିକ ରହିଛି। ଏହାବ୍ୟତୀତ ଧୂମପାନ, ନିଶାଦ୍ରବ୍ୟ ସେବନ, ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଏହାର ଅନ୍ୟତମ କାରଣ। ବ୍ରେନ୍ ଷ୍ଟ୍ରୋକ ହେବାର ପ୍ରଥମ ୪-୫ ଘଣ୍ଟା ଅଧିକ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣଙ୍କର ମୁହଁ ହଠାତ୍ ବଙ୍କା ହୋଇଯାଉଛି, ବଧିରା ହୋଇଯାଉଛି, ହାତ ଦୁର୍ବଳ ଲାଗୁଛି, ବଧିରା ହୋଇଯାଉଛି ତେବେ ବିଳମ୍ବ ନ କରି ଅଭିଜ୍ଞ ନ୍ୟୁରୋଲୋଜି ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।"

# ବହୁ ଉପକାରୀ ଅଦା



**ନୂଆଦିଲ୍ଲୀ:** ଅଦା ଅନେକ ଔଷଧୀୟ ଗୁଣରେ ଭରପୁର। ଏହା ନାନା ପ୍ରକାର ରୋଗରୁ ଦୂରେଇ ରଖେ ବୋଲି ଆୟୁର୍ବେଦରେ ଉଲ୍ଲେଖ ଅଛି। ପ୍ରତିଦିନ ସକାଳେ ଖଣ୍ଡେ ଅଦା ଚୋବାଇବା ସହିତ ଗ୍ଲାସେ ଉଷୁମ ପାଣି ପିଇଲେ ଅନେକ ଫାଇଦା ମିଳିଥାଏ। ଏହା ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ସହିତ କୋଲେଷ୍ଟରଲ ସ୍ତର ନିୟନ୍ତ୍ରିତ କରେ। ଫଳରେ ହାର୍ଟଆଟାକ୍‌ରୁ ମୁକ୍ତି ମିଳିଥାଏ । ଏହା ନିଦ୍ରାହୀନତାରୁ ମୁକ୍ତି ଦେବା ସହିତ ଶାରୀରିକ ଦୁର୍ବଳତାକୁ ମଧ୍ୟ ଦୂର କରେ। ପ୍ରତିଦିନ ଅଭ୍ୟାସ କରି ଏପରି କଲେ ମାଂସପେଶୀ ଯନ୍ତ୍ରଣା ଦୂର ହୋଇଥାଏ। ଆଣ୍ଠୁଗଣ୍ଠି ବାତରେ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି।



# ଶୋଇଥିବା ହନୁମାନଙ୍କୁ ଏଠି କରାଯାଏ ପୂଜା

**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ଆହ୍ଲାବାଦରେ ଥିବା ହନୁମାନ ମନ୍ଦିର ଏହାର ସ୍ୱତନ୍ତ୍ର ନିର୍ମାଣଶୈଳୀ ପାଇଁ ପ୍ରସିଦ୍ଧ। ଏହା ପୃଥିବୀର ଏକମାତ୍ର ଏପରି ମନ୍ଦିର ଯେଉଁଠି ହନୁମାନଙ୍କ ମୂର୍ତ୍ତିଶୋଇରହିଥିବା ଅବସ୍ଥାରେ ପୂଜା ପାଉଛନ୍ତି। କୁହାଯାଏ ଏହି ମନ୍ଦିରକୁ ଆସି ହନୁମାନଙ୍କ ଦର୍ଶନ ନ କଲେ ଆହ୍ଲାବାଦର ପବିତ୍ର ସଙ୍ଗମସ୍ଥଳକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ଯାତ୍ରା ସମ୍ପୂର୍ଣ୍ଣ ହୋଇ ନ ଥାଏ। ନଦୀରେ ବନ୍ୟା ଆସିଲେ ଏହି ମନ୍ଦିର ବୁଡ଼ିଯାଇଥାଏ। ପୁରାଣ ଅନୁସାରେ ଏହି ସମୟରେ ମାତା ଗଙ୍ଗା ହନୁମାନଙ୍କୁ ସ୍ନାନ କରାଇବାକୁ ଆସିଥାନ୍ତି। ପୁରାଣ ଅନୁସାରେ ଲଙ୍କାରେ ବିଜୟ ପ୍ରାପ୍ତି ପରେ ଭଗବାନ ଶ୍ରୀରାମ ଆହ୍ଲାବାଦର ସଙ୍ଗମସ୍ଥଳକୁ ସ୍ନାନ କରିବାକୁ ଆସିଥିଲେ। ଏହି ସମୟରେ ତାଙ୍କ ପ୍ରିୟ ଭକ୍ତ ହନୁମାନ ବିଶ୍ରାମ ପାଇଁ ଏଠାରେ କିଛି କ୍ଷଣ ଲାଗି ଶୋଇପଡିଥିଲେ। ଏହା ଦେଖି ମାତା ଜାନକୀ ନିଜ ମଥାର ସିନ୍ଦୂରରେ ତାଙ୍କ ଶ୍ରମ ଲାଘବ କରି ଚିରଞ୍ଜିବୀ ହେବାକୁ ଆଶୀର୍ବାଦ ଦେଇଥିଲେ। ସେହିଦିନ ଠାରୁ ଏହି ମନ୍ଦିରରେ ହନୁମାନଙ୍କୁ ସିନ୍ଦୂର ଚଢାଇବାର ପରମ୍ପରା ରହିଛି। ୧୭୮୭ରେ ଏହି ମନ୍ଦିରର ନିର୍ମାଣ ହୋଇଥିଲା। ମନ୍ଦିରରେ ୨୦ ଫୁଟର ହନୁମାନ ମୂର୍ତ୍ତି ଶୋଇଥିବା ଅବସ୍ଥାରେ ରହିଛନ୍ତି। ମନ୍ଦିରରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ମୂର୍ତ୍ତି ମଧ୍ୟ ରହିଛି। ମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ରାତି ସାରା ଖୋଲା ରହିଥାଏ। ବିଶ୍ୱାସ ରହିଛି ଏହି ମନ୍ଦିରରେ ମାନସିକ କଲେ ତାହା ହନୁମାନ ପୂରଣ କରନ୍ତି।

# ମାଡ଼ିଆସୁଛି ପୃଥିବୀକୁ ବିପଦ

**ୱାଶିଂଟନ:** ପୃଥିବୀ ଉପରେ ବିପଦ ମାଡ଼ି ଆସୁଛି। ଆସନ୍ତା ଅକ୍ଟୋବର ୩୧ରେ ଗ୍ରହପିଣ୍ଡ ୨୦୧୯ ୟୁଜେ-୩ ପୃଥିବୀ ସହିତ ଧକ୍କା ହେବାର ଆଶଙ୍କା ଥିବା ନାସା ପକ୍ଷରୁ କୁହାଯାଇଛି। ଏହା ଘଣ୍ଟାପ୍ରତି ୨୦ ହଜାର ମାଇଲ୍ ବେଗରେ ପୃଥିବୀ ଆଡ଼କୁ ମାଡ଼ିଆସୁଛି। ଏଥିପାଇଁ ନାସା ପକ୍ଷରୁ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି। ଏହା ଆକ୍ଟୋବର ୩୧ ସନ୍ଧ୍ୟା ୬ଟା ୩୫ରେ ପୃଥିବୀର ଅତି ନିକଟବର୍ତ୍ତୀ ହେବ। ଏହି ସମୟରେ ପୃଥିବୀ ଏବଂ ୨୦୧୯ ୟୁଜେ-୩ ମଧ୍ୟରେ ଦୂରତା ୨.୭୯ ନିୟୁତ କିମି ହେବ। ଯଦି ଏହା ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଯୋଗୁ ବାୟୁମଣ୍ଡଳରେ ପ୍ରବେଶ କରେ, ତେବେ ପ୍ରବଳ ବେଗରେ ଧକ୍କା ଦେବାର ଆଶଙ୍କା ରହିଛି। ଏପରି ହେଲେ ସୁନାମୀ, ଭୂକମ୍ପ ସହିତ ପ୍ରବଳ ବେଗରେ ପବନ ବହିବ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି।



# ୮୩ ହଜାର ଟଙ୍କାର କଏନ୍ ଦେଇ ଗାଡ଼ି କିଣିଲେ

**ସତ୍‌ନା:** ଅନ୍ୟଠାରୁ କିଛି ଅଲଗା କରିବା ପାଇଁ ଲୋକେ କେତେକ'ଣ ଉପାୟ ଆପଣାନ୍ତି। ନିଜକୁ ଅନ୍ୟମାନଙ୍କଠାରୁ ଭିନ୍ନ ବୋଲି ପ୍ରମାଣ କରିବାକୁ ସବୁବେଳେ ସେମାନେ ଉପାୟ ଚିନ୍ତା କରିଥାନ୍ତି। ମଧ୍ୟପ୍ରଦେଶର ଜଣେ ଯୁବକ ମଧ୍ୟ ସ୍କୁଟି କିଣିବା ସମୟରେ ଏଭଳି କିଛି ନିଆରା କାର୍ଯ୍ୟ କରିଛନ୍ତି। ଯଦ୍ଦ୍ୱାରା ଶୋ' ରୁମ୍ ମାଲିକଙ୍କୁ ନାକେଦମ୍ ହେବାକୁ ପଡ଼ିଛି। ମଧ୍ୟପ୍ରଦେଶର ସତ୍‌ନା ଜିଲାର ରାକେଶ୍ ଗୁପ୍ତା ଧନ୍‌ତେରସ୍ ଉପଲକ୍ଷେ ଏକ ନୂଆ ସ୍କୁଟି କିଣିବାକୁ ଏକ ଶୋ' ରୁମ୍‌କୁ ଯାଇଥିଲେ। ଗାଡ଼ିର ମୂଲ୍ୟ ଥିଲା ୮୩ହଜାର ଟଙ୍କା। ହେଲେ ରାକେଶ ଏହି ଟଙ୍କା କୌଣସି ଚେକ୍ କିମ୍ବା ନୋଟ୍ ଆକାରରେ ନ ଦେଇ କଏନ୍(ମୁଦ୍ରା) ଆକାରରେ ଦେଇଥିଲେ। ୪ଟି ବ୍ୟାଗ୍‌ରେ ଟଙ୍କା ନେଇ ସେ ଗାଡ଼ି କିଣିବାକୁ ଯାଇଥିଲେ। କଏନ ଗଦା କରିବା ପରେ ସମସ୍ତେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କିଛି କ୍ଷଣ ପରେ ଏହାକୁ ଗଣିବା ପାଇଁ ଶୋ' ରୁମ୍ କର୍ମଚାରୀଙ୍କୁ ୩ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଶୁଭଦିନରେ ଶୋ' ରୁମ୍ ମାଲିକ ଆସିଥିବା ଲକ୍ଷ୍ମୀଙ୍କୁ ନ ଫେରାଇ ଏତେ ଟଙ୍କା ଖୁଚୁରା ଆକାରରେ ଗ୍ରହଣ କରି ରାକେଶଙ୍କ ଇଚ୍ଛା ପୂରଣ କରିଥିଲେ। ଏହା ଉଭୟଙ୍କ ପାଇଁ ନିଶ୍ଚୟ ସ୍ମୃତି ହୋଇ ରହିବ। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି।



ନିଆରା ଇଚ୍ଛା




ପୁରାତନ ପରମ୍ପରା

# ଗାଈ ଖୁରାକୁ ବି ଡରିଲେନି ଶ୍ରଦ୍ଧାଳୁ

**ଉଜ୍ଜୟିନୀ:** ମଧ୍ୟପ୍ରଦେଶ ଉଜ୍ଜୟିନୀ ନିକଟବର୍ତ୍ତୀ ବଡ଼ନଗର ତହସିଲ୍‌ରେ ଥିବା ଭିଡ଼ାବଦ୍ ଗାଁରେ ପୁରାତନ ପରମ୍ପରା ସୋମବାର ପାଳିତ ହୋଇଛି। ଏଠାରେ ଶହ ଶହ ଶ୍ରଦ୍ଧାଳୁ ଗାଈ ଖୁରାକୁ ଭ୍ରୁକ୍ଷେପ ନକରି ମାଟିରେ ଶୋଇ ରହିଥିଲେ। ସେମାନଙ୍କ ଉପରେ ଗାଈପଲ ଚାଲି ଯାଇଥିଲେ। ଏହାଦ୍ୱାରା ମାନସିକ ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି। ଗାଈଠାରେ ୩୩ କୋଟି ଦେବୀଦେବତା ବାସ କରୁଥିବା ପୁରାଣରେ ଉଲ୍ଲେଖ ରହିଛି। ଗାଈପଲ ତଳେ ଶୋଇଥିବା ଶ୍ରଦ୍ଧାଳୁଙ୍କ ଉପରେ ଚାଲୁଥିବା ବେଳେ ଉପସ୍ଥିତ ଅନ୍ୟ ଶ୍ରଦ୍ଧାଳୁ ଭଜନ କୀର୍ତ୍ତନ କରୁଥିବା ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ଦୀପାବଳି ପରଦିନ ଏଠାରେ ଏହି ପରମ୍ପରା ପାଳିତ ହୋଇଥାଏ।

# ଏସି ଲଗାଇଲେ ଆସେନା ସୁଖନିଦ୍ରା

**ୱାଶିଂଟନ:** କବାଟ, ଝରକା ଖୋଲାଥିବା ଶୟନ କକ୍ଷ ସୁଖ ନିଦ୍ରା ଦିଏ ବୋଲି ଗବେଷକ କହିଛନ୍ତି। ଶୋଇବା ପୂର୍ବରୁ ଶୟନ କକ୍ଷର କବାଟ ଝରକା ଖୋଲା ରହିଲେ ଭିତରେ ଥିବା ଅଙ୍ଗାରକାମ୍ଳ ମାତ୍ରା କମି ଯାଇଥାଏ। ଫଳରେ କକ୍ଷରେ ଅମ୍ଳଜାନ ମାତ୍ରା ବୃଦ୍ଧି ପାଇଥାଏ। ଏହାଦ୍ୱାରା ଏକ ଶାନ୍ତ ପରିବେଶ ସୃଷ୍ଟି ହୋଇଥାଏ। ଯାହାକି ସୁଖ ନିଦ୍ରା ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ଏସି ଲଗାଇ ଶୋଇଲେ ସୁଖ ନିଦ୍ରା ଆସି ନ ଥାଏ। ଏନେଇ ଆମେରିକା ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଏସି ଲଗାଇବା ଦ୍ୱାରା ଶୟନ କକ୍ଷରେ ମୁକ୍ତ ବାୟୁ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଫଳରେ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଅପରପକ୍ଷରେ କବାଟ, ଝରକା ଖୋଲା ରଖିଲେ ବାୟୁ ଚଳାଚଳ ଯୋଗୁ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଫଳରେ ମନରେ ଆନନ୍ଦ ଉତ୍ପନ୍ନ ହେବା ସହିତ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଆବଶ୍ୟକ ପରିମାଣର ବିଶ୍ରାମ ପାଇଥାନ୍ତି। ଏହା ସହିତ ମସ୍ତିଷ୍କରୁ ନାନା ପ୍ରକାର ଦୁଃଚିନ୍ତା ଦୂରେଇ ଯାଇଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି।




## ୩୨୭୮ ଡାକ୍ତର ପଦବୀ ପୂରଣ ପାଇଁ ଓପିଏସ୍‌ସିକୁ ଚିଠି

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ରାଜ୍ୟରେ ଡାକ୍ତର ପଦବୀ ପୂରଣ ପାଇଁ ସୋମବାର ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍‌ସି)କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଚିଠି ଲେଖିଛି। ବିଭାଗୀୟ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା ରାଜ୍ୟରେ ଖାଲି ପଡ଼ିଥିବା ମୋଟ ୩୨୭୮ ଡାକ୍ତର ପଦବୀ ପୂରଣ ପାଇଁ ଓପିଏସ୍‌ସିକୁ ଦେଇଥିବା ଚିଠିରେ ଦର୍ଶାଇଛନ୍ତି। ତେବେ ଏଥିରେ ୨ହଜାର ନୂଆ ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର(ଏଲ୍‌ଟିଆର୍‌ଏମ୍‌ଓ) ପଦବୀ ଅନ୍ତର୍ଭୁକ୍ତ ରହିଛି। ଖାଲି ପଡ଼ିଥିବା ପଦବୀ ମଧ୍ୟରେ ସାଧାରଣବର୍ଗର ୧୩୫୮, ଏସ୍‌ଇବିସି ୧୩୬, ଏସ୍‌ସି ୭୦୯ ଓ ଏସ୍‌ଟି ବର୍ଗରେ ୧୦୭୫ ରହିଛି।

# ଥାନା ପାଇବ ମାସିକ ଅନୁଦାନ

## ଅତିରିକ୍ତ ଜରୁରିକାଳୀନ ପାଣ୍ଠିରୁ ୧୭.୫ କୋଟି ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- ଭୁବନେଶ୍ୱର-କଟକ ଥାନାକୁ ୪୦ ହଜାର ଟଙ୍କା
- ୧୪୨ ସହରାଞ୍ଚଳ ଥାନାକୁ ୩୦ ହଜାର
- ୩୫୧ ଗ୍ରାମାଞ୍ଚଳ ଥାନାକୁ ମିଳିବ ୨୦ ହଜାର

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ରାଜ୍ୟବାସୀଙ୍କୁ ଦୁର୍ନୀତିମୁକ୍ତ ଏବଂ ତ୍ୱରିତ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଥାନା ଓ ଡାକ୍ତରଖାନାକୁ ଅନ୍ତର୍ଭୁକ୍ତ କରାଯାଇଛି। ଡାକ୍ତରଖାନା ଓ ଥାନାକୁ ଆସୁଥିବା ଲୋକମାନେ କିପରି ସେବା ପାଉଛନ୍ତି ସେ ନେଇ ଅନୁଧ୍ୟାନ କରାଯାଉଛି। ଲୋକମାନଙ୍କ ମତାମତ ସଂଗ୍ରହ କରାଯାଉଛି। ସେହି ଆଧାରରେ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଏହି ଯୋଜନା ଆରମ୍ଭ କରାଯାଇଛି। ରାଜ୍ୟ ସରକାରଙ୍କ ଅଧିକାରୀମାନେ ବିଭିନ୍ନ ଡାକ୍ତରଖାନା ଓ ଥାନା ବୁଲୁଛନ୍ତି। ପ୍ରତ୍ୟେକ ଦିନ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ଲୋକମାନଙ୍କ ସହ କଥା ହେଉଛନ୍ତି। ସେମାନଙ୍କ ମତାମତ ରେକର୍ଡ କରାଯାଉଛି। ଥାନାରେ ଆବଶ୍ୟକ କର୍ମଚାରୀ ଏବଂ ବ୍ୟବସ୍ଥା ନ ଥିବାରୁ ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ସମ୍ଭବ ହୋଇପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ସେହିପରି ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ରାଜ୍ୟର ୫୮୭ ଥାନାର ଭିତ୍ତିଭୂମିକୁ ସଜଡ଼ାଯିବ। ଏଥିପାଇଁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥାନାଗୁଡିକ ପାଇଁ ବାର୍ଷିକ ଅତିରିକ୍ତ ଜରୁରିକାଳୀନ ପାଣ୍ଠି ୧୭.୫ କୋଟି ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଭୁବନେଶ୍ୱର-କଟକ ପୋଲିସ କମିଶନରେଟ୍ ପୋଲିସ ଅଧୀନରେ ଥିବା ୪୪ ଥାନା ପାଇଁ ମାସିକ ୪୦ ହଜାର ଟଙ୍କା ଲେଖାଏ ଦିଆଯିବ। ସେହିପରି ୧୪୨ ସହରାଞ୍ଚଳ ଥାନାକୁ ମାସିକ ୩୦ ହଜାର ଟଙ୍କା ଏବଂ ୩୫୧ ଗ୍ରାମାଞ୍ଚଳ ଥାନାକୁ ମାସିକ ୨୦ ହଜାର ଟଙ୍କା ଲେଖାଏ ଦେବା ପାଇଁ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ୪ ମହିଳା ଥାନା, ୫ ଟ୍ରାଫିକ ଥାନା, ୧୫ ରେଲୱେ ଥାନା, ୪ ସାଇବର ଥାନା, ଗୋଟିଏ ଅର୍ଥନୈତିକ ଅପରାଧ ଥାନା, ଗୋଟିଏ ଏସ୍‌ଟିଏଫ ଥାନା, ଗୋଟିଏ ଏଚ୍‌ଆରପିସି ଥାନା, ଗୋଟିଏ କ୍ରାଇମବ୍ରାଞ୍ଚ ଥାନା ପାଇଁ ମାସିକ ୩୦ ହଜାର ଟଙ୍କା ଲେଖାଏ ଦିଆଯିବାକୁ ଘୋଷଣା କରାଯାଇଛି। ରାଜ୍ୟର ଉପକୂଳରେ ଥିବା ୧୮ଟି ସାମୁଦ୍ରିକ ଥାନା ପାଇଁ ମାସିକ ୨୦ ହଜାର ଟଙ୍କା ଲେଖାଏ ଦିଆଯିବାକୁ ଘୋଷଣା ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପୋଲିସର ଭିତ୍ତିଭୂମି ସୂଚକାଙ୍କ ୦.୩ ଅର୍ଥାତ୍ ୧୭ ନମ୍ବର ସ୍ଥାନରେ ରହିଥିବାବେଳେ ମାମଲା ସମାଧାନ କ୍ଷେତ୍ରରେ ମଧ୍ୟ ୧୭ ନମ୍ବର ସ୍ଥାନରେ ରହିଛି। ଅନୁସୂଚିତ ଜାତି, ଜନଜାତି, ମହିଳା ଓ ଶିଶୁମାନଙ୍କ ବିରୋଧରେ ହେଉଥିବା ମାମଲା ସମାଧାନ କ୍ଷେତ୍ରରେ ଓଡ଼ିଶା ୧୪ ନମ୍ବର ସ୍ଥାନରେ ରହିଛି। ଅନୁସୂଚିତ ଜାତି ବିରୋଧରେ ହୋଇଥିବା ମାମଲା ପରିଚାଳନା ସୂଚକାଙ୍କ ସର୍ବଭାରତୀୟ ସ୍ତରରେ ୦.୪୨ ଥିବାବେଳେ ଜନଜାତି କ୍ଷେତ୍ରରେ ୦.୪୫, ମହିଳାଙ୍କ କ୍ଷେତ୍ରରେ ୦.୬୬ ଏବଂ ଶିଶୁମାନଙ୍କ କ୍ଷେତ୍ରରେ ୦.୪୫ ରହିଛି।

## ■ ହରିଦାସପୁର ପିଇଓ ସ୍ମିତାରାଣୀ ମୃତ୍ୟୁ ଘଟଣା

# ମହିଳା କମିଶନ ଅଧ୍ୟକ୍ଷାଙ୍କ ଇସ୍ତଫା ଦାବି ତେଜିଲା



ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- କମିଶନ କାର୍ଯ୍ୟାଳୟ ଘେରିଲା ଭାଜପା ମହିଳା ମୋର୍ଚ୍ଚା
- ସାମ୍ବିଧାନିକ ପଦବୀରେ ରହି ଦଳୀୟ କାର୍ଯ୍ୟ କରୁଛନ୍ତି: ପ୍ରଭାତୀ
- କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ସୁପାରିସ କରିଛୁ : ମିନତି

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ଆନ୍ଦୋଳନକୁ ତୀବ୍ର କରିଛି ଭାଜପା। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଏକ ସାମ୍ବିଧାନିକ ପଦରେ ରହି ଦଳୀୟ ଲୋକଙ୍କୁ ଘଣ୍ଟ ଘୋଡ଼ାଇବା ସହ ନିରପେକ୍ଷ ତଦନ୍ତ କରି ନ ଥିବା ଅଭିଯୋଗ କରି ତାଙ୍କ ଇସ୍ତଫା ଦାବି କରିଛି ଭାଜପା ମହିଳା ମୋର୍ଚ୍ଚା। ଏଥିସହ ସୋମବାର ମଧ୍ୟାହ୍ନରେ କମିଶନଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲା। ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଶତାଧିକ ମହିଳା କର୍ମୀ ଦଳୀୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି କମିଶନଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। କମିଶନ ଅଧ୍ୟକ୍ଷାଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ସେଠାରେ ଧାରଣାରେ ବସିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ପୋଲିସ ସେମାନଙ୍କୁ ଉଠାଇବାକୁ ଚେଷ୍ଟା କରିବାରୁ ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ହୋଇଥିଲା।

ଏନେଇ ପ୍ରଭାତୀ କହିଛନ୍ତି, ମହିଳା କମିଶନ ଅଧ୍ୟକ୍ଷା ଅସାମ୍ବିଧାନିକ କାର୍ଯ୍ୟ କରୁଛନ୍ତି। ସେ ସରକାରୀ ଦଳର ସରପଞ୍ଚଙ୍କ ସ୍ୱାମୀଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ଘଟଣାସ୍ଥଳକୁ ନ ଯାଇ ସରକାରୀ ଟେବୁଲ ଉପରେ ବସି ତଦନ୍ତ ସାରି ଦେଇଛନ୍ତି। ମୃତା ସ୍ମିତାରାଣୀଙ୍କ ପରିବାର ଲୋକଙ୍କୁ ଭେଟି ନାହାନ୍ତି। ଶାସକ ଦଳର ପ୍ରବକ୍ତା ସାଜି ନିଜ ପଦବୀର ମର୍ଯ୍ୟାଦାହାନୀ କରିବା ଭଳି ବୟାନବାଜି କରିବା ମଧ୍ୟ ଦୁର୍ଭାଗ୍ୟଜନକ। ନିଜ କ୍ଷମତାର ଅପବ୍ୟବହାର କରିଥିବା ମହିଳା କମିଶନ ଅଧ୍ୟକ୍ଷାଙ୍କ ଇସ୍ତଫା ଦାବି କରୁଛୁ। ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା କହିଛନ୍ତି, ମହିଳା କମିଶନଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଦୁଇଥର ଯାଜପୁର ଯାଇ ତଦନ୍ତ କରିଛି। ଏଥିରେ କୌଣସି ପକ୍ଷପାତିତା ହୋଇନାହିଁ। ସବୁ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ବିରୋଧୀଙ୍କ ଅଭିଯୋଗରେ କୌଣସି ବାସ୍ତବତା ନାହିଁ। ଆମେ ପୋଲିସ ତଦନ୍ତରେ ସନ୍ତୁଷ୍ଟ ନାହୁଁ। ତେଣୁ ଏହି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ସୁପାରିସ କରିଛୁ। ଏହାସହ ଯାଜପୁର ଏସ୍‌ପି ଠିକ୍ ତଦନ୍ତ ନ କରି ହଠାତ୍ ମହିଳାଙ୍କ ଚରିତ୍ର ଉପରେ କହିବା ଠିକ୍ ନୁହେଁ। ତେଣୁ ଏନେଇ ତାଙ୍କୁ ଏକ ରିପୋର୍ଟ ମଗାଯାଇଥିଲେ ମଧ୍ୟ ସେ ତାହା ଏଯାଏ ଦେଇ ନ ଥିବା ମିନତି କହିଛନ୍ତି। ତେବେ ମହିଳା କମିଶନ ଅଧ୍ୟକ୍ଷାଙ୍କ ଏଭଳି ମନ୍ତବ୍ୟ ଯାଜପୁର ପୋଲିସକୁ ଅଡୁଆରେ ପକାଇଛି। ଠିକ୍ ତଦନ୍ତ ନ କରି ତରବରିଆ ଭାବେ ଜଣେ ମହିଳାଙ୍କ ଚରିତ୍ର ଉପରେ ଗଣମାଧ୍ୟମରେ ବୟାନ ଦେଇଥିବା ଏସ୍‌ପିଙ୍କ କାର୍ଯ୍ୟଧାରାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏ ପରିସ୍ଥିତିରେ ସ୍ମିତାରାଣୀଙ୍କ ରହସ୍ୟଜନକ ମୃତ୍ୟୁରେ ଆଉ ଏକ ରହସ୍ୟ ଯୋଡ଼ି ହୋଇଯାଇଛି।

## ଚୋରି ବୋଲେରୋ ନେଇଯାଉଥିବାବେଳେ ଦୁର୍ଘଟଣା

# ଝିଅ, ପୁଅ ସହ ବାପା ମୃତ

ଯୋଡା,୨୮।୧୦(ଡି.ଏନ.ଏ.)

ଜଣେ ଦୁର୍ବୃତ୍ତ ରାସ୍ତା ପାର୍ଶ୍ୱରେ ରଖାଯାଇଥିବା ବୋଲେରୋକୁ ଚୋରି କରି ଦ୍ରୁତ ଗତିରେ ଚଳାଇ ଫେରାର ହେବା ବେଳେ ମର୍ମନ୍ତୁଦ ଦୁର୍ଘଟଣା ଘଟାଇଛି। ଏଥିରେ ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦୁଲୁନ ଲୋହାର (୩୫), ତାଙ୍କ ୩ ବର୍ଷର ପୁଅ ମୁନୁ ଓ ୫ବର୍ଷର ଝିଅ ପ୍ରିୟା। ସୋମବାର ଅପରାହ୍ଣ ପ୍ରାୟ ସାଢ଼େ ୫ଟା ବେଳେ ସ୍ଥାନୀୟ ଗଣେଶ ଭବନ ନିକଟରେ ଏହି ଦୁଃଖଦ ଘଟଣା ଘଟିଛି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଛି। ଏହି ଦୁର୍ଘଟଣାରେ ଗାଡ଼ି ନେଇ ଫେରାର ହେଉଥିବା ଯୋଡା ଅଞ୍ଚଳର ଗୁଲୁଆ ଖାନ୍‌ଙ୍କୁ ସ୍ଥାନୀୟ ଲୋକେ ନିଘୁଞ୍ଚ ପିଟିଥିଲେ। ସେଥିରେ ସେ ଆହତ ହୋଇଛନ୍ତି। ତାଙ୍କୁ ପୋଲିସ ଡାକ୍ତରଖାନାରେ ଭର୍ତ୍ତି କରିଛି। ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ଜବତ କରାଯାଇଛି।



ଦୁର୍ଘଟଣାଗ୍ରସ୍ତ ବୋଲେରୋ।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର କେନ୍ଦୁଝର ଜିଲା ଯୋଡା ସହରର ଫେରୋ ମାଙ୍ଗାନିଜ୍ ପ୍ଲାଣ୍ଟ ନିକଟ ରାସ୍ତା ପାର୍ଶ୍ୱରେ ଏକ ବୋଲେରୋ (ନଂ. ଓଆର ୦୨ ଏଏନ୍ ୫୦୮୬) ରଖାଯାଇଥିଲା। ଅପରାହ୍ଣ ପ୍ରାୟ ସାଢ଼େ ୫ଟା ସମୟରେ ସେଠାରେ ପହଞ୍ଚି ଥିଲେ ଗୁଲୁଆ ଖାନ୍। ସେ କୌଶଳ କ୍ରମେ ଅନ୍ୟ ଚାବିରେ ଗାଡ଼ିଟିକୁ ଷ୍ଟାର୍ଟ କରି ଦ୍ରୁତ ଗତିରେ ନେଇ ଫେରାର ହୋଇଯାଉଥିଲେ। ଏହି ସମୟରେ ଗଣେଶ ଭବନ ନିକଟ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିଲେ ଦୁଲୁନ, ପୁଅ ମୁନୁ ଓ ଝିଅ ପ୍ରିୟା। ଗୁଲୁଆ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ୩ ଜଣଙ୍କ ଉପରେ ଚଢ଼ାଇ ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାପା ଦୁଲୁନଙ୍କ ମୃତ୍ୟୁ ଘଟିଥିଲା। ମୁନୁ ଓ ପ୍ରିୟାଙ୍କୁ ତୁରନ୍ତ ସ୍ଥାନୀୟ ଲୋକେ ଯୋଡା ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡିବା ପରେ ଡାକ୍ତରଖାନାରେ ଲୋକଙ୍କ ଭିଡ ଜମିଥିଲା। ସେଠାରେ ବି ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପରିସ୍ଥିତିକୁ ଆୟତ୍ତ କରିଥିଲା। ମୃତ ଦୁଲୁନ ଲୋହାର ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡିଛି।

## ୭୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ନନ୍ଦପୁର,୨୮।୧୦(ଡି.ଏନ୍.ଏ.): କୋରାପୁଟ ଜିଲା ପାଡୁଆ ପୋଲିସ ରବିବାର ସକାଳେ ପାଟ୍ରୋଲିଂ କରୁଥିବା ବେଳେ ଏକ କାର୍‌କୁ ଯାଞ୍ଚକରି ସେଥିରୁ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହେଲେ କଟକ ଜିଲା କାନ୍ତାନିଆ ଗ୍ରାମର ସୁଶାନ୍ତ କୁମାର ମଙ୍ଗୁଆଳ। ସୂଚନା ଅନୁଯାୟୀ, ପୋଲିସ ପାଟ୍ରୋଲିଂ ଚାଲିଥିବା ବେଳେ ଛକ ନିକଟରେ ଏକ ଇଣ୍ଡିଗୋ କାର (ଓଡି୦୫ ଡି ୫୪୬୯)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେଥିରୁ ୭୮ କେଜି ୩୦୦ ଗ୍ରାମ୍ ଗଞ୍ଜେଇ ମିଳିବା ପରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଗଞ୍ଜେଇ ଦୁକାନପୁଟ ଗ୍ରାମରୁ କଟକ ଅଞ୍ଚଳକୁ ଚାଲାଣ ହେଉଥିଲା ବୋଲି ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି। ଏନେଇ କେସ୍ ନମ୍ବର ୭୨/୧୯ରେ ଏକ ମାମଲା ରୁଜୁ ହୋଇଛି।

## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଦାଦା, ଝିଆରୀ ମୃତ

ଭଦ୍ରକ ଅଫିସ, ୨୮।୧୦

ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ତ୍ରିଶଳପୁର ଛକ ନିକଟରେ ସୋମବାର ଅପରାହ୍ଣରେ ଏକ ପିକ୍‌ଅପ୍ ଭ୍ୟାନ୍ ସହ ବାଇକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ସମେତ ପଛରେ ବସିଥିବା ଜଣେ ୬ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ବନ୍ତ ଅଣିଜୋ ଗ୍ରାମର ଦାଦା ଭଗବାନ ପଣ୍ଡା(୬୭) ଓ ଝିଆରୀ ମାମାଲି ପଣ୍ଡା(୬)। ସେମାନେ ଜଣେ ସମ୍ପର୍କୀୟଙ୍କ ଘରୁ ଅଣିଜୋକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।




ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍।

ମିଳିଥିବା ସୂଚନା ଅନୁସାରେ, ମହିନ୍ଦ୍ରା ପିକଅପ୍ ଭ୍ୟାନ୍ (ନଂ.ଓଡି ୨୨ ଏଫ୍ ୭୫୫୪) ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଆସୁଥିଲା। ତ୍ରିଶଳପୁର ଛକ ନିକଟସ୍ଥ ଦାଣ୍ଡବାସୁଳୀ ମନ୍ଦିର ସମ୍ମୁଖ ରାସ୍ତାରେ ଆଗରେ ଯାଉଥିବା ବାଇକ୍(ନଂ. ଓଡି ୨୨ ଇ ୬୩୧୪)କୁ ଭ୍ୟାନ୍‌ଟି ପଛରୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଯାଉଥିବା ଭଗବାନ ଓ ମାମାଲି ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉପଯୁକ୍ତ କ୍ଷତିପୂରଣ ଦାବି କରି ସ୍ଥାନୀୟ ଲୋକେ ହୋହଲ୍ଲା କରିଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ମୃତଦେହ ସହ ଦୁର୍ଘଟଣା ଘଟାଇଥିବା ଭ୍ୟାନ୍‌କୁ ଜବତ କରି ତଦନ୍ତ ଚଳାଇଛି। ପିକ୍‌ଅପ୍ ଡ୍ରାଇଭର ଫେରାର ଥିବା ଜଣାପଡ଼ିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ


ବେହେରା ସୁଶ୍ରୀ
ପରିବାରବର୍ଗ


ଜଙ୍କ
ପରିବାରବର୍ଗ


ସାତ୍ତ୍ୱିକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଚାଷୀଙ୍କ ବିହନ ଚାହିଦା ପୂରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)- ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ ଅନେକ ଯୋଜନା ଓ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ରାଜ୍ୟରେ ବିହନର ମୋଟ ଆବଶ୍ୟକତାକୁ ଆକଳନ କରି ଚାଷୀମାନଙ୍କ ବିହନର ଚାହିଦାକୁ ସମ୍ପୂର୍ଣ୍ଣ ରୂପେ ପୂରଣ ଦିଗରେ ଓଡ଼ିଶା ବିହନ ନିଗମ ଏକ ରୋଡ୍-ମ୍ୟାପ୍ ପ୍ରସ୍ତୁତ କରିବାକୁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ସୋମବାର କହିଛନ୍ତି।

# ଦୁର୍ନୀତି ନ କରିବାକୁ ଶପଥ ନେଲେ ଅଧିକାରୀ, କର୍ମଚାରୀ


ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଶପଥପାଠ କରୁଛନ୍ତି।

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ଚଳିତ ମାସ ୨୮ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଦୁର୍ନୀତି ନ କରିବା ପାଇଁ ଅଧିକାରୀ ଓ କର୍ମଚାରୀମାନଙ୍କ ଶପଥପାଠ ଆୟୋଜନ କରାଯାଇଛି। ସ୍କୁଲ ଓ ଗଣଶିକ୍ଷା, ପଞ୍ଚାୟତିରାଜ, ସୂଚନା ଓ ଲୋକସମ୍ପର୍କ ବିଭାଗରେ ଶପଥପାଠ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କରାଯାଇଥିଲା। ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସୋମବାର ପୂର୍ବାହ୍ନରେ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସରକାର, ନାଗରିକ ଓ ଘରୋଇ କ୍ଷେତ୍ର ଐକବଦ୍ଧ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସତର୍କତା ଅବଲମ୍ବନ କରିବା ସହିତ ସାଧୁତା ଓ ସଚ୍ଚୋଟତାର ସର୍ବୋଚ୍ଚ ମାନକୁ ଅନୁସରଣ କରିବା ଓ ଦୁର୍ନୀତି ବିରୋଧରେ ସଂଗ୍ରାମକୁ ସମର୍ଥନ କରିବା ଦିଗରେ ଶପଥ କରାଇଥିଲେ। ଜୀବନରେ ସବୁ କ୍ଷେତ୍ରରେ ସାଧୁତା ଓ ସଚ୍ଚୋଟତାର ସହ ଜନହିତକର ସମସ୍ତ କାର୍ଯ୍ୟ କରିବା, ବ୍ୟକ୍ତିଗତ ବ୍ୟବହାରରେ ସାଧୁତା ପ୍ରଦର୍ଶନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ଏବଂ ଯେ କୌଣସି ଦୁର୍ନୀତି ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ନେଇ ଅଧିକାରୀ ଓ କର୍ମଚାରୀମାନେ ଶପଥ ନେଇଥିଲେ। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ବିପିନ ବିହାରୀ ବାରିକ ଦୁର୍ନୀତି ନିବାରଣ ଶପଥପାଠ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଅନ୍ୟତମ ଯୁଗ୍ମ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ସୁପକାର, ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ, ଉପ ଶାସନ ସଚିବ ଦୁର୍ଗା ପ୍ରସାଦ ମହାରଣାଙ୍କ ସମେତ ବିଭାଗର ସମସ୍ତ ଅନୁଶାସନ ସଚିବ, ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଜିଲା ଓ ଉପଖଣ୍ଡ ସ୍ତରରେ ଥିବା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଗୁଡ଼ିକରେ ଥିବା ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ନିର୍ବାରଣ ସଚେତନତା ଶପଥପାଠ କରିଥିଲେ।

# ପ୍ରତ୍ୟେକ ମାସରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବଙ୍କୁ ନେଇ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଲୋକସେବା ଭବନଠାରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ବେହେରା ୫'ଟି' ଆଧାରରେ ବିଭାଗର ବିଭିନ୍ନ କାର୍ଯ୍ୟର ତଦାରଖ କରିବା ସହିତ ପ୍ରତିମାସରେ କାର୍ଯ୍ୟର ଅଗ୍ରଗତି ନେଇ ଏକ ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ନୂଆ କ୍ରୀଡ଼ାନୀତି, ଅନ୍‌ଲାଇନ୍ ସେବା, ପିଇଟିଙ୍କୁ ତାଲିମ ଏବଂ ଶାରୀରିକ ଶିକ୍ଷାକୁ ବିଦ୍ୟାଳୟ ପାଠ୍ୟକ୍ରମରେ ବାଧ୍ୟତାମୂଳକ ବିଷୟଭାବେ ସାମିଲ କରିବା ଉପରେ ଆଲୋଚନା ହୋଇଛି। ଏହାସହିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଶିକ୍ଷାଦାନ ନୂଆ ବିଲ୍ଡିଂରେ ଆରମ୍ଭ ହୋଇଥିବା ଏବଂ ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଏବଂ ଜୟପୁରରେ କ୍ରୀଡ଼ା ବିଦ୍ୟାଳୟ ହେବ। ଏଥିରୁ ସମ୍ବଲପୁର, ବ୍ରହ୍ମପୁର ଏବଂ ଜୟପୁରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ସାରିଥିବାବେଳେ ରାଉରକେଲାରେ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଦ୍ରୁତଗତିରେ ଆଗେଇ ଚାଲିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କଳିଙ୍ଗ ଇଣ୍ଟରନ୍ୟାଶନାଲ୍‌ର ସ୍ପୋର୍ଟସ୍ ସିଟି ନିର୍ମାଣ, କଳିଙ୍ଗ ସ୍ପୋର୍ଟସ୍ ହବ୍, ଆଞ୍ଚଳିକ ଓ ଜିଲା ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ଏବଂ ସୁନ୍ଦରଗଡ଼ରେ ଆଷ୍ଟ୍ରୋ ଟର୍ଫ କାର୍ଯ୍ୟ ଦ୍ରୁତ ଅଗ୍ରଗତିର ସହ ଚାଲିଛି । ସେହିପରି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ୱେବ୍ ପୋର୍ଟାଲ୍‌ଗୁଡ଼ିକୁ ସୁରକ୍ଷା ଏବଂ ସମାନତା ଦୃଷ୍ଟିକୋଣରୁ ଏହାର ଆଧୁନିକୀକରଣ, ମୋ ସରକାର ଯୋଗାଯୋଗ ସେଣ୍ଟର, ବିଜୁ ଯୁବ ସଶକ୍ତୀକରଣ ଯୋଜନାର ଯୁକ୍ତ ୨ରୁ ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରୀଛାତ୍ରଙ୍କ ଲାଗି ୧୫ହଜାର ଲ୍ୟାପ୍‌ଟପ୍ କ୍ରୟ ଉପରେ ମନ୍ତ୍ରୀ ସମୀକ୍ଷା କରିଛନ୍ତି । ଏହାସହିତ ଓକାକ୍‌ଠାରେ ନୂଆ ଡାଟା ସେଣ୍ଟର, ଆଇଟି କମ୍ପାନୀଗୁଡ଼ିକୁ ଆକୃଷ୍ଟ କରିବା ଏବଂ ନୂଆ ନିଯୁକ୍ତି ସୁଯୋଗ ପାଇଁ ଆଇଟିସି ପଲିସିରେ ପରିବର୍ତ୍ତନ ଆଦି ୧୮ଗୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବୈଠକରେ ଆଲୋଚନା ହୋଇଛି।

# ପାଇଖାନା ଟାଙ୍କିରେ ପଡ଼ି ଶିଶୁ ମୃତ

ରଣପୁର,୨୮।୧୦(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ବ୍ଲକ ଖଡିଆ ଭଞ୍ଜସାହିରେ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପଡ଼ି ଜଣେ ୪ ବର୍ଷର ଶିଶୁଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ଭଞ୍ଜସାହିର ରମେଶ ନାୟକଙ୍କ ସାନ ପୁଅ ବୁଲୁ ନାୟକ। ସେ ଉକ୍ତ ସାହିର ବିଚି ନାୟକଙ୍କ ବାରିପଟେ ଖେଳୁଥିଲେ। ବିଚିଙ୍କର ଏକ ପାଇଖାନା କରାଯିବା ପାଇଁ ଟାଙ୍କି ଖୋଳାହୋଇ ରହିଥିଲା। ଏଥିରେ ବର୍ଷାପାଣି ଭର୍ତ୍ତି ହୋଇ ଯାଇଥିଲା। ବୁଲୁ ସେଠାରେ ଖେଳୁଥିବା ବେଳେ ଅସାବଧାନତାବଶତଃ ଟାଙ୍କିକୁ ଗୋଡ଼ ଖସି ଯାଇଥିଲା। ଏହା ଦେଖି ଜଣେ ଲୋକ ସଙ୍ଗେ ସଙ୍ଗେ ବୁଲୁଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପରିବାର ଲୋକମାନେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ବୁଲୁଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ନେଇ ଦୀପାବଳିରେ ଭଞ୍ଜସାହିରେ ଶୋକର ଛାୟା ଖେଳିଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## ଆନ୍ଦୋଳନ ବନ୍ଦ...

ବାର ଆସୋସିଏଶନକୁ ଦିଆଯାଇଛି। ନିର୍ଦ୍ଦେଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆଇନଜୀବୀଙ୍କୁ ନିଲମ୍ବନ କରାଯିବା ସହ ବାର ନିର୍ବାଚନ ପାଇଁ ଅଯୋଗ୍ୟ ଘୋଷଣା କରାଯିବ। ଆନ୍ଦୋଳନରୁ ଓହରିବା ନେଇ ବିସିଆଇକୁ ଆସନ୍ତା ୩ତାରିଖ ମଧ୍ୟରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଅଦାଲତରେ ପଡ଼ି ରହିଥିବା ମାମଲା ପରିଚାଳନା ସମ୍ଭବ ହୋଇପାରୁନାହିଁ। ସୁପ୍ରିମକୋର୍ଟରେ ରୁଜୁ ଏକ ମାମଲାର ଶୁଣାଣି ବେଳେ ଏହି ଆନ୍ଦୋଳନ ପ୍ରସଙ୍ଗ ଉତ୍ଥାପନ ହୋଇଥିଲା। ଏହାକୁ ନେଇ ସୁପ୍ରିମକୋର୍ଟ କଠୋର ଅଭିମୁଖ୍ୟ ଗ୍ରହଣ କରିଥିଲେ। ଗତ ୨୪ତାରିଖରେ ହୋଇଥିବା ଶୁଣାଣିରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି, ଓଡ଼ିଶା ବାର୍ କାଉନସିଲ୍ ଅଧ୍ୟକ୍ଷଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ସୁପ୍ରିମ୍‌କୋର୍ଟ ନୋଟିସ ଜାରି କରିଥିଲେ। ସେହିପରି ଆସନ୍ତା ନଭେମ୍ବର ୮ରେ ହେବାକୁ ଥିବା ଶୁଣାଣିରେ ବିସିଆଇ ଅଧ୍ୟକ୍ଷଙ୍କୁ ଉପସ୍ଥିତ ରହି ମାମଲା ପରିଚାଳନାରେ ସହଯୋଗ କରିବାକୁ କହିଥିଲେ। ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଓଡ଼ିଶାର ବିଭିନ୍ନ ଅଦାଲତରେ ଅନେକ କାର୍ଯ୍ୟଦିବସ ବରବାଦ ହୋଇଥିବାରୁ ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ହେବ ସେ ସମ୍ପର୍କରେ ମତ ରଖିବାକୁ ମଧ୍ୟ ସୁପ୍ରିମ୍‌କୋର୍ଟ କହିଥିଲେ। ସୁପ୍ରିମ୍‌କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ବିସିଆଇର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଡକାଯାଇ ଏଭଳି ନିଷ୍ପତ୍ତି ନିଆଯାଇଛି। କୌଣସି ଅଯୌକ୍ତିକ କାରଣ ପାଇଁ ଅଦାଲତଙ୍କୁ ସହଯୋଗ ନ କରିବା ବରଦାସ୍ତଯୋଗ୍ୟ ନୁହେଁ। ଏଥିଯୋଗୁ ଜନସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବାବେଳେ ଏହାକୁ ବିଶୃଙ୍ଖଳିତ ଆଚରଣ ବୋଲି ବିବେଚନା କରାଯିବ ବୋଲି ବିସିଆଇ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି କହିଛନ୍ତି ଯେ, ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ଚିଠି ହସ୍ତଗତ ହୋଇଛି, ଆସନ୍ତା ୧ତାରିଖରେ ଆସୋସିଏଶନର ସାଧାରଣ ପରିଷଦ ବୈଠକ ହେବାକୁ ଅଛି ଓ ଏହି ବୈଠକରେ ସମସ୍ତ ବିଷୟକୁ ତର୍ଜମା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

## ଶୁଣାଣି ବେଳେ...

ଦିଆଯାଇଥିଲା। ଅନ୍ୟପଟେ ଶତାଧିକ ଷଣ୍ଢ ପ୍ରାୟ ୩ ଘଣ୍ଟା କାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ରହିଥିବା ବେଳେ ଗାଡ଼ି ମୋଟର ଭାଙ୍ଗିବା ସହ ଲୋକମାନଙ୍କୁ ଗୋଡ଼ାଇ ମାରୁଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ଜିଲାପାଳ ବର୍ମାଙ୍କୁ ପଚାରିବାରେ ଚାଷୀମାନେ ନିଜ ସମସ୍ୟା ଜଣାଇବା ପାଇଁ ବହୁ ଷଣ୍ଢ ଏକାଠି କରିଥିଲେ। ତେବେ ଜିଲାରେ ଥିବା ବିଭିନ୍ନ ଗୋଶାଳାରେ ଷଣ୍ଢଗୁଡ଼ିକୁ ଛଡ଼ାଯିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି, ଯାହାଫଳରେ ଚାଷୀଙ୍କ ସମସ୍ୟା ସମାଧାନ ହୋଇପାରିବ ବୋଲି ଜିଲାପାଳ ଛାଡ଼ି ଦିଆଯାଇଛି।

## ଆଇଏସ୍ ନେତା...

ପ୍ରକାଶ କରିଛି। ମିଳିତ ଗୋଇନ୍ଦା ତଥ୍ୟ ଆଧାରରେ ଆମେରିକା ବାହିନୀ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା ବୋଲି ସିରିଆ ଗଣତାନ୍ତ୍ରିକ ବାହିନୀର ମୁଖ୍ୟ କହିଛନ୍ତି। ଜୀବନ୍ତ କିମ୍ବା ମୃତ ଏହି ଆତଙ୍କବାଦୀ ନେତାଙ୍କୁ ଧରିବାକୁ ତାଙ୍କ ପ୍ରଶାସନ ପ୍ରାଥମିକତା ଦେଉଥିଲା। ତାଙ୍କ ସମ୍ପର୍କରେ ସୂଚନା ଦେଲେ ୨୫ ନିୟୁତ ଡଲାର ପୁରସ୍କାର ଦିଆଯିବ ବୋଲି ଆମେରିକା ଘୋଷଣା କରିଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ଆମେରିକାର ଜଣେ ହେଲେ ଯବାନ ନିହତ ହୋଇନାହାନ୍ତି। ଚଢ଼ାଉ ବେଳେ ବାଗଦାଦିଙ୍କର କେତେକ ସମର୍ଥକ ପ୍ରାଣ ହରାଇଛନ୍ତି। ସେଠାରୁ କେତେକ ସମ୍ବେଦନଶୀଳ ସାମଗ୍ରୀ ଓ ତଥ୍ୟ ଜବତ ହୋଇଛି। ବାଗଦାଦି ପ୍ରଥମେ ଇରାକ୍‌ରେ ଅଲ୍-କାଏଦା ସହ ଯୋଗଦେଇଥିଲେ। ପରେ ସେ ଅନ୍ୟ ଇସ୍‌ଲାମୀୟ ସଂଗଠନଗୁଡ଼ିକ ସହ ମିଶି ଇସ୍‌ଲାମିକ ଷ୍ଟେଟ୍ ଅଫ ଇରାକ ଗଠନ କରିଥିଲେ। ୨୦୧୦ରେ ସେ ଏହି ସଂଗଠନର ନେତା ହୋଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରବି ଯୁକ୍ତ ଚନ୍ଦ୍ର ଯୋଗୁ ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସକାଳୁ ସକାଳୁ ମାତ୍ରାଧିକ ଭ୍ରମଣ ମନକୁ ବିଭ୍ରାନ୍ତି କରାଇବାର ଆଶଙ୍କା ରହିଛି। ଆପୋସ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ କରିପାରିବେ।

**ବୃଷ** ଚତୁର୍ଥାଧିପଙ୍କ ସହ ଚନ୍ଦ୍ରଙ୍କ ସଂଯୋଗ ଆପଣଙ୍କ ଅଭାବ ପୂରଣ ଦିଗରେ ସହକର୍ମୀ କିମ୍ବା ପଡୋଶୀଙ୍କ ସାହାଯ୍ୟ କାମକୁ ଆସିବ। ଉପରିସ୍ଥ କର୍ମଚାରୀମାନଙ୍କ ଅନୁକମ୍ପାରୁ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପିଲାମାନଙ୍କ ପଢା ସମସ୍ୟା,ପରିବହନରେ ଝଗଡା,ସଭାସମିତିରେ ବିତର୍କ ଜନିତ ସାମୟିକ ଅସ୍ଥିରତାର ସୂଚନା ମଧ୍ୟ ରହିଛି।

**ମିଥୁନ** ସପ୍ତମ କେନ୍ଦ୍ରସ୍ଥ ଶନି ପ୍ରଭାବରୁ ଆଜିର ପ୍ରତ୍ୟୁଷ ଯାତ୍ରା ଦୀର୍ଘ ଦିନର ଆଶା ଓ ଅଭିଳାଷକୁ ପୂରଣ କରିନପାରେ। ବୁଧ ଓ ବୃହସ୍ପତିଙ୍କ ପ୍ରଭାବ ସ୍ୱାସ୍ଥ୍ୟରେ ଉନ୍ନତି,ବନ୍ଧୁ ସମ୍ପର୍କ ଓ ପାରିବାରିକ ସ୍ଥିତିକୁ ନିୟନ୍ତ୍ରିତ ରଖିବ। ମାଲି ମକଦ୍ଦମା, ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ,ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**କର୍କଟ** କର୍ମଭାବ ପ୍ରତି ଗ୍ରହଙ୍କ ଦୃଷ୍ଟି ଜନିତ କୌଣସି ଏକ ନୂତନ ପରିବେଶରେ ଭିନ୍ନ ପ୍ରକାରର ସ୍ୱାଦର ଅନୁଭୂତି ଲାଭ କରିବେ। ଅତିପରିଚିତ ବନ୍ଧୁଙ୍କ ସାହାଯ୍ୟରୁ ନୂତନ କର୍ମାରମ୍ଭ, ଭ୍ରମଣ ସୁଯୋଗ, ଦୂରଯାତ୍ରାଜନିତ ମନ ଏକପ୍ରକାର ଖୁସୀ ରହିବ। ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ଅପରାହ୍ଣଟି କଟାଇବେ।

**ସିଂହ** ଶନିଙ୍କ ପ୍ରଭାବରୁ ସାମୟିକ ପାରିବାରିକ ସମସ୍ୟା ନେଇ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ସଦାବେଳେ ହାତଖାଲି ରହିବା କାରଣରୁ ମନରେ ସରସତା ରହିବ ନାହିଁ। ଏହା ସଙ୍ଗକୁ ଅପୂରଣୀୟ ଆଶା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ନିଜର କେତେକ ଅଧୁରା କାମକୁ ସମ୍ପନ୍ନ କରିବାକୁ ଚେଷ୍ଟା କରିବେ।

**କନ୍ୟା** ରାଶିରେ ମଙ୍ଗଳ ଆପଣଙ୍କୁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ବଢିତବ୍ୟସ୍ତ କରାଇବା ସହ ଚିନ୍ତାଧାରାକୁ ବିକ୍ଷିପ୍ତ କରିପାରେ। ମନରେ ଶୁଦ୍ଧ ଭାବନା ଓ କର୍ମନିଷ୍ଠା ରହିଥିଲେ ମଧ ପାରିବେଶିକ ବ୍ୟତିକ୍ରମ କର୍ମକ୍ଷେତ୍ରର ଯୋଜନାକୁ ବଦଳାଇ ଦେବ। ହଠାତ୍ ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ଭାତୃବିବାଦ ଦେଖାଦେଇ ପାରେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ।

**ତୁଳା** ନୂଆ କାମଟିଏ ଆରମ୍ଭ କରିବା ପାଇଁ ମନସ୍ଥ କରି ବନ୍ଧୁଙ୍କ ସହ ଯୋଗାଯୋଗ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବା ସହ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇବେ। ପ୍ରଶାସନିକ କ୍ଷେତ୍ର କିମ୍ବା ସଭା ସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇ କରିପାରନ୍ତି।

**ବିଛା** ବୁଧ ଓ ଶୁକ୍ରଙ୍କ ସହ ବୃହସ୍ପତିଙ୍କ ମିଳନ ସାଧାରଣ ସମସ୍ୟା ମଧ୍ୟ ଦେଇ ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର କରାଇବ। ଏହିଭଳି ପରିସ୍ଥିତିରେ ସମ୍ମୁଖୀନ ହେବେ ଯେପରିକି କେତେକ କ୍ଷେତ୍ରରେ କହିବେ ସିନା ସହିବେ ନାହିଁ,ଫଳରେ ମତାନ୍ତରର ସମ୍ଭାବନା ରହିଛି। ଶିଳ୍ପ, ବ୍ୟବସାୟ, ପରିବହନାଦିରେ ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରିବେ।

**ଧନୁ** ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି। ଅର୍ଥନୈତିକ କାରବାର, ବ୍ୟବସାୟ,ଆଲୋଚନା, ଯାତ୍ରା କ୍ଷେତ୍ରରେ ଠିକ୍ ବିଚାର ବିନା ସରଳ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହେବା ଦ୍ୱରା ସମସ୍ୟାକୁ ନିମନ୍ତ୍ରଣ କରିବେ।

**ମକର** ଷଷ୍ଠ ରାହୁ ଓ ଦ୍ୱାଦଶ ଶନି ଆପଣଙ୍କୁ ଦିଗହରା କରାଇପାରେ। ଆଜି ସତର୍କତା ଅଭାବରୁ ଧନହାନି, କଳହ କିମ୍ବା ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବାର ଆଶଙ୍କା ରହିଛି। ଅବଶ୍ୟ ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ସ୍ତ୍ରୀ ସମ୍ପର୍କ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହେବାର ସୂଚନା ରହିଛି।

**କୁମ୍ଭ** ଶନିଙ୍କ ଶୁଭ ଦୃଷ୍ଟିରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ବିଭିନ୍ନ ପ୍ରକାରର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ତୀର୍ଥାଟନ ପ୍ରତି ମନରେ ନୂଆ ଭାବନା ଜାଗ୍ରତ ହେବ। ନୂତନ ଗୃହ, ଯାନ ବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ପରିବାରରୁ ବରାଦ ପାଇବେ। ଏହା ସଙ୍ଗକୁ ଆରକ୍ଷୀ ମାମଲା, ଜମିଜମା ସମ୍ପର୍କୀୟ ଚିନ୍ତାରେ ସାମୟିକ ମନ ଉଦ୍‌ବିଗ୍ନ ରହିପାରେ।

**ମୀନ** ଗୁରୁଦୃଷ୍ଟିର ଶୁଭ ପ୍ରଭାବରେ କୌଣସି କ୍ଷେତ୍ରରୁ ଆଶାଜନକ ଅର୍ଥ, ସମ୍ମାନ, ଉପଢ଼ୌକନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ।

ଆଜି କାର୍ତ୍ତିକ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ମଙ୍ଗଳବାର, ଅକ୍ଟୋବର ୨୯ ତାରିଖ, ଯମ ଦ୍ୱିତୀୟା, ଯମ, ଯମୁନା ଓ ଚିତ୍ରଗୁପ୍ତ ପୂଜା, ଶ୍ରୀକ୍ଷେତ୍ରେ ଶ୍ରୀଯମେଶ୍ୱରଙ୍କ ଯାତ୍ରା, ଗିରିଗୋବର୍ଦ୍ଧନ ପୂଜା, ଅନ୍ନକୂଟ ମହୋତ୍ସବ, ଜୟୀ ରାଜଗୁରୁଙ୍କ ଜୟନ୍ତୀ, କବି ଦଣ୍ଡପାଣି ମିଶ୍ରଙ୍କ ତିରୋଧାନ ଦିବସ,ରାଶି ନକ୍ଷତ୍ର-ବିଶାଖା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୩୫ମି. ମଧ୍ୟେ ଘ୭।୨୦ମି. ଗତେ, ଘ୧୧।୦୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୨୦ମି. ଗତେ ଘ୧୧।୫୩ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୩୧ମି. ମଧ୍ୟେ ମାହେନ୍ଦ୍ର ବେଳା।

classifieds Everyday
0674-2580101, 2549302

real estate

SALE

2600sqft. Boundary wall plan approval plot at Pokhariput, Bhubaneswar Rs.72,000,00/- 9861125539, 9040521173. D-67242

Gated plotting project near Sum Hospital and Janla Infovally square. 7008818121. D-66796

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68142

3800 Sqft. GA plot immediately sale at Surya Nagar, Bhubaneswar, Contact Deepak: 9937329999 (Broker excuse). D-68019

ସୁନ୍ଦରପଦା Indus Engineering କଲେଜ backsideରେ ଘରବାରି ପ୍ଲଟ୍ sqft. 229/- ମିଳୁଅଛି। 8594954102. D-68408

Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826. D-68407

NH16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ possession ଥାଇ 399/-ରେ ମିଳୁଅଛି। 7504861292. D-68410

କଟକ-ଗୋପାଳପୁର ଧାକୁଲେଇପାଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

to-let

3BHK flat Tankapani Road, Bhubaneswar near Jagannath Ashram, Rent-12,000/- M: 9437210980, 7978783966. D-14888

healthcare

Rejuvenate and ayurvedic full body massage by smart therapist. 9114402304. D-68145

Newly open full body massage by ladies, gents therapist. 8018656899 D-60844

Ayurvedic full body massage by ladies, gents therapist. 7008773793 D-60845

Monalisa Massage Club: All types body massage with hiprofile smart lady rooms service available- 9708545108. D-14965

Refresh your mind and soul with best therapy at Orchid Salon/Spa. 9937287222. D-66983

Newly open full body massage Ladies and Gents full Service- 7609923705. D-38565

Full body herbal massage with refreshment expert therapist. 7381239385, 06742540855. D-68146

Experience full body massage with us (expert). Call: 7377048581, 06742597822. D-68147

Herbal full body massage by smart / expert therapist. Contact: 8338067247. D-68148

Summer special mesmerizing offer expert therapeutic refreshing massage appointment. 9668374480. D-68149

Kajal Ayurvedic Massage club fully relaxed by smart lady home service available- 9937637219. D-66984

business

Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-14969

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

astrology

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14886

ସଠିକ୍ ଜାତକ ଭାବଭବିଷ୍ୟବାଣୀ, ଦଶାଭବିଷ୍ୟବାଣୀ, ବାସ୍ତୁ, ଯୋଡ଼ିମେଳକ, ମଙ୍ଗଳ ଦୋଷ ପାଇଁ 7978736177. D-68210

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଶ୍ରଦ୍ଧା ନାୟକ


ବୀର୍ ମାରୁତି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଶ୍ରୀମନ୍ଦିର ଭିତରେ ଟିକ୍‌ଟକ୍

- ସୋସିଆଲ ମିଡିଆରେ ଭିତର ବେଢ଼ା ଭିଡିଓ ଭାଇରାଲ
- ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ, ସିଂହଦ୍ୱାର ଥାନାରେ ଏତଲା


ପୁରୀ ଅଫିସ,୨୮।୧୦

ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିର ଭିତର ଫଟୋ। କେତେ ବେଳେ ଭକ୍ତ ସେଲ୍‌ଫି ନେଇ ପୋଷ୍ଟ କରୁଛନ୍ତି ତ ଆଉ କେବେ ଶ୍ରୀମନ୍ଦିର କର୍ମଚାରୀ, ପୋଲିସ ଓ ସେବାୟତ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ସୋମବାର ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ବେଢାର ଭିଡିଓ। ଏଥର ଶ୍ରୀମନ୍ଦିର ଭିତରେ ଟିକ୍‌ଟକ୍‌ର ଭିଡିଓ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଇ କେହି ଏଭଳି ଭିଡିଓ କରିଛନ୍ତି। ଏଥିରେ ଭିତର ବେଢା, ଭୋଗମଣ୍ଡପ ସହ ଆନନ୍ଦବଜାରରେ ମହାପ୍ରସାଦ ସେବନ କରାଯାଉଥିବା ଦୃଶ୍ୟ ରହିଛି। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର। ଏ ନେଇ ଗୋଇନ୍ଦା ବିଭାଗ ବିଭିନ୍ନ ସମୟରେ ରିପୋର୍ଟ ଦେଇଆସୁଛି। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ଏହାସତ୍ତ୍ୱେ ମୋବାଇଲ ଯାଉଛି କେମିତି? ଚାରିଦ୍ୱାରରେ ପୋଲିସ ମୋବାଇଲ ଫୋନ ଯାଞ୍ଚ କରୁଥିବାବେଳେ ଏଭଳି ଭିଡିଓ ହେଲା କିପରି? ଏମିତି ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ସୋମବାର ଭାଇରାଲ ହୋଇଥିବା ଟିକ୍‌ଟକ୍ ଭିଡିଓରେ ଭିତର ବେଢାରେ ଭକ୍ତମାନେ ଚଳପ୍ରଚଳ କରୁଥିବା, ଭୋଗ ବୁହାଯାଉଥିବା ଏବଂ ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରୁଥିବାର ଦୃଶ୍ୟ ରହିଛି। ଏଭଳି ଘଟଣା ବାରମ୍ବାର ଘଟୁଛି। କିଛିଦିନ ତଳେ ଜଣେ ଅଭିନେତ୍ରୀ ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରୁଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାରେ ପୋଲିସ ବଡ଼ଶଙ୍ଖର ଜଣେ ଯୁବକଙ୍କୁ ଗିରଫ କରିଥିଲା।

ଏ ନେଇ ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ଆବାହକ ଅନିଲ କୁମାର ସାହୁ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଏଭଳି ଘଟଣା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସେ ଅନୁରୋଧ କରିଛନ୍ତି। ସେହିପରି ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର ମଧ୍ୟ ଏଭଳି ଭାଇରାଲକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏ ଦିଗରେ ସେବାୟତମାନେ ସଚେତନ ଅଛନ୍ତି। ମାତ୍ର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନଙ୍କୁ ଅଧିକ ସତର୍କ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ଟିକ୍‌ଟକ୍ ଭିଡିଓ ଯେଉଁ ଆକାଉଣ୍ଟରୁ ଭାଇରାଲ ହୋଇଛି ତାହାକୁ ଠାବ କରିବା ଲାଗି ତଦନ୍ତ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ନିଶ୍ଚିତ ଏହା ଏକ ଗମ୍ଭୀରତାର ବିଷୟ। ଲଗାତର ଏମିତି ୨/୩ଟି ଘଟଣା ହେଲାଣି। ଭବିଷ୍ୟତରେ ଏହାର ଯେପରି ପୁନରାବୃତ୍ତି ନ ହେବ ସେ ଦିଗରେ ପଦକ୍ଷେପ ନିଆଯିବ।


## ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା




ସାଇ ପ୍ରକାଶ ମହାରଣା (ବିଭୁ)
ଗୁଜି ଦରଡ଼ା, ମିରପାଟଣା, ଭଦ୍ରକ

ଆଜି ତୋର ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥ, ସାଇବାବା, ଓଁ ମା' ଭଦ୍ରକାଳୀଙ୍କ ପାଦ ପଙ୍କଜରେ କୋଟି କୋଟି ପ୍ରଣାମ। ତୋର ସଫଳ ଜୀବନ ପାଇଁ ଶୁଭ କାମନା କରିବା ସହ ତୋ ଚଲାପଥକୁ ମହାପ୍ରଭୁ ସଦା ସର୍ବଦା ପୁଷ୍ପ ସୁଖ ସମୃଦ୍ଧି ସହ ଦୀର୍ଘାୟୁ କାମନା କରନ୍ତୁ।

ଶୁଭେଚ୍ଛାସହ:
ବାପା, ମାମା, ଜେଜେମା', ଜେଜେବାପା, ଅଜା, ଆଇ, ବଡ଼ବାପା, ବଡ଼ମାଆ, ପିଉସା, ପିଉସୀ, କାକୁ, ମାମୁ, ଦିଦି, ଭାଇ, ବନ୍ଧୁ ଓ ପରିବାରବର୍ଗ।

ଧ-୧୪୮୨୭

## ୧୦ମ ଜନ୍ମ ଦିନର ଶୁଭେଚ୍ଛା



Aryan Samantasinghar (Chandan)
ଏ/ଇ-୨୦୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

ଆଜି ଏହି ପବିତ୍ର ଜନ୍ମଦିନରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ଓ ଚଲାପଥ କୁସୁମିତ କାମନା କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

-: ଶୁଭେଚ୍ଛା ସହ :-
ଅଜା, ଆଇ, ଗାଗୁନ, ଲଗନ, ସ୍ନେହା, ଲାରିନ, ନିଧି, ଟ୍ୱିଙ୍କିଲ, ଦିୟା ଏବଂ ସୋହିନ୍

ଧ-୧୪୯୬୭


## ଜିଲା ଟିଠ
### ରାଉରକେଲା



# ସେଣ୍ଟ୍ରାଲ ପାର୍କ ଟଙ୍କା

ମୁଖ୍ୟମନ୍ତ୍ରୀ ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି ଉଦ୍ଦେଶ୍ୟରେ '୫-ଟି'ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏହାର ପ୍ରଭାବ ଊଣା ଅଧିକ ବିଭିନ୍ନ ଜିଲାରେ ଦେଖିବାକୁ ମିଳୁଛି। ଏମିତି ଅବସ୍ଥାରେ ରାଉରକେଲା ଛେଣ୍ଡ କଲୋନୀ ସେଣ୍ଟ୍ରାଲ ପାର୍କ ଦୁର୍ନୀତି ନେଇ ବିରୋଧୀଙ୍କ ହୋହଲା ଶାସନ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଉକ୍ତ ପାର୍କ ନିର୍ମାଣ ନାଁରେ ଏକ ବଡ ଧରଣର ଦୁର୍ନୀତି ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହେବା ପରେ ସହରରେ ଚର୍ଚ୍ଚା ଜୋର ଧରିଛି। ଯାହାକୁ ନେଇ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସହିତ ବିକ୍ଷୋଭ ଓ ଧାରଣା ଦିଆଯାଇ ତଦନ୍ତ ଦାବି କରାଯାଇଛି। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଭିଜିଲାନ୍ସରେ ଏତଲା ଦେଇଛି କଂଗ୍ରେସ। ଜନସାଧାରଣଙ୍କ ଚିତ୍ତ ବିନୋଦନ ପାଇଁ ଉଦ୍ଦିଷ୍ଟ ପାର୍କ ନିର୍ମାଣରେ ଏଭଳି ବଡ ଧରଣର ଦୁର୍ନୀତିକୁ ସହଜରେ କେହି ହଜମ କରି ପାରୁନାହାନ୍ତି। ଉକ୍ତ ପାର୍କ ନିର୍ମାଣରେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ(ଆରଡିଏ) ୨୦୧୪ରୁ ୨୦୧୮ ମସିହା ମଧ୍ୟରେ ୧କୋଟି ୮୧ ଲକ୍ଷ ଟଙ୍କା ବ୍ୟୟ କରିଛି। ତଥାପି ସେହି ସ୍ଥାନ ଏବେ ବଣବୁଦାରେ ପରିଣତ ହୋଇଛି। ପ୍ରାୟ ୮ ଏକର ପରିମିତ ଜମି ଉପରେ ପାର୍କ ନିର୍ମାଣ କରାଯାଇଛି। ନୌକା ବିହାର ନିମନ୍ତେ ପୁଷ୍କରିଣୀ, ଫୁଟପାଥ, ଖୋଲା ବ୍ୟାୟାମ ଶାଳା ଆଦି ସହ ବିଭିନ୍ନ କ୍ରୀଡ଼ା ସାମଗ୍ରୀ ଖଞ୍ଜାଯିବା ପରେ ପାର୍କ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥାନ୍ତା। ଯାହାଦ୍ୱାରା ଛେଣ୍ଡ ଅଞ୍ଚଳବାସୀ ନାନା ସୁବିଧା ଉପଭୋଗ କରିପାରିଥାନ୍ତେ। ହେଲେ ପାର୍କ ନାଁରେ ଅର୍ଥ ଚଳୁ କରାଯିବା ଘଟଣାକୁ ବିରୋଧୀ ଗଣ୍ଠି ପକାଇ ଧରିଛନ୍ତି। ୨୦୧୭ରେ ଉକ୍ତ ପାର୍କକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହା ପରେ ବି ଏଭଳି ଦୁର୍ନୀତିକୁ କିପରି ପ୍ରଶ୍ରୟ ଦିଆଗଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ବିରୋଧୀ କହିଛନ୍ତି। ୧ କୋଟି ୮୧ ଲକ୍ଷ ଛୋଟିଆ ବଜେଟ୍ ନୁହେଁ। ଏହାର ସୁବିନିଯୋଗ କରାଯାଇ ଥିଲେ ସେଣ୍ଟ୍ରାଲ ପାର୍କ ଆଜି ହସି ଉଠୁଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ମାତ୍ର ଯୋଜନାବଦ୍ଧ ଭାବେ ପାଚେରି ନିର୍ମାଣ, ପାର୍କରେ ଥିବା ଏକାଧିକ ଖାଲ ପୋତାଯିବା ନାଁରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କଂଗ୍ରେସ ଉପରୋକ୍ତ ପ୍ରସଙ୍ଗ ଉଠାଇବା ପରେ ସହରବାସୀ ଏହି ଦୁର୍ନୀତିର କେବେ ପର୍ଦ୍ଦାଫାଶ ହେବ ଚାହିଁ ବସିଛନ୍ତି।

– ବସନ୍ତ କୁମାର ଧଳ

# ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିଲେ ପୁରସ୍କାର

- ଡାକ୍ତର, ଅନ୍ୟ କର୍ମଚାରୀଙ୍କୁ ମିଳିବ ଆର୍ଥିକ ପୁରସ୍କାର
- ବିଭିନ୍ନ ଅନୁଷ୍ଠାନକୁ ମଧ୍ୟ ପୁରସ୍କୃତ କରାଯିବ
- ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ସ୍ୱାସ୍ଥ୍ୟସେବାରେ ସ୍ୱଚ୍ଛତା ଆଣିବାକୁ ୫ଟି କାର୍ଯ୍ୟକ୍ରମ ମାଧ୍ୟମରେ କିଛିଦିନ ତଳେ ସଚିବମାନେ ବିଭିନ୍ନ ଡାକ୍ତରଖାନା ଗସ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉଥିଲେ। ସରକାରଙ୍କ ହଠାତ୍ ଏଭଳି ଆଭିମୁଖ୍ୟ ଦେଖି ସରକାରୀ ଅଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମଧ୍ୟ ମିଳିଥିଲା। ତେଣୁ ଏଥିରେ ସୁଧାର ଆଣିବା ପାଇଁ ଏବେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଛି। ଦୁର୍ନୀତିଗ୍ରସ୍ତଙ୍କୁ ଦଣ୍ଡ ଦେବା ସହିତ ଭଲ କାର୍ଯ୍ୟ କରୁଥିବା ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ୫ଟି କାର୍ଯ୍ୟକ୍ରମରେ ଡାକ୍ତର ଏବଂ ସେବାରେ ନିୟୋଜିତ କର୍ମଚାରୀଙ୍କ ପାଇଁ ପୁରସ୍କାର ଘୋଷଣା କରିଛନ୍ତି। ଡାକ୍ତରଙ୍କ ଲାଗି ୧୦ଲକ୍ଷ ଟଙ୍କା ଏବଂ ଅନ୍ୟ କର୍ମଚାରୀଙ୍କ ପାଇଁ ୫ ଲକ୍ଷ ଟଙ୍କାର ଘୋଷଣା କରିଛନ୍ତି।

ସରକାରଙ୍କ ଘୋଷଣା ଅନୁଯାୟୀ, ୫ଟି କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନେକ ଡାକ୍ତର, ପାରାମେଡିକାଲ ଷ୍ଟାଫ୍ ଓ ଅନ୍ୟ କର୍ମଚାରୀମାନେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରୁଛନ୍ତି। ସମ୍ବେଦନଶୀଳଭାବେ ରୋଗୀଙ୍କ ଯତ୍ନ ନେଉଛନ୍ତି। ସେହିଭଳି କାର୍ଯ୍ୟ କରୁଥିବା ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କୁ ଉତ୍ସାହିତ କରିବା ସକାଶେ ପୁରସ୍କାର ଦିଆଯିବ। ଏହାସହ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଅନୁଷ୍ଠାନଗୁଡିକୁ ମଧ୍ୟ ପୁରସ୍କୃତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିପାଇଁ ରାଜ୍ୟସ୍ତରୀୟ ଉତ୍ସବରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଶ୍ରେଷ୍ଠ ବିବେଚିତ ୧୦ଜଣ ଡାକ୍ତର ଏବଂ ଅନ୍ୟ କର୍ମଚାରୀ ପୁରସ୍କୃତ ହେବେ। ଡାକ୍ତରଙ୍କ କ୍ଷେତ୍ରରେ ୧୦ଲକ୍ଷ ଟଙ୍କା ଏବଂ ଅନ୍ୟ କର୍ମଚାରୀଙ୍କୁ ୫ଲକ୍ଷ ଟଙ୍କା ଲେଖାଏ ପୁରସ୍କୃତ କରାଯିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ନେଇ ଏକ କମିଟି ଏନେଇ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିୟୋଜିତ ଥିବା ଜଣେ ସ୍ଥାୟୀ କର୍ମଚାରୀ ନିଜ ଚାକିରିକାଳ ମଧ୍ୟରେ କରିଥିବା ଉଲ୍ଲେଖନୀୟ ସେବାକୁ ଭିତ୍ତିକରି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ଲାଗି ମନୋନୀତ କର୍ମଚାରୀଙ୍କୁ ଅବସର ଦିନ ଉଚ୍ଚ ପଦବୀକୁ ପଦୋନ୍ନତି ମିଳିବ। ଏଥିପାଇଁ ଜଣେ କର୍ମଚାରୀ ୨୫ବର୍ଷ ସ୍ଥାୟୀ ଚାକିରି କରିଥିବା ଆବଶ୍ୟକ। ଅପରପକ୍ଷରେ ନ୍ୟାଶନାଲ କ୍ୱାଲିଟି ଆକ୍ରିଡିଏସନ ଷ୍ଟାଣ୍ଡାର୍ଡ ପ୍ରମାଣ ପତ୍ର ହାସଲ କରିଥିବା ସ୍ୱାସ୍ଥ୍ୟସେବା ଅନୁଷ୍ଠାନର ଡାକ୍ତରଙ୍କଠାରୁ ଆରମ୍ଭ କରି ନିରାପତ୍ତାରକ୍ଷୀ କର୍ମଚାରୀଙ୍କୁ ଗୋଟିଏ ମାସର ଦରମା ବୋନସ ଭାବେ ପରବର୍ତ୍ତୀ ଆର୍ଥିକ ବର୍ଷରେ ମିଳିବ। କାୟାକଳ୍ପ ହାସଲ କରିଥିବା ସ୍ୱାସ୍ଥ୍ୟସେବା ଅନୁଷ୍ଠାନର ଡାକ୍ତରଙ୍କ ଏବଂ ନିରାପତ୍ତାରକ୍ଷୀ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କୁ ଅଧା ମାସର ଦରମା ବୋନସ ଭାବେ ପରବର୍ତ୍ତୀ ଆର୍ଥିକବର୍ଷ ଦିଆଯିବ। ସେହିପରି ଲକ୍ଷ୍ୟ ପ୍ରମାଣପତ୍ର ହାସଲ କରିଥିବା ସ୍ୱାସ୍ଥ୍ୟ ଅନୁଷ୍ଠାନର ପ୍ରସବ ଗୃହ ଓ ମାତୃତ୍ୱ ଅସ୍ତ୍ରୋପଚାର ଗୃହରେ କାର୍ଯ୍ୟରତ ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କୁ ଅଧା ମାସର ଦରମା ବୋନସ ଭାବେ ପରବର୍ତ୍ତୀ ଆର୍ଥିକ ବର୍ଷ ମିଳିବ। ମୋ ସରକାର କାର୍ଯ୍ୟକ୍ରମ ଅନୁଯାୟୀ ରୋଗୀଙ୍କ ମତାମତ ଅନୁସାରେ ୫ଟି ଅନୁଷ୍ଠାନ ପୁରସ୍କୃତ ହେବ। ସରକାରୀ ଡାକ୍ତରଖାନା ଯାଉଥିବା ରୋଗୀଙ୍କ ମତାମତକୁ ଭିତ୍ତିକରି ସ୍ଥିର ହୋଇଥିବା ଶ୍ରେଷ୍ଠ ୫ଟି ଅନୁଷ୍ଠାନର ମେଡିକାଲ ଅଫିସରଙ୍କୁ ତ୍ରୈମାସିକ ପ୍ରଶଂସା ପତ୍ର ପ୍ରଦାନ କରାଯିବ। ଏହାସହିତ ବର୍ଷଯାକ ଭଲ କାମ କରିଥିବା ମେଡିକାଲ କର୍ମଚାରୀଙ୍କୁ ଏଲ୍‌ଟିସିରେ ବିଦେଶ ଭ୍ରମଣ ପାଇଁ ସୁଯୋଗ ମିଳିବ। ଏହାସହ ଚୁକ୍ତି ଭିତ୍ତିକ କର୍ମଚାରୀ ତାଲିମ ପାଇଁ ବିଦେଶ ଯାଇପାରିବେ। ପ୍ରସବ ଓ ତଜ୍ଜନିତ ଅସ୍ତ୍ରୋପଚାର ପାଇଁ ଭଲ କାମ କରିଥିବା ଟିମ୍‌କୁ ସ୍ୱାସ୍ଥ୍ୟ ବିଭାଗ ନିୟମାବଳୀ ଅନୁଯାୟୀ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ। ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି କର୍ମଚାରୀଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତା ସୃଷ୍ଟି କରିବା ପାଇଁ ଏଭଳି ପୁରସ୍କାର ଘୋଷଣା କରାଯାଇଥିବା ସରକାର ସୂଚନା ଦେଇଛନ୍ତି।

# ଅରୁଣ ଶତପଥୀଙ୍କ ପରଲୋକ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)



ଜଣାଶୁଣା ବ୍ୟବସାୟୀ ତଥା ଭୁବନେଶ୍ୱର ବାପୁଜୀ ନଗରସ୍ଥିତ ଷ୍ଟାର୍ ଅପ୍ଟିକୋ ଏବଂ ନେତ୍ର ମନ୍ଦିରର ମ୍ୟାନେଜିଂ ପାର୍ଟନର୍ ଅରୁଣ କିଶୋର ଶତପଥୀଙ୍କର ସୋମବାର ଦେହାନ୍ତ ହୋଇଯାଇଛି। ପୂର୍ବାହ୍ନ ୧୧ଟା ୫୦ରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୭୧ବର୍ଷ ହୋଇଥିଲା। ଭିମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀ ବାସିନ୍ଦା ଅରୁଣଙ୍କ ପୈତୃକ ଘର ପୁରୀ ଜିଲା ବଳଙ୍ଗା ଗ୍ରାମରେ ହୋଇଥିବା ବେଳେ ସେ ଭୁବନେଶ୍ୱରରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀଭାବେ ପରିଚିତ ଥିଲେ। ତାଙ୍କର ଏକମାତ୍ର ପୁଅ ସତ୍ୟବ୍ରତ ଶତପଥୀ ଓ ୩ ଝିଅ ବନ୍ଦନା ତ୍ରିପାଠୀ, ଈପ୍‌ସିତା ରଥ, ମଧୁସ୍ମିତା ହୋତା ଏବଂ ଜ୍ୱାଇଁ ଲିଙ୍ଗରାଜ ତ୍ରିପାଠୀ, ରତ୍ନାକର ରଥ, ହିମାଂଶୁ ହୋତା ଅଛନ୍ତି। ସାନ ଜ୍ୱାଇଁ ହିମାଂଶୁ 'ଧରିତ୍ରୀ'ର ମାର୍କେଟିଂ ହେଡ୍‌ଭାବେ କାର୍ଯ୍ୟ କରନ୍ତି। ୫ଦିନ ତଳେ ଅରୁଣ ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହୋଇ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ହେଲେ ସୋମବାର ପୂର୍ବାହ୍ନରେ ସେ ଇହଧାମ ତ୍ୟାଗ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ସତ୍ୟବ୍ରତ ମୁଖାଗ୍ନି ଦେଇଥିଲେ।

- ପୋଲିସ ହାତରେ ବାଇକ୍ ଚୋରି ର୍‍ୟାକେଟ

# ୪ ଗିରଫ, ୫ ବାଇକ୍ ଜବତ

ଅନୁଗୋଳ ଅଫିସ୍/ବଁଅରପାଳ, ୨୮।୧୦ (ଡି.ଏନ.ଏ.)–

ଅନୁଗୋଳ ଜିଲା ବଁଅରପାଳ ପୋଲିସ ରବିବାର ଏକ ବାଇକ୍ ଚୋରି ର୍‍ୟାକେଟକୁ ଧରିବାରେ ସଫଳ ହୋଇଛି। ଏହି ର୍‍ୟାକେଟର ୪ ଜଣଙ୍କୁ ଗିରଫ କରାଯିବା ସହ ୫ଟି ବାଇକ୍, ୪ଟି ମୋବାଇଲ, ୩ଟି ରେଞ୍ଚି ଜବତ କରାଯାଇଛି। ଏ ନେଇ ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି। ସୂଚନା ମୁତାବକ, ମହୀଧରପୁର ଠାରେ ଗତ ୨୨ ତାରିଖରେ କାର୍ତ୍ତିକେଶ୍ୱର ପୂଜା ପାଇଁ ପ୍ରସ୍ତୁତି ବୈଠକ ଚାଲିଥିବା ସମୟରେ ଦୁଇଟି ବାଇକ ଚୋରି ହୋଇଥିବା ନେଇ ବଁଅରପାଳ ଥାନାରେ ଗ୍ରାମ କମିଟିର ସଭାପତି ବିନୋଦ କୁମାର ବେହେରା ଅଭିଯୋଗ କରିଥିଲେ। ପୋଲିସ ୨୪୩/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡିବା ପରେ ପୋଲିସ ଚଢ଼ାଉ କରି ଭୁବନେଶ୍ୱର ସ୍ଥିତ ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଆଇଗିନିଆରୁ ରମେଶ ସାହୁ(୨୩), କଟକ ଜିଲା ବାଙ୍କି ଥାନା ଦୁଲନପୁରର ରାଜା ଓରଫ ପ୍ରଶାନ୍ତ ଲେଙ୍କା(୩୦), କଟକ ଜିଲା ଟିଗିରିଆ ଥାନା ଅଞ୍ଚଳ ରଘୁରାମପୁର ଗାଁର ରାକେଶ ବିଶ୍ୱାଳ(୨୨) ଓ ବିଷନପୁର ଗାଁର ଅର୍ଜୁନ ସାମଲ(୨୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୪ଟି ବାଇକ୍ (ନଂ. ଓଡି-୧୯-ଇ-୭୯୬୦, ଓଡି-୧୯-ସି-୩୨୬୫, ଓଆର-୦୨-ବିଟି-୪୫୯୩, ଓଡି-୦୨ଏସ-୮୭୧୬) ଏବଂ ଏକ ନମ୍ବର ବିହୀନ ସ୍କୁଟି ଜବତ କରାଯାଇଛି।



ଆଉ ଜଣେ ଅଭିଯୁକ୍ତ ଗଦାନନ୍ଦ ସାମଲ ଫେରାର ଥିବା ପୋଲିସ କହିଛି। ଅନୁଗୋଳ ଏସ୍‌ପିଙ୍କ ନିର୍ଦ୍ଦେଶରେ ଦୀନକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସ୍ପେଶାଲ ସ୍କ୍ୱାଡ ଏହି ଚଢ଼ାଉ କରାଯାଇଥିଲା।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଜଚିନ୍ଦ୍ର କୁମାର ରାୟ
କିତିକାରସୁଆଁଲୋ, ଭିଙ୍ଗାରପୁର, ବାଲିଅନ୍ତା
ଆବିର୍ଭାବ: ୨୭।୦୭।୧୯୬୮
ତିରୋଧାନ: ୧୯।୧୦।୨୦୧୯
ଆଜି ଏକାଦଶାହ ଦିବସରେ ତୁମ ଆତ୍ମାର ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ।
ଧ-୬୭୦୯୮

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କେଶବ ଚରଣ ସ୍ୱାଇଁ
ଡିଙ୍କିଆ, କୁଜଙ୍ଗ, ଜଗତସିଂହପୁର
ଆବିର୍ଭାବ: ୧୦।୦୪।୧୯୩୮
ତିରୋଧାନ: ୧୯।୧୦।୨୦୧୯
ହେ ପୂଣ୍ୟାତ୍ମା, ଆପଣଙ୍କ ଆଦର୍ଶ, ନେତୃତ୍ୱ ତ୍ୟାଗ ତଥା ପରୋପକାର ଭାବକୁ କେବଳ ଆମ ପରିବାର ନୁହେଁ ବରଂ ସମଗ୍ର ଅଞ୍ଚଳବାସୀ ଝୁରି ହେଉଛନ୍ତି। ଆପଣଙ୍କ ଆକସ୍ମିକ ବିୟୋଗରେ ଆମେ ମ୍ରିୟମାଣ, ଆଜିର ଏହି ପବିତ୍ର ଏକାଦଶାହରେ ପ୍ରଭୁ ଶ୍ରୀଜଗନ୍ନାଥ ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ: ବଂଶୀଧର, ସୁରେନ୍ଦ୍ର, ବନମାଳୀ ଓ ଅନନ୍ତ, ବୋହୂ: ମମତା, ରୀନା, ଗୀତା, ମାନୀ, ଝିଅ: ମିତାଲି, ଜ୍ୱାଇଁ: ପ୍ରଦୀପ, ପୁତୁରା: ଶିଶିର, ମୁରଲୀ, କାହ୍ନୁ ଓ ଧନେଶ୍ୱର, ଭାଇ: ଅଜୟ, ଭଉଣୀ: ସୁନ୍ଦରୀ ଓ ସକୀ, ନାତି: ରିପୁଲ, ସିପୁଲ, ଦିପକ, ପପୁ, ଅନୁପମ ଓ ରଂଜନ, ନାତୁଣୀ: ଡୋନା, ଅନନ୍ୟା, ରାନୀ, ସ୍ୱାଗତିକା ଓ ସୋନାଲି।
ଧ-୧୪୯୭୦

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ସ୍ୱର୍ଗତ ଚନ୍ଦ୍ର ଶେଖର ମହାନ୍ତି
ବାଙ୍କିମୁହାଣ, ପୁରୀ
ଆବିର୍ଭାବ - ୧୯୩୨
ତିରୋଧାନ - ୨୦୧୯
ସମୟର ସ୍ରୋତରେ ଆପଣଙ୍କ ପାର୍ଥିବ ଶରୀର ନଥିଲେ ମଧ୍ୟ ଆପଣ ଅମର। ଆପଣ ଆମରି ଭିତରେ ପ୍ରତି ନିଶ୍ୱାସରେ, ବିଶ୍ୱାସରେ, ମନରେ, ହୃଦୟରେ! ମାତ୍ର ଅଦୃଶ୍ୟରେ ସର୍ବଦା ସ୍ମରଣୀୟ। ଆଜିର ଏହି ପୂଣ୍ୟ ଦଶାହ ତିଥିରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ତପନ ମହାନ୍ତି
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୪୯୬୮

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



୰ ସବିତା ମହାନ୍ତି
ସ୍ୱାମୀ-ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି
ସୁକିଦା, ମାଛଗାଁ, ଜଗତସିଂହପୁର
ଆବିର୍ଭାବ: ୩୦.୦୫.୧୯୫୪
ତିରୋଧାନ: ୨୪.୧୦.୨୦୧୪(ଗୋବର୍ଦ୍ଧନପୂଜା)
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା, ତୁମେ ଆମକୁ ପବିତ୍ର ଗୋବର୍ଦ୍ଧନପୂଜା ଦିନରେ ଛାଡ଼ି ଆର ପାରିକୁ ଚାଲିଗଲ। ତୁମର ନିତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ମମତା ଓ ଭଲପାଇବା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହୁ, ତୁମର ଅମର ଆତ୍ମା ସଦ୍‌ଗତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି: ସ୍ୱାମୀ, ପୁତ୍ର-ଶିବୁ, ବୁବୁ, କନ୍ୟା-ରୁନି, ଝିଅ-ଝିଲି, ଶିଲି, ନିନି ଓ ବୁନି, ଜ୍ୱାଇଁ-ବାପୁ, ରତନ, ବାପି ଓ ବବ୍‌ଲୁ, ନାତି-ସୋମନାଥ (ରେହାନ), ନାତୁଣୀ- ଶ୍ୱେତଲିନା, ସୁଶ୍ରୀ ଓ ଜୟଶ୍ରୀ
ଧ-୬୬୧୯୯

### ଶ୍ରଦ୍ଧାଞ୍ଜଳି ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ନାରାୟଣ ମିଶ୍ର
ଏନ୍ ୧-୨୧୭ ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର
ଆବିର୍ଭାବ- ୧୪.୦୬.୧୯୪୧
ତିରୋଧାନ-୧୮.୧୦.୨୦୧୯
ତୁମର ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପାର୍ଥନା।
ଶୋକ ସନ୍ତପ୍ତ: ସ୍ତ୍ରୀ- ସତ୍ୟଭାମା, ପୁତ୍ର ଓ ପୁତ୍ରବଧୂ- ନଳିନୀ କାନ୍ତ/ ଅନସୂୟା, କମଳ କାନ୍ତ/ଦୁର୍ଗେଶ ନନ୍ଦିନୀ, ବିମଳକାନ୍ତ/ ରଞ୍ଜିତା, ଝିଅ ଓ ଜ୍ୱାଇଁ- ନମିତା/ ଭୁବନରଞ୍ଜନ, କନ୍ୟା- ସର୍ମିଷ୍ଠା, ନାତି- ତିଲକରଞ୍ଜନ, ଅଭିଷେକ, ରତୁରାଜ, ନିଖିଲେଶ, ନାତୁଣୀ- ମେଲିନା, ଶାଲିନୀ ଓ ଅନ୍ୟାନ୍ୟ ଶୋକାକୁଳ ବର୍ଗ- ମନୋରମା/ ଅଶୋକ, ବନମାଳୀ/ ଶାନ୍ତି।
ଧ-୧୪୯୬୬

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



## JAWAHAR NAVODAYA VIDYALAYA, DIST.- ANGUL

**LATERAL ENTRY TEST-2020 FOR ADMISSION IN CLASS-IX**

Online applications are invited from those candidates who have continuing in Class- VIII during the Academic Session 2019-20 in any one of the Govt./Govt. recognized schools of Angul district for seeking admission into Class-IX against the vacant seats of the category, GIRL- GEN/ OBC -02, ,BOY- GEN/OBC -03

The prospectus-cum-application forms can be obtained from the vidyalaya office / DEO Office, Angul and also downloaded from official website.www.navodaya.gov.in. / www.jnvangul.org. Last date for apply is on 10.12.2019. Date of Lateral Entry Test on 08.02.2020.

Sd./- Principal

## CLASSIFIED DISPLAY

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
Exchange Offer | EMI Facility | Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ଘରେ ଘରେ ପରିଚିତ ସୁଗନ୍ଧ ବାସ୍ନା ସହ ସମସ୍ତଙ୍କର ପ୍ରିୟ
ଗୁପ୍ତଗଙ୍ଗା ଅଗରବତୀ
ଓଡିଶାର No. 1 ଅଗରବତୀ
ଆମ କମ୍ପାନିରୁ ଅଗରବତୀ ମେସିନ କିଣି ମାସକୁ ୧୫ ରୁ ୨୦ ହଜାର ଟଙ୍କା ରୋଜଗାର କରନ୍ତୁ
M/S RADHAMADHAB INDUSTIES, KEONJHAR MOB : 9937608757

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନା ଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। – ଶ୍ରୀମା



# ଅବୁ ବକର୍ ଅଲ୍-ବାଗ୍‌ଦାଦି

ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ମୁଖ୍ୟ ଅବୁ ବକର୍ ଅଲ୍-ବାଗ୍‌ଦାଦିଙ୍କୁ ମୃତ୍ୟୁବରଣ କରିବାକୁ ପଡ଼ିଛି ବୋଲି ପୂର୍ବରୁ ଅନେକଥର ମିଥ୍ୟା ପ୍ରଚାର କରାଯାଇଥିଲା। ଗତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଦେଶର ସ୍ପେଶାଲ ଫୋର୍ସେସ୍ ବାଗ୍‌ଦାଦିଙ୍କୁ ପଶ୍ଚିମ ସିରିଆର ଏକ ବଙ୍କର୍‌ରେ ଠାବ କରି ମାରିପାରିଥିଲେ ବୋଲି ଘୋଷଣା କରିବା ପରେ ଏହି ଖବର ସତ୍ୟ ବୋଲି ଜଣାପଡ଼ିଛି। ଟ୍ରମ୍ପ୍‌ଙ୍କ କହିବା ଅନୁଯାୟୀ, ଶେଷ ବେଳକୁ ବାଗ୍‌ଦାଦି କାନ୍ଦି ପକାଇଥିଲେ ଏବଂ ନିଜର ତିନୋଟି ସନ୍ତାନଙ୍କୁ ନେଇ ପଳାଇବାର ଉଦ୍ୟମ ବିଫଳ ହେବା ପରେ ଆତ୍ମଘାତୀ ବିସ୍ଫୋରଣ ଘଟାଇଥିଲେ। ଏଥିରେ ତାଙ୍କ ସମେତ ତାଙ୍କ ସନ୍ତାନମାନଙ୍କ ମୃତ୍ୟୁ ଘଟିଥିଲା।

୧୯୭୧ ମସିହାରେ ଇରାକ୍ ରାଜଧାନୀ ବାଗ୍‌ଦାଦ୍ ସହର ନିକଟବର୍ତ୍ତୀ ଏକ ଗ୍ରାମରେ ଜନ୍ମ ନେଇଥିବା ବାଗ୍‌ଦାଦିଙ୍କ ମୃତ୍ୟୁ ଏବେ ଏକ ବିକଟାଳ ପର୍ଯ୍ୟାୟର ସମାପ୍ତି ଆଣିଥାଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଇରାନ୍‌ର ସୂଚନା ମନ୍ତ୍ରୀ ମହମ୍ମଦ ଜାଭାଦ୍‌ଙ୍କ ଟୁଇଟ୍। ଯେତେବେଳେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଟୁଇଟ୍ ଯୋଗେ ସମଗ୍ର ପୃଥିବୀକୁ ଜଣାଇଲେ ଯେ, ଗୋଟେ ବିରାଟ ଘଟଣା ଘଟିଛି, ସେତେବେଳେ ଉତ୍ତର ଦେଇ ଜାଭାଦ୍ ଟୁଇଟ୍ କଲେ, 'ବାଗ୍‌ଦାଦିଙ୍କ ମୃତ୍ୟୁ' ଏକ ବଡ଼ ଘଟଣା ନୁହେଁ। ତୁମ ଦ୍ୱାରା ଜନ୍ମିତ ଜନ୍ତୁଙ୍କୁ ତୁମେ ମାରିଛ। ଇତିହାସ ଦେଖିଲେ ସୋଭିଏଟ୍ ରୁଷିଆର ଆଫଗାନିସ୍ତାନ ଭିତରେ ପ୍ରବେଶକୁ ପ୍ରତିହତ କରିବାକୁ ଯାଇ ଆମେରିକା ତାହାର ବୁଦ୍ଧିରେ ମୁଜାହିଦ୍ଦିନ୍ ଗୋଷ୍ଠୀ ସୃଷ୍ଟି କରିଥିଲା। ସେହି ଗୋଷ୍ଠୀର ଅନ୍ୟତମ ନେତା ଥିଲେ ଓସାମା ବିନ୍ ଲାଡେନ୍। ପରବର୍ତ୍ତୀ ସମୟରେ ସୋଭିଏଟ୍ ବ୍ୟବସ୍ଥା ଭାଙ୍ଗିପଡ଼ିଲା। ମୁଜାହିଦ୍ଦିନ୍‌ଙ୍କ ପାଖରେ ବନ୍ଧୁକ, ଗୋଳାବାରୁଦ ରହିଗଲା। ଓସାମା ବିନ୍ ଲାଡେନ୍-ଏକ ନୂଆ ଗୋଷ୍ଠୀ ଅଲ୍ କାଏଦା-ସୃଷ୍ଟି କରି ଏହି ଏକବିଂଶ ଶତାବ୍ଦୀର ଆରମ୍ଭରେ ଆମେରିକା ଉପରେ ଆକ୍ରମଣ କରାଇଥିଲେ। ପରବର୍ତ୍ତୀ ସମୟରେ ସେହି ଆମେରିକାକୁ କଳ-ବଳ-କୌଶଳ ବ୍ୟବହାର କରି ଲାଡେନ୍‌ଙ୍କୁ ପାକିସ୍ତାନର ଆବୋଟାବାଦ୍‌ରେ ହତ୍ୟା କରିବାକୁ ପଡ଼ିଥିଲା। ଅର୍ଥାତ୍ ଆମେରିକା ସୃଷ୍ଟି କରୁଥିବା ଉଗ୍ରବାଦକୁ ସେହି ଆମେରିକା ନିଜେ ରକ୍ତ ଦେଇ ଲଢ଼ିବାକୁ ପଡୁଛି। ବାଗ୍‌ଦାଦିଙ୍କ ଆବିର୍ଭାବ ପରେ ଆଇଏସ୍‌ର ଗୁରୁତ୍ୱ ବଢ଼ିଲା ଯେତେବେଳେ, ୧୭ ବର୍ଷ ପୂର୍ବେ, ଇରାକ୍‌ର ତତ୍କାଳୀନ ରାଷ୍ଟ୍ରପତି ସଦ୍ଦାମ୍ ହୁସେନ୍‌ଙ୍କ ପତନ ଘଟିଲା। ସେହି ପତନ ପାଇଁ ଆମେରିକା ମୁଖ୍ୟତଃ ଦାୟୀ।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ହୁସେନ୍ ଓବାମାଙ୍କ ୮ ବର୍ଷର ଶାସନ ସମୟରେ ଆଇଏସ୍‌ର ଔଦ୍ଧତ୍ୟ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଥିଲା। ଓବାମାଙ୍କ ପରେ ଟ୍ରମ୍ପ୍ ରାଷ୍ଟ୍ରପତି ପଦବୀ ଗ୍ରହଣ କରିବା କ୍ଷଣି ଆମେରିକାର ଚାପ ଆଇଏସ୍ ଉପରେ ବୃଦ୍ଧି ପାଇଥିଲା। ରୁଷିଆ ଏବଂ ସିରିଆର ରାଷ୍ଟ୍ରପତି ବଶର ଅଲ୍-ଆସାଦ୍‌ଙ୍କ ଅସହଯୋଗ ସତ୍ତ୍ୱେ ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶ ଯୋଗୁ ଆଇଏସ୍ ଉପରେ ଆମେରିକାର ଆକ୍ରମଣ ଜାରି ରହିଲା। ଏବେ କୁହାଯାଉଛି ଯେ, ନିଜ ବିରୋଧରେ ଆସିଥିବା ମହାଭିଯୋଗକୁ ବାଟବଣା କରିବା ଏବଂ ଆସନ୍ତାବର୍ଷ ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପାଇଁ ବାଗ୍‌ଦାଦିଙ୍କୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଟ୍ରମ୍ପ୍ ବ୍ୟବହାର କରିଛନ୍ତି। ଏଭଳି ମାନସିକତା ସହିତ ଭାରତୀୟମାନେ ମଧ୍ୟ ଅତ୍ୟନ୍ତ ପରିଚିତ। ଯୁଦ୍ଧ ଏବଂ ଆତଙ୍କବାଦର ଦ୍ୱାହି ଦେଇ ନିର୍ବାଚନ ଜିତିବା ପାଇଁ ଶାସକ ଗୋଷ୍ଠୀର ଉଦ୍ୟମ ଭାରତରେ ନୂଆ ନୁହେଁ। ସେହିଭଳି ଭାରତୀୟ ପୁସ୍ତକରୁ, ସମ୍ଭବତଃ, ଟ୍ରମ୍ପ୍ ଏକ ପୃଷ୍ଠା ନେଇ ଅଲ୍-ବାଗ୍‌ଦାଦି ନାଟକ ରଚାଇ ପାରିଥାଆନ୍ତି। କିନ୍ତୁ ଯେକୌଣସି ଉଦ୍ଦେଶ୍ୟରେ ହେଉ ପଛେ ବାଗ୍‌ଦାଦିଙ୍କ ମୃତ୍ୟୁ ମଧ୍ୟପ୍ରାଚ୍ୟ ଏବଂ ପଶ୍ଚିମ ଏସିଆର ଭବିଷ୍ୟତକୁ ନିଶ୍ଚିତ ଭାବେ ପ୍ରଭାବିତ କରିବ। ଓସାମା ବିନ୍ ଲାଡେନ୍‌ଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ରକୁ ମଧ୍ୟ ହତ୍ୟା କରାଯାଇଥିଲା ଏବଂ କେତେକ ମହଲରେ ଚିନ୍ତା କରାଯାଉଛି ଯେ, ଅଲ୍-କାଏଦାର ପ୍ରଭାବ ହ୍ରାସ ପାଇଛି। ଅନୁରୂପ ଭାବେ ବାଗ୍‌ଦାଦିଙ୍କ ମୃତ୍ୟୁ ନିଶ୍ଚିତ ଭାବେ ଆଇଏସ୍‌ର କାର୍ଯ୍ୟ ପ୍ରଣାଳୀରେ ଦୁର୍ବଳତା ଆଣିଦେଇପାରେ। ଅନ୍ୟପଟେ ଏହା ମନେରଖିବାକୁ ହେବ ଯେ, ଆଧୁନିକ ପୃଥିବୀର ସଭ୍ୟତା ପ୍ରତି ସବୁଠାରୁ ବଡ଼ ବିପଦ ସୃଷ୍ଟି କରିଛି ଧର୍ମୀୟ ଉଗ୍ରବାଦ। ବାଗ୍‌ଦାଦିଙ୍କ ଅନୁପସ୍ଥିତିରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ପୂରଣ କରିବା ପାଇଁ କିଏ ଆଗେଇ ଆସିବେ ତାହା କହିବା କଷ୍ଟକର। ଅନ୍ୟପଟେ ଆମେରିକା ଚିନ୍ତା କରୁଛି, ତା'ର ସୈନ୍ୟକୁ ମଧ୍ୟପ୍ରାଚ୍ୟ ଓ ପଶ୍ଚିମ ଏସିଆରୁ ପ୍ରତ୍ୟାହାର କରିନେବ । ଯଦି ତାହା ହୁଏ, କେବଳ ଯେ ଆମେରିକା ସହିତ ଥିବା କୁର୍ଦ୍ଦ, ସିରିଆର ଗଣତାନ୍ତ୍ରିକ ଶକ୍ତି ବାଧାପ୍ରାପ୍ତ ହେବ ତାହା ନୁହେଁ, ସମଗ୍ର ପୃଥିବୀ ପାଇଁ କଳାବାଦଲ ଭାବେ ସୃଷ୍ଟି ହୋଇଥିବା ଆତଙ୍କବାଦ ପୁନର୍ବାର ଶକ୍ତିଶାଳୀ ହୋଇ ମୁଣ୍ଡ ଟେକିବାର ଆଶଙ୍କା ବୃଦ୍ଧିପାଇବ।

## ଚିରନ୍ତନୀ

ଅଳପ ଦିନକୁ ଯେଣୁ ଆସିଥିଲି କହି
ବସିଥିବ ମୋ କଣ୍ଟର ଅପେକ୍ଷାରେ ରହି
ନୁଆଇଁ ମୁଖ ମଳିନ
ଗଣୁଥିବ ନିଶି ଦିନ
କି ବାରତା ଏ ପବନ ବହିନେବ ତହିଁ
ଜୀବନ ଦୋସର ଚିର ମୋର ପ୍ରାଣସହୀ।
ଶିଶୁ କଳକଣ୍ଠେ ଭରା ମୋ ଦୀନ କୁଟୀର
ମୋ ବିଚ୍ଛେଦେ ଭଜିଥିବ ବିଷାଦ ଗଭୀର,
ଦୟା ସ୍ନେହର ଆକର
ଦୁଃଖିନୀ ଜନନୀ ମୋର
ମୋ ଲାଗି କି ହେଉଥିବ କାତର ଅଧୀର,
ତୋଷିବ ତାହାକୁ ଏହି ଶୀତର ସମୀର !

(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | | | | E | | | 2 | | | A | | | 3 |
| | | | | | 8 | 7 | | | 3 | | D | E | | |
| | | | 2 | | | | | C | | 6 | | | | |
| | | | | | | B | D | | 9 | | | 8 | | |
| | 4 | | D | | | 0 | | | C | | | | 9 | 7 |
| | E | | | | 7 | 9 | | | 0 | 8 | | | B | |
| | | 9 | | 5 | | 6 | B | | | 4 | C | | | |
| 3 | | | | B | | | | 8 | | | | 9 | | |
| | 0 | 4 | | | | | C | 7 | 6 | | | | | |
| | 8 | D | 9 | | C | 3 | | | 7 | | | A | | |
| 2 | | | | 6 | 5 | | | A | D | | 1 | | 4 | |
| | | 3 | | | | | | | | | | C | | |
| | | | | E | 1 | | 8 | D | | | 0 | 7 | 3 | |
| | A | | | C | | | | | | 2 | | 1 | | |
| | D | 1 | 3 | | | 5 | 2 | | | B | | | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | C | E | 1 | 8 | 9 | 2 | 7 | 4 | 3 | 6 | 0 | A | 5 | B |
| 5 | 2 | 0 | 7 | E | A | 1 | 3 | 8 | 9 | B | D | C | 4 | 6 |
| 9 | A | 8 | 2 | 3 | 6 | B | 5 | C | 1 | 4 | E | D | 7 | 0 |
| 1 | 7 | 6 | B | 4 | D | E | 0 | A | 5 | 8 | C | 2 | 3 | 9 |
| 4 | 3 | B | C | 5 | 0 | D | 6 | 9 | 2 | 7 | A | 1 | 8 | E |
| 7 | 6 | 4 | 9 | 0 | E | 3 | A | 5 | B | 1 | 2 | 8 | C | D |
| 8 | E | 9 | 5 | C | 7 | 0 | 4 | 2 | A | D | 3 | 6 | B | 1 |
| 2 | 0 | 1 | 6 | D | 8 | C | E | B | 4 | 5 | 7 | 9 | A | 3 |
| A | B | 5 | 3 | 2 | 1 | 6 | 8 | D | C | 0 | 9 | 4 | E | 7 |
| 3 | D | C | A | B | 4 | 9 | 1 | 7 | 6 | E | 8 | 0 | 2 | 5 |
| C | 5 | A | D | 7 | 3 | 4 | 9 | 0 | E | 2 | 6 | B | 1 | 8 |
| 6 | 8 | D | E | 1 | 2 | 7 | C | 3 | 0 | A | B | 5 | 9 | 4 |
| B | 4 | 7 | 0 | 6 | 5 | A | 2 | E | 8 | 9 | 1 | 3 | D | C |
| 0 | 9 | 3 | 4 | A | B | 8 | D | 1 | 7 | C | 5 | E | 6 | 2 |
| E | 1 | 2 | 8 | 9 | C | 5 | B | 6 | D | 3 | 4 | 7 | 0 | A |

ରବିବାରର ଉତ୍ତର

# ମନୋହର ଆଲୁଅ



ଡ. ରମେଶ ଚନ୍ଦ୍ର ପରିଡ଼ା

ଉଦିତ ସୂର୍ଯ୍ୟର ମନୋଲୋଭା ରୂପ ମନରେ ଭରି ଦେଇଥାଏ ବିଲୋଳ ଆନନ୍ଦ। ପ୍ରାତଃସ୍ମରଣୀୟ କବି ସଚ୍ଚି ରାଉତରାୟ ସମ୍ଭବତଃ ଏହାକୁ ହିଁ ତାଙ୍କ ଛୋଟ ଗାଁର 'ମନୋହର ଆଲୁଅ' ରୂପେ ବର୍ଣ୍ଣନା କରିଛନ୍ତି- 'ଆଲୁଅ ତା'ର କି ମନୋହର, ଅନ୍ଧକାର ତା'ଠାରୁ ଭଲ..' (ଛୋଟ ମୋର ଗାଁଟି)। ତାହା ମନକୁ ଚାପମୁକ୍ତ କରେ ଏବଂ ତାହାକୁ ପୁନଃନିର୍ମାଣ କରେ ନୂତନ ଆହ୍ୱାନର ସମ୍ମୁଖୀନ ହେବା ପାଇଁ। ଅନ୍ୟପକ୍ଷରେ ଶରୀର ଉପରେ ଏହାର ପ୍ରଭାବ ଅନୁଭୂତ ହୋଇଥାଏ ଅଧିକ ପ୍ରତ୍ୟକ୍ଷ ରୂପେ। କାରଣ ତହିଁରେ ଥିବା ଅଲଟ୍ରାଭାଓଲେଟ ବା ଅତିବାଇଗଣୀ ରଶ୍ମି ଆମ ଚର୍ମ ଉପରେ ପତିତ ହେଲେ ଉତ୍ପନ୍ନ କରିଥାଏ ଭିଟାମିନ୍-ଡି। ଚର୍ବିରେ ଦ୍ରବୀଭୂତ ହେଉଥିବା ଏହି ଭିଟାମିନ୍‌ର ବିଭିନ୍ନ ରୂପ ରହିଛି (ଡି-୧ରୁ ଡି-୫ ଯାଏ) ଏବଂ ସେ ପ୍ରତ୍ୟେକର ଧର୍ମ ଅଳ୍ପବହୁତେ ଭିନ୍ନଭିନ୍ନ। ତେବେ ତନ୍ମଧ୍ୟରୁ ମୁଖ୍ୟ ଦୁଇଟି ହେଲା ଭିଟାମିନ୍-ଡି ୨ ଏବଂ ଡି ୩। ସାଧାରଣ ଭାବେ ଭିଟାମିନ୍-ଡି କହିଲେ ଏହାକୁ ହିଁ ବୁଝାଇଥାଏ। ଅନ୍ୟାନ୍ୟ ଭିଟାମିନ୍, ଖଣିଜ ପୁଷ୍ଟିକ ଏବଂ ଜୀବରସ ବା ହରମୋନ ସହଯୋଗରେ ଡି-୩ ଆମ ହାଡର ଧାତବାୟନ କରେ ଓ ତାହାକୁ ଶକ୍ତ କରେ।

ବିବର୍ତ୍ତନ ଫଳରେ ଆଜକୁ ପ୍ରାୟ ୪୦୦ ନିୟୁତ ବର୍ଷ ପୂର୍ବେ ମେରୁଦଣ୍ଡୀ ପ୍ରାଣୀମାନଙ୍କର ଆବିର୍ଭାବ ଘଟିଲା। ପ୍ରାଗୈତିହାସିକ ଯୁଗର ଏକକୋଷୀ ପ୍ରାଣୀମାନେ ତାଙ୍କ ପରିବେଶରୁ କ୍ୟାଲସିୟମ୍ ପ୍ରାପ୍ତ ହେଉଥିଲେ। କିନ୍ତୁ ଯେତେବେଳେ ବହୁକୋଷୀ ପ୍ରାଣୀର ବିକାଶ ଘଟିଲା ଏବଂ ସେମାନେ ସମୁଦ୍ରଠାରୁ ଦୂରକୁ ଗଲେ ତାଙ୍କର ଶକ୍ତ ଏବଂ ଚଳତ୍‌ଶକ୍ତିସମ୍ପନ୍ନ ଏକ ଆଭ୍ୟନ୍ତରୀଣ କଙ୍କାଳର ଆବଶ୍ୟତା ପଡ଼ିଲା। ଫଳରେ ମେରୁଦଣ୍ଡୀ ପ୍ରାଣୀମାନଙ୍କ ଅଭ୍ୟୁଦୟ ଘଟିଲା ଏବଂ ଏଥିରେ ଭିଟାମିନ୍-ଡି ଓ ପାରାଥୋର୍‌ମୋନ୍ ପ୍ରମୁଖ ହରମୋନ୍ ରୂପେ ଜୀବକୋଷ ବାହାରେ ଥିବା କ୍ୟାଲସିୟମ୍ ତଥା ଫସ୍‌ଫରସ୍ ସମାସ୍ଥିତି (ହୋମିଓଷ୍ଟେସିସ୍)କୁ ନିୟନ୍ତ୍ରଣ କଲେ। ସେହିକାଳରୁ ଏହି ଭିଟାମିନ୍ ମେରୁଦଣ୍ଡୀ ପ୍ରାଣୀମାନଙ୍କ ଜୀବନ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି।

ହାଡ଼ ତିଆରି ପାଇଁ ଭିଟାମିନ୍-ଡି, କ୍ୟାଲ୍‌ସିୟମ୍ ଏବଂ ଫସଫରସ୍ ଅତ୍ୟାବଶ୍ୟକ। ଏହି ଭିଟାମିନ୍‌ର ଅଭାବରେ ପ୍ରାପ୍ତବୟସ୍କଙ୍କଠାରେ ହାଡ଼ ପାପରା ହେବା ଓ ତାହା ଭାଙ୍ଗିଯିବା ଏବଂ ପିଲାମାନଙ୍କଠାରେ ରିକେଟ୍ ଭଳି ରୋଗର କାରଣ ହୋଇଥାଏ। ବିଶେଷକରି ବୟସ୍କ ଲୋକଙ୍କଠାରେ ଏବଂ ମହିଳାମାନଙ୍କ ରତୁବିରତି ପରେ ହାଡ଼ ପାପରା ସମସ୍ୟା ଅଧିକ ଜଟିଳ ହୋଇଥାଏ। ତେବେ ଏହା ଆହୁରି ଅନେକ ଘାତକ ରୋଗର ମଧ୍ୟ କାରଣ ହୋଇପାରେ। ସେଗୁଡ଼ିକ ଭିତରେ ଅଛି ପୌରୁଷଗ୍ରନ୍ଥି, ସ୍ତନ୍ୟ, ମଳଦ୍ୱାର ତଥା ଅନ୍ୟାନ୍ୟ କର୍କଟ ରୋଗ। ଭିଟାମିନ୍-ଡି କର୍କଟ ରୋଗ କୋଷିକାଗୁଡ଼ିକୁ ବଂଶବୃଦ୍ଧି କରିବାକୁ ଏବଂ ବଢ଼ିବାକୁ ଦିଏନାହିଁ। ସେହିପରି ଏହାର ଅଭାବ ମାନସିକ ଚାପକୁ ଦ୍ୱିଗୁଣିତ କରିବା ସଙ୍ଗେ ସଙ୍ଗେ ବାର୍ଦ୍ଧକ୍ୟଜନିତ ସ୍ମୃତିଶକ୍ତିହୀନତା ଏବଂ ଆଲ୍‌ଝିମର୍ସ୍ ରୋଗର ସମ୍ଭାବନାକୁ ୧୨୫ ଶତାଂଶ ବୃଦ୍ଧିକରେ। ହୃଦ୍‌ଘାତ ବିଖଣ୍ଡିତ ମନସ୍କତା (ସିଜୋଫେନିଆ), ଚର୍ମରୋଗ-ସୋରିଆସିସ୍, ଉଚ୍ଚ ରକ୍ତଚାପ ଆଦି ରୋଗ ମଧ୍ୟ ଏଥିସହିତ ସମ୍ପୃକ୍ତ ହେବାର ଜଣାପଡ଼ିଲାଣି।

ଆମେରିକାର ନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ (୨୦୧୭) ଅନୁସାରେ ଭିଟାମିନ୍-ଡି ଆମ ଜୀବକୋଷ ଭିତରେ ଏବଂ ବାହାରେ ରୋଗପ୍ରତିରୋଧକ ଶକ୍ତିକୁ ନିୟନ୍ତ୍ରଣ କରୁଥିବା ହରମୋନ୍ 'କାଲ୍‌ସିଟ୍ରାଇଅଲ୍'ର ପୁରୋଗାମୀ (ଏଥିରୁ ତାହା ସୃଷ୍ଟି ହୁଏ), ଯାହାକି ଆମକୁ ସନ୍ଧିପ୍ରଦାହ, ଶିରା ଓ ଧମନୀରେ ବାହିକା ରୋଗ, ମଧୁମେହ ଭଳି ସ୍ୱନିର୍ବେଶ୍ୟ (ଅଟୋଇମ୍ୟୁନ୍) ରୋଗରୁ ସୁରକ୍ଷା ପ୍ରଦାନ କରେ। ଏହାର ଅଭାବ ହୃଦ୍‌ସଘାତ, ୧୭ ପ୍ରକାର କର୍କଟ ରୋଗ, ବିବିଧ ସ୍ନାୟୁ-ମନସ୍ତାତ୍ତ୍ୱିକ ସମସ୍ୟା, ମାଂସପେଶୀ ବିନଷ୍ଟ, ଦୁର୍ବଳତା, ଫ୍ଲୋରୋସିସ୍, ଦୀର୍ଘକାଳୀନ ଯନ୍ତ୍ରଣା, ଜନ୍ମଗତ ଅସଙ୍ଗତି ଭଳି ରୋଗର କାରଣ ମଧ୍ୟ ହୋଇପାରେ। ଫଳରେ ଆୟୁକ୍ଷୟ ଘଟେ।

ଜଣେ ବ୍ୟକ୍ତିର ରକ୍ତ ଲସିକାରେ ଭିଟାମିନ୍-ଡି୩ ମାପିବା ଦ୍ୱାରା ତା'ଠାରେ ଏହାର ସ୍ଥିତି ଜଣାପଡ଼େ। ତେବେ ତହିଁରେ ଏହାର ପରିମାଣ ବ୍ୟକ୍ତିରୁ ବ୍ୟକ୍ତି ଭିତରେ ଭିନ୍ନ ଭିନ୍ନ ହୋଇଥାଏ। କାରଣ ଆମ ଖାଦ୍ୟ, ପୋଷାକ, ବାସ କରୁଥିବା ଭୌଗୋଳିକ ସ୍ଥାନ, ଚର୍ମର ରଙ୍ଗ, ବୃତ୍ତି, ସ୍ୱାସ୍ଥ୍ୟ, ଜଳବାୟୁ ଉପରେ ଏହା ନିର୍ଭରଶୀଳ। ତେବେ ମୋଟାମୋଟି ଭାବେ ଆମେ ଏହା ଦିନକୁ ୪୦୦ 'ଆନ୍ତର୍ଜାତିକ ଏକକ' ପରିମାଣରେ ଆବଶ୍ୟକ କରୁ। ଅନ୍ୟପକ୍ଷରେ ବିଛଣାରେ ପଡ଼ି ରହିଥିବା ରୋଗୀ ଏବଂ ଦିନର ଅଧିକାଂଶ ସମୟ ଛାଇରେ କଟାଉଥିବା ଲୋକେ ଯଥେଷ୍ଟ ସୂର୍ଯ୍ୟାଲୋକ ପାଉ ନ ଥିବାରୁ ସେମାନଙ୍କର ଏହା ଅଧିକ ଦରକାର। ତେଣୁ ଏହାର ଏକ ସାର୍ବଜନୀନ ମାନକ ମୂଲ୍ୟ ସ୍ଥିର କରିବା ସମ୍ଭବ ନୁହେଁ। ତଥାପି ରକ୍ତରେ ଭିଟାମିନ୍-ଡି୩ର ମାତ୍ରା ମିଲିଲିଟର ପ୍ରତି ୧୦ଗ୍ରାମରୁ କମ୍ ହେବା ଦ୍ୱାରା ନାନାପ୍ରକାର ଶାରୀରିକ ଅସ୍ୱାଭାବିକତାର ସୂଚନା ଦିଏ।

ବିଗତ କିଛିବର୍ଷ ତଳେ (୨୦୦୮ ମସିହା) ଚେନ୍ନାଇସ୍ଥିତ ଆପୋଲୋ ହସ୍ପିଟାଲର ଡାକ୍ତର ବିଜୟ କୁମାରଙ୍କ ମାର୍ଗଦର୍ଶନରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ, ଅଧିକାଂଶ ସମୟ କମ୍ପ୍ୟୁଟରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମଧ୍ୟରେ ଅଣ୍ଟା, ହାତ ଓ ବେକରେ ଅଧିକ ଯନ୍ତ୍ରଣା ହେବା ମୂଳରେ ରହିଛି ଭିଟାବିନ-ଡି'ର ଅଭାବ। ସେମାନଙ୍କୁ ଅଧିକାଂଶ ସମୟ ଘରଭିତରେ କଟାଇବାକୁ ପଡ଼େ। ଏଣୁ ତାଙ୍କର ସୂର୍ଯ୍ୟାଲୋକକୁ ଉନ୍ମୁକ୍ତ ହେବାର ସମ୍ଭାବନା କମ୍। ମୁଖ୍ୟତଃ ଏ ଅସୁବିଧାର ସମ୍ମୁଖୀନ ହେଉଥିବା ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଗର୍ଭବତୀ ମହିଳା, ରତୁବିରତି ହୋଇଥିବା ମଧ୍ୟମ ଆୟବର୍ଗ ପରିବାରର ଗୃହପତ୍ନୀ, ବୟସ୍କ ଲୋକେ ଏବଂ ଘର ମଧ୍ୟରେ ଆବଦ୍ଧ ରହୁଥିବା କର୍କଟ ରୋଗୀ। ଏମାନଙ୍କ ମଧ୍ୟରୁ ୮୦ ପ୍ରତିଶତଙ୍କଠାରେ ଭିଟାମିନ୍-ଡି ଅଳ୍ପବହୁତେ କମ୍ ଥିବାର ଦେଖାଯାଇଛି। ସାଧାରଣ ଭାବେ ବର୍ତ୍ତମାନ ସମଗ୍ର ବିଶ୍ୱର ୩୦ରୁ ୪୦ ପ୍ରତିଶତ ଲୋକଙ୍କଠାରେ ଏ ସମସ୍ୟା ପରିଲକ୍ଷିତ ହେଉଛି। ସୂର୍ଯ୍ୟକିରଣକୁ ଉନ୍ମୁକ୍ତ ହେବାର ସୁଯୋଗ ନ ଥିବା ଜୀବନଶୈଳୀ ମୁଖ୍ୟତଃ ଏଥିପାଇଁ ଦାୟୀ। ଏହାକୁ ଏବେ କୁହାଯାଉଛି 'ଭିଟାମିନ୍-ଡି ଅଭାବଜନିତ ମହାମାରୀ'।

ଆଜିକାଲି ଆମ ଶରୀରରେ ଏହାର ଅଭାବ ପୂରଣ ଲାଗି ଗଣମାଧ୍ୟମରେ ହେଉଥିବା ପ୍ରଚାର ଦ୍ୱାରା ପ୍ରଭାବିତ ହୋଇ ଅବିଚାରିତ ଭାବେ ଆମେ ନାନାଦି ପରିପୂରକ ଔଷଧ ବା ଖାଦ୍ୟ ଖାଉଛୁ। ଏହା ଆମ ଶରୀରରେ ତାହାର ମାତ୍ରା ବୃଦ୍ଧି ଘଟାଇପାରେ। ତେବେ ତାହା ମଧ୍ୟ କ୍ଷତିକାରକ। ଏଣୁ ସେଗୁଡ଼ିକ ପରିବର୍ତ୍ତେ ଏହା ଯଥେଷ୍ଟ ଥିବା କଡ୍‌ଲିଭର୍ ତେଲ ଏବଂ ସାଲ୍‌ମୋନ୍ କୋଚିଆ, ମାକେରେଲ୍, ସାରଡିନ୍ ଭଳି ସାମୁଦ୍ରିକ ମାଛ ତଥା କଲିଜା, ଅଣ୍ଡା, କ୍ଷୀର, ସଜନାପତ୍ର ଆଦି ପ୍ରାକୃତିକ ଖାଦ୍ୟ ଅଧିକ ଉପାଦେୟ। ଡାକ୍ତରମାନଙ୍କ ମତରେ ଆମେ ପ୍ରତିଦିନ ସକ୍ରିୟ ହରମୋନ୍ କାଲ୍‌ସିଟ୍ରାଇଅଲ୍ ବଟିକାଟିଏ ଅପେକ୍ଷା କଡ୍‌ଲିଭର୍ ତେଲର କ୍ୟାପ୍‌ସୁଲଟିଏ ଖାଇବା ଅଧିକ ନିରାପଦ। ତେବେ ସବୁଠାରୁ ନିରାପଦ ଓ ଲାଭଜନକ ହେଲା ଦିନକୁ ବିଶେଷକରି ସକାଳର ସୂର୍ଯ୍ୟଙ୍କ 'ମନୋହର ଆଲୁଅ' ଭିତରେ ଅନ୍ତତଃ ଘଣ୍ଟାଟିଏ କଟାଇବା।

ଜହ୍ନ ଆଲୁଅ ମଧ୍ୟ ମନୋହର। ତେବେ ତାହା ହେଲା ସୂର୍ଯ୍ୟାଲୋକର ପ୍ରତିଫଳନ। ସେଥିରେ ଭିଟାମିନ୍-ଡି ତିଆରି କଲା ଭଳି ଅଲଟ୍ରାଭାଓଲେଟ୍-ବି ରଶ୍ମି ପ୍ରାୟତଃ ନ ଥାଏ। ସେହିପରି ସାଧାରଣ ବିଜୁଳିବତିର ଆଲୁଅର ବି ଏ ଗୁଣ ନାହିଁ। ଏସବୁର ମନକୁ ହରଣ କଲାଭଳି ରୂପ ଥାଇପାରେ କିନ୍ତୁ ଦେହ ଓ ମନକୁ ସୁସ୍ଥ ରଖିବାର ଗୁଣ ନାହିଁ।

ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

# ଆଶ୍ରୟସ୍ଥଳୀ ପରିଚାଳନାରେ ସହଭାଗିତା



ଶୁଭନାରାୟଣ ଶତପଥୀ

ମହାବତ୍ୟାର ଅନୁଭୂତିକୁ କୋଡ଼ିଏ ବର୍ଷ ହୋଇଥିଲେ ମଧ୍ୟ ୧୯୯୯ ଅକ୍ଟୋବର ୨୯ ତାରିଖରେ ପ୍ରକୃତିର ଭୟଙ୍କର ରୂପ ଏବେ ବି ଆଖି ଆଗରେ ନାଚି ଉଠେ। ଭୂଇଁରେ ଲୋଟି ଯାଉଥିବା ମହାଦ୍ରୁମ, ଉଡ଼ିଯାଉଥିବା ଛପର, ବୁଡ଼ି ଯାଉଥିବା ମଣିଷ, ସାଗରର ବିଶାଳ ଢେଉକୁ ଭୁଲିପାରି ନାହାନ୍ତି ଜନସାଧାରଣ। ଅନୁଷ୍ଠାନ, ସରକାର ଏହାର ଭୟାବହତାକୁ ଉପଲବ୍ଧି କରି ପ୍ରତିବର୍ଷ ପ୍ରସ୍ତୁତି ଓ ସମୀକ୍ଷା କରନ୍ତି ବିପର୍ଯ୍ୟୟ ପରିଚାଳନା ଯୋଜନାର। କାରଣ ଓଡ଼ିଶାର ୪୮୦କି.ମି. ବ୍ୟାପୀ ସୁଦୀର୍ଘ ଉପକୂଳ ହେଉଛି ବାତ୍ୟାପ୍ରବଣ। ମହାବାତ୍ୟା ରଚିଯାଇଥିବା ତାଣ୍ଡବରୁ ଶିକ୍ଷାଲାଭ କରି ବିପର୍ଯ୍ୟୟ ପରିଚାଳନା ଯୋଜନାର ଏକ ଅଂଶସ୍ୱରୂପ ଆଶ୍ରୟସ୍ଥଳୀ ପରିଚାଳନା ଓ ତତ୍‌ସମ୍ପର୍କୀୟ କାର୍ଯ୍ୟର ରୂପରେଖ ପ୍ରସ୍ତୁତ କରିବାକୁ ସମସ୍ତେ ଆଗଭର। କାରଣ ଆଶ୍ରୟସ୍ଥଳୀ ହେଉଛି ପ୍ରକୃଷ୍ଟ ସ୍ଥଳ ଯାହା ସଂଲଗ୍ନ ଗ୍ରାମଗୁଡ଼ିକର ଅଧିବାସୀ ଏକାଠି ହୁଅନ୍ତି ନିଜର ସମ୍ବଳ ଓ ଦୁର୍ବଳ ସ୍ଥିତିର ସମୀକ୍ଷା କରିବାକୁ। ମହାବାତ୍ୟାର ଅଭିଜ୍ଞତାରୁ ଜନ୍ମଲାଭ କରିଥିବା ଆଶ୍ରୟସ୍ଥଳୀ ଓ ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପୃକ୍ତ ଗ୍ରାମପଞ୍ଚାୟତ ତଥା ସ୍ଥାନୀୟ ବାସିନ୍ଦାଙ୍କ ଉପରେ ନ୍ୟସ୍ତ। ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ କମିଟି ମଧ୍ୟ ଗଠନ କରାଯାଇଛି। ଏଥିରେ ସ୍ଥାନୀୟ ଡାକ୍ତରଖାନା ଓ ପଞ୍ଚାୟତର ପ୍ରତିନିଧି, ଅଙ୍ଗନୱାଡ଼ି କର୍ମୀ, ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀ, ଏନ୍‌ଜିଓ କର୍ମୀ ଆଦି ସଦସ୍ୟ ରହିଛନ୍ତି। ସ୍ଥାନୀୟ ସରପଞ୍ଚ ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି।

ଓଡ଼ିଶାର ବାତ୍ୟା ଓ ବନ୍ୟାପ୍ରବଣ ଜିଲାଗୁଡ଼ିକରେ ଧନଜୀବନର ସୁରକ୍ଷା ପାଇଁ ଅଦ୍ୟାବଧି ୮୦୦ରୁ ଊର୍ଦ୍ଧ୍ୱ ବାତ୍ୟା ଓ ବନ୍ୟା ନିରୋଧୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି, ଯାହାକୁ ବିପର୍ଯ୍ୟୟ ସମୟ ବ୍ୟତୀତ ବହୁମୁଖୀ କାର୍ଯ୍ୟରେ ବ୍ୟବହାର କରାଯିବା ପାଇଁ ପରିକଳ୍ପନା କରାଯାଇଛି। ତେବେ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ଅନ୍ତରୀଣ ଗ୍ରାମସମୂହକୁ ନେଇ ପଚାଶରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନର ସହଭାଗିତାରେ ଜରୁରୀ ପରିସ୍ଥିତିର ମୁକାବିଲା ଉଦ୍ଦେଶ୍ୟରେ ଉଦ୍ଧାରକାର୍ଯ୍ୟ, ପ୍ରାଥମିକ ଚିକିତ୍ସା, ପରାମର୍ଶ ଆଦି ପାଇଁ ଦଳଗଠନ ଓ ତାଲିମ ବ୍ୟବସ୍ଥା ହୋଇଛି। ସେଠାରେ ପ୍ରତିବର୍ଷ ମକ୍‌ଡ୍ରିଲ ମଧ୍ୟ କରାଯାଏ। ଏହା ବ୍ୟତୀତ ଉକ୍ତ ଆଶ୍ରୟସ୍ଥଳୀଗୁଡ଼ିକରେ ୪୦ରୁ ଊର୍ଦ୍ଧ୍ୱ ପ୍ରକାରର ଜରୁରିକାଳୀନ ଆବଶ୍ୟକତା ଯଥା: ଦଉଡ଼ି, ଜରି, ରନ୍ଧାଖାଦ୍ୟ ପାଇଁ ବାସନକୁସନ, ଲାଇଟ୍, ଫ୍ୟାନ, ଜେନେରେଟର, ପ୍ରାଥମିକ ଚିକିତ୍ସା ବାକ୍ସ ଆଦି ଯୋଗାଇ ଦିଆଯାଇଛି, ଯାହା ଦୁର୍ବିପାକ ସମୟରେ ଲୋକଙ୍କ କାର୍ଯ୍ୟରେ ଆସିବ। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ସ୍ଥାନୀୟ ବାସିନ୍ଦାଙ୍କ ଚଳପ୍ରଚଳ ଏବଂ ଆସବାବପତ୍ରର ବ୍ୟବହାର ସହିତ ଉକ୍ତ ଆଶ୍ରୟସ୍ଥଳୀ ପାଇଁ ସମ୍ବଳ ସୃଷ୍ଟିକଲେ ଏହା ଜରୁରୀ ପରିସ୍ଥିତି ବେଳକୁ ବ୍ୟବହାର ଉପଯୋଗୀ ହୋଇ ରହିଥିବ। ନଚେତ୍ ଦରକାରୀ ଜିନିଷ ଦରକାର ବେଳକୁ ଅକାମୀ ହୋଇସାରିଥିବ।

ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନଙ୍କ ମଧ୍ୟରେ ଯେଉଁମାନେ ଉଚ୍ଚଶିକ୍ଷିତ, କର୍ମଠ ଓ କୁଶଳୀ ସେମାନଙ୍କ ମଧ୍ୟରୁ ଅଧିକାଂଶ ରୋଜଗାର ଅନ୍ୱେଷଣରେ ବାହାରକୁ ଚାଲିଗଲା ପରେ ଯେଉଁମାନେ ରହୁଛନ୍ତି ସେମାନଙ୍କର ଦକ୍ଷତା ବୃଦ୍ଧି କରି ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ କିପରି କରାହେବ ତାହା ସମ୍ପୃକ୍ତ ସରପଞ୍ଚଙ୍କ ଉପରେ ନିର୍ଭର କରେ। ତେବେ ଏମିତି କିଛି ସ୍ଥାନୀୟ ଲୋକ ଅଛନ୍ତି, ଯେଉଁମାନେ ଦୃଷ୍ଟି ଆଢୁଆଳରେ ଆଶ୍ରୟସ୍ଥଳୀର ବିଦ୍ୟୁତ୍ ତାର, ବଲ୍‌ବ, ସୁଇଚ୍ ଆଦି ଅନ୍ୟାନ୍ୟ ଉପକରଣ ଚୋରାଇ ନେବାକୁ ଭୁଲନ୍ତି ନାହିଁ। ଫଳରେ ଜରୁରୀ ସମୟରେ ଏସବୁ ଜିନିଷ କାମରେ ଲାଗିପାରି ନ ଥାଏ। ତା'ଛଡା ସ୍ଥାନୀୟ ଉଦ୍ୟୋକ୍ତା, ଉଚ୍ଚଶିକ୍ଷିତ ବ୍ୟକ୍ତିସମୂହଙ୍କ ଲକ୍ଷ୍ୟ ଆଶ୍ରୟସ୍ଥଳୀ ଉପରେ କେନ୍ଦ୍ରୀଭୂତ ନ ହେବା କାରଣରୁ ସେଠାରେ ଧନ୍ଦାମୂଳକ ଶିକ୍ଷା, ଟ୍ୟୁଶନ ସେଣ୍ଟର, ବିବାହ, ବ୍ରତ ଆଦି କାର୍ଯ୍ୟ ଆଖିଦୃଶିଆ ରୂପେ କରାଯାଇ ପାରୁନାହିଁ। ଫଳରେ ଆଶ୍ରୟସ୍ଥଳୀ ତା'ର ରକ୍ଷଣାବେକ୍ଷଣ ନିମନ୍ତେ ଏକ ବଡ଼ ସମ୍ବଳ ହରାଉଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏଣୁ ଏହି ଆଶ୍ରୟସ୍ଥଳୀରେ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍ୱୟଂସହାୟକ ଗୋଷ୍ଠୀ ଓ ଯୁବକ ସଂଘର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଓଡ଼ିଶାର ଉପକୂଳ ଅଞ୍ଚଳର ଅଧିବାସୀମାନେ ଗୋଟିଏ ପରେ ଗୋଟିଏ ବାତ୍ୟାର ସାମ୍ନା କରି ଆସୁଛନ୍ତି। ଆମକୁ ବାତ୍ୟାର ପ୍ରଭାବକୁ ହ୍ରାସ କରିବାକୁ ଅନେକ ପଦକ୍ଷେପ ନେବାକୁ ପଡ଼ିବ। ସେଥିପାଇଁ ଆଶ୍ରୟସ୍ଥଳୀ ପରିଚାଳନା କମିଟିରେ ପଞ୍ଜୀକରଣ ସହିତ ସ୍ଥାନୀୟ ଅଞ୍ଚଳର ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ସାମାଜିକ ଓ ସାଂସ୍କୃତିକ ବିକାଶ ପାଇଁ ସରକାରୀ ଓ ବେସରକାରୀ ସହାୟତା କ୍ରମେ ପାଣ୍ଠି ଯୋଗାଇଦେଲେ ଏହା ସ୍ଥାନୀୟ ମାନବସମ୍ବଳକୁ ଧରି ରଖିପାରନ୍ତା ଓ ସେମାନଙ୍କୁ ରୋଜଗାର ଯୋଗାଇପାରନ୍ତା। ଏହି ସହଭାଗିତା ସୃଷ୍ଟି କରିବ ସାମଗ୍ରିକ ବିକାଶର ସୁଯୋଗ ଓ ଏହି ବିକାଶର ପ୍ରାଣକେନ୍ଦ୍ର ପାଲଟିବ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ। ଏହାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ ହେଲେ ହୁଏତ ବାତ୍ୟା ଆଶ୍ରୟସ୍ଥଳୀ ସଦା ପ୍ରସ୍ତୁତ ହୋଇ ରହିଥିବ। ଏହା ନିଶ୍ଚିତ ଯେ, ଯେତେବେଳେ ବାତ୍ୟା, ବନ୍ୟା ଭଳି ଦୁର୍ବିପାକ ମାଡ଼ିଆସେ ସେତେବେଳେ ନିଜ ଘରଠାରୁ ଏହି ଆଶ୍ରୟସ୍ଥଳୀ ବେଶି ସୁରକ୍ଷିତ ମନେହୁଏ। ଏଣୁ ଯେଉଁଭଳି ଆମେ ନିଜ ଘରକୁ ସୁରକ୍ଷିତ ରଖିବା ପାଇଁ ଧୂଳି ଜମିବାକୁ ନ ଦେବା ସହ ଟିକେ ଖଣ୍ଡିଆଖାବରା ହେଲେ ମରାମତି କରୁ ସେହିଭଳି ଆଶ୍ରୟସ୍ଥଳୀକୁ ସୁରକ୍ଷିତ ରଖିପାରିଲେ ଏହା ଜରୁରୀ ସ୍ଥିତିରେ ଧନଜୀବନର ସୁରକ୍ଷା କରିପାରିବ । ନଚେତ୍ ଅବହେଳାର ଶିକାର ହୋଇ ଲକ୍ଷାଧିକ ଅର୍ଥ ବ୍ୟୟରେ ନିର୍ମିତ ଏହି ଆଶ୍ରୟସ୍ଥଳୀଗୁଡ଼ିକ ଭୂତକୋଠିରେ ପରିଣତ ହେବା ସାର ହେବ। ଆଉ ବିପତ୍ତି ସମୟରେ ସ୍ଥାନୀୟ ଲୋକଙ୍କ ଆଶ୍ରୟର ଆଶା ମଉଳିଯିବ ଓ ମଣିଷ ଝଡ଼ର ଗର୍ଜନରେ ହଜିଯାଇଥିବ। ବେଳହୁଁ ସତର୍କ ହୋଇ ପଦକ୍ଷେପ ନେଲେ ବିପର୍ଯ୍ୟୟ ସହ ଅନେକ ସମସ୍ୟାର ଦୀର୍ଘ ଓ ସ୍ଥାୟୀ ସମାଧାନ ହୋଇପାରିବ।

ବିଜିପୁର, ବ୍ରହ୍ମଗିରି, ପୁରୀ,
ମୋ-୯୪୩୮୪୩୨୦୨୩

## ଏଇ ଭାରତରେ

'ଈଶ୍ୱରଙ୍କ ସଂସାରରେ କୌଣସି ଜିନିଷର ଅଭାବ ନାହିଁ, ଖୋଜିଲେ କୋହିନୂର ମଧ୍ୟ ମିଳିଯାଏ। ନିଜ ଲକ୍ଷ୍ୟ ପଥରେ ପହଞ୍ଚିବା ପାଇଁ ଅନ୍ଧାରରେ ଚାଲୁଥିବା ବ୍ୟକ୍ତିଙ୍କୁ ବି ଈଶ୍ୱର ଆଲୋକର ବାଟ ଦେଖାଇ ଦିଅନ୍ତି।' ଏହି ଉକ୍ତିକୁ ସାକାର କରିଛନ୍ତି ଛତିଶଗଡ଼ର ରାୟପୁରସ୍ଥିତ ପ୍ରାଥମିକ ସ୍କୁଲର ଜଣେ ଶିକ୍ଷୟିତ୍ରୀ ନନ୍ଦା ଦେଶମୁଖ୍। ଯେଉଁ ପିଲାମାନେ ପାଠଠାରୁ ଦୂରକୁ ଚାଲି ଯାଉଛନ୍ତି ସେମାନଙ୍କୁ ସେ ଖୋଜି ଆଣି ପଢାଉଛନ୍ତି। ଭିକ୍ଷାବୃତ୍ତି କିମ୍ବା ଅନ୍ୟ କାର୍ଯ୍ୟରେ ଲିପ୍ତ ପିଲାମାନଙ୍କୁ ନନ୍ଦା ଶିକ୍ଷାଦାନ କରୁଛନ୍ତି। ରାୟପୁରର ସପେରା ବସ୍ତିରେ ରହୁଥିବା ଏଭଳି ପିଲାମାନଙ୍କ ପାଇଁ ସେ ପାଲଟିଯାଇଛନ୍ତି ଶିକ୍ଷାର ବର୍ତ୍ତିକା। ଏହି ବସ୍ତିର ଲୋକମାନେ ସାପ ଖେଳ ପ୍ରଦର୍ଶନ କରିଥାନ୍ତି। ପିଲାମାନେ ନ ପଢ଼ି ଭିକ୍ଷାବୃତ୍ତି କରନ୍ତି। ଏହାସହ ସେମାନେ ନିଶାସେବନ ମଧ୍ୟ କରନ୍ତି। ମାତା-ପିତା ପିଲାମାନଙ୍କ ନାମ ସ୍କୁଲରେ ଲେଖାଇଦିଅନ୍ତି ସତ, କିନ୍ତୁ ସେମାନେ ସ୍କୁଲ ଯିବାର ନାଁ ଧରନ୍ତି ନାହିଁ କି ଅଭିଭାବକମାନେ ଏଥିପ୍ରତି ଗୁରୁତ୍ୱ ଦିଅନ୍ତିନି। ପ୍ରଥମେ ନନ୍ଦା ସ୍କୁଲ୍‌ରେ ଯୋଗଦେବା ପରେ ପିଲାମାନେ ସ୍କୁଲ୍ ଆସୁ ନ ଥିବାର ଦେଖି ସେମାନଙ୍କୁ ଖୋଜି ସ୍କୁଲ୍‌କୁ ଆଣିବା ପାଇଁ ସକ୍ଷମ ହୋଇଛନ୍ତି। ପିଲାମାନେ ସ୍କୁଲରୁ ଯିବାପରେ ମଧ୍ୟ ନନ୍ଦା ସେମାନଙ୍କ ଘରେ ପହଞ୍ଚି ପୁଣି ସେମାନଙ୍କୁ ପଢ଼ାଉଛନ୍ତି। ପିଲାମାନଙ୍କୁ ଶିକ୍ଷିତ କରାଇବା ସହ ସେମାନଙ୍କ ଅଭିଭାବକଙ୍କୁ ମଧ୍ୟ ସାକ୍ଷର କରାଉଛନ୍ତି। ତାଙ୍କର ଏପରି ଉଦ୍ୟମ ଯୋଗୁ ବସ୍ତିର ପ୍ରାୟ ୯୦ ପ୍ରତିଶତ ପିଲା ଏବେ ଭିକ୍ଷାବୃତ୍ତିରୁ ମୁକ୍ତ ହୋଇପାରିଛନ୍ତି। ଯେଉଁ ପିଲାମାନେ ନିଶାସେବନରେ ଲିପ୍ତ ରହୁଥିଲେ ସେମାନେ ତା'ଠାରୁ ଦୂରେଇ ଯାଇଛନ୍ତି। ଯେଉଁ ଅଭିଭାବକମାନେ ପିଲାଙ୍କୁ ପଢ଼ାଇବା ପାଇଁ ନାରାଜ ହେଉଥିଲେ ସେମାନେ ପିଲାମାନଙ୍କୁ ଏବେ ସ୍କୁଲ୍‌କୁ ପଠାଉଛନ୍ତି। ପୂରା ବସ୍ତିର ଲୋକମାନଙ୍କ ସହ ପିଲାମାନଙ୍କୁ ସ୍ୱଚ୍ଛତା ସମ୍ବନ୍ଧରେ ଅବଗତ କରୁଛନ୍ତି ନନ୍ଦା। ଏବେ ପିଲାମାନେ ପୂରା ସଫାସୁତୁରା ହୋଇ ସ୍କୁଲ ଆସୁଛନ୍ତି। ନନ୍ଦାଙ୍କର ଏପରି କାର୍ଯ୍ୟକୁ ସବୁଆଡ଼େ ପ୍ରଶଂସା କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅକ୍ଟୋବର ୧୯୯୪

- ଶ୍ରୀଲଙ୍କାର ମୁଖ୍ୟ ବିରୋଧୀ ଦଳ ୟୁ.ଏନ.ପି.ର ନୂଆ ନେତା ଭାବେ ରନିଲ ୱିକ୍ରମ ସଂଘେ ମନୋନୀତ।
- ଉତ୍ତରାଖଣ୍ଡ ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଅତ୍ୟାଚାରର ସିବିଆଇ ତଦନ୍ତ ପାଇଁ ଆଲ୍ଲାହାବାଦ ହାଇକୋର୍ଟର ରାୟ ଉପରେ ରହିତାଦେଶ ଜାରି କରିବା ସକାଶେ ଏକ ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ୟାସ୍ ଚୁଲାରେ ସୁବିଧା ଯେତିକି ବିପଦ ସେତିକି

ମହାଶୟ,

ଗାଁ ଗହଳିରେ କାଠଚୁଲି ଆଉ ଲାଗୁନାହିଁ। କୋଇଲା ଚୁଲି ବି ଲାଗୁନି। ବର୍ତ୍ତମାନ ଘରେ ଘରେ ଗ୍ୟାସ୍ ଚୁଲା। ଗ୍ରାହକମାନେ ଯେତେ ଗ୍ୟାସ୍ ଆଣୁଛନ୍ତି ସେତେ ନିଅଣ୍ଟ। ବିତରକ ଅଫିସରୁ ଲୋକମାନେ ଗ୍ୟାସ୍ ନ ପାଇ ଫେରୁଛନ୍ତି। ଗ୍ୟାସ୍ ଚୁଲାରେ ପାକକ୍ରିୟା ଶୀଘ୍ର ହୋଇଯାଉଛି। ମୁଁ ଆଜକୁ ଦଶବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଗ୍ୟାସ୍ ଚୁଲା ବ୍ୟବହାର କରିଆସୁଛି। ଭାରି ଭୟ ଲାଗେ। ଗ୍ୟାସ୍ ଚୁଲା ବଡ ସାବଧାନ ସହକାରେ ବ୍ୟବହାର କରିବାକୁ ପଡ଼େ। ସମସ୍ତେ ଗ୍ୟାସ୍ ଚୁଲା ସାବଧାନରେ ବ୍ୟବହାର କରିବା ଉଚିତ। ବ୍ୟବସାୟୀମାନେ ଗ୍ୟାସ୍‌କୁ କିପରି ସାବଧାନ ସହକାରେ ବ୍ୟବହାର କରାଯିବ ଏବଂ ଆକସ୍ମିକ ଅଗ୍ନିକାଣ୍ଡ ହେଲେ କିପରି ପ୍ରତିହତ କରାଯାଇପାରିବ, ତାହା ଉପଭୋକ୍ତାମାନଙ୍କୁ ଜଣାଇଦେବା ଉଚିତ। ଗ୍ୟାସ୍ ପାଇପ ଓ ରେଗୁଲେଟର ଇତ୍ୟାଦି ନିୟମିତ ବ୍ୟବଧାନରେ ବଦଳାଇବା ଦରକାର। ନହେଲେ ଗ୍ୟାସ୍ ଚୁଲାରେ ସୁବିଧା ଯେତିକି ବିପଦ ବି ସେତିକି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଦୁର୍ନୀତିଗ୍ରସ୍ତ ନେତାଙ୍କ ପାଇଁ କଂଗ୍ରେସର ନାଟକ

ନିକଟରେ କଂଗ୍ରେସ ଦଳର ଟାଣୁଆ ନେତା ତଥା ପ୍ରାକ୍ତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ ଓ କର୍ନାଟକର ପ୍ରାକ୍ତନ ମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ଦୁର୍ନୀତି ଅଭିଯୋଗରେ ଗିରଫ କରାଯାଇଥିଲା ବେଳେ କଂଗ୍ରେସ ସେମାନଙ୍କ ପକ୍ଷ ନେବାକୁ ଯାଇ ନାଟକ କରୁଛି। କ୍ଷମତାରେ ଥିବାବେଳେ ସେମାନେ ହଜାର ହଜାର କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି। ସର୍ବଭାରତୀୟ ପୁରୁଣା କଂଗ୍ରେସ ଦଳର ଜନପ୍ରିୟତା ହ୍ରାସ ପାଉଥିବା ବେଳେ ସେମାନେ ଦୁର୍ନୀତିଗ୍ରସ୍ତ ଗିରଫ ନେତାଙ୍କ ସପକ୍ଷରେ ଆନ୍ଦୋଳନ କରିବା ଦୁର୍ଭାଗ୍ୟଜନକ।

ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆଜି କ'ଣ କେଉଁଠି**

ଢେଙ୍କାନାଳ
➤ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରଶମନ ଦିବସ
ସ୍ଥାନ–ଜିଲା କାର୍ଯ୍ୟାଳୟ ପରିସର
ସମୟ–ପୂର୍ବାହ୍ନ ୧୧ଟା

**ସଂକ୍ଷେପରେ**

## ବାର୍‌ହା ମାଂସ ଜବତ, ଶିକାରୀ ଗିରଫ

ଢେଙ୍କାନାଳ ଅଫିସ,୨୮।୧୦- ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡଙ୍ଗୀ ରେଞ୍ଜ୍ ରଙ୍ଗମାଟିଆ ଗ୍ରାମରୁ ରବିବାର ସନ୍ଧ୍ୟାରେ ୪ କେଜି ଜଙ୍ଗଲୀ ବାର୍‌ହା ମାଂସ ଜବତ କରାଯାଇଛି। ଏଥିସହ ଘଟଣାର ଅଭିଯୁକ୍ତ ସୋମବାର ମୁଣ୍ଡାଙ୍କୁ ବନବିଭାଗ ଗିରଫ କରିଛି। ସୋମବାର ଜଙ୍ଗଲରୁ ବାର୍‌ହା ଶିକାର କରି ଘରେ ମାଂସକାଟି ବିକ୍ରି କରୁଥିବା ଖବରପାଇ ବନ କର୍ମଚାରୀମାନେ ଚଢ଼ାଉ କରିଥିବା ରେଞ୍ଜର ଅଶୋକ ଭଞ୍ଜ ସୂଚନା ଦେଇଛନ୍ତି।

■ସଦର ବ୍ଲକ କାର୍ଯ୍ୟାଳୟରେ ଅନିୟମିତତା ଘଟଣା

## ଗୃହ ବିଭାଗରୁ ଜିଲାପାଳଙ୍କୁ ପତ୍ର

ଢେଙ୍କାନାଳ ଅଫିସ,୨୮।୧୦- ଢେଙ୍କାନାଳ ସଦର ବ୍ଲକ କାର୍ଯ୍ୟାଳୟରେ ଅନିୟମିତତା ଏବଂ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରାଯାଉଥିବା ନେଇ ଓଡ଼ିଶା ସୂଚନା ଅଧିକାର ଅଭିଯାନ ସଂଯୋଜକ ପ୍ରିୟବ୍ରତ ଗଡନାୟକ ରାଜ୍ୟ ଗୃହ ବିଭାଗରେ ଏକ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ରାଜ୍ୟ ଗୃହ ବିଭାଗ ଅଣ୍ଡର ସେକ୍ରେଟାରୀ ନିତ୍ୟାନନ୍ଦ ସିଂ ସଂଖ୍ୟା ନଂ. ୪୪୧୫୭, ତା. ୯।୧୦।୧୯ରେ ଏକ ପତ୍ର ଜିଲାପାଳଙ୍କୁ ଲେଖିଛନ୍ତି। କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଗୃହ ବିଭାଗକୁ ମଧ ଅବଗତ କରିବା ପାଇଁ ଏଥିରେ ଜଣାଯାଇଛି। ଏହି ପତ୍ର ସମ୍ପର୍କରେ ଅଭିଯୋଗକାରୀ ସୂଚନା ଅଧିକାର ଅଭିଯାନ ସଂଯୋଜକଙ୍କୁ ମଧ ଅବଗତ କରିଛନ୍ତି।

## ଗୋରୁ ଚାଲାଣ, ୬ ଗିରଫ

ଭୁବନ, ୨୮।୧୦(ଡି.ଏନ.ଏ)- ଢେଙ୍କାନାଳ ଜିଲା ଭୁବନ ପୋଲିସ ସୋମବାର ଭୋର ସମୟରେ ୫୩ ନମ୍ବର ଜାତୀୟ ରାଜପଥ ଭୂଷାଳ ଛକ ନିକଟରେ ଦୁଇଟି ଗୋରୁ ବୋଝେଇ ମିନିଟ୍ରକ ଜବତ କରିଛି। ଟ୍ରକ୍ ଦୁଇଟି (ନଂ. ଓଡି.୦୬-ଏ-୯୭୪୯ ଓ ଓଡି ୦୫-ଇ-୩୮୬୦) ଗୋରୁ ବୋଝେଇ କରି ସୁରପ୍ରତାପପୁର ଓ ଜମୁନାକୋଟ ଅଞ୍ଚଳରୁ ଯାଜପୁର ଜିଲା ଅଞ୍ଚଳକୁ ଯାଉଥିଲା। ଖବରପାଇ ଭୁବନ ଥାନା ଅଧିକାରୀ ନିର୍ମଳା ଗୋଛାୟତ ଚଢ଼ାଉ କରି ଗାଡି ଜବତ କରିବା ସହ ୨ ଚାଳକ ଓ ୪ ଜଣ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି।

■ପୌରସଂସ୍ଥା, ସଦରବ୍ଲକ କାର୍ଯ୍ୟାଳୟକୁ ମନ୍ତ୍ରୀଙ୍କ ଅଚାନକ ଗସ୍ତ

# ଯୋଜନାର ଠିକ୍ ତଥ୍ୟ ରଖିବାକୁ ନିର୍ଦ୍ଦେଶ

■ଦୁର୍ନୀତି ଅଭିଯୋଗର ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ
■ଲୋକଙ୍କ ସମସ୍ୟା ଶୁଣିବାକୁ ପରାମର୍ଶ
■ସ୍ୱଚ୍ଛତା ବଜାୟ ରଖିବାକୁ ଗୁରୁତ୍ୱ

ଢେଙ୍କାନାଳ ଅଫିସ,୨୮।୧୦

ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ସଚିବମାନେ ବିଭିନ୍ନ ସ୍ଥାନ ଗସ୍ତ କରୁଥିବାବେଳେ ଏହାର ଅନୁଧ୍ୟାନ କରିବାକୁ ଏବେ ମନ୍ତ୍ରୀଙ୍କ ପାଳିପଡିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୋମବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଅଚାନକ ପୌରସଂସ୍ଥା କାର୍ଯ୍ୟାଳୟ ଓ ପରେ ସଦର ବ୍ଲକ କାର୍ଯ୍ୟାଳୟକୁ ଗସ୍ତ କରିଛନ୍ତି। ସରକାରୀ ଯୋଜନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଠିକ୍ ଭାବେ ପ୍ରସ୍ତୁତ କରି ରଖିବା ପାଇଁ ମନ୍ତ୍ରୀ ଏହି ଅବସରରେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନ ଅଭିଯୋଗ ଶୁଣାଣି ଦିବସରେ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟରେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ।

ମନ୍ତ୍ରୀ ପ୍ରଥମେ ପୌରସଂସ୍ଥା କାର୍ଯ୍ୟାଳୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନା ମାଧ୍ୟମରେ ସମସ୍ତ ବସ୍ତିବାସିନ୍ଦା ହିତାଧିକାରୀ ଓଡ଼ିଶା ବସ୍ତି ବାସିନ୍ଦା ଭୂମି ଅଧିକାର ନିୟମ-୨୦୧୭ ଅନୁଯାୟୀ ଭୂମି ଅଧିକାର ପ୍ରମାଣପତ୍ର କିପରି ଶୀଘ୍ର ପାଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନତୀକରଣ ଯୋଜନାଗୁଡିକରେ ସମସ୍ତ ଅର୍ଥ ଶୀଘ୍ର ଖର୍ଚ୍ଚ କରିବା ପାଇଁ ପରାମର୍ଶ ଦେଇଥିଲେ। ଆସନ୍ତା ୧ ତାରିଖ ସୁଦ୍ଧା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଓ ମାଟେରିଆଲ ରିକଭରି ଫାସିଲିଟି ସେଣ୍ଟରଗୁଡିକୁ ଚାଲୁ ହେବାକୁ ନିର୍ଦ୍ଦେଶ ଦେବା ସହ ଚିହ୍ନଟ ହୋଇଥିବା ବସ୍ତି ଗୁଡିକରେ ଶିଶୁ ଦିବସରେ ଅବଶିଷ୍ଟ ରହିଯାଇଥିବା ହିତାଧିକାରୀମାନଙ୍କୁ ଭୂଅଧିକାର ପ୍ରମାଣପତ୍ର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଆମ ସହର, ଆମ ଉନ୍ନତି କାର୍ଯ୍ୟକ୍ରମ ଅନ୍ତର୍ଗତ ଯୋଜନାର ପ୍ରକଳ୍ପଗୁଡିକ ପୂର୍ଣ୍ଣାଙ୍ଗ ହୋଇଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ରାଶନ କାର୍ଡ ଓ ଭତ୍ତା ନିମନ୍ତେ ପୌର କାର୍ଯ୍ୟାଳୟକୁ ଆସିଥିବା ହିତାଧିକାରୀମାନଙ୍କ ସହିତ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟାକୁ ଶୀଘ୍ର ସମାଧାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ପୌର କାର୍ଯ୍ୟାଳୟ ପରିସର ପରିଷ୍କାର ନ ଥିବା ଦେଖି ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଆଲୋଚନାବେଳେ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ଓ ଢେଙ୍କାନାଳ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ସଦର ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ଯୋଜନାରେ ବ୍ଲକରେ ୨୪୨ଟି ପ୍ରକଳ୍ପ ମଧ୍ୟରୁ ୫୫ଟି ପ୍ରକଳ୍ପ କାମ ପଡିରହିଛି ବୋଲି ବିଡିଓ ସୁକାନ୍ତ ମାଝି ଓ ଏବିଡିଓ ଝାଡେଶ୍ୱର ଦାସ ସୂଚନା ଦେଇଥିଲେ। ଏହାପରେ ଏମ୍‌ପି, ବିଧାୟକ ଓ ଜିଲା ପରିଷଦ ପାଣ୍ଠି ବିନିଯୋଗ ଉପରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ଏଥିରେ ସଦର ବ୍ଲକ ଜିଲାର ୮ଟି ବ୍ଲକ ମଧ୍ୟରୁ ପ୍ରଥମ ସ୍ଥାନରେ ଥିବା ଜାଣି ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରକଳ୍ପଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ସହିତ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବା ପାଇଁ ବିଡିଓଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ବିଭିନ୍ନ ଯୋଜନାର ତଥ୍ୟ ଠିକ୍ ଭାବରେ ଉପସ୍ଥାପନ କରି ନ ପାରିବାରୁ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଗସ୍ତ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଲେ ଯେ, ଅଚାନକ ପରିଦର୍ଶନରେ ଆସିଥିଲୁ। ପୌରସଂସ୍ଥା ଓ ବ୍ଲକ କାର୍ଯ୍ୟାଳୟରେ ସରକାରୀ ଯୋଜନାର କାର୍ଯ୍ୟ ସନ୍ତୋଷଜନକ। କେବଳ ଠିକ୍ ତଥ୍ୟ ପ୍ରସ୍ତୁତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଥ୍ୟ ସହ ଦୁର୍ନୀତି ଅଭିଯୋଗ ପ୍ରମାଣିତ ହେଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଏହାପରେ ମନ୍ତ୍ରୀ ବାଙ୍କକୁସୁମଠାରେ ଥିବା ପୌରସଂସ୍ଥାର ଫିକାଲ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରି ଫେରିଯାଇଥିଲେ।



ମନ୍ତ୍ରୀ ପ୍ରତାପ ଜେନା ପୌରସଂସ୍ଥା କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

## ଆହାର କେନ୍ଦ୍ରରେ ଖାଇଲେ ମନ୍ତ୍ରୀ

ଢେଙ୍କାନାଳ ଅଫିସ,୨୮।୧୦

ଢେଙ୍କାନାଳ ପୌରସଂସ୍ଥା କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ ଅଚାନକ ଗସ୍ତରେ ଆସିଥିବା ରାଜ୍ୟ ପଞ୍ଚାୟତିରାଜ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବସଷ୍ଟାଣ୍ଡ ନିକଟସ୍ଥ ଆହାର କେନ୍ଦ୍ରକୁ ଯାଇଥିଲେ। ୫ ଟଙ୍କାର ଟିକେଟ୍ କାଟି ଖାଦ୍ୟ ଖାଇବା ସହ ସେଠାରେ ଖାଉଥିବା ଲୋକଙ୍କୁ ମଧ ଖାଦ୍ୟର ମାନ ସମ୍ପର୍କରେ ପଚାରି ବୁଝିଥିଲେ। ସଦର ବ୍ଲକ କାର୍ଯ୍ୟାଳୟରେ ଏକ ପ୍ରକୋଷ୍ଠରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଫଟୋଚିତ୍ର ଅଳିଆ ଆବର୍ଜନା ଭିତରେ ପଡିଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାକୁ ତୁରନ୍ତ ପରିଷ୍କାର କରି ସଜାଡି ରଖିବା ପାଇଁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଲଗାଣ ବର୍ଷାରେ ୫୦ ଚାଷୀଙ୍କ ଫସଲ ନଷ୍ଟ



ନଷ୍ଟ ହୋଇଥିବା ବିଲାତି ବାଇଗଣ ଗଛ।

ଢେଙ୍କାନାଳ ଅଫିସ,୨୮।୧୦

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୁଳ ପଞ୍ଚାୟତ ହାତୀବାରି ଗ୍ରାମରେ ଲଗାଣ ବର୍ଷା ଯୋଗୁ ଧାନ ବିଲରେ ପାଣି ପଶିଯାଇଛି। ଫଳରେ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ବିଲାତି ବାଇଗଣ, ବାଇଗଣ, ଲଙ୍କା ଆଦି ପନିପରିବା ଫସଲ ନଷ୍ଟ ହୋଇଛି। ଗ୍ରାମର ବଳରାମ ବେହେରାଙ୍କ ୨ ଏକର, ରତ୍ନାକର ପରିଡାଙ୍କ ୧ ଏକର, ପଞ୍ଚାନନ ତରାଇଙ୍କ ୨ ଏକର, ମାୟାଧର ପରିଡାଙ୍କ ୩ ଏକର, ବିକ୍ରମ ତରାଇଙ୍କ ୨ ଏକର, ବିଭୀଷଣ ତରାଇଙ୍କ ୨, ରସାନନ୍ଦ ତରାଇ ୨, ଶ୍ରୀକାନ୍ତ ତରାଇ ୧, ବିରବର ତରାଇ ୧, ଚୈତନ୍ୟ ମଳିକଙ୍କ ୧, ଆଦି ଚାଷୀଙ୍କ ଫସଲ ନଷ୍ଟ ହୋଇଛି। ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ଉଦ୍ୟାନ ବିଭାଗ ଓଭରସିୟର ଜଳଧର ସାହୁ କୁହନ୍ତି, ଚାଷୀଙ୍କ ଜମି ପରିଦର୍ଶନ କରିଛୁ। ଗ୍ରାମରେ ପ୍ରାୟ ଶହେ ଏକର ଜମିରେ ବିଲାତି ବାଇଗଣ ଚାଷ ମଧ୍ୟରୁ ପ୍ରାୟ ୭୦ ଭାଗ କ୍ଷତିଗ୍ରସ୍ତ ହବାର ଆଶଙ୍କା ରହିଛି। କ୍ଷୟକ୍ଷତି ଆକଳନ କରି ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ।

## ଆକ୍ରମଣ କରି ଦମ୍ପତିଙ୍କଠାରୁ ଲୁଟ୍

ଢେଙ୍କାନାଳ ଅଫିସ,୨୮।୧୦

ଢେଙ୍କାନାଳ ଜିଲା ସଦର ଥାନା କାମାକ୍ଷାନଗର ରାସ୍ତାର ଗେଙ୍ଗୁଟିଆ ନିକଟରେ ଦୁର୍ବୃତ୍ତମାନେ ରବିବାର ଏକ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ଓ ଗହଣା ଲୁଟ୍ କରିଛନ୍ତି। ଏ ସଂକ୍ରାନ୍ତରେ ଅଭିଯୋଗ ପରେ ଥାନାରେ ନଂ. ୩୭୨/୧୯ରେ ମାମଲା ରୁଜୁ ହୋଇଛି। ଘଟଣାରୁ ପ୍ରକାଶ, ରାତି ପ୍ରାୟ ୮ଟାରେ ସନ୍ତୋଷ ପାଣି ସ୍ତ୍ରୀ ରଞ୍ଜିତା ମହାପାତ୍ରଙ୍କୁ ନେଇ ଢେଙ୍କାନାଳରୁ ପରଜଙ୍ଗ ଫେରୁଥିବାବେଳେ ଦୁଇ ଦୁର୍ବୃତ୍ତ ବାଇକ୍‌ରେ ଆସି ସେମାନଙ୍କୁ ଆକ୍ରମଣ କରିଥିଲେ। ପରେ ରଞ୍ଜିତାଙ୍କ ଭ୍ୟାନିଟି ବ୍ୟାଗ୍ ସହ ଲକ୍ଷାଧିକ ଟଙ୍କା ଓ ଗହଣା ଲୁଟି ନେଇଥିଲେ। ଏଥିରେ ସନ୍ତୋଷଙ୍କ କାନ୍ଧରେ ଗୁରୁତର ଆଘାତ ଲାଗିଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## ଶିଶୁଗୃହ, ବୃଦ୍ଧାଶ୍ରମରେ ଦୀପାବଳି ପାଳିଲେ ଜିଲାପାଳ

ଢେଙ୍କାନାଳ ଅଫିସ,୨୮।୧୦

ଢେଙ୍କାନାଳ ଜିଲାପାଳ ଭୂମେଶଚନ୍ଦ୍ର ବେହେରା ରବିବାର ପୌରାଞ୍ଚଳରେ ଥିବା ସ୍ୱାଧାର ଗୃହ ଓ ସଦର ବ୍ଲକ ଗୋବିନ୍ଦପୁରଠାରେ ଥିବା ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ପରିସରର ଶିଶୁଗୃହ ଓ ବୃଦ୍ଧାଶ୍ରମରେ ଦୀପାବଳି ପାଳନ କରିଛନ୍ତି। ଜିଲାପାଳ ଶିଶୁ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ସେହିପରି ବୃଦ୍ଧାଶ୍ରମରେ ରହିଥିବା ବୃଦ୍ଧା ବୃଦ୍ଧମାନେ ସଂକୀର୍ତ୍ତନ କରିବା ସହ ଜିଲାପାଳଙ୍କ ସହ ଭାବ ଆଦାନ ପ୍ରଦାନ କରିଥିଲେ। ଅନ୍ତେବାସୀ ଓ ନିରାଶ୍ରୟା ମହିଳାମାନେ ସେମାନଙ୍କର ଅସୁବିଧା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜିଲାପାଳ ସେମାନଙ୍କ ସ୍ୱାସ୍ଥ୍ୟଗତ ଅସୁବିଧା ପଚାରି ବୁଝିଥିଲେ। ଏହାପରେ ଭଜନ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ସିତାଂଶୁ କୁମାର ଦାସ, ଜିଲା ସମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।



ଶିଶୁଗୃହ ଓ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ଜିଲାପାଳ ଭୂମେଶଚନ୍ଦ୍ର ବେହେରା ଦୀପାବଳି ପାଳୁଛନ୍ତି।

## ପଦଯାତ୍ରାରେ ଲୋକଙ୍କୁ ଭେଟିଲେ ବିଧାୟକ



ବିଜେଡି ପକ୍ଷରୁ ଗଁଦିଆରେ ପଦଯାତ୍ରା।

ଢେଙ୍କାନାଳ ଅଫିସ,୨୮।୧୦

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ୬ଟି ପଞ୍ଚାୟତରେ ସୋମବାର ବିଜେଡି ବ୍ଲକ ସଭାପତି ବିଶ୍ୱନାଥ ଜେନାଙ୍କ ତତ୍ତ୍ୱାବଧାନରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ବିଧାୟକ ସୁଧିର କୁମାର ସାମଲ ପିଙ୍ଗୁଆଠାରେ ପହଞ୍ଚି ପଦଯାତ୍ରାର ଶୁଭାରମ୍ଭ କରିବା ସହିତ ଖଣ୍ଡବନ୍ଧ, କାଶୀପୁର, ଦିଗାମ୍ବରପୁର, ନୁଆପଡା,ମନ୍ଦାର ପଞ୍ଚାୟତ ଦେଇ ଗଁଦିଆ ଯାଇଥିଲେ। ରାଜ୍ୟ ସରକାରଙ୍କର ମୋ ସରକାର, ଓଡ଼ିଶା ମୋ ପରିବାର, ୫-ଟି ଭଳି କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ଏଥିସହ ସରକାରଙ୍କ ଉଚ୍ଚ ପଦାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପାଳନ କରି ବିଭିନ୍ନ ଜିଲା ଗସ୍ତକରି ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନ ଭୋଜନ ଯାଞ୍ଚ କରିବାସହ ବିଭିନ୍ନ ଚିକିତ୍ସାଳୟ ଓ ପୋଲିସ ବିଭାଗର କାର୍ଯ୍ୟର ସଫଳତା ଲୋକମାନଙ୍କ ନିକଟରେ ପହଞ୍ଚୁଛି କି ନାହିଁ ସେ ବିଷୟରେ ବିଧାୟକ ପଚାରି ବୁଝିଥିଲେ। ଏହି ପଦଯାତ୍ରାରେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ତଥା ଢେଙ୍କାନାଳ ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ଜିଲା ଛାତ୍ର ସଭାପତି ସୁରଜ କୁମାର ମହାପାତ୍ର, ଜିଲା କୃଷକ ଜନତା ସଂଗଠନ ସଭାପତି ନରୋତ୍ତମ ସାହୁ, ନିରାକାର ରାଉତ, ନବ କିଶୋର ସାମଲ, ଆଲୋକ ରଞ୍ଜନ ରାଉତ, ସନ୍ତୋଷ କୁମାର ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ବ୍ଲକ ଯୁବ ସଭାପତି ପ୍ରଦୀପ କୁମାର ରାଉତ, ବ୍ଲକ ମହିଳା ସଭାନେତ୍ରୀ ଶୁଭଦର୍ଶିନୀ ପରିଡା, ରୁବି ବିଶ୍ୱାଳ, ଛାତ୍ରନେତା କ୍ଷିରୋଦ କୁମାର ସାହୁ, ଜିଲା ପରିଷଦ ସଦସ୍ୟାସଦସ୍ୟଙ୍କ ସମେତ ଦଳିୟ କର୍ମୀମାନେ ସାମିଲ ହୋଇଥିଲେ।

**ଉଦାହରଣ ପାଲଟିଛି ଏକଘରିଆ ଗାଁ**

# ଭକ୍ତି ଆଣିଛି ସଂହତି

ଓଡାପଡା,୨୮।୧୦
(ଦିନେଶ ଦାସ)

ସମଗ୍ର ଗାଁ ଏବେ ପାଲଟିଛି ଗୋଟିଏ ଗୋଷ୍ଠୀ। ସାହି ସାହି ଭିତରେ ଏବେ ନା ଅଛି ମତାନ୍ତର ନା ମନାନ୍ତର। ପୁରୁଣା ମାନ ଅଭିମାନକୁ ସତେ ଯେମିତି କେବେଠୁ ଭୁଲି ସାରିଲେଣି ଗ୍ରାମବାସୀ। ସମସ୍ତେ ଗୋଟିଏ ସୂତାରେ ଗୁନ୍ଥା। ରୀତି ଯୁଗୀୟ ସାହିତ୍ୟର ଅନନ୍ୟ ସ୍ରଷ୍ଟା ଭକ୍ତକବି ଦୀନକୃଷ୍ଣ ଦାସଙ୍କ କର୍ମଭୂମୀ ତଥା ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଏକଘରିଆ ଗ୍ରାମର ଆବାଳ ବୃଦ୍ଧବନିତା ଏବେ ପ୍ରଭୁ ଜଗନ୍ନାଥଙ୍କ ପ୍ରେମ ଓ ଭକ୍ତିରେ ବନ୍ଧା। ସେହି ଭକ୍ତି ହିଁ ଗ୍ରାମବାସୀଙ୍କ ମଧ୍ୟରେ ସୃଷ୍ଟି କରିଛି ଅପୂର୍ବ ସଂହତି। ଭକ୍ତି ଭାବ ମାଧ୍ୟମରେ କିପରି ସଂହତି ସୃଷ୍ଟି ହୋଇପାରେ, ତାହାର ଅନନ୍ୟ ନିଦର୍ଶନ ହେଉଛି ଏକଘରିଆ ଗାଁ।

କୁଷ୍ଠ ବ୍ୟାଧିଗ୍ରସ୍ତ ହେବା ପରେ ସାମାଜିକ ବିଦ୍ୱେଷର ଶିକାର ସହିତ ରାଜାଙ୍କ ଆକ୍ରୋଶ ଯୋଗୁ ଏକଦା ଶ୍ରୀକ୍ଷେତ୍ର ଧାମ ଛାଡି ବ୍ରାହ୍ମଣୀ ନଦୀ କୂଳ ତେନ୍ତୁଳିଡିହାରେ ଏକଘରିଆ ହୋଇ ଆଶ୍ରୟ ନେଇଥିଲେ ଦୀନକୃଷ୍ଣ ଦାସ। ସେଠାରେ ସେ ତାଙ୍କର ସାହିତ୍ୟ ସାଧନା ଜାରି ରଖିବା ସହିତ ଶେଷ ନିଃଶ୍ୱାସ ମଧ ତ୍ୟାଗ କରିଥିଲେ। ସେହିଦିନ ଠାରୁ ଉକ୍ତ ଅଞ୍ଚଳର ନାମ ଏକଘରିଆ ନାମରେ ପରିଚିତ। କ୍ରମେ ଏହା ରାଜସ୍ୱ ଗ୍ରାମର ମାନ୍ୟତା ଲାଭ କରି ବାଙ୍ଗୁରସିଙ୍ଗ ପଞ୍ଚାୟତ ଅଧୀନରେ ରହିଛି। ମୋଟ୍ ୫ଟି ସାହିରେ ପ୍ରାୟ ୨୫୦ ପରିବାର ବାସ କରୁଥିବା ଏହି ଛୋଟିଆ ଗାଁରେ କିଛି ବର୍ଷ ହେବ ନିର୍ମାଣ ଚାଲିଛି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭବ୍ୟ ମନ୍ଦିର। ଭକ୍ତକବିଙ୍କ ସାଧନାକ୍ଷେତ୍ରକୁ ଏକ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ପାଇଁ ଅଣ୍ଟା ଭିଡିଛନ୍ତି ଏହି ଛୋଟିଆ ଗାଁର ଉଚ୍ଚାଭିଳାସୀ ମଣିଷମାନେ। ଭକ୍ତକବିଙ୍କୁ ଶରଣ ଦେଇଥିବାରୁ ଉକ୍ତ ପୀଠର ନାମ ଶରଣ ଶ୍ରୀକ୍ଷେତ୍ର ରଖାଯାଇଛି। ପ୍ରାୟ ୭କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ଚାଲିଛି ଏହି କ୍ଷେତ୍ର। କୌଣସି ସରକାରୀ ସାହାଯ୍ୟ ବିନା ଭକ୍ତ ଶ୍ରଦ୍ଧାଳୁଙ୍କ ସହଯୋଗରେ ଜାରି ରହିଛି ଏହି ବିଶାଳ କ୍ଷେତ୍ରର ନିର୍ମାଣ କାର୍ଯ୍ୟ। ଏଠାରେ ସୃଷ୍ଟି କରାଯାଇଥିବା ତୁଳସୀ ବନରୁ ପ୍ରତି ସପ୍ତାହରେ ଶ୍ରୀକ୍ଷେତ୍ରକୁ ପଠାଯାଉଛି ତୁଳସୀ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ମଧ ତୁଳସୀ ସଂଗ୍ରହ କରାଯାଇ ପଠାଯାଉଛି। ଏଥିପାଇଁ ଶରଣ ଶ୍ରୀକ୍ଷେତ୍ରର ପୂଜକ ଚିଣ୍ଟିଲ ବାବାଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ମୋଟର ସାଇକେଲର ବ୍ୟବସ୍ଥା କରାଯାଇ ତୁଳସୀ ସଂଗ୍ରହ କାର୍ଯ୍ୟରେ ଲଗାଯାଇଛି। ଏହି ଶରଣ କ୍ଷେତ୍ରର ନିର୍ମାଣ କାର୍ଯ୍ୟ ଏକଘରିଆ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ବେଳେ ଶ୍ରୀ ଜଗନ୍ନାଥ ଆଶ୍ରିତ ମଣ୍ଡଳୀ ଏଥିରେ ସହଯୋଗ ଜାରି ରଖିଛନ୍ତି। କେବଳ ଆର୍ଥିକ ସହଯୋଗ ନୁହେଁ, ଛୁଆ ଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ ଏହି ନିର୍ମାଣ କାର୍ଯ୍ୟରେ ନିୟମିତ ଶ୍ରମ ଦାନ କରୁଛନ୍ତି। ଏବେ ଓଡ଼ିଶାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି ଏହି କ୍ଷେତ୍ରକୁ। ସେହି ଶ୍ରଦ୍ଧାଳୁମାନଙ୍କ ସହଯୋଗରେ ଏବେ ନିର୍ମାଣ କାର୍ଯ୍ୟ ଆଗକୁ ବଢି ଚାଲିଛି। ଖୁବ୍‌ଶୀଘ୍ର ଏହା ଏକ ଅନନ୍ୟ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହେବା ସହିତ ଦେଶ ବିଦେଶର ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିବ।



■ନିର୍ମାଣ ଚାଲିଛି ଶରଣ ଶ୍ରୀକ୍ଷେତ୍ର
■ବ୍ୟୟ ଅଟକଳ ରହିଛି ୭ କୋଟି
■ପ୍ରତି ସପ୍ତାହରେ ଶ୍ରୀକ୍ଷେତ୍ର ପଠାଯାଉଛି ତୁଳସୀ

### କ'ଣ କୁହନ୍ତି ଏକଘରିଆ ଗ୍ରାମବାସୀ



ଦୀନକୃଷ୍ଣଙ୍କ ପାଇଁ ଏଇ ମାଟିରେ ଆଜି ଶରଣ ଶ୍ରୀକ୍ଷେତ୍ର ହେବାକୁ ଯାଉଛି। ସେହିକ୍ଷେତ୍ର ଆମ ସମସ୍ତଙ୍କୁ ଏକାଠି କରିଛି। ସବୁ ଗ୍ରାମବାସୀ ଖୁବ୍ ଖୁସିରେ ଅଛୁ। ଏକ ମନ, ଏକ ପ୍ରାଣ ହୋଇ ପ୍ରଭୁଙ୍କ ପାଇଁ କାମ କରୁଛୁ।
–ବାସନ୍ତୀ ପରିଡ଼ା, ଗ୍ରାମବାସୀ



ଗାଁରେ ଏତେ ବଡ ପୀଠକୁ ନେଇ ଖୁସି ଲାଗୁଛି। ସକାଳୁ ରାତି ଯାଏ ଗ୍ରାମବାସୀଙ୍କ କୋଳାହଳରେ ଏ ଅଞ୍ଚଳ ଫାଟି ପଡୁଛି। ସବୁ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ କରାଯାଉଛି। ପ୍ରଭୁଙ୍କ ପ୍ରତି ଭକ୍ତି ହିଁ ଆମକୁ ଗୋଟିଏ ସୂତାରେ ବାନ୍ଧି ରଖିଛି।
–ସୁନୀଲ କୁମାର ପରିଡା
ସମ୍ପାଦକ, ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ



୨୦୧୭ ପରଠାରୁ ଗ୍ରାମ ଜୀବନରେ ପରିବର୍ତ୍ତନ ଆସିଛି। ପୂରା ଗାଁ ଏବେ ଗୋଟିଏ ପରିବାର ହୋଇଯାଇଛି। ଶରଣ ଶ୍ରୀକ୍ଷେତ୍ର ନିର୍ମାଣ ଆରମ୍ଭ ଦିନଠାରୁ ଗ୍ରାମବାସୀଙ୍କ ଭିତରେ ଏକତା ସୃଷ୍ଟି ହୋଇଛି। ଏହା ଆମ ପାଇଁ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ।
–ଭାବଗ୍ରାହୀ ପରିଡା
ଏକଘରିଆ ଗ୍ରାମ ସଭାପତି



ଶରଣ ଶ୍ରୀକ୍ଷେତ୍ର ଏକତା ଓ ଭାଇଚାରା ସୃଷ୍ଟି କରିଛି। ପ୍ରତି ସାହିରେ କୀର୍ତ୍ତନ ମଣ୍ଡଳୀ ଗଠନ ହୋଇଛି। ଏପରିକି ମହିଳା ସଂକୀର୍ତ୍ତନ ମଣ୍ଡଳୀ ମଧ ହୋଇଛି। ପ୍ରତି ସନ୍ଧ୍ୟାରେ ଗାଁରେ ଭକ୍ତିଭାବମୟ ପରିବେଶ ସୃଷ୍ଟି ହେଉଛି। ଭକ୍ତକବିଙ୍କ ସାଧନାକ୍ଷେତ୍ରରେ ଜନ୍ମ ହୋଇ ଆମେ ଗର୍ବ ଅନୁଭବ କରୁଛୁ।
–ଜୟନ୍ତ କୁମାର ପରିଡା, ସଭାପତି
ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ



ଏହା ହେଉଛି ଭକ୍ତକବି ଦୀନକୃଷ୍ଣଙ୍କ ସାଧନା ପୀଠ। ଏହି ଗାଁର ବୋହୂ ହୋଇ ବହୁତ ଖୁସି। ଶରଣ ଶ୍ରୀକ୍ଷେତ୍ର ପାଇଁ ସବୁ ଗ୍ରାମବାସୀ ଏକାଠି ହୋଇଯାଇଛନ୍ତି। ଆମ ଗାଁରୁ ତୁଳସୀ ଯାଇ ପ୍ରଭୁଙ୍କ ପାଖରେ ଲାଗି ହେଉଛି। ଏହା ଆମ ପାଇଁ ପରମ ସୌଭାଗ୍ୟ।
–ରୀମାରାଣି ଲେଙ୍କା, ଗ୍ରାମବାସୀ

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଆକ୍ରମଣ, ଜଣେ ଗୁରୁତର

**କାମାକ୍ଷାନଗର,୨୮।୧୦ (ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡାହାଡ ଥାନା ବାଟଗାଁ ଗୋଡିସାହି ଗ୍ରାମର ପବିତ୍ର ନାୟକ(୨୪)ଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସୋମବାର ସେହି ଗ୍ରାମର ମାୟା ପଲେଇ ଆକ୍ରମଣ କରିଛନ୍ତି। ଫଳରେ ପବିତ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ପରିବାର ଲୋକ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ପ୍ରକାଶ ଯେ, ପବିତ୍ର ଗାଁ ଛକ ଦୋକାନରୁ ସଉଦା କିଣିବାକୁ ଯାଉଥିବାବେଳେ ମାୟା ତାଙ୍କୁ ପଥରରେ ଆକ୍ରମଣ କରିଥିଲେ। ଏ ନେଇ କଙ୍କଡାହାଡ଼ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରିଥିବା ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି।

### ଜଳିଗଲା ୫୦ ଲକ୍ଷର ସାମଗ୍ରୀ



**ଭୁବନ,୨୮।୧୦(ଡି.ଏନ.ଏ):** ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ୨ନଂ ୱାର୍ଡ ଶିଶୁମନ୍ଦିର ନିକଟସ୍ଥ ଶ୍ରୀକୃଷ୍ଣ ଡ୍ରେସ୍ ହାଉସ୍ ମାଲିକ କୈଳାସଚନ୍ଦ୍ର ରାଠିଙ୍କ ଘରେ ରବିବାର ସନ୍ଧ୍ୟା ପ୍ରାୟ ୮ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୫୦ ଲକ୍ଷ ଟଙ୍କାର ଡ୍ରେସ ଓ ପୋଷାକ ଜଳିଯାଇଛି। ଦୀପାବଳି ଅବସରରେ ପରିବାର ଲୋକେ ଦୋକାନ ପୂଜାରେ ଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଭୁବନ, କାମାକ୍ଷାନଗର, ସୁକିନ୍ଦା ଓ ଗଁଦିଆ ଦମକଳ ବାହିନୀ ରାତି ସାଢେ ୧୨ଟା ପର୍ଯ୍ୟନ୍ତ ରହି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଭୁବନ ଥାନା ଅଧିକାରୀ ନିର୍ମଳା ଗୋଛାୟତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘରେ ପରିବାର ଲୋକେ ନ ଥିବା ବେଳେ ଏହା ଘଟିଥିବା କୈଳାସଚନ୍ଦ୍ର କହିଛନ୍ତି।

### ସୁରଭିରେ ଭାଗ ନେଲେ ଛାତ୍ରୀଛାତ୍ର

**ଭୁବନ,୨୮।୧୦(ଡି.ଏନ.ଏ):** ଭୁବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନ ବ୍ଲକ ଓ ଏନ୍‌ଏସିର ୧୭ଟି କ୍ଲଷ୍ଟରର ଛାତ୍ରୀଛାତ୍ର ନୃତ୍ୟ, ସଙ୍ଗୀତ, ତର୍କ, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆୟୋଜିତ ସଭାରେ ବିଇଓ ବ୍ରହ୍ମୋତ୍ରୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ମୁଖ୍ୟଅତିଥି, ଆର୍ଯ୍ୟକବି ଡ. ପ୍ରମୋଦ କୁମାର ମିଶ୍ର ମୁଖ୍ୟବକ୍ତା, ବିଆର୍‌ସିସି ରାଜଲକ୍ଷ୍ମୀ ଟୁଡୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଭୁବନ ହାଇସ୍କୁଲ ସହକାରୀ ଶିକ୍ଷକ ଗୁରୁପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ସିଆର୍‌ସିସି, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ୧୫୦ ଅଭିଯୋଗ ଶୁଣିଲେ ଜିଲାପାଳ

**କାମାକ୍ଷାନଗର,୨୮।୧୦ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୁମେଶ ଚନ୍ଦ୍ର ବେହେରା ଯୋଗଦେଇ ୧୫୦ ଟି ଅଭିଯୋଗ ଶୁଣିଥିଲେ। ଏହି ଅବସରରେ ସରକାରଙ୍କ ଗୃହ ନିର୍ମାଣ ଯୋଜନା ଭତ୍ତା, ଜମିବାଡି ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ୧୩ ଜଣ ବ୍ୟକ୍ତିଙ୍କୁ ରେଡକ୍ରସ ପାଣ୍ଠିରୁ ୨୮ ହଜାର ଟଙ୍କା, ୨ଜଣ ଶାରୀରିକ ଭିନ୍ନକ୍ଷମଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଥିଲେ। ସେହିପରି ୨ ଜଣଙ୍କ ଅଭିଯୋଗ ଶୁଣି ଭତ୍ତା ମଞ୍ଜୁର କରି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମ୍ସ, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଜିଲା ଚିକିତ୍ସାଧିକାରୀ ଡା ନିରଞ୍ଜନ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡା, ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଏସ୍‌ଡିପିଓ ସୁପ୍ରସନ୍ନ ମଲିକ, ବିଡିଓ ବିକାଶ କୁମାର ମହାନ୍ତି, ଜିଲା ମଙ୍ଗଳ ଅଧିକାରୀ ମାନସ କୁମାର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ବିଜୟା ନନ୍ଦ ସାହୁ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲ, ରେଞ୍ଜର ବିଭୁଦାନନ୍ଦ ମିଶ୍ର, ସତ୍ୟନାରାୟଣ ସାହୁ, ପୂର୍ତ୍ତ ଓ ଗୃହ ନିର୍ମାଣ ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ, ଥାନା ଅଧିକାରୀ ଅଭିନବ ଡାଲୁଆ, ସିଡିପିଓ ସୈରେନ୍ଧୀ ପଟେଲ, ପିଜିସିଏଲ ଅଧ୍ୟକ୍ଷ ସିତାଂଶୁ ଶେଖର ଦାସ, ଶଶାଙ୍କ ଶେଖର ମିଶ୍ର, କର୍ମଚାରୀ ଲଲାଟ କେଶରୀ ଦଳେଇଙ୍କ ସମେତ ବିଭିନ୍ନ ଜିଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ଜିଲାପାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସୂତା ମାଜିଲେ ସରୁ**
**କଥା ମାଜିଲେ ଗରୁ।**

କୌଣସି ଛୋଟ କଥାଟିକୁ ବେଶି ମାତ୍ରାରେ ଚର୍ଚ୍ଚା କଲେ ତାହା ବଡ଼ ଆକାର ଧାରଣ କରେ। ଅତ୍ୟଧିକ ତର୍ଜମା କରିବା ଫଳରେ ନାନା କଥା ବାହାରିବା ସହ ଭିନ୍ନ ଅର୍ଥ ପ୍ରକାଶ ପାଏ। ଏପରି କି କଥାର ମୋଡ଼ ମଧ୍ୟ ବଦଳିଯାଏ, ଯାହା କି ସହଜରେ ଛିଣ୍ଡି ନ ଥାଏ। ତେଣୁ ଛୋଟ ମୋଟ ବା ସାମାନ୍ୟ କଥାକୁ ଆବଶ୍ୟକତାଠୁ ଅଧିକ ଗୁରୁତ୍ୱ ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସବୁ କହି**
**ଲୋକର ମରମ ନ କହି।**

ଗୁପ୍ତ ବା ଆନ୍ତରିକ କଥାକୁ ସର୍ବଦା ଗୋପନୀୟ ରଖିବା ହିଁ ଶ୍ରେୟସ୍କର। କିଛି କିଛି କଥା ଅନ୍ୟର ମନରେ ଗଭୀର ଆଘାତ ସୃଷ୍ଟି କରିଥାଏ। ଏପରି କିଛି କଥା ଅଛି ଯାହା ଶୁଣିଲେ ଶୁଣିବା ଲୋକର ମନ ବେଦନାସିକ୍ତ ହୋଇଯାଇଥାଏ। ତେଣୁ କଥା କହିବା ବେଳେ ବାକ୍ ସଂଯମ ରକ୍ଷାକରିବା ନିହାତି ଆବଶ୍ୟକ। କଥାରେ କଥାରେ ଅନ୍ୟର ମରମଭେଦୀ କଥା କହି ବ୍ୟଥା ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

# 'ସୁରଭି' ପ୍ରତିଭା ଚୟନର ଉପଯୁକ୍ତ ମଞ୍ଚ

**କାମାକ୍ଷାନଗର,୨୮।୧୦ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସୋମବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୁରଭି ପ୍ରତିଭା ଚୟନର ଉପଯୁକ୍ତ ମଞ୍ଚ। ଲୁକ୍କାୟିତ ପ୍ରତିଭା ପରିସ୍ଫୁଟନ କରିବାର ଏହା ଏକ ସୁଯୋଗ। ପ୍ରତ୍ୟେକ ବିଦ୍ୟାଳୟ ଏହାର ସୁଯୋଗ ନେଇ ଛାତ୍ରୀଛାତ୍ରମାନଙ୍କୁ ଏଥିରେ ସାମିଲ କରାଇବା ଆବଶ୍ୟକ ବୋଲି ମୁଖ୍ୟଅତିଥି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ମାୟାଧର ପାଣି, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦେହୁରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଳଧର ଲେଙ୍କା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲୋକନାଥ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ତର୍କ, ହସ୍ତାକ୍ଷର, ସାଧାରଣ ଜ୍ଞାନ, ଦଳଗତ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ଟି କ୍ଲଷ୍ଟରର ପ୍ରାୟ ୬୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରତ୍ୟେକ ପ୍ରଥମ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବାକୁ ସୁଯୋଗ ମିଳିବ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ପଢିଆରି, କୃଷ୍ଣଚନ୍ଦ୍ର ଭୋଇଙ୍କ ସମେତ ବିଭିନ୍ନ କ୍ଲଷ୍ଟରର ସିଆରସିସିମାନେ ସହଯୋଗ କରିଥିଲେ।



# ବଏଲରର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ



ବଏଲରର ଦକ୍ଷ କାର୍ଯ୍ୟ ସମ୍ପାଦନ ଓ ରକ୍ଷଣାବେକ୍ଷଣ କର୍ମଶାଳାରେ ଯୋଗ ଦେଇଥିବା କମ୍ପାନୀର ଅଧିକାରୀମାନେ।

**ଢେଙ୍କାନାଳ ଅଫିସ,୨୮।୧୦**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରଠାରେ ଟାଟା ବିଏସ୍‌ଏଲ୍ କାରଖାନା ପରିସରରେ ସୋମବାର ଭାରତ ସରକାରଙ୍କ ବିତ୍ତୀୟ ଓ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ପ୍ରମୋସନ ଅଫ୍ ଇଣ୍ଡଷ୍ଟ୍ରିଜ୍ ଓ ଇଣ୍ଟରନାଲ ଟ୍ରେଡ୍ ଅଧୀନରେ ବଏଲରର ଦକ୍ଷ କାର୍ଯ୍ୟ ସମ୍ପାଦନ ଓ ରକ୍ଷଣାବେକ୍ଷଣ ସମ୍ପର୍କିତ ଦିନିକିଆ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ବଏଲର ମଣ୍ଡଳି ଦ୍ୱାରା ପ୍ରାୟୋଜିତ ଜାତୀୟ ଉତ୍ପାଦକତା ପରିଷଦ ପକ୍ଷରୁ ଆୟୋଜିତ ଏହି କର୍ମଶାଳାକୁ ଓଡ଼ିଶା ସରକାରଙ୍କ ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସନ୍ତୋଷ ଦାସ ଉଦ୍‌ଘାଟନ କରିଥିଲେ। ନାଲକୋ(ସିପିପି) ମହାପ୍ରବନ୍ଧକ ଅମ୍ବିକା ପଣ୍ଡା, ଟାଟାଷ୍ଟିଲ ବିଏସ୍‌ଏଲ୍‌ର ସେୟାରଡ୍ ସର୍ଭିସେସ୍ ମୁଖ୍ୟ ଏବଂ ଭୂଷଣ ଏନର୍ଜୀ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ହରବିନ୍ଦର ସିଂ ଦୀପକ, ଏନ୍‌ସିପିର ଆଞ୍ଚଳିକ ନିର୍ଦ୍ଦେଶକ ଜି. ସର୍ବନନ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍ୟୋଗ ଜଗତର ବିଶେଷଜ୍ଞ ନାଲ୍‌କୋ ମେକାନିକାଲ ବିଭାଗର ସହକାରୀ ମହାପ୍ରବନ୍ଧକ ସି ଆର୍. ସାହୁ, ଏନ୍‌ସିପିର ଉପନିର୍ଦ୍ଦେଶକ ଅଭିଜିତ ନାୟକ, ଜିଏସ୍‌ପିଏଲ୍ ପ୍ରବନ୍ଧକ ପ୍ରବନ୍ଧ ସାମନ୍ତରାୟ, ବରିଷ୍ଠ ପ୍ରବନ୍ଧକ ଶେଖର ସିଙ୍ଗ ଏବଂ ମେସର୍ସ ଆଇଏସ୍‌ଜେଇସି ହେଭି ଇଞ୍ଜିନିୟରିଂ ଲିମିଟେଡ ନୋଏଡାର ବଏଲର ଓ ସେଲ୍ସ ବିଭାଗର ପ୍ରବନ୍ଧକ ନରେଶ କେ ଜିନ୍ଦଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଏଲରର କାର୍ଯ୍ୟ ସମ୍ପାଦନ ଓ ରକ୍ଷଣାବେକ୍ଷଣ, ପ୍ରଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଏହାର ମୂଲ୍ୟ ନିର୍ଦ୍ଧାରଣ ଏବଂ ପର୍ଯ୍ୟାଲୋଚନା ସମ୍ପର୍କିତ ବୈଷୟିକ ଅଧିବେଶନଗୁଡିକ ପରିଚାଳନା କରାଯାଇଥିଲା। ଟାଟାଷ୍ଟିଲ, ବିଏସ୍‌ଏଲ, ଜିନ୍ଦଲ ଷ୍ଟିଲ ଓ ପାୱାର ଲିମିଟେଡ୍, ନାଲ୍‌କୋ, ଇଫକୋ, ଭିସାଷ୍ଟିଲ, ଆରତୀ ଷ୍ଟିଲ, ଇମ୍ପା, ନବଭାରତ ଭେଞ୍ଚର୍ସ ଲିଃ, ଫାଲକନ ଇଣ୍ଡଷ୍ଟ୍ରିଜ୍ ଆଦି ଓଡ଼ିଶାରେ ଥିବା ମୁଖ୍ୟ ଉଦ୍ୟୋଗ ଗୁଡିକରୁ ୮୦ଜଣ ଅଧିକାରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଟାଟାଷ୍ଟିଲ ବିଏସ୍‌ଏଲ୍ ପରିବେଶ ବିଭାଗ ମୁଖ୍ୟ କେ. ସି. ଦାସ ଧନ୍ୟବାଦ ଦେଇଥିଲେ।

# ସଚେତନ ଚାଳକଙ୍କୁ ଫୁଲ ଉପହାର

**ଢେଙ୍କାନାଳ ଅଫିସ,୨୮।୧୦**

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ୫୫ନଂ ଜାତୀୟ ରାଜପଥର କଣ୍ଟାବଣିଆ ଛକଠାରେ ବିଜୁ ଯୁବ ବାହିନୀ କୁସୁପଙ୍ଗା ଶାଖା ପକ୍ଷରୁ ରବିବାର ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାସ୍ତାରେ ହେଲମେଟ୍ ଏବଂ ସିଟବେଲ୍ଟ ପିନ୍ଧିଥିବା ଗାଡ଼ି ଚାଳକମାନଙ୍କୁ ଫୁଲ ସହ ଗଛଟିଏ ପ୍ରଦାନ କରାଯାଇଥିଲା। କୁସୁପଙ୍ଗା ବିଜୁ ଯୁବ ବାହିନୀ ସଭାପତି ସୁଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ପର୍ବତାରୋହିଣୀ ବିଭାରାଣୀ ପାତ୍ର, ସାମାଜିକକର୍ମୀ ଚିତ୍ତରଞ୍ଜନ ନାଥ ଓ ଜୟନ୍ତ କୁମାର ନାଥ ପ୍ରମୁଖ ସାମିଲ ଥିଲେ।



ରକ୍ଷକ କାର୍ଯ୍ୟକ୍ରମରେ ସଚେତନତା।

# ଲଘୁଚାପ ବର୍ଷାରେ ବ୍ୟାପକ ଫସଲ ନଷ୍ଟ

**ଭାପୁର,୨୮।୧୦(ଡି.ଏନ.ଏ.)**



ଢେଙ୍କାନାଳ ଜିଲା ସଦର ବ୍ଲକ ଓ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଛଦେଶ ଅଞ୍ଚଳରେ ଗତ ଲଘୁଚାପ ବର୍ଷାରେ ବ୍ୟାପକ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି। ବିଲରେ ପାଣି ଜମିଥିବାରୁ ଧାନ ଗଜା ହୋଇଛି। ଟମାଟୋ, ବାଇଗଣ, କୋବି ଆଦି ଫସଲ କରିଥିବା ଚାଷୀମାନେ ବ୍ୟାପକ କ୍ଷତି ସହିଛନ୍ତି। ଲଗାଣ ବର୍ଷାରେ ବିଲରୁ ପାଣି ନିଷ୍କାସନ ହୋଇ ପାରୁ ନ ଥିବାରୁ ପରିବା ଗଛ ଲଗାଯାଇପାରୁନି ବୋଲି ଓଡ଼ାପଡ଼ା ବ୍ଲକ ଘିଟିପିରି ପଞ୍ଚାୟତ ଓସ୍ତପାଳ ଗ୍ରାମର କାମେଶ ପରିଡ଼ା, ସୁଦର୍ଶନ ନାୟକ, ଶେଷଦେବ ନାୟକ, ଶ୍ରୀଧର ସାହୁ, ଅଭିମନ୍ୟୁ ସାହୁ, ଗଣେଶ୍ୱର ପରିଡ଼ା ପ୍ରମୁଖ ଚାଷୀ ପ୍ରକାଶ କରିଛନ୍ତି।

ସେହିପରି ପରିବା ଚାଷକୁ ଭରସା କରି ଚଳୁଥିବା ପରିବାର ପାଇଁ ଏହି ବର୍ଷା ଦୁଃଖ ଆଣି ଦେଇଛି। ଋଣ କରି ଚାଷ କରିଥିବା ଚାଷୀମାନେ ବିଶେଷ କରି ଚିନ୍ତାରେ ପଡିଛନ୍ତି। ସରକାରୀସ୍ତରରେ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ବେଗୁନିଆଁପାଳର ଚାଷୀ ପ୍ରଶାନ୍ତ ଖଟୁଆ, ରବି ଖଟୁଆ, ସୁଦର୍ଶନ ରାଉତ ଦାବି କରିଛନ୍ତି। ସେହିପରି କୋଇଲିପଙ୍ଗି ଗ୍ରାମର ପ୍ରଭାକର ପଣ୍ଡାଙ୍କ ପ୍ରାୟ ୨ ଏକର ଜମିରେ ଧାନ ଫସଲ ନଷ୍ଟ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଭାପୁର ରାଜସ୍ୱ ନିରୀକ୍ଷକ ରାଜେନ୍ଦ୍ର ପ୍ରସାଦ ସାହୁ କହିଛନ୍ତି, ଜିଲାରେ କମ୍ ପରିମାଣର ବର୍ଷା ହୋଇଥିବାରୁ କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ମିଳିନାହିଁ। ଯେଉଁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ବିଭାଗସ୍ତରରେ ଦୃଷ୍ଟି ଦିଆଯିବ।

# ୪ର୍ଥ ଦିନରେ ଅନଶନ, ୩ ଛାତ୍ରୀଛାତ୍ର ଅସୁସ୍ଥ

**ଢେଙ୍କାନାଳ ଅଫିସ, ୨୮।୧୦**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କିରା ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଚଳାଇଥିବା ଅନଶନ ସୋମବାର ୪ର୍ଥ ଦିନରେ ପହଞ୍ଚିଛି। ଶିକ୍ଷକଙ୍କ ବଦଳି ଏବଂ ହିନ୍ଦୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ପଦବୀ ପୂରଣ ଆଦି ଦାବିରେ ଆନ୍ଦୋଳନ ଚାଲିଛି। ଗଁଦିଆ ବ୍ଲକ ଶିକ୍ଷା ଅଧିକାରୀ ହୃଷୀକେଶ ବାରିକ ଦ୍ୱିତୀୟ ଥର ଆସି ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ୪ର୍ଥ ଦିବସରେ ଅନଶନରତ ୩ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡା କୁହନ୍ତି, ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କ ସହିତ ଆଲୋଚନା କରିବା ପରେ ପଦକ୍ଷେପ ନେବା ନିମନ୍ତେ ଅନୁମତି ଆଣିଛୁ। ଖୁବଶୀଘ୍ର ସମାଧାନ ହୋଇଯିବ ବୋଲି ଆଶା ଥିବା ଜିଲା ଶିକ୍ଷା ଅଧିକାରୀ କହିଛନ୍ତି। ଅନ୍ୟପଟେ ଦାବି ପୂରଣ ନ ହେଲେ ଆମରଣ ଅନଶନ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି। ସୁଧ=1%
M = 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

BUSINESS

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

SEE COLOR DISPLAY CLASSIFIED
ON EVERY TUESDAY & FRIDAY


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବାଇକ ଚୋରି ଅଭିଯୋଗ

ବଇଣ୍ଡା,୨୮।୧୦(ଡି.ଏନ.ଏ.)- ଠାକୁରଗଡ଼ ଥାନା ନାକିଚି ରୋଡ଼ ନିକଟରୁ ରବିବାର ଠାକୁରଗଡ଼ ଗ୍ରାମର ସୁଧାଂଶୁ ଭୂଷଣ ନାୟକଙ୍କ ବାଇକ ନଂ.(ଓଡ଼ି୧୯ପି୬୩୪୧) ଚୋରି ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ନାକିଚି ରୋଡ଼ଠାରେ ହୋଇଥିବା ବାଣ ଦୋକାନରୁ ବାଣ କିଣୁଥିବାବେଳେ ରାସ୍ତାରେ ରଖିଥିବା ତାଙ୍କ ବାଇକଟି ଚୋରି ହୋଇଯାଇଛି। ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଶେଷରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ଗ୍ରସେରି ଦୋକାନରୁ ସିରଫ ଜବତ, ଜଣେ ଗିରଫ

କଣିହାଁ,୨୮।୧୦(ଡି.ଏନ.ଏ.)-କଣିହାଁ ବ୍ଲକ ସମଲ ଥାନା ପୋଲିସ ଶନିବାର ରାତିରେ ସମଲ ବଜାରରେ ଥିବା ଏକ ଗ୍ରସେରି ଦୋକାନରେ ଚଢ଼ାଉ କରି ୬୧ ବୋତଲ ୧୦୦ ଗ୍ରାମ ବିଶିଷ୍ଟ ଡ୍ରଗ୍ସ ଯୁକ୍ତ ଏସ କଫ ନାମକ ବେଆଇନ କଫ ସିରଫ ଜବତ କରିଛି।

ଆଇଆଇସି ଚାରୁଲତା ବେହେରା କହିଛନ୍ତି, ଭିଣୋଇଙ୍କ ଗ୍ରୋସରି ଦୋକାନରେ ସମ୍ପର୍କୀୟ ଶାଳକ ଶରଧାପୁର ଗ୍ରାମର ଛବିଳ ମହାନ୍ତି ପରିଚାଳନା କରୁଥିଲା। ସେଠାରେ ବେଆଇନ କଫ ସିରଫ ବିକ୍ରିକୁ ନେଇ ଚଢ଼ାଉ ହୋଇଥିଲା। ଅଭିଯୁକ୍ତ ଛବିଳଙ୍କୁ ନଂ. ୧୪୭/୧୯ରେ ଏକ ମାମଲା ରୁଜୁ କରାଯାଇ ରବିବାର ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।

### ଗାଡ଼ିମୋଟର ଯାଞ୍ଚ

ବଇଣ୍ଡା,୨୮।୧୦(ଡି.ଏନ.ଏ.)- ହଣ୍ଡପା ଛକ ନିକଟରେ ସୋମବାର ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ବାଇକ ଗୁଡ଼ିକୁ ଅଟକାଇ ହେଲମେଟ ଯାଞ୍ଚ କରାଯାଇଥିଲା। ୧୬ଟି ମାମଲା ରୁଜୁ କରାଯାଇ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ହଣ୍ଡପା ଆଇଆଇସି ଲବ ବୋଡ଼ା, ଏଏସଆଇ ପି.କେ ଆଇଚ ପ୍ରମୁଖ ଯାଞ୍ଚ କରିଥିଲେ।

### ଗଛରେ ପିଟିହେଲା ଚିପ୍ସ ବୋଝେଇ ଟ୍ରକ୍

କାମାକ୍ଷାନଗର, ୨୮।୧୦(ଡି.ଏନ.ଏ.)- ଢେଙ୍କାନାଳ ଜିଲା କଙ୍କଡାହାଡ ଥାନା ତଣ୍ଡିମୁଣ୍ଡା ନିକଟରେ ରବିବାର ସକାଳେ ଏକ ଚିପ୍ସ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକ୍‌ଟି କଙ୍କଡାହାଡ ଆଡୁ କାମାକ୍ଷାନଗର ଅଭିମୁଖେ ଯାଉଥିବା ବେଳେ ଭାଲୁମୁଣ୍ଡା ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇଥିଲା। ଟ୍ରକ୍ ଧକ୍କାରେ ୨ଟି ଶାଳ ଗଛ ଭାଙ୍ଗିଥିବାବେଳେ କେହି ମୃତାହତ ହୋଇନାହାନ୍ତି।

# ୧୫୩ ଅଭିଯୋଗର ଶୁଣାଣି

ଆଠମଲ୍ଲିକ,୨୮।୧୦(ଡି.ଏନ.ଏ.)



ଆଠମଲ୍ଲିକ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ୧୫୩ଟି ଅଭିଯୋଗର ଶୁଣାଣି କରିଥିଲେ। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା, ରାସ୍ତାଘାଟର ଉନ୍ନତୀକରଣ, ସ୍ୱାସ୍ଥ୍ୟ ସମସ୍ୟା, ଡାକ୍ତର ନିଯୁକ୍ତି, ସୁରେଶ୍ୱରୀ ଜଳ ପ୍ରକଳ୍ପ କାର୍ଯ୍ୟକାରୀ, ସାଧାରଣ ବଣ୍ଟନ ଆଦି ସମସ୍ୟା ଉପରେ ଦରଖାସ୍ତ ଗୁଡିକ ଗ୍ରହଣ କରାଯାଇଥିଲା। ଏହି ଅବସରରେ ଜିଲାପାଳ ଜିଲା ରେଡକ୍ରସ୍ ପାଣ୍ଠିରୁ ଅଏଡାର ରୀନା ରାଣି କଅଁରଙ୍କୁ ୫୦୦୦, କୁତୁଲିସିଙ୍ଗାର ଚରଣ ପ୍ରଧାନଙ୍କୁ ୧୦୦୦, ଲୁହାସିଙ୍ଗାର ସଫଳା ପ୍ରଧାନଙ୍କୁ ୩୦୦୦, କୁତୁଲସିଙ୍ଗା ଜନ୍ମେଜୟ କଠାରଙ୍କୁ ୫୦୦୦, ମୋହନଖଲିର ସୀତାକାନ୍ତ ପଣ୍ଡାଙ୍କୁ ୧୦୦୦୦ ଟଙ୍କା ପ୍ରଦାନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଲୁହାମୁଣ୍ଡାର ପୀତାମ୍ବର ସାହୁଙ୍କୁ ୫୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମିନା, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅମରେନ୍ଦ୍ର ନାଥ ମହାନ୍ତି, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳେଇ, ତହସିଲଦାର ବାସୁଦେବ ମହାପାତ୍ର, ଅନୁଗୋଳ ସହକାରୀ ଜିଲାପାଳ ଇଶାନୀ ପଣ୍ଡା, ଆଠମଲ୍ଲିକ ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସେକ୍ ଅବଦୁଲ କରିମ୍, ଆଠମଲ୍ଲିକ ଥାନାର ଆରକ୍ଷୀ ନିରୀକ୍ଷକ ପ୍ରିୟବ୍ରତ ଦାସଙ୍କ ସମେତ ଜିଲା, ଉପଖଣ୍ଡ ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ସାନହୁଲା ଗ୍ରା.ପ ପରିସରରେ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟଙ୍କ ଅଧ୍ୟକ୍ଷତାରେ କୃଷି ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷି ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଶିବିରରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, କୃଷି ଅଧିକାରୀ ଭୋଳାଶଙ୍କର ବେହେରା, କ୍ଷେତ୍ର ବିଜ୍ଞାନୀ ବିଦ୍ୟାଧର ସାହୁ, ସରପଞ୍ଚ ବନିତା ବେହେରା, ସମିତିସଭ୍ୟା ସୁଲୋଚନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିପୁଳ ପରିମାଣରେ ଡିନାମାଇଟ୍ ଜବତ

ଛେଣ୍ଡିପଦା,୨୮।୧୦(ସ୍ୱ.ପ୍ର)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ସୁବର୍ଣ୍ଣପୁର ଗ୍ରାମ ମୁଣ୍ଡରୁ ସୋମବାର ବସ୍ତାରେ ବନ୍ଧା ହୋଇଥିବା ବିପୁଳ ପରିମାଣର ଡିନାମାଇଟ୍ ଜବତ ହୋଇଛି।

ସୂଚନା ମୁତାବକ, ଗ୍ରାମର କିଛି ଯୁବକ ସନ୍ଧ୍ୟାରେ ତାଳଡୋଟାକୁ ଶୌଚ ପାଇଁ ଯାଇଥିବା ବେଳେ ଏକ ବସ୍ତା ବନ୍ଧା ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ପରେ ଯୁବକମାନେ ଉକ୍ତ ବସ୍ତାକୁ ଖୋଲିବା ପରେ ବହୁ ପରିମାଣର ଡିନାମାଇଟ ଦେଖିବାକୁ ପାଇଥିଲେ। ଏହାପରେ ଯୁବକମାନେ ଭୟଭୀତ ହୋଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଘଟଣା ସମ୍ପର୍କରେ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଖବର ଲେଖାହେବା ସୁଦ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି। ତେବେ ଏହି ସବୁ ଡିନାମାଇଟ ସ୍ଥାନୀୟ ଅଞ୍ଚଳରେ ଚାଲିଥିବା ଚୋରା କୋଇଲା ଖଣି କିମ୍ବା ପଥର କ୍ୱାରିରେ ପଥର ଫଟାଇବା ପାଇଁ ମାଫିଆମାନେ ଆଣି ରଖିଥିବା ସନ୍ଦେହ କରାଯାଉଛି। ତଦନ୍ତ ପରେ କିଏ ଏତେ ପରିମାଣର ଡିନାମାଇଟ ରଖିଛି ଜଣାପଡିବ ବୋଲି ନିଶା ପୋଲିସ ପ୍ରକାଶ କରିଛି।

ଯୋଗଦେଲେ ଡିଏଲ୍‌ଆର୍, ଯୋଗଦେଇନାହାନ୍ତି ସଫେଇ କର୍ମଚାରୀ

## ଝାଡୁ ଧରିବେ ପୌର ଇଓ, କର୍ମଚାରୀ

ଅନୁଗୋଳ ଅଫିସ, ୨୮।୧୦



ଅନୁଗୋଳ ପୌରପରିଷଦର ୧୦ ଜଣ ଡିଏଲ୍‌ଆର୍ କର୍ମଚାରୀ ସୋମବାର କାର୍ଯ୍ୟକୁ ଫେରିଛନ୍ତି। କିନ୍ତୁ ସଫେଇ କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିଥିବାରୁ ସହର ସଫେଇ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ତେବେ ମଙ୍ଗଳବାର ନିଜେ ପୌର ନିର୍ବାହୀ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ସହରରେ ଝାଡୁମାରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସହର ଦିନକୁ ଦିନ ଅପରିଷ୍କାର ହେଉଥିବାରୁ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ଏପରି ଅଭିନବ ପନ୍ଥା ଗ୍ରହଣ କରାଯାଇଥିବା କହିଛନ୍ତି।

ସୂଚନା ଅନୁଯାୟୀ, ଆନ୍ଦୋଳନ କରୁଥିବା ୧୦ ଜଣ ଡିଏଲଆର ସଫେଇ କର୍ମଚାରୀ ସୋମବାର ଏକ ଅଣ୍ଡରଟେକିଂ ଦେଇ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ଆନ୍ଦୋଳନକୁ ଓହ୍ଲାଇଥିବା କଥା ସେମାନେ ଉଲ୍ଲେଖ କରିଛନ୍ତି। ଭବିଷ୍ୟତରେ ଏପରି ଭୁଲ ଆଉ କରିବେ ନାହିଁ ବୋଲି ଉକ୍ତ ଅଣ୍ଡରଟେକିଂରେ ଦର୍ଶାଇଛନ୍ତି। ଅପରପକ୍ଷରେ ସହର ସଫେଇ କରିବାକୁ ଠିକା ନେଇଥିବା ସଂସ୍ଥା ସଫେଇ କର୍ମଚାରୀଙ୍କ ସହ ଘନ ଘନ ବୈଠକ କରୁଥିଲେ ମଧ୍ୟ ସମାଧାନର ବାଟ ଫିଟୁନାହିଁ। ବାହାରୁ ଲୋକଙ୍କୁ ଆଣି ସହର ସଫେଇ କରିବାକୁ ଠିକା ସଂସ୍ଥା ସାହସ ମଧ୍ୟ ଜୁଟାଇ ପାରୁନାହିଁ। ତେଣୁ ପୌରପାଳିକାରେ କାର୍ଯ୍ୟ କରୁଥିବା ୧୩୦ ସଫେଇ କର୍ମଚାରୀ କେବେ କାର୍ଯ୍ୟରେ ଯୋଗ ଦେବେ ତାହା ଅନିଶ୍ଚିତତା ମଧ୍ୟରେ ରହିଛି। ଏ ନେଇ ପୌରନିର୍ବାହୀ ଅଧିକାରୀ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ସହର ସଫେଇ ୧୫ ଦିନ ବନ୍ଦ ରହିଲେ ଉକ୍ତ ଠିକା ସଂସ୍ଥାର ଚୁକ୍ତି ବାଜ୍ୟାପ୍ତି ହେବ ବୋଲି ନିୟମ ରହିଛି। ଜିଲାପାଳଙ୍କ ନିକଟରେ ଏହା ବିଚାରାଧୀନ ଥିବାରୁ ପରବର୍ତ୍ତୀ ପଦକ୍ଷେପ ଜିଲାପାଳ ନେବେ ବୋଲି ନିର୍ବାହୀ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।

କେନ୍ଦୁପଶି ନାଳ ପୋଲ ଦବିବା ଘଟଣା

## ତଦନ୍ତ କଲେ ବିଭାଗୀୟ ଯନ୍ତ୍ରୀ



ଛେଣ୍ଡିପଦା, ୨୮।୧୦(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା-କମ୍ପସଲା ରାସ୍ତାର କେନ୍ଦୁପଶିଠାରେ ଥିବା କୁମ୍ଭାରିଆ ନାଳର ପୋଲଟି ଗତ ଲଗାଣ ବର୍ଷାରେ ଦବିଯିବା ସହ ବିଭିନ୍ନ ସ୍ଥାନରେ ଫାଟି ଆଁ କରିଛି। ଫଳରେ ପୋଲରେ ଯାତାୟାତ ବିପଦସଙ୍କୁଳ ହୋଇପଡିଛି। ସୋମବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶ୍ରୀନିବାସ ପ୍ରଧାନ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ ସେଠାରେ ପହଞ୍ଚି ପୋଲର ଅବସ୍ଥା ଅନୁଧ୍ୟାନ କରିଛନ୍ତି। ଏହି ପୋଲରେ ଭାରିଯାନ ଯାତାୟାତ ନ କରିବାକୁ ସୂଚନା ଫଳକ ଲଗାଯାଇଛି। ଫାଟ ସ୍ଥାନରେ ନାଲି ପତାକା ଲଗାଯାଇଛି। ପୋଲଟି ଭାଙ୍ଗିଗଲେ କୋଶଳା-କମ୍ପସଲା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବ। ଫଳରେ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଯିବାଆସିବାରେ ଅସୁବିଧା ଭୋଗିବେ। ତୁରନ୍ତ ପୋଲକୁ ନୂତନ ଭାବେ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

୫-ଟି କାର୍ଯ୍ୟକାରିତାର ସମୀକ୍ଷା

## ସପ୍ତାହରେ ଥରେ ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ କର

ଅନୁଗୋଳ ଅଫିସ, ୨୮।୧୦



ରାଜ୍ୟ ସରକାରଙ୍କ '୫-ଟି' କାର୍ଯ୍ୟକ୍ରମରେ ଜନସାଧାରଣ କିପରି ସେବା ପାଉଛନ୍ତି ସେ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଖଣିଜ ପାଣ୍ଠି ସହାୟତାରେ ଜିଲାରେ ଖାଲିଥିବା ଡାକ୍ତର ଓ ଶିକ୍ଷକ ପଦବୀ ପୂରଣ କରାଯାଇ ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ବିଭାଗୀୟ ଅଧିକାରୀମାନେ ସପ୍ତାହରେ ଥରେ ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ କରି '୫-ଟି'ର ଅନୁଧ୍ୟାନ କରିବା ସହ କିଛି ଅଭିନବ କାର୍ଯ୍ୟ ସମ୍ପର୍କରେ ଜଣାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ସିଡିଏମ୍‌ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଡାୟାଲିସିସ୍ କେନ୍ଦ୍ରରେ ଅଧିକ ରୋଗୀ ହେଉଥିବାରୁ ୟୁନିଟ୍ ସଂଖ୍ୟା ବଢ଼ାଇବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜିଲାପାଳ କହିଥିଲେ। ଏଥିସହ ଜିଲାର କିଛି ଅଞ୍ଚଳରେ କିଡ୍‌ନୀ ରୋଗ ବ୍ୟାପୁଥିବାରୁ ସେ ଅଞ୍ଚଳର ପାଣି ପରୀକ୍ଷା ପାଇଁ ପଠାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲାରେ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ଯୋଗାଣ କାର୍ଯ୍ୟକୁ ଜିଲାପାଳ ସମୀକ୍ଷା କରିଥିଲେ। ଉପଜିଲାପାଳମାନେ ନିୟମିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଜଳ ଯୋଗାଣ ତଦାରଖ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା କିପରି ଚାଲିଛି ବିଭାଗୀୟ ଅଧିକାରୀ ନିୟମିତ ପରିଦର୍ଶନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପାଠରେ ଦୁର୍ବଳ ଥିବା ଅଷ୍ଟମ ଶ୍ରେଣୀର ୧୦ ହଜାର ୩୩ ଜଣ ପିଲାଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କରିଥିଲେ। ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଭାବେ କରିବାକୁ ଜିଲାପାଳ କହିଥିଲେ। ଜିଲାରେ ବନ୍ଦ ହୋଇଥିବା ୪ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ପୁନର୍ବାର ଚଳାଇବା ସହ ପୁଷ୍ଟିକର ଖାଦ୍ୟ ରନ୍ଧା ଖାଦ୍ୟ ସହ ସପ୍ତାହକୁ ୫ ଦିନ ଅଣ୍ଡା ଦିଆଯାଉଛି କି ନାହିଁ ଜିଲାପାଳ ସମୀକ୍ଷା କରିଥିଲେ। ଏହି ବୈଠକରେ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ଦ୍ୱାରା ପରିଚାଳିତ ଛାତ୍ରାବାସ, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ସ୍ୱୟଂସହାୟକ ଗୋଷ୍ଠୀକୁ ସହାୟତା, କୃଷି ଓ ଉଦ୍ୟାନ କୃଷି କ୍ଷେତ୍ରରେ ଚାଷୀମାନଙ୍କୁ ବିଭିନ୍ନ ସହାୟତା ପ୍ରଦାନ, ଶ୍ରମିକମାନଙ୍କୁ ପଞ୍ଜୀକରଣ କରି ବିଭିନ୍ନ ସହାୟତା ପ୍ରଦାନ ଓ ସରକାରୀ କର୍ମଚାରୀମାନଙ୍କ ଅବସରକାଳୀନ ଭତ୍ତା ମଞ୍ଜୁର ଆଦି ବିଷୟରେ ସମୀକ୍ଷା କରିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଡେପୁଟି କଲେକ୍ଟର ବଇତୁରା ଦୀପ୍ ଓ ଆସିଷ୍ଟାଣ୍ଟ କଲେକ୍ଟର ସୋଫି ସାଇନିକାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ ନାଁରେ ଅଭିଯୋଗ

କାମାକ୍ଷାନଗର,୨୮।୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ସରିବା ପରେ ବ୍ଲକର କିଛି ଲୋକ ପ୍ରତିନିଧି କାମାକ୍ଷାନଗର ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁଙ୍କ ନାମରେ ଅଭିଯୋଗ ଆଣିଥିଲେ।

ଅଭିଯୋଗ ମୁତାବକ, ଖଟଖୁରା ଗ୍ରାମରେ ଏକ ପ୍ୟାକ ହାଉସର ବିଲ୍ ପାସ୍ ଅଧିକାରୀ ଜଣକ ଜାଣିଶୁଣି କରୁନାହାନ୍ତି। ଏ ନେଇ ଗତ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ପରେ ବି ଅଧିକାରୀ ଜଣକ ପଦକ୍ଷେପ ନେଇ ନ ଥିଲେ। ପରେ ଘଟଣା ସମ୍ପର୍କରେ ବୁଝିବା ପାଇଁ ବ୍ଲକର କିଛି ଲୋକପ୍ରତିନିଧି କାମାକ୍ଷାନଗର ଉଦ୍ୟାନ ବିଭାଗ କାର୍ଯ୍ୟାଳୟକୁ ଯାଇଥିବାବେଳେ ସେ ଦିନ ଅଧିକାରୀ ଅନୁପସ୍ଥିତ ଥିଲେ। ପରେ ସ୍ୱାଇଁ ଅଫିସକୁ ଆସି କହିଥିଲେ ଯେ, ଏଠାକୁ ଯେଉଁ ଲୋକପ୍ରତିନିଧି ଆସିବେ ତାଙ୍କୁ ଦଉଡିରେ ବନ୍ଧାଯିବ। ଏହାକୁ ନେଇ ଜନ ଅଭିଯୋଗ ଶୁଣାଣି ସରିବା ପରେ କିଛି ଲୋକ ପ୍ରତିନିଧି ଉଦ୍ୟାନ ଅଧିକାରୀଙ୍କୁ ଅଟକାଇ ଘଟଣା ବିଷୟରେ ପଚାରିବା ପରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପରେ କାମାକ୍ଷାନଗର ବିଡିଓ ବିକାଶ କୁମାର ମହାନ୍ତି ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସେହିପରି ବିଲ୍ ପାସ ପାଇଁ ୧୦ ହଜାର ଲାଞ୍ଚ ନେଇଛନ୍ତି ବୋଲି ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁ, ରାୟନୃସିଂହପୁର ସରପଞ୍ଚ ଶିଶିରକାନ୍ତ ବେହେରା, କୋଟଗରା ସରପଞ୍ଚ ଲଳିତ ସାହୁ ସାହୁଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଥିଲେ। ଅନ୍ୟପଟେ ସମ୍ପୃକ୍ତ ଅଧିକାରୀଙ୍କୁ ଏ ବିଷୟରେ ପଚାରିବାରୁ ସେ ପ୍ରଥମେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଠେଲି ପଳାଇ ଯାଇଥିଲେ। ପରେ କିଛି ଲୋକପ୍ରତିନିଧି ତାଙ୍କୁ ବ୍ଲକଠାରେ ଅଟକାଇଥିଲେ। ସେଠାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ଅଭିଯୋଗକୁ ଅଧିକାରୀ ଜଣକ ଖଣ୍ଡନ କରିଥିଲେ। ହିତାଧିକାରୀଙ୍କୁ ହଇରାଣ ନ କରିବା ଓ ଠିକରେ କାମ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲାପାଳ ତାଗିଦ କରିଥିଲେ।





ଓଡିଶା ସରକାର

ପ୍ରତି ବୁନ୍ଦା ଜଳରେ ଅଧିକ ଫସଲ

ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାରେ

ବୁନ୍ଦା ଓ ସିଞ୍ଚନ ଜଳସେଚନ ପ୍ରଣାଳୀ ସ୍ଥାପନ କରି

- କମ ଜଳରେ ଅଧିକ ଫସଲ ଚାଷ କରନ୍ତୁ
- ଜଳ ବଞ୍ଚାନ୍ତୁ
- ଅଧିକ ଅମଳ କରି ଲାଭବାନ ହୁଅନ୍ତୁ ।

ଏହି ପ୍ରଣାଳୀ ସ୍ଥାପନ ପାଇଁ ମିଳୁଥିବା ରିହାତି :



| ଚାଷୀ | ରିହାତି |
|---|---|
| କ୍ଷୁଦ୍ର ଓ ନାମମାତ୍ର ଚାଷୀ | ୯୦% ଭାଗ |
| ଅନ୍ୟ ଚାଷୀ | ୮୦% ଭାଗ |



ପଞ୍ଜୀକରଣ ପାଇଁ pmksy.nic.in portal ରେ ଆବେଦନ କରନ୍ତୁ ।

ଉଦ୍ୟାନକୃଷି ନିର୍ଦ୍ଦେଶାଳୟ, ଭୁବନେଶ୍ୱର

Email: supportdho.od@nic.in Website: odihort.nic.in

DSPL-130

01038/13/0006/1920



“ ଜମ୍ମୁ-କଶ୍ମୀର ଗସ୍ତ ଲାଗି ଦେଶର ବଡ଼ନେତାଙ୍କୁ ବାରଣ କରାଯାଇ ଥିବାବେଳେ ୟୁରୋପୀୟ ସଂଘର ପ୍ରତିନିଧିଙ୍କୁ ମୋଦି ସରକାର ଅନୁମତି ପ୍ରଦାନ କରିବା ଭାରତୀୟ ପାର୍ଲାମେଣ୍ଟ ଓ ଗଣତନ୍ତ୍ର ପ୍ରତି ଅପମାନ।
- ଜୟରାମ ରମେଶ, ବରିଷ୍ଠ କଂଗ୍ରେସ ନେତା



# ଆତଙ୍କ, ମୃତ୍ୟୁର ଦୂତ ବାଗ୍‌ଦାଦି

ୱାଶିଂଟନ୍,୨୮।୧୦(ପି.ଟି.)



ଅବୁ ବକ୍‌ର ଅଲ୍-ବାଗ୍‌ଦାଦି, ଯାହାଙ୍କ ନାଁ ଶୁଣିଲେ ବୀଭତ୍ସ ହତ୍ୟା ଓ ହିଂସାର ଆତଙ୍କ ଆଖି ସାମ୍‌ନାରେ ଭାସିଉଠେ। ନିଜକୁ ଖଲିଫା ବୋଲି ଦାବି କରୁଥିବା ଆତଙ୍କବାଦ ଓ ମୃତ୍ୟୁର ଦୂତ ବାଗ୍‌ଦାଦିଙ୍କର ଏକ ଆତଙ୍କମୟ ପରିବେଶରେ ମୃତ୍ୟୁ ହୋଇଛି। ଆମେରିକା ସ୍ୱତନ୍ତ୍ର ବାହିନୀ ହାତରେ ଧରାପଡିବା ପୂର୍ବରୁ ସେ ନିଜକୁ ବିସ୍ଫୋରଣରେ ଉଡାଇଦେଇଛନ୍ତି।

୧୯୭୧ ଜୁଲାଇ ୨୮ରେ ଇରାକରେ ଜନ୍ମିତ ବାଗ୍‌ଦାଦି ଇସ୍‌ଲାମିକ ଷ୍ଟେଟ୍ ଅଫ ଇରାକ ଓ ଲେଭାଣ୍ଟ (ଆଇଏସ୍‌ଆଇଏଲ୍)ର ନେତା ଥିଲେ। ଜାତିସଂଘ ଏବଂ ୟୁରୋପୀୟ ସଂଘ ଏହାକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ଆଇଏସ୍ ଦ୍ୱାରା କରାଯାଉଥିବା ଅତ୍ୟାଚାର ଓ ମାନବାଧିକାର ଉଲ୍ଲଂଘନ ସହ ବାଗ୍‌ଦାଦି ସିଧାସଳଖ ଜଡିତ ଥିଲେ। ଏହି ସଂଗଠନ ନିର୍ମମତାର ସବୁ ସୀମା ଟପିଯାଇଥିଲା। ନିରୀହ ଲୋକମାନଙ୍କୁ ଧାଡିରେ ଆଣ୍ଠେଇ ଗଳାକାଟି ହତ୍ୟା କରାଯାଉଥିଲା। କେତେକଙ୍କୁ ଜିଅନ୍ତା ପୋଡିଦିଆଯାଉଥିଲା କିମ୍ବା ପଥର ଫିଙ୍ଗି ହତ୍ୟା କରାଯାଉଥିଲା। ମହିଳାମାନଙ୍କୁ ଯୌନଦାସୀ ଭାବେ ରଖାଯାଇ ବଳାତ୍କାର କରାଯାଉଥିଲା। ଏହି ନିର୍ମମତାର ଭିଡିଓ ଛଡ଼ାଯାଇ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି କରାଯାଉଥିଲା। କଳାପୋଷାକ ପରିହିତ ବାଗ୍‌ଦାଦି ଏହାର ସଂଗଠନକୁ ବିଶ୍ୱ ଆତଙ୍କବାଦୀ ନେଟ୍‌ୱର୍କରେ ପରିଣତ କରାଇଥିଲେ। ୧୦୦ଟି ଦେଶରୁ ଲକ୍ଷାଧିକ ୟୁବକଙ୍କୁ ତାଙ୍କ ସଂଗଠନରେ ନିଯୁକ୍ତି ମିଳିଥିଲା। ସୁନ୍ନି ପରିବାରରେ ଜନ୍ମିତ ବାଗ୍‌ଦାଦି ତୀବ୍ର ଧର୍ମବିଶ୍ୱାସୀ ଥିଲେ। ଆଇଏସ୍ ସଂଗଠନର ନେତୃତ୍ୱ ନେବା ସହ ସେ ନିଜକୁ ଖଲିଫା ବୋଲି ଦାବି କରୁଥିଲେ। ଏକଦା ଏକ ବିଶାଳ ଭୂଖଣ୍ଡକୁ ତାଙ୍କ ସଂଗଠନ କବ୍‌ଜା କରିଥିଲା। ତିନି ଡଜନରୁ ଅଧିକ ଦେଶରେ ତାଙ୍କ ଆତଙ୍କବାଦୀ ସଂଗଠନ ପ୍ରଭାବ ବିସ୍ତାର କରିଥିଲା।

ବାଗ୍‌ଦାଦିଙ୍କ ସମ୍ପର୍କରେ ସୂଚନା ଦେଲେ କିମ୍ବା ତାଙ୍କୁ ଜୀବିତ ଅଥବା ମୃତ ଧରାଇଦେଲେ ୧୦ ନିୟୁତ ଡଲାର ପୁରସ୍କାର ଦିଆଯିବ ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ୨୦୧୧ରେ ଘୋଷଣା କରିଥିଲା। ୨୦୧୭ରେ ଏହି ପୁରସ୍କାର ରାଶିକୁ ୨୫ ନିୟୁତ ଡଲାରକୁ ବୃଦ୍ଧି କରାଯାଇଥିଲା। ଶେଷରେ ୨୬ ତାରିଖରେ ଆମେରିକାର ମିଳିତ ସ୍ୱତନ୍ତ୍ର ଅପରେଶନ କମାଣ୍ଡର କାର୍ଯ୍ୟାନୁଷ୍ଠାନବେଳେ ବାଗ୍‌ଦାଦି ନିଜ ସହ ତିନି ପିଲାଙ୍କୁ ବିସ୍ଫୋରଣରେ ଉଡାଇଦେଇଛନ୍ତି।

ବାଗ୍‌ଦାଦିଙ୍କର ଏକାଧିକ ନାଁ ରହିଛି। ଖଲିଫା ବୋଲି ନିଜକୁ ଦାବି କରିବା ପରେ ସେ ଅବୁ ବକ୍‌ର ଅଲ୍ ବାଗ୍‌ଦାଦି ନାଁ ଦେଇଥିଲେ। ଏହା ପୂର୍ବରୁ ସେ ଅବୁ ଡୁଆ, ଅଲ୍ ଶବାବ, ଅମିର ଅଲ୍-ମୁମିନିନ୍ ଭାବେ ପରିଚିତ ଥିଲେ। ୨୦୧୮ରେ ରଏଟରରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ତାଙ୍କର ପ୍ରକୃତ ନାମ ଇବ୍ରାହିମ୍ ଅଲ୍-ଶମରାଇ। ଅନ୍ୟ ଏକ ଖବରକାଗଜରେ ୨୦୧୪ରେ ପ୍ରକାଶିତ ରିପୋର୍ଟରେ ତାଙ୍କ ପିଲାଦିନର ନାଁ ଇବ୍ରାହିମ୍ ଆୱାଦ ଇବ୍ରାହିମ ଅଲ୍-ବଦ୍‌ରି ଥିଲା। ପରିବାରର ୪ ଭାଇଙ୍କ ମଧ୍ୟରେ ସେ ଥିଲେ ତୃତୀୟ। ତାଙ୍କ ବାପା ଶେଖ ଅୱାଦ ଧର୍ମୀୟ କାର୍ଯ୍ୟରେ ସକ୍ରିୟ ଥିଲେ ଓ କୃଷିକୁ ଜୀବିକା ଭାବେ ଗ୍ରହଣ କରିଥିଲେ। ବାଗ୍‌ଦାଦିଙ୍କ ଜଣେ ଦାଦା ସଦ୍ଦାମ ହୁସେନଙ୍କ ସୁରକ୍ଷା ସେବାରେ ନିୟୋଜିତ ଥିଲାବେଳେ ଭାଇ ଇରାକ ସେନାରେ ଅଫିସର ଥିଲେ। ସୈନ୍ୟବାହିନୀରେ ଥିବା ତାଙ୍କର ଅନ୍ୟଜଣେ ଭାଇ ଇରାକ୍-ଇରାନ ଯୁଦ୍ଧ କିମ୍ବା ଉପସାଗରୀୟ ଯୁଦ୍ଧବେଳେ ନିହତ ହୋଇଥିବା ବିଶ୍ୱାସ କରାଯାଏ। ସେ ବାଗ୍‌ଦାଦର ଇସ୍‌ଲାମିକ ବିଶ୍ୱବିଦ୍ୟାଳୟରୁ ଇସ୍‌ଲାମୀୟ ଆଇନ ଏବଂ କୋରାନ ପଢ଼ିଥିଲେ ଏବଂ ପରେ ସଦ୍ଦାମ ୟୁନିଭର୍ସିଟିରୁ ଉକ୍ତ ବିଷୟରେ ଡକ୍ଟରେଟ୍ କରିଥିଲେ। ତେବେ ଇଣ୍ଟରନେଟରେ ପ୍ରସାରିତ ତାଙ୍କ ଜୀବନୀରେ ଭିନ୍ନ ଭିନ୍ନ ଶିକ୍ଷାଗତ ଯୋଗ୍ୟତା ଉଲ୍ଲେଖ ରହିଛି। ସଦ୍ଦାମ ହୁସେନଙ୍କ ଶାସନ କାଳରେ ବାଗ୍‌ଦାଦି ଇସଲାମୀୟ ବିପ୍ଲବୀ ଥିଲେ ବୋଲି କେତେକ ବିଶ୍ୱାସ କରୁଥିଲାବେଳେ ଅନ୍ୟ କେତେକେ ରିପୋର୍ଟରେ ଭିନ୍ନ ତଥ୍ୟ ପ୍ରକାଶ ପାଇଛି।

୨୦୦୩ରେ ଆମେରିକା ଇରାକ ଆକ୍ରମଣ କଲାବେଳେ ଆତଙ୍କବାଦୀ ସଂଗଠନ ଜମାତ ଜୟଶ ଅହଲ୍ ଅଲ୍-ସୁନ୍ନାହ ୱାଲ-ଜମାହ (ଜେଜେଏଏସ୍‌ଜେ) ପ୍ରତିଷ୍ଠାରେ ସହଯୋଗ କରିବା ସହ ଶାରିଆ କମିଟିରେ ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ୨୦୦୬ରେ ବାଗଦାଦି ଓ ତାହର ସହଯୋଗୀ ମୁଜାହିଦ୍ଦିନ ଶୁରା କାଉନସିଲ୍‌ରେ ଯୋଗଦେଇଥିଲେ। ପରେ ଉକ୍ତ ସଂଗଠନର ନାଁ ଇସଲାମିକ ଷ୍ଟେଟ୍ ଅଫ ଇରାକ୍ ହୋଇଥିଲା। ବାଗଦାଦି ଉକ୍ତ ସଂଗଠନର ମୁଖ୍ୟ ତତ୍ତ୍ୱାବଧାରକ ଥିଲେ। ଏହା ଥିଲା ଅଲ୍ କାଏଦାର ଇରାକ୍ ଡିଭିଜନ। ଅବୁ ଓମାର ଅଲ୍-ବାଗଦାଦିଙ୍କ ମୃତ୍ୟୁ ପରେ ୨୦୧୦ ମେ ୧୬ରେ ବାଗ୍‌ଦାଦି ଏହାର ନେତା ଘୋଷିତ ହୋଇଥିଲେ।

ବାଗ୍‌ଦାଦର ଉମ୍-ଅଲ୍-କୁରା ମସ୍‌ଜିଦରେ ୨୦୧୧ରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣର ମାଷ୍ଟରମାଇଣ୍ଡ ଥିଲେ ବାଗ୍‌ଦାଦି। ଏଥିସହିତ ସେହିବର୍ଷ ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ତାଙ୍କ ସଂଗଠନ ଏକାଧିକ ଆକ୍ରମଣ କରିଥିଲା। ୨୦୧୧ ମେ ୨ରେ ପାକିସ୍ତାନର ଅବୋଟାବାଦ୍‌ରେ ଅଲ୍‌କାଏଦା ନେତା ଓସାମା ବିନ୍ ଲାଡେନ୍ ଆମେରିକା ସେନା କାର୍ଯ୍ୟାନୁଷ୍ଠାନରେ ନିହତ ହେବା ପରେ ବାଗଦାଦି ପ୍ରତିଶୋଧର ଧମକ ଦେଇଥିଲେ। ବାଗ୍‌ଦାଦ୍‌ର ଦକ୍ଷିଣ ଭାଗ ହିଲାଠାରେ ହୋଇଥିବା ଆକ୍ରମଣ ପାଇଁ ଏହି ନେତା ନିଜକୁ ଦାୟୀ କରିଥିଲେ। ଉକ୍ତ ଆକ୍ରମଣରେ ୨୪ ପୋଲିସ ନିହତ ହେବା ସହ ୭୨ ଆହତ ହୋଇଥିଲେ। ଲାଡେନ ମୃତ୍ୟୁର ପ୍ରତିଶୋଧ ସ୍ୱରୂପ ୨୦୧୧ ଅଗଷ୍ଟ ୧୫ରେ ମୋସୁଲରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ୭୦ ନିହତ ହୋଇଥିଲେ।

୨୦୧୩ରେ ତାଙ୍କ ସଂଗଠନ ସିରିଆକୁ ପ୍ରସାରିତ ହୋଇଥିଲା। ସେହିବର୍ଷ ଏପ୍ରିଲ ୮ରେ ବାଗ୍‌ଦାଦି ତାଙ୍କ ସଂଗଠନର ନାଁ ଆଇଏସଆଇଏଲ୍ ଘୋଷଣା କରି ଏହାର ମୁଖ୍ୟ ହୋଇଥିଲେ। ତାଙ୍କ ସଂଗଠନକୁ ସୌଦି ଆରବ ଓ କାତାରର ଘରୋଇ ସଂସ୍ଥାଗୁଡ଼ିକରୁ ଆର୍ଥିକ ସହାୟତା ମିଳୁଥିଲା ବୋଲି କୁହାଯାଏ। ୨୦୧୪ ଜୁନ ୨୯ରେ ବିଶ୍ୱବ୍ୟାପୀ ଖଲିଫା ସାମ୍ରାଜ୍ୟ ପ୍ରତିଷ୍ଠା ଘୋଷଣା କଲା ଆଇଏଏସ ଏବଂ ବାଗ୍‌ଦାଦି ଖଲିଫା ଇବ୍ରାହିମ୍ ଭାବେ ନିଜକୁ ନାମିତ କଲେ। ତାଙ୍କର ଏଭଳି ଘୋଷଣାକୁ ମଧ୍ୟପ୍ରାଚ୍ୟ ଦେଶ ଓ କେତେକ ଜେହାଦୀ ସଂଗଠନ ବିରୋଧ କରିଥିଲେ।



ଆମେରିକା ସେନା କାର୍ଯ୍ୟାନୁଷ୍ଠାନବେଳେ ଆଇଏସ୍ ନେତା ବାଗ୍‌ଦାଦି ନିହତ ହୋଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରୁଛନ୍ତି।

# ଆତଙ୍କବାଦ ନିରୋଧୀ ଲଢ଼େଇକୁ ବଡ଼ ସଫଳତା

ପ୍ୟାରିସ୍,୨୮।୧୦(ଏଏଫ୍‌ପି)

## ବିଭିନ୍ନ ରାଷ୍ଟ୍ରର ପ୍ରତିକ୍ରିୟା

ଇରାକ୍ ଓ ସିରିଆର ଖଲିଫା ବୋଲି ନିଜକୁ ଦାବି କରୁଥିବା ଆଇଏସ୍ ନେତା ଅବୁ ବକ୍‌ର ଅଲ୍-ବାଗ୍‌ଦାଦି ନିହତ ହେବା ଖବର ଶୁଣି ବିଶ୍ୱ ଆଶ୍ୱସ୍ତ ହୋଇଛି। ଗତ ୫ ବର୍ଷ ମଧ୍ୟରେ ବାଗଦାଦିଙ୍କ ସଂଗଠନ ହଜାର ହଜାର ଲୋକଙ୍କ ମୁଣ୍ଡକାଟ କରିଥିଲା। ଆଇଏସ୍ ଆତଙ୍କବାଦୀମାନେ ବହୁ ନିରୀହ ଲୋକଙ୍କୁ ଅପହରଣ କରିନେଇ ନିର୍ମମ ଭାବେ ହତ୍ୟା କରୁଥିଲେ। ମହିଳାମାନଙ୍କୁ ସେକ୍ସ ସ୍ଲେଭ୍ ଭାବେ ରଖି ବଳାତ୍କାର କରାଯାଉଥିଲା। ବାଗ୍‌ଦାଦି ନିହତ ହୋଇଥିବାରୁ ଏହା ଆତଙ୍କବାଦ ନିରୋଧୀ ଲଢ଼େଇ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ବୋଲି ବିଶ୍ୱନେତାମାନେ ମତ ଦେଇଛନ୍ତି। ଏଥିପାଇଁ ଆମେରିକା ସେନା ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଉଚ୍ଚ ପ୍ରଶଂସା କରାଯାଇଛି। ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱର ଶେଷ ଭାଗରେ ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି।

ଆତଙ୍କବାଦ ବିରୋଧୀ ମିଳିତ ଲଢ଼େଇରେ ଏହା ଏକ ନୂଆ ମୋଡ଼ ବୋଲି କହିଛନ୍ତି ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଡୋଗାନ। ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନକୁ ତୁର୍କୀ ସମର୍ଥନ ଜାରି ରଖିବ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ତେବେ ବାଗ୍‌ଦାଦି ନିହତ ହେବା ପରେ ଆଇଏସ୍ ସଂଗଠନ ଶେଷ ହୋଇଗଲା ଭାବିବା ଠିକ୍ ନୁହେଁ ବୋଲି ଇରାନ୍ କହିଛି। ଏହା କେବଳ ଏକ ଅଧ୍ୟାୟର ପରିସମାପ୍ତି ବୋଲି ଇରାକ୍ ସରକାରଙ୍କ ମୁଖପାତ୍ର ଅଲି ରବେଇ ଟୁଇଟ୍ କରିଛନ୍ତି। ଆଇଏସ୍ ଆତଙ୍କବାଦୀ ସଂଗଠନ ଏବେବି ବଢୁଥିବାର ପ୍ରମାଣ ରହିଛି। ଆମେରିକା ନୀତି, ଆଞ୍ଚଳିକ ପେଟ୍ରୋଡଲାର ଏବଂ ସୁନ୍ନି ମୁସଲମାନ ଉଗ୍ରବାଦୀଙ୍କ ନୀତି ଇସ୍‌ଲାମିକ ଷ୍ଟେଟ୍ ଆତଙ୍କବାଦୀ ସଂଗଠନ ବଢ଼ିବା ପଛର ମୂଳ କାରଣ। ଏହି ତିନୋଟି ଉତ୍ସକୁ ସମୂଳେ ବିନାଶ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଆମେରିକା ସ୍ୱତନ୍ତ୍ର ବାହିନୀର କାର୍ଯ୍ୟାନୁଷ୍ଠାନ ଉପରେ ରୁଷିଆ ସନ୍ଦେହ ବ୍ୟକ୍ତ କରିଛି। ଇଡ୍‌ଲିବ୍‌ର ଉତ୍ତେଜନାପ୍ରବଣ ଅଞ୍ଚଳରେ ଆମେରିକା ସୈନ୍ୟବାହିନୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ କୌଣସି ନିର୍ଭରଯୋଗ୍ୟ ସୂଚନା ମିଳି ନ ଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

ବାଗ୍‌ଦାଦି ନିହତ ହେବା ଉକ୍ତ ସଂଗଠନକୁ ଶକ୍ତ ଧକ୍କା। ତେବେ ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇ ଜାରି ରହିବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରଁ ଟୁଇଟ୍ କରିଛନ୍ତି। ସେହିପରି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ କହିଛନ୍ତି, ବାଗ୍‌ଦାଦି ନିହତ ହେବା ଆତଙ୍କବାଦ ନିରୋଧୀ ଲଢ଼େଇ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ତେବେ ଏହା ଲଢ଼େଇର ପରିସମାପ୍ତି ନୁହେଁ ବୋଲି ସେ କହିଛନ୍ତି। ସେହିପରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତ୍‌ନ୍ୟାହୁ ମଧ୍ୟ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କହିଛନ୍ତି। ଆତଙ୍କବାଦ ବିରୋଧୀ ଲଢ଼େଇରେ ଆମେ ନିଶ୍ଚିତ ଜିତିବା ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ବାଗ୍‌ଦାଦିଙ୍କ ମୃତ୍ୟୁର ପ୍ରତିଶୋଧ ନେବା ଲାଗି ଆଇଏସ୍ ଆତଙ୍କବାଦୀମାନେ ଆକ୍ରମଣ କରିପାରନ୍ତି ବୋଲି ସିରିଆ କୁର୍ଦ୍ଦ ବାହିନୀ ଶୀର୍ଷ କମାଣ୍ଡର ମଜଲୋଉମ୍ ଅବଦି କହିଛନ୍ତି। ଆମେରିକା ସ୍ୱତନ୍ତ୍ର ବାହିନୀର କାର୍ଯ୍ୟାନୁଷ୍ଠାନ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ନାଟୋ ମୁଖ୍ୟ ଜେନ୍ସ ଷ୍ଟଲଟେନବର୍ଗ ଟୁଇଟ କରିଛନ୍ତି। ସମସ୍ତଙ୍କର ଶତ୍ରୁ ଆଇଏସ୍ ବିରୋଧରେ ଲଢ଼େଇ ଲାଗି ନାଟୋ ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ଆମେରିକାର ପଦକ୍ଷେପକୁ ଅଷ୍ଟ୍ରେଲିଆ ସରକାର ସ୍ୱାଗତ କରିଛନ୍ତି। ବାଗ୍‌ଦାଦି ନିହତ ହେବା ଆଇଏସ୍ ପାଇଁ ଶକ୍ତ ଝଟ୍‌କା ବୋଲି ଅଷ୍ଟ୍ରେଲିଆ ବହିର୍ବ୍ୟାପାର ମନ୍ତ୍ରୀ ମାରିସ୍ ପେନେ କହିଛନ୍ତି।



ଜମ୍ମୁ-କଶ୍ମୀରର ରାଜୌରୀ ସେକ୍ଟରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯବାନଙ୍କ ସହ ଦୀପାବଳି ପାଳନ ଅବସରରେ ମିଠା ଖୁଆଉଛନ୍ତି।

## ଗ୍ରେନେଡ୍ ଆକ୍ରମଣରେ ୨୦ ଆହତ

ଶ୍ରୀନଗର, ୨୮।୧୦(ପି.ଟି.)

ଜମ୍ମୁ-କଶ୍ମୀରର ସୋପୋରସ୍ଥିତ ଏକ ବସ୍‌ଷ୍ଟାଣ୍ଡ ନିକଟରେ ଆତଙ୍କବାଦୀମାନେ ଗ୍ରେନେଡ୍ ଆକ୍ରମଣ କରିବାରୁ ଅତିକମ୍‌ରେ ୨୦ ସାଧାରଣ ନାଗରିକ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରୁ ୬ଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ସେମାନଙ୍କୁ ଶ୍ରୀନଗର ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ୟୁରୋପ ସଂଘର ପ୍ରତିନିଧି ଦଳ ଜମ୍ମୁ-କଶ୍ମୀର ଗସ୍ତ କରିବାର ଗୋଟିଏ ଦିନ ପୂର୍ବରୁ ଆତଙ୍କବାଦୀମାନେ ଏଭଳି ଆକ୍ରମଣ କରି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ଆତଙ୍କବାଦୀ ଆକ୍ରମଣ ପରେ ଉକ୍ତ ଅଞ୍ଚଳକୁ ସୁରକ୍ଷାକର୍ମୀମାନେ ଘେରାଉ କରିବା ସହ ସର୍ଚ୍ଚ ଅପରେଶନକୁ ଜୋରଦାର କରିଥିବା ପ୍ରକାଶ। ଗତ ୪୮ ଘଣ୍ଟା ମଧ୍ୟରେ ଏହା ଜମ୍ମୁ-କଶ୍ମୀରରେ ଦ୍ୱିତୀୟ ଗ୍ରେନେଡ୍ ଆକ୍ରମଣ। ଗତ ଶନିବାର ଶ୍ରୀନଗରର କରନ୍‌ନଗରରେ ଆତଙ୍କବାଦୀମାନେ ଗ୍ରେନେଡ୍ ଆକ୍ରମଣ କରିଥିବାବେଳେ ୪ ସିଆର୍‌ପିଏଫ୍ ଯବାନ ଆହତ ହୋଇଥିଲେ।

■ ମହାରାଷ୍ଟ୍ରରେ କ୍ଷମତା ବଣ୍ଟନକୁ ନେଇ ଛିଡ଼ୁନି ବିବାଦ

# ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ, ଶିବସେନା ନେତା

ମୁମ୍ବାଇ,୨୮।୧୦(ପି.ଟି.)

ମହାରାଷ୍ଟ୍ରରେ କ୍ଷମତା ବଣ୍ଟନକୁ ନେଇ ଦୁଇ ସହଯୋଗୀ ଦଳ ଭାଜପା ଓ ଶିବସେନା ମଧ୍ୟରେ ବିବାଦ ଛିଡୁ ନ ଥିଲାବେଳେ ସୋମବାର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଓ ଶିବସେନା ନେତା ଦିବାକର ରାଓତ୍ ପୃଥକ୍ ଭାବେ ଯାଇ ରାଜ୍ୟପାଳ ଭଗତ ସିଂ କୋଶ୍ୟାରିଙ୍କୁ ଭେଟିଛନ୍ତି। ରାଜ୍ୟପାଳଙ୍କ ସହ ସେମାନଙ୍କର କ'ଣ ଆଲୋଚନା ହୋଇଛି ତାହା ଜଣାପଡି ନ ଥିବାବେଳେ ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ବୋଲି ରାଜ୍ୟଭବନ ସୂତ୍ରରୁ କୁହାଯାଇଛି। ଫଡ଼ନବିସ ପୂର୍ବାହ୍ନ ୧୧ଟାରେ ରାଜଭବନ ଯାଇଥିଲେ। ଏହାର କିଛି ସମୟ ପରେ ରାଓତ ଯାଇ ରାଜ୍ୟପାଳଙ୍କୁ ଭେଟିଥିଲେ। ସରକାର ଗଢ଼ିବା ଲାଗି ଭାଜପା-ଶିବସେନା ମେଣ୍ଟକୁ ଆବଶ୍ୟକ ସଂଖ୍ୟା ମିଳିଥିଲେ ହେଁ କ୍ଷମତା ସମବଣ୍ଟନ ନେଇ ଉଦ୍ଧବ ଠାକ୍‌ରେଙ୍କ ଦଳ ଜିଦ୍‌ରେ ଅଟଳ ରହିଛି। ଲୋକ ସଭା ନିର୍ବାଚନ ଏକାଠି ଲଢ଼ିବା ପୂର୍ବରୁ ଅଢ଼େଇ ବର୍ଷ ଲେଖାଏଁ ମୁଖ୍ୟମନ୍ତ୍ରୀ ପଦ ବଦଳ ଲାଗି ଭାଜପା ଅଧ୍ୟକ୍ଷ ଅମିତ୍ ଶାହଙ୍କ ସହ କଥାବାର୍ତ୍ତା ହୋଇଥିଲା ବୋଲି ଉଦ୍ଧବ କହିଛନ୍ତି। ତେଣୁ ସରକାର ଗଠନ ପୂର୍ବରୁ ଶିବସେନା ଭାଜପାଠାରୁ ଏଥିପାଇଁ ଲିଖିତ ପ୍ରତିଶ୍ରୁତି ଦାବି କରୁଛି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା ୧୦୫ ଆସନରେ ବିଜୟୀ ହୋଇଥିଲାବେଳେ ଶିବସେନାକୁ ୫୬ ଆସନ ମିଳିଛି।



ଦେବେନ୍ଦ୍ର ଫଡ଼ନବିସ



ଦିବାକର ରାଓତ୍

## [ଇତିହାସର ଆଇନାରେ]

### ଅକ୍ଟୋବର ୨୯ର ପ୍ରମୁଖ ଘଟଣା

୨୦୧୫ ଅକ୍ଟୋବର ୨୯ରେ ପଡ଼ୋଶୀ ଚାଇନା ଦୀର୍ଘ ୩୫ ବର୍ଷ ପରେ ଗୋଟିଏ ସନ୍ତାନ ନୀତିଠାରୁ ଦୂରେଇଥିଲା। ଜନସଂଖ୍ୟା ବିସ୍ଫୋରଣକୁ ରୋକିବା ଲାଗି ପୂର୍ବରୁ ଏଭଳି ଆଇନ କରାଯାଇଥିଲା। ଏହାକୁ ନେଇ ବହୁ ବିବାଦ ଦେଖାଦେବା ପରେ ୨୦୧୬ରେ ଦୁଇ ସନ୍ତାନ ନୀତି ଗ୍ରହଣ କରାଯାଇଥିଲା।

୨୦୧୮ ଅକ୍ଟୋବର ୨୯ରେ ଇଣ୍ଡୋନେସିଆର ଏକ ବୋଇଂ ବିମାନ ଉଡ଼ାଣ ଆରମ୍ଭ କରିବାର ୧୩ ମିନିଟ୍ ପରେ ଜାଭା ସାଗରରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ୧୮୯ ଯାତ୍ରୀ ପ୍ରାଣ ହରାଇଥିଲେ। ବିମାନଟି ଜାକର୍ତ୍ତାର ସୋକର୍ନୋ ହାଟ୍ଟା ଅନ୍ତର୍ଜାତୀୟ ବିମାନବନ୍ଦରରୁ ଡେପାଟି ଅମୀର ବିମାନବନ୍ଦର ଅଭିମୁଖେ ଯାତ୍ରାରମ୍ଭ କରୁଥିଲା।

# ଦୀପାବଳିରେ ଗଲା ୭ ଜୀବନ

## ଦିଲ୍ଲୀରେ ୩୦୦ରୁ ଊର୍ଦ୍ଧ୍ୱ ଅଗ୍ନି ଦୁର୍ଘଟଣା

ନୂଆଦିଲ୍ଲୀ, ୨୮।୧୦(ପି.ଟି.)

ଦୀପାବଳିକୁ ସାରା ଦେଶରେ ଧୁମ୍‌ଧାମ୍‌ରେ ପାଳନ କରାଯାଇଥିବାବେଳେ ବିଭିନ୍ନ ସ୍ଥାନରେ ଅଘଟଣ ଘଟି ଧନ ଜୀବନ ନଷ୍ଟ ହୋଇଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗର ହରିଦେବପୁରରେ ୨ ଓ ଛତିଶଗଡ଼ର କୋଣ୍ଡାଗାଁରେ ୩, ଓଡ଼ିଶାରେ ୨ ଜଣଙ୍କ ଜୀବନ ଯାଇଛି। ଅନେକ ଲୋକ ନିଆଁରେ ପୋଡ଼ିହୋଇ ଆହତ ମଧ୍ୟ ହୋଇଛନ୍ତି। ଜୟପୁରର ସୱାଇ ମାନସିଂ ହସ୍ପିଟାଲରେ ୪୯୮, ସଫଦରଜଙ୍ଗ ହସ୍ପିଟାଲରେ ୬୨, ଚେନ୍ନାଇର କିଲ୍‌ପକ୍ ସରକାରୀ ମେଡିକାଲ ହସ୍ପିଟାଲରେ ୩୧ ଲୋକ ଚିକିତ୍ସିତ ହେଉଛନ୍ତି। ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ବାଣ ବିସ୍ଫୋରଣ ଯୋଗୁ ଅନେକେ ଆହତ ହୋଇଥିବା ଖବର ମିଳିଛି।

ରାଜଧାନୀ ଦିଲ୍ଲୀରେ କେବଳ ୩୦୦ରୁ ଊର୍ଦ୍ଧ୍ୱ ଅଗ୍ନି ଦୁର୍ଘଟଣା ଘଟିଛି। ଦିଲ୍ଲୀ ଅଗ୍ନିଶମ ବିଭାଗ ରିପୋର୍ଟ ଅନୁଯାୟୀ ଦୀପାବଳି ରାତି ୧୨ ସୁଦ୍ଧା ୨୪୫ ଫୋନ୍ କଲ୍ ଓ ତା'ପରଦିନ ୧୦ଟା ସୁଦ୍ଧା ୯୬ ଫୋନ୍ କଲ୍ ମିଳିଛି। ବାଣଫୁଟାରୁ ବିଭିନ୍ନ ଜାଗାରେ ନିଆଁ ଲାଗିବା ନେଇ ଏହି କଲ୍ ଆସିଥିବା ଚିଫ୍ ଫାୟାର୍ ଅଫିସର ଅତୁଲ ଗର୍ଗ ପ୍ରକାଶ କରିଛନ୍ତି। ସଦର ବଜାର ମାର୍କେଟରେ ଥିବା ଦୋକାନରେ ନିଆଁ ଲାଗିବାରୁ ୫ ମହଲା ପର୍ଯ୍ୟନ୍ତ ଏହା ବ୍ୟାପିଯାଇଥିବା ସେ କହିଛନ୍ତି। ଏହାକୁ ଲିଭାଇବା ଲାଗି ୧୨ ଦମକଳ ଗାଡ଼ି ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ସେହିଭଳି ଜଗତପୁରୀ ଅଞ୍ଚଳରେ ଏକ ସାନିଟାରି ଦୋକାନରେ ନିଆଁ ଲାଗିବା, ଅଳିଆ ଗଦା ଓ ବିଭିନ୍ନ ସ୍ଥାନରେ ବାଣ ଯୋଗୁ ନିଆଁ ଲାଗିଥିବା ରିପୋର୍ଟ ହସ୍ତଗତ ହୋଇଥିବା ସେ କହିଛନ୍ତି। ଗତବର୍ଷ ମୋଟ ୨୭୧ ଫୋନ୍ କଲ୍ ମିଳିଥିବା ସେ ପ୍ରକାଶ କରିଛନ୍ତି।

# ଆଜି କଶ୍ମୀର ଗସ୍ତ କରିବ ଇୟୁ ପ୍ରତିନିଧି ଦଳ

ନୂଆଦିଲ୍ଲୀ,୨୮।୧୦(ପି.ଟି.)



■ ମୋଦି ଓ ଡୋଭାଲଙ୍କୁ ଭେଟିଲେ
■ ଆତଙ୍କବାଦର ପ୍ରାୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ: ପ୍ରଧାନମନ୍ତ୍ରୀ

ୟୁରୋପୀୟ ସଂଘ (ଇୟୁ)ର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜମ୍ମୁ-କଶ୍ମୀର ଗସ୍ତକରି ସେଠାର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବେ। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ସେଠାର ସ୍ଥିତିକୁ ନେଇ ଅନ୍ତର୍ଜାତୀୟ ଗଣମାଧ୍ୟମରେ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଆସୁଛି। ଭାରତର ଏଭଳି ପଦକ୍ଷେପକୁ ପାକିସ୍ତାନ ତୀବ୍ର ବିରୋଧ କରୁଛି। ଏହି ପରିପ୍ରେକ୍ଷୀରେ ୟୁରୋପୀୟ ସଂଘର ୨୫ରୁ ଊର୍ଦ୍ଧ୍ୱ ଏମ୍‌ପିଙ୍କର ଏକ ପ୍ରତିନିଧି ଦଳ ସେଠାକୁ ଗସ୍ତରେ ଆସିଥିବାରୁ ସେମାନେ ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ ବୋଲି କୁହାଯାଉଛି। ସୋମବାର ସେମାନେ ନୂଆଦିଲ୍ଲୀରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କୁ ଭେଟିଛନ୍ତି। ଉକ୍ତ ପ୍ରତିନିଧି ଦଳଙ୍କୁ ଜମ୍ମୁ-କଶ୍ମୀର ସ୍ଥିତି ଓ ସୀମାପାର ଆତଙ୍କବାଦ ସମ୍ପର୍କରେ ଅବଗତ କରାଯାଇଥିଲା।

ଆତଙ୍କବାଦକୁ ଯେଉଁମାନେ ସମର୍ଥନ କରୁଛନ୍ତି ଓ ପ୍ରାୟୋଜିତ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ପ୍ରତିନିଧି ଦଳଙ୍କୁ କହିଛନ୍ତି। ଆତଙ୍କବାଦକୁ ଆଦୌ ବରଦାସ୍ତ କରାଯାଇପାରିବ ନାହିଁ। ଇୟୁ ପ୍ରତିନିଧି ଦଳର ଦେଶର ବିଭିନ୍ନ ଅଞ୍ଚଳ ଗସ୍ତ ଫଳପ୍ରଦ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସେମାନେ ଜମ୍ମୁ-କଶ୍ମୀର ଓ ଲଦାଖର ସଂସ୍କୃତି ଓ ଧର୍ମୀୟ ବିବିଧତା ସମ୍ପର୍କରେ ସ୍ପଷ୍ଟ ଚିତ୍ର ପାଇପାରିବେ। ଉକ୍ତ ଅଞ୍ଚଳରେ ପ୍ରଶାସନିକ ପ୍ରାଥମିକତା ଓ ବିକାଶ ସମ୍ପର୍କରେ ପ୍ରତିନିଧି ଦଳ ଭଲଭାବେ ଅବଗତ ହୋଇପାରିବେ।

ପ୍ରଧାନମନ୍ତ୍ରୀ କୌଣସି ରାଷ୍ଟ୍ରର ନାଁ ନ ନେଇ କହିଥିଲେ, ଆତଙ୍କବାଦକୁ ରାଷ୍ଟ୍ରନୀତି କରିଥିବା ଓ ସେମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଆସୁଥିବା ଦେଶ ବିରୋଧରେ ଜରୁରୀ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଏହା ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ଭାରତର ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ପ୍ରତିନିଧି ଦଳଙ୍କୁ ଅବଗତ କରାଇଥିଲେ।

## ଆଠମଲ୍ଲିକ ଏନ୍‌ଏସିରେ ବିଜେଡିର ପଦଯାତ୍ରା

# ଜଳସେଚନକୁ ପ୍ରାଥମିକତା ଦିଆଯିବ: ବିଧାୟକ

ଆଠମଲ୍ଲିକ,୨୮।୧୦(ଡି.ଏନ.ଏ.)–

ଆଠମଲ୍ଲିକ ଏନ୍‌ଏସିରେ ସୋମବାର ବିଜେଡି ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଆଠମଲ୍ଲିକର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରାରେ ବାହାରି ରୁଗୁଡିସାହି, ଦୋଳମଣ୍ଡପସାହି, ମାଳିସାହି, ଚାରିଘରିଆସାହି,ତେଲିସାହି, ରଥସାହି, ଲିପ୍ତିଙ୍ଗା, ପୁଲେଶ୍ୱର, ବଙ୍ଗଳାସାହି ପରିକ୍ରମା କରିବା ପରେ ଜଗନ୍ନାଥ ମନ୍ଦିରଠାରେ ପହଞ୍ଚି ଥିଲେ। ଏହି ଅବସରରେ ବିଧାୟକ ସାଏ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା କ୍ଷିରୋଦ ବଘାର, ଘାସିରାମ ମହାକୁଡ, ଆଇନଜୀବୀ ଅସିତ୍ ରଞ୍ଜନ ଦେଓ, ସଚ୍ଚି ପାଣିଗ୍ରାହୀ, ଗଦାଧର ସ୍ୱାଇଁ, ପୂର୍ବତନ ନଗରପାଳ ନରେଶ ଚନ୍ଦ୍ର ଦୀପ, ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳେଇ, କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ ପ୍ରମୁଖ ସାମିଲ ଥିଲେ। ପରେ ବିଧାୟକ ସାଏ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଲେ, ଆଠମଲ୍ଲିକ ଉପଖଣ୍ଡରେ ଥିବା ୬୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମିର ୩୫ ଭାଗ ଚାଷ ଜମିକୁ ଜଳସେଚିତ କରାଯିବ। ଦୀର୍ଘ ୪୦ ବର୍ଷ ଧରି ଶୀତଳ ଭଣ୍ଡାରରେ ପଡି ରହିଥିବା ଧଉରାଗୋଠ ଜଳ ସେଚନ ଯୋଜନା ଏବଂ ମାନଜୋର ଜଳସେଚନ ଯୋଜନାର ଜଳ ଆଠମଲ୍ଲିକ ଏନ୍‌ଏସି ଦେଇ କୁଟେଶ୍ୱର ନାଳ ପର୍ଯ୍ୟନ୍ତ କିପରି ଯାଇପାରିବ ସେଥିପାଇଁ ସେ ଉଦ୍ୟମ ଜାରି ବୋଲି ପ୍ରକାଶ କରିଥିଲେ। ସେହିପରି ମହାନଦୀ ଅବବାହିକାରେ କିଆକଟା ପଞ୍ଚାୟତର କୁମ୍ଭିଆ, କାଦପଡା, ନଅଗାଁ ପଞ୍ଚାୟତର କୁଟେଶ୍ୱର, ଅଏଡା ପଞ୍ଚାୟତର ଓଳଥ ଗ୍ରାମଠାରେ ମହାନଦୀ କୂଳରେ ୪ ଗୋଟି ମେଗା ଲିଫ୍ଟ ପଏଣ୍ଟ ଜରିଆରେ ପ୍ରାୟ ୫୩୦୦ ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯିବା ପାଇଁ ଉଦ୍ୟମ କରାଯାଉଛି। ଏହାସହିତ ନିର୍ବାଚନ ମଣ୍ଡଳୀରେ ଥିବା ୫୬ଟି ପଞ୍ଚାୟତରେ ବସୁଧା ଯୋଜନା ମାଧ୍ୟମରେ ଓଭରହେଡ୍ ଟ୍ୟାଙ୍କ ଜରିଆରେ ଗ୍ରାମାଞ୍ଚଳରେ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଉଦ୍ୟମ ଜାରି ରହିଥିବା ବିଧାୟକ ସାଏ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଚଳନ୍ତା ମାଲବାହୀ ଟ୍ରେନ୍‌ରୁ ଅଲଗା ହେଲା ୬ ବଗି

**ଖୁଣ୍ଟୁଣୀ,୨୮।୧୦(ଡି.ଏନ.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ପୂର୍ବତଟ ରେଳବାଇର ଘଣ୍ଟିଖାଲ–ନଧିପୁର ରେଳଷ୍ଟେସନ ନିକଟ ଏକ ରେଳ ପୋଲ ଉପରେ ସୋମବାର ଏକ ଚଳନ୍ତା ମାଲବାହୀ ଟ୍ରେନରୁ ୬ଟି ୱାଗନ ଅଲଗା ହୋଇଯାଇଥିଲା। ଫଳରେ ଟ୍ରେନଟି ପ୍ରାୟ ୧୫ମିନିଟ୍ ପର୍ଯ୍ୟନ୍ତ ଟ୍ରାକ ଉପରେ ଅଟକ ରହିଥିଲା। ଏଥିଯୋଗୁ ଆଠଗଡ଼ କଟକ–ପୁରୁଣା କଟକ–ସମ୍ବଲପୁର ରାସ୍ତାର ନିଧିପୁର ଲେବଲ କ୍ରସିଂ ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ପ୍ରାୟ ୧୫ମିନିଟ ଅଟକି ରହିଥିଲେ। ଘଣ୍ଟିଖାଲ ଷ୍ଟେଶନ ମ୍ୟାନେଜର ନିତ୍ୟାନନ୍ଦ ଦାସ ଓ ରେଳ ଚାଳକ ଏହି ଖାଲିଥିବା ମାଲବାହୀ ଗାଡ଼ିକୁ ପଛକୁ ଆଣି ପୁନର୍ବାର କପୁଲ ପିନ ସଂଯୋଗ କରିବା ପରେ ଟ୍ରେନଟି ଚାଲିଥିଲା। ମ୍ୟାନେଜ ଦାସଙ୍କ କହିବା ଅନୁଯାୟୀ, ସୋମବାର ସକାଳ ୮ଟା ୪୦ରେ ଖୋର୍ଦ୍ଧାରୁ ନୟାଗଡ଼ ଯାଉଥିବା ଏହି ମାଲବାହୀ ଟ୍ରେନଟି ଘଣ୍ଟିଖାଲ–ନିଧିପୁର ଷ୍ଟେଶନରେ ପହଞ୍ଚିବାର ଥିଲା। କିନ୍ତୁ ନିଧିପୁର ଲେବଲ କ୍ରସିଂ ନିକଟ ପୋଲ ଉପରେ କପୁଲ ପିନ ବାହାରିଯିବାରୁ ୬ଟି ବଗି ପଛରୁ ଅଲଗା ହୋଇଯାଇଥିଲା। ଟ୍ରେନର ଗତି କମିଯିବାରୁ ଲେବଲ କ୍ରସିଂ ଓ ବ୍ରିଜ ଉପରେ ଅଟକ ରହିବା ସହ ଇଞ୍ଜିନ ସହ ଅନ୍ୟ ବଗିଗୁଡିକ ଷ୍ଟେଶନକୁ ଯିବାପରେ ଅଟକିଥିଲା। ତେବେ ଏହି ତ୍ରୁଟି ଯୋଗୁ କୌଣସି ବିଶେଷ ଅଘଟଣ ଘଟି ନାହିଁ।

# ବାଣଫୁଟାକୁ ନେଇ ଗୋଷ୍ଠୀ ସଂଘର୍ଷ

## ଉଭୟ ଗୋଷ୍ଠୀର ୨୮ ଜଣଙ୍କ ନାଁରେ ପୃଥକ୍ ମାମଲା ରୁଜୁ

ଜୟପୁର,୨୮।୧୦(ନି.ପ୍ର.)

ଜୟପୁରରେ ବାଣଫୁଟାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ରବିବାର ଦୀପାବଳୀ ରାତିରେ ବାଣଫୁଟା ଚାଲିଥିବା ବେଳେ ବିଜୁ ନଗର ଓ ଖ୍ରୀଷ୍ଟିଆନ ସାହି ମଧ୍ୟରେ ଧସ୍ତାଧସ୍ତି ଚାଲିଥିଲା। ଏନେଇ ଅମର ନାଏକଙ୍କ ଅଭିଯୋଗକ୍ରମେ ପୋଲିସ ବିଜୁନଗରର ୨୦ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ଅନ୍ୟପକ୍ଷରେ ବିଜୁ ନଗରବାସୀଙ୍କ ପାଲଟା ଅଭିଯୋଗ ପାଇ ପୋଲିସ ଖ୍ରୀଷ୍ଟିଆନ ସାହିର ୮ ଜଣଙ୍କ ନାମରେ ମାମଲା ଦାୟର କରିଥିଲା। ଉଭୟ ଗୋଷ୍ଠୀର ଅଭିଯୋଗ ଅନୁସାରେ ପୋଲିସ କେସ୍ ନଂ ୬୪/୧୯ ଓ ୬୫/୧୯ରେ ପୃଥକ ମାମଲା ରୁଜୁ କରିଥିବା ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ସୂଚନା ଦେଇଛନ୍ତି। ଅମର କିଛିଦିନ ହେବ ଜୟପୁରରେ ନିଶାମୁକ୍ତି ଅଭିଯାନ ଚଳାଇ ଆସୁଥିବା ବେଳେ ମଦ ମାଫିଆଙ୍କ ଟାର୍ଗେଟରେ ଥିଲେ। ଜଣେ ମଦ ବେପାରୀ ଜାଣିଶୁଣି ଅମନଙ୍କ ଘର ସାମ୍ନାରେ କେତେକ ଲୋକଙ୍କୁ ନେଇ ବାଣ ଫୁଟାଇଥିଲେ। ଏହାକୁ ବିରୋଧ କରିବାରୁ ମଦ ବେପାରୀଙ୍କ ସମର୍ଥକ ତାଙ୍କ ଉପରେ ଆକ୍ରମଣ କରିଥିଲେ ବୋଲି ଅମର ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି।

# ଜଙ୍ଗଲରୁ ମାଈ ହାତୀର ମୃତଦେହ ଉଦ୍ଧାର

**ଲହୁଣୀପଡ଼ା/ବଣାଇଁ/ରାଉରକେଲା ଅଫିସ,୨୮।୧୦ (ଡି.ଏନ.ଏ/ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବାଙ୍କି ରେଞ୍ଜ ଅଧୀନ ବାକରତୋଲା ଜଙ୍ଗଲରୁ ସୋମବାର ଏକ ମାଈ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ହାତୀର ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ବିଷାକ୍ତ ଖାଦ୍ୟ ଯୋଗୁ ମୃତ୍ୟୁ ହୋଇଥାଇ ପାରେ ବୋଲି ପ୍ରାଣୀ ଚିକିତ୍ସକ ଅନୁମାନ କରୁଛନ୍ତି।
ମିଳିଥିବା ସୂଚନା ମୁତାବକ, ବାକରତୋଲା ଜଙ୍ଗଲରେ ଏକ ହାତୀ ମରି ପଡିଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ କେବଲାଙ୍ଗ ଫରେଷ୍ଟର ମହେଶ୍ୱର ଧଳ, ରାଜାମୁଣ୍ଡା ଫରେଷ୍ଟର ଗୋପାଳ ଓରାମ, ବନରକ୍ଷୀ ନବୀନ ପତ୍ରି କିଷାନ, ଚନ୍ଦନ ଘୋଷ, ସୁନୀଲ ମିର୍ଦ୍ଧା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ହେଲେ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟିଥିବ ଚର୍ଚ୍ଚା ହୋଇଥିବାରୁ ବଣେଇ ଉପଖଣ୍ଡ ବିଦ୍ୟୁତ୍ ଅଧିକାରୀ ପ୍ରଦୀପ କୁମାର ବେହେରା, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ରଣଜିତ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ନାୟକଙ୍କ ସହ ବଣେଇ ଡିଏଫ୍‌ଓ ସୁଧାଂଶୁ ଶେଖର ଖୋରା, ଏସିଏଫ ଜଗଦୀଶ ପ୍ରସାଦ ସିଂ, ଜୋହନା ଓରାମ, ସଲବିନ୍ଦର ସିଂ, ବାଙ୍କି ରେଞ୍ଜର ଅଜୟ ଖେସ, ରାଉରକେଲା ଏସିଏଫ ଦିଲୀପ କୁମାର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ । ହାତୀର ମୃତ୍ୟୁ ଘଟିଥିବା ଜଙ୍ଗଲ ଅଞ୍ଚଳରେ ବିଦ୍ୟୁତ ତାର ଯାଇ ନ ଥିବାରୁ ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ଘଟି ନ ଥିବା ଅଧିକାରୀମାନେ ପ୍ରକାଶ କରିଥିଲେ। ପ୍ରାଣୀ ଚିକିତ୍ସକ ପହଞ୍ଚି ହାତୀର ବ୍ୟବଚ୍ଛେଦ କରିଥିଲେ। ପରେ ବନ ବିଭାଗ ପକ୍ଷରୁ ମୃତ ମାଈ ହାତୀକୁ ପୋତି ଦିଆଯାଇଥିଲା । ବିଷାକ୍ତ ଖାଦ୍ୟ ପ୍ରକ୍ରିୟା ଯୋଗୁ ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।



ସୁନ୍ଦରଗଡ଼ ଜିଲା ବାଙ୍କି ରେଞ୍ଜ ଅଧୀନ ବାକରତୋଲା ଜଙ୍ଗଲରେ ପଡିଥିବା ମୃତ ମାଈ ହାତୀ।

## ଚିତ୍ରକୋଣ୍ଡା–ବାଲିମେଳା ଡ୍ୟାମ୍‌ର ୨ ଗେଟ୍ ଖୋଲିଲା

# ସେକେଣ୍ଡ ପିଛା ୮୦୦୦ କ୍ୟୁସେକ ଜଳ ନିଷ୍କାସନ

**ଚିତ୍ରକୋଣ୍ଡା, ୨୮।୧୦(ଡି.ଏନ.ଏ.)**



ଚିତ୍ରକୋଣ୍ଡା–ବାଲିମେଳା ଡ୍ୟାମରେ ଜଳପତ୍ତନ ବୃଦ୍ଧିପାଇ ବିପଦସଙ୍କୁଳ ୧୫୧୬ ଫୁଟ ରହିଥିଲା। ପୂର୍ବ ସୂଚନା ମୁତାବକ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ରବିବାର ସକାଳ ୮ଟା ୪୦ରେ ଡ୍ୟାମର ୨ଟି ଗେଟ୍ ଖୋଲା ଯାଇଥିଲା। ଏହା ପୂର୍ବରୁ ସୁଇସ୍ ଗେଟ୍ ଖୋଲାଯାଇଥିଲା। ପ୍ରତି ସେକେଣ୍ଡରେ ଡ୍ୟାମରୁ ୮୦୦୦ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଜଳ ନିଷ୍କାସନ ପୂର୍ବରୁ ଜିଲା ପ୍ରଶାସନ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରି ଜନସାଧାରଣ ଓ ମତ୍ସ୍ୟଜୀବୀଙ୍କୁ ସତର୍କ କରିଥିଲା। ମତ୍ସ୍ୟଜୀବୀଙ୍କୁ ଡ୍ୟାମକୁ ମାଛ ମାରିବାକୁ ନ ଯିବାକୁ ବାରଣ କରିଥିଲା। ଗେଟ୍ ଖୋଲିବା ସମୟରେ ଡ୍ୟାମର ନିର୍ବାହୀ ଯନ୍ତ୍ରୀ କବି ପ୍ରସାଦ ନାଥ, ଡେପୁଟି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ରନାଥ ଦାଶ, ଏସଡିଓ ଉମା ଶଙ୍କର ସାହୁ, ଯନ୍ତ୍ରୀ ଗଦାଧର ପ୍ରଧାନ, କେସି ପାଣି, ତ୍ରିଲୋଚନ ସେଠୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ଏହି ସମୟରେ ଡ୍ୟାମ ଜଳପତ୍ତନ ବୃଦ୍ଧି ପାଇବାରୁ ୩ଟି ଗେଟ୍ ଖୋଲାଯାଇଥିଲା।

# ବଜ୍ରପାତରେ ୨ ନାବାଳକ ଆହତ

## ଦୋଳାରେ ୪ କିମି ବୁହାହୋଇ ଗଲେ ଡାକ୍ତରଖାନା

ଦଶମନ୍ତପୁର, ୨୮।୧୦(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଗୋବାଡ଼ ପଞ୍ଚାୟତ ସଲପଗୁଡ଼ା ଗ୍ରାମରେ ରବିବାର ଗାଇ ଚରାଇବାକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଛନ୍ତି ଦୁଇ ଜଣ ନାବାଳକ। ସେମାନେ ହେଲେ ସଲପଗୁଡ଼ା ଗ୍ରାମର ମସୁରୀ ମୁଦୁଲିଙ୍କ ପୁଅ ଜଗ ମୁଦୁଲି (୧୭) ଓ କେଶରୀ ମୁଦୁଲିଙ୍କ ଭଣଜା ରମେଶ ଜାନି (୧୮)। ଏହି ଦୁଇଜଣ ଗାଁ ନିକଟସ୍ଥ ଟାଙ୍ଗରୀମାଳିକୁ ଅପରାହ୍ନରେ ଗାଇ ଚରାଇବାକୁ ଯାଇଥିଲେ। ୨ଟା ବେଳେ ବଜ୍ରପାତ ହେବାରୁ ସେଥିରେ ଦୁହେଁ ଅଚେତ୍ ହୋଇପଡ଼ିଥିଲେ। ଗାଁଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଗୋବର ଲଗାଇଥିଲେ। ପରେ ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିଲା। ରାସ୍ତା ଖରାପ ସାଙ୍ଗକୁ ବାଟରେ ରୋକାଟ ନଦୀ ପଡୁଥିବାରୁ ବୁଲାଣି ରାସ୍ତାରେ ଆହତ ନାବାଳକଙ୍କୁ ଦୋଳାରେ ପ୍ରାୟ ୪ କିମି ପେଡ଼ିସିଲ ଯାଏ ବୋହି ନେଇଥିଲେ ଗାଁର ଅନୀ ଜାନୀ, ଭାଗିରଥୀ ମୁଦୁଲି, ରାମ କୁଲେସିକା, ଅଜୁ ସାଉନ୍ତା, ରାଜେନ୍ଦ୍ର ହିକ୍କା, ନିର୍ମଳ ସାଉନ୍ତା। ପେଡିସିଲରୁ ଗାଁର ରାମ ଜାନୀ ଓ ଜଣେ ଖବରଦାତା ବାଇକରେ ନାବାଳକ ଦୁହିଁଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଜିଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏ ନେଇ ସ୍ଥାନୀୟ ତହସିଲଦାର ଅଜୟ ପ୍ରକାଶ ତିର୍କି କହିଛନ୍ତି, ଆର୍‌ଆଇଙ୍କୁ ପଠାଇ ତଦନ୍ତ ପରେ ସହାୟତା ବ୍ୟବସ୍ଥା କରାଯିବ।

## ସ୍କୁଲରେ ପହଞ୍ଚିପାରିଲାନି ପ୍ରଶ୍ନପତ୍ର

# ଘୁଞ୍ଚିଲା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପରୀକ୍ଷା

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)/ ବନ୍ତଳା/ବ୍ରହ୍ମଗିରି (ଡି.ଏନ.ଏ.)**

ସାରା ରାଜ୍ୟରେ ଆଜିଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମେଟିଭ୍ ଆସେସ୍‌ମେଣ୍ଟ–୧ (ଷାଣ୍ମାଷିକ ପରୀକ୍ଷା) ଆରମ୍ଭ ହୋଇଥାନ୍ତା। କିନ୍ତୁ ରାଜ୍ୟର ସମସ୍ତ ସ୍କୁଲରେ ପ୍ରଶ୍ନପତ୍ର ପହଞ୍ଚି ପାରି ନ ଥିବାରୁ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଥିବା ସୂଚନା ମିଳିଛି। ପ୍ରଶ୍ନପତ୍ରଗୁଡ଼ିକ ସମସ୍ତ ଜିଲାକୁ ପଠାଯାଇଥିବାବେଳେ ଅନେକ ଜିଲା ସ୍କୁଲଗୁଡ଼ିକୁ ପ୍ରଶ୍ନପତ୍ର ପହଞ୍ଚିପାରି ନ ଥିବା ଜଣାପଡ଼ିଛି। ବର୍ଷା ଯୋଗୁ ସ୍କୁଲଗୁଡ଼ିକ ଛୁଟି ରହିଥିବା ଏବଂ ଯୋଗାଯୋଗ ହୋଇପାରୁ ନ ଥିବାରୁ ପ୍ରଶ୍ନପତ୍ର ପହଞ୍ଚିପାରିନାହିଁ। ତେଣୁ ପରୀକ୍ଷାକୁ ଘୁଞ୍ଚାଇବା ପାଇଁ ବିଭିନ୍ନ ଜିଲାରୁ ଅନୁରୋଧ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଗଣଶିକ୍ଷା ବିଭାଗ ପରୀକ୍ଷା ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲା। ଏନେଇ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସୋମବାର ସମସ୍ତ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ନଭେମ୍ବର ୧ରୁ ପରୀକ୍ଷା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଅକ୍ଟୋବର ୨୯, ୩୦ ଓ ୩୧ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ଯଥାକ୍ରମେ ନଭେମ୍ବର ୪, ୫ ଓ ୬ତାରିଖକୁ ଘୁଞ୍ଚାଯାଇଥିବାବେଳେ ନଭେମ୍ବର ୧ ଓ ୨ତାରିଖରେ ହେବାକୁ ଥିବା ପରୀକ୍ଷା ଅପରିବର୍ତ୍ତିତ ରହିଛି ବୋଲି ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ଏହି ପରୀକ୍ଷା ପାଇଁ ଜିଲାଗୁଡ଼ିକ ନିଜେ ନିଜେ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିଲେ। କିନ୍ତୁ ଚଳିତବର୍ଷ ପ୍ରଥମ ଥର ପାଇଁ ସାରା ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏକକ ପରୀକ୍ଷା କରିବାକୁ ସ୍ଥିର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଷ୍ଟେଟ୍ କାଉନସିଲ ଅଫ୍ ଏଜୁକେଶନ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ(ଏସ୍‌ଇଆର୍‌ଟି) ପକ୍ଷରୁ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇଥିଲା ଏବଂ ଓସେପା ସମସ୍ତ ଜିଲାକୁ ପ୍ରଶ୍ନ ପଠାଇଥିଲା।


**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା** N-57
**ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର- ୭୫୧୦୧୩**
Website-chseodisha.nic.in

ସଂଖ୍ୟା-ଦୂ.ଶି- ୧ -୦୭- ୨୦୧୮ / ୭୬୪୪ /ଉମାଶିପ/ତା. ୨୮.୧୦.୧୯ /

**ବିଜ୍ଞପ୍ତି**

**୨୦୧୯ - ୨୦ ଶିକ୍ଷା ବର୍ଷରେ +୨ ପତ୍ର ବିନିମୟ ପାଠ୍ୟକ୍ରମ**

(Correspondence Course 1st year) ପ୍ରଥମ ବର୍ଷ ନାମଲେଖା ନିମନ୍ତେ ଆବେଦନ |

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର ପତ୍ର ବିନିମୟ (Correspondence Course 1st year)ରେ ୨୦୧୯ - ୨୦ ଶିକ୍ଷା ବର୍ଷ ନିମନ୍ତେ କଳା ଓ ବାଣିଜ୍ୟ ସ୍ରୋତରେ +୨ ପ୍ରଥମ ବର୍ଷ ଆବେଦନ ତା. ୦୮.୧୧.୨୦୧୯ ରିଖ ରେ ସମାପ୍ତ ହେବ| ଏହାର ବିଶଦ ବିବରଣୀ Website- www.chseodisha.nic.in ଏବଂ www.samsodisha.gov.in ରେ ଉପଲବ୍ଧ |

ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ
ଉପ-ସଚିବ

11003/11/0009/1920



**OFFICE OF THE EXECUTIVE ENGINEER, RWS&S DIVISION, BALANGIR.**
Email: eerwss_blg@nic.in
**1st Corrigendum for "e" Procurement Notice**
**Bid Identification No. RWSS/11 /2019-2020**

No.O-471 :- The corrigendum has been made to the e-procurement notice Identification Bid Identification No. RWSS/11 /2019-2020 and Letter No. 2289 Dated 30.09.2019 as per following amendment.
- Bid document will be available in the website on dt. 13.11.2019 at 10.00 A.M to 28.11.2019 till 5.00 P.M instead of 28.10.2019 at 10.00 A.M to 14.11.2019 till 5.00 P.M respectively.
- The date of opening of Bid document is on dt. 30.11.2019. at 11.00 A.M onwards instead of dt. 14.11.2019.

All other terms and conditions of Bid documents remains unaltered. Further details can be seen from the e-procurement portal http://tenderodisha.gov.in

Sd./-24.10.2019
(S.K. Satapathy)
25033/11/0008/1920 Executive Engineer, RWS&S Division, Balangir



**BHUBANESWAR MUNICIPAL CORPORATION**
**No : 29822** **Dt.25.10.2019**
**E-PROCUREMENT NOTICE**
1. Bid reference No : BMC-EED-II-12/2019-20 Dt.25.10.19
2. Tender Call Notice No : No.29822, Dt.25.10.2019
3. No. of work : 4 Nos.
4. Bid Value : Rs.38,37,686/-
5. Period of completion : 60 Days

**Date and time of schedule**

| Start | End | Opening |
|---|---|---|
| 11.00 A.M of 29.10.19 | 5 P.M of 7.11.19 | 11.00 A.M. of 8.11.19 |

6. Tender details : can be seen for the procurement portal : https://www.tendersodisha.gov.in. BMC website https://www.bmc.gov.in.

Executive Engineer,
BMC, Division No.II

Progress Through Partnership for a Better Bhubaneswar



DADLS-41

**ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳନ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

**ତା. ୩୧.୧୦.୨୦୧୯** **ସ୍ଥାନ : ଗୀତଗୋବିନ୍ଦ ସଦନ**

**ପ୍ରବନ୍ଧ ପ୍ରତିଯୋଗିତା : ସମୟ - ପୂର୍ବାହ୍ନ ଘ. ୧୦.୩୦ ମିନିଟ**
୧– ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨– ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩– ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା : ସମୟ – ମଧ୍ୟାହ୍ନ ଘ. ୧୨.୦୦ ମିନିଟ୍**
୧– ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨– ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩– ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ନିର୍ଦ୍ଧାରିତ ସମୟର ଏକଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ କାଗଜ ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା୩୧।୧୦।୨୦୧୯ରିଖ ସନ୍ଧ୍ୟା ଘ.୬.୩୦ ମିନିଟ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ।

ସ୍ୱା./- ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ

15001/13/0065/1920



**ପୌର ପରିଷଦ କାର୍ଯ୍ୟାଳୟ, ଖୋରଧା**
ସ୍ଥାନ/ପୋ/ଥା/ଜିଲ୍ଲା-ଖୋରଧା
ଦୂରଭାଷ: ୦୬୭୫୫-୨୨୦୬୭୪, ୦୬୭୫୫-୨୨୨୬୭୪(ଫ୍ୟାକ୍ସ)
ଇ-ମେଲ୍-khurda_municipality@yahoo.co.in
ନଂ.୪୨୩୮ ତା: ୨୫।୧୦।୨୦୧୯

**ତୃତୀୟ ସଂଶୋଧିତ ବିଜ୍ଞାପନ**

No.C–274 :- ନିଲାମ ଟେଣ୍ଡର ନୋଟିସ୍ ନଂ.୪୦୮୯ ତା.୧୭।୧୦।୨୦୧୯ର "ଖୋରଧା ପୌରାଞ୍ଚଳ ମଧ୍ୟରେ ଥିବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ମଧ୍ୟରେ ପାର୍କିଂ କରୁଥିବା ଯେକୌଣସି ଯାନବାହନ (ଘରୋଇ ଯାନ ବ୍ୟତୀତ) (ବରୁଣେଇ ହୋଟେଲ୍‌ଠାରୁ ବରୁଣେଇଙ୍କ ପୀଠ ପର୍ଯ୍ୟନ୍ତ ରାସ୍ତା ବ୍ୟତୀତ) ପାର୍କିଂ ଫି ଆଦାୟ" ନିମ୍ନଲିଖିତ ମତେ ନିୟମାବଳୀ ୧କୁ ପାଠ କରାଯାଇପାରିବ।

- ଖୋରଧା ପୌର ପରିଷଦ ୨୦୧୯–୨୦ ବର୍ଷଠାରୁ ୨୦୨୧–୨୨ (ତା୦୧।୧୧।୨୦୧୯ରିଖରୁ ୩୧।୧୦।୨୦୨୨ରିଖ) ପର୍ଯ୍ୟନ୍ତ ୩ (ତିନି) ବର୍ଷ ନିମନ୍ତେ ଖୋରଧା ପୌରାଞ୍ଚଳ ମଧ୍ୟରେ ଥିବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ମଧ୍ୟରେ ପାର୍କିଂ କରୁଥିବା ଯେକୌଣସି ଯାନବାହନ (ଘରୋଇ ଯାନ ବ୍ୟତୀତ) (ବରୁଣେଇ ହୋଟେଲ୍‌ଠାରୁ ବରୁଣେଇଙ୍କ ପୀଠ ପର୍ଯ୍ୟନ୍ତ ରାସ୍ତା ବ୍ୟତୀତ) ପାର୍କିଂ ଫି ଆଦାୟ କରିବା ନିମନ୍ତେ ନିଲାମ/ଟେଣ୍ଡରଗୁଡିକ ବ୍ୟକ୍ତିବିଶେଷ/ସଂସ୍ଥା/ଅନୁଷ୍ଠାନଙ୍କଠାରୁ ଆହ୍ୱାନ କରୁଅଛନ୍ତି।

ସ୍ୱା./- ନିର୍ବାହୀ ଅଧିକାରୀ
13082/11/0013/1920 ପୌର ପରିଷଦ, ଖୋରଧା



**OFFICE OF THE CDMO cum DISTRICT MISSION DIRECTOR DISTRICT PROGRAMME MANAGEMENT & SUPPORT UNIT, NHM. HEALTH & FAMILY WELFARE DEPARTMENT**
**GOVT. OF ODISHA, MALKANGIRI, ODISHA, 764045**
**E-mail : cdmomkg@gmail.com, Phone: 06861-231543**
**No.9563** **Date: 25.10.2019**

**TENDER CALL NOTICE**

No.E-440 :- Sealed tenders are invited from interested Firm/ suppliers having valid PAN & GSTIN for Supply of Equipments and Instruments for HWCs under NHM, Malkangiri. The details terms & conditions may be downloaded from the website: www.malkangiri.nic.in. The tender should reach to the Office of the Undersigned on or before 04.11.2019 (Monday) up to 4:30 P.M only through Regd. Post /Speed Post /Courier services only. The tender will be opened on 05.11.2019 at 11:00 AM in the O/o undersigned. The undersigned reserves the right to reject any or all the quotation without assigning any reason thereof.

Sd./- Dr. A.K. Baitharu
Chief District Medical &
10082/11/0007/1920 Public Health Officer, Malkangiri



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MINOR IRRIGATION DIVISION, SAMBALPUR**
Phone No.(0663)-2412791(Off.)
No.4063 E-mail :-eemisbp@yahoo.co.in Date: 25.10.2019
No.A-332 :- **e-PROCUREMENT NOTICE**
**BID REF No: EE.MID.SBP/09/2019-20**

| | | |
|---|---|---|
| Name of work | : | Civil Construction Works |
| No. of works | : | 04 (Four)Nos. |
| Estimated cost: | : | Varies from Approximately Rs.33.50 lakh to Rs.46.20 lakh for 04 Nos. of works is Rs.170.10 Lakh |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availability of bid through online | : | From 13.11.2019 10.00 AM to 25.11.2019 up to 05.30 PM in website(www.tendersorissa.gov.in) |
| Period of receipt of bid through online | : | From 13.11.2019 10.00 AM to 25.11.2019 up to 05.30 through online. |
| Date of opening of bid documents | : | On dt. 26.11.2019 at 11.00 AM. onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website- http://dowrorissa.gov.in | | |
| Name & Address of the OIT | : | Executive Engineer, M.I.Division, Sambalpur, At-Motijharan,PO-B.S.S.Nagar,Dist:-Sambalpur, PIN-768001, Ph-0663-2412791, E-mail ID-eemisbp@yahoo.co.in |
| Further details can be seen from the e-Procurement market place. | : | http://tendersorissa.gov.in |

Sd./- 25.10.2019
32036/11/0003/1920 Executive Engineer, M.I.Division,Sambalpur.



**GOVT. OF ODISHA**
**DEPARTMENT OF WATER RESOURCES,**
**O/O THE CHIEF CONSTRUCTION ENGINEER,**
**RENGALI RIGHT IRRIGATION PROJECT, DHENKANAL**
**Email Id – ccerrip@gmail.com** No. A-331
**'e' Procurement Notice**

The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites **on line percentage rate bids** for construction of the work as detailed below:

1. Name of the work : Excavation of Darpani Branch Canal from RD 25.530km to 27.520 km including its structures of Right Bank Canal of Rengali Right Irrigation Project
2. Tender Cost : Rs. 1986.45 lakh
3. Bid Document Cost : Rs. 10,000.00 (on line)
4. Bid Security : Rs.19, 86,500.00 (on line)
5. Class of Contractor : Super Class
6. Period of Completion : 17 calendar months (517 days)
7. Other details are as follows;

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Construction Engineer, RRIP, Dhenkanal | CCERRIP-03/2019-20 | 04.11.2019 10.00 AM | 19.11.2019 5.30 PM | 20.11.2019 11.00 AM |

8. For further details and on line bidding, visit Govt. website www.tendersodisha.gov.in

Sd/-Chief Construction Engineer
32351/11/0003/1920 Rengali Right Irrigation Project, Dhenkanal



See Career Appointment on every **Wednesday & Saturday**



**Government of Odisha "e" procurement Notice**
**TENDER CALL NOTICE**
**IDENTIFICATION NO. 03/ SE NH SBP of 2019-20** No. b-66
(Bid No.03 SENH SBP of 2019-20)

| Sl. No. | Name of the works | Estimated cost in Rupees | Period of completion in calendar month | Date / Time for receipt of bids. | Name and address of the officer inviting tender |
|---|---|---|---|---|---|
| 1. | S/R to NH-26 from Km 25/00 to 31/00 Km for the Year 2019-20 | Rs.1,05,04,575.00 | 3(three) Calendar months | 10.00A.M. of Dt. 05.11.2019 to 5.00 P.M. of Dt.20.11.2019 . | Er.Sanjay Kumar Sahoo Superintending Engineer, N.H. Circle, Sambalpur |

**Further details can be seen from the "e" procurement website www.tendersorissa.gov.in**

Superintending Engineer,
34007/11/0003/1920 N.H. Circle Sambalpur

# ନମନୀୟ ତ୍ୱଚା ପାଇଁ ଆଲୋଭେରା

ସୌନ୍ଦର୍ଯ୍ୟ



ଆଲୋଭେରା ବା ଘିକୁଆଁରୀରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। କେବଳ ସେତିକି ନୁହେଁ, ତ୍ୱଚାକୁ ନୂଆ ରୂପ ଦେବାରେ ଏହା ଅନେକାଂଶରେ ସାହାଯ୍ୟ କରିଥାଏ। ତେଣୁ ତ୍ୱଚାର ଘରୋଇ ଉପଚାର ସମୟରେ ଏହାକୁ ଆପଣେଇ ପାରନ୍ତି...

-ଆଣ୍ଟି ଏଜିଂ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ଆଲୋଭେରା ଜେଲ୍ ସହିତ ବେସନ, ହଳଦୀ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଲଗାଇ ୧୫-୨୦ମିନିଟ୍ ଛାଡ଼ିଦିଅନ୍ତୁ। ଏହାପରେ ଥଣ୍ଡା ପାଣିରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ଏହାଦ୍ୱାରା ତ୍ୱଚା ନମନୀୟ ହେବା ସହ ଆପଣ ଆଣ୍ଟି ଏଜିଂ ସମସ୍ୟାରୁ ନିଜକୁ ରକ୍ଷା କରିପାରିବେ।

-ତ୍ୱଚାରୁ ଦାଗ ଦୂର କରିବା ପାଇଁ ଏକ ସହଜ ଉପାୟ ଆପଣେଇ ପାରନ୍ତି। ଆଲୋଭେରା ଜେଲ, ଜଜୋବା ଅଏଲ, ଲେମ୍ବୁ ରସକୁ ମିକ୍ସ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଦିନକୁ ଦୁଇଥର ଲଗାନ୍ତୁ। ତା'ପରେ ସଫା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।

-ସନବର୍ନରୁ ମୁକ୍ତି ପାଇବାକୁ ହେଲେ ଆଲୋଭେରା ଜେଲ ଓ ପୁଦିନା ତେଲକୁ ମିକ୍ସ କରି ପ୍ରତିଦିନ ମସାଜ୍ କରନ୍ତୁ। ଯାହା ଆପଣଙ୍କୁ ସନ୍‌ବର୍ନରୁ ମୁକ୍ତି ଦେବ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ରହିଛି, ଯାହା ଆପଣଙ୍କ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିଥାଏ।


-ମୁହଁରେ ପିମ୍ପଲ୍ସ ହୋଇଥିଲେ ଆଲୋଭେରା ଜେଲ ଦ୍ୱାରା ତ୍ୱଚାକୁ ମସାଜ୍ କରି କିଛି ସମୟ ଛାଡ଼ିଦିଅନ୍ତୁ। କିଛି ସମୟ ପରେ ନର୍ମାଲ ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ପିମ୍ପଲରୁ ମୁକ୍ତି ମିଳିପାରିବ।

-ତ୍ୱଚାକୁ ଟୋନ୍ କରିବାକୁ ହେଲେ ଆଲୋଭେରା ଜେଲ ଓ ଅମୃତଭଣ୍ଡାର ପେଷ୍ଟ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ। ଏହାକୁ କିଛି ସମୟ ଛାଡିଦିଅନ୍ତୁ। ଏହା ପରେ ସଫା ପାଣିରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ।

- ଡ୍ରାଏ ସ୍କିନ୍ ପାଇଁ ଆଲୋଭେରା ପ୍ୟାକ୍ ବ୍ୟବହାର କରିପାରନ୍ତି। ଏହି ପ୍ୟାକ୍‌କୁ ପ୍ରସ୍ତୁତ କରିବାକୁ ହେଲେ ୧୦ଟି ବାଦାମ୍‌କୁ ଭିଜାଇ ରଖନ୍ତୁ। ସକାଳୁ ଏହାକୁ ଗ୍ରାଇଣ୍ଡ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ପୁଣି ସେଥିରେ ଆଲୋଭେରା ଜେଲ ମିଶାନ୍ତୁ। ଏହି ପେଷ୍ଟକୁ ମୁହଁରେ ଆପ୍ଲାଏ କରନ୍ତୁ। ଏହାକୁ ୧୫ମିନିଟ୍ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ଡ୍ରାଏ ସ୍କିନ୍ ସମସ୍ୟା ଦୂର ହୋଇଯିବ।



# ପିସିଓଏସ୍-ଆଇଭିଏଫ୍ ଚିକିତ୍ସା ପ୍ରଣାଳୀ



ଡା. ସସ୍ମିତା ନାୟକ





"ପଲିସାଇଷ୍ଟିକ୍ ଓଭାରିଆନ ଡିଜିଜ (ପିସିଓଡି) ଯାହାକି ପଲିସାଇଷ୍ଟିକ ଓଭାରିୟାନ ସିନଡ୍ରୋମ (ପିସିଓଏସ) ଭାବେ ଏହି ରୋଗ ବର୍ତ୍ତମାନ ମହିଳାମାନଙ୍କ ମଧ୍ୟରେ ବିଶେଷ କରି ୪୦ ବର୍ଷ ବୟସ୍କଙ୍କ ଠାରେ ଅଧିକ ଦେଖାଯାଉଛି। ଏହା ଏକ ସାଧାରଣ ହରମୋନଜନିତ ଅନିୟମିତତା। ଋତୁସ୍ରାବରେ ଅନିୟମିତତା, ଆଦୌ ଋତୁସ୍ରାବ ନ ହେବା କିମ୍ବା ମହିଳାଙ୍କ ଶରୀରରେ ମାତ୍ରାଧିକ ପୁରୁଷ ହରମୋନର ଉପସ୍ଥିତି ଯୋଗୁ ଏହା ହୋଇଥାଏ।"

**ପିସିଓଡି କ'ଣ**

ପଲିସାଇଷ୍ଟିକ୍ ଓଭାରିଆନ ଡିଜିଜ (ପିସିଓଡି) ଯାହାକି ପଲିସାଇଷ୍ଟିକ ଓଭାରିୟାନ ସିନଡ୍ରୋମ ଭାବେ ଏହି ରୋଗ ବର୍ତ୍ତମାନ ମହିଳାମାନଙ୍କ ମଧ୍ୟରେ ବିଶେଷ କରି ୪୦ ବର୍ଷ ବୟସ୍କଙ୍କ ଠାରେ ଅଧିକ ଦେଖାଯାଉଛି। ଏହା ଏକ ସାଧାରଣ ହରମୋନଜନିତ ଅନିୟମିତତା। ଋତୁସ୍ରାବରେ ଅନିୟମିତତା, ଆଦୌ ଋତୁସ୍ରାବ ନ ହେବା କିମ୍ବା ମହିଳାଙ୍କ ଶରୀରରେ ମାତ୍ରାଧିକ ପୁରୁଷ ହରମୋନର ଉପସ୍ଥିତି ଯୋଗୁ ଏହା ହୋଇଥାଏ । ଯେମିତିକି ଏହା ନାମରୁ ସୂଚିତ ପଲିସାଇଷ୍ଟିକ ଓଭାରିୟାନ ରୋଗ ଏଭଳି ଏକ ଅବସ୍ଥାକୁ ସୂଚାଏ ଯେତେବେଳେ ଡିମ୍ବକୋଷଗୁଡ଼ିକ ସମ୍ପ୍ରସାରିତ ହୋଇଯାଆନ୍ତି ଏବଂ ଏହା ଭିତରେ ଏକାଧିକ କ୍ଷୁଦ୍ର ମୁଣି ଆକୃତି ଦେଖାଯାଏ। ଏହି ରୋଗ ଦେଇ ଅତିକ୍ରମ କରୁଥିବା ପ୍ରତ୍ୟେକ ମହିଳାଙ୍କ ଠାରେ ସମାନ ଲକ୍ଷଣ ଦେଖା ଦେଇ ନ ଥାଏ।

**ଲକ୍ଷଣ**

**ଋତୁସ୍ରାବରେ ଅନିୟମିତତା :** ଋତୁସ୍ରାବରେ ଦୀର୍ଘସମୟର ଅନିୟମିତତା ଏକ ଗମ୍ଭୀର ସମସ୍ୟା । ଏମିତିରେ ପ୍ରାରମ୍ଭିକ ଅବସ୍ଥାରେ ମାସିକ ଋତୁସ୍ରାବରେ ଅନିୟମିତତା ସାଧାରଣ କିନ୍ତୁ ସମୟ ସହ ଏଥିରେ ବିଳମ୍ବତା ପରିଶେଷରେ ଆଦୌ ଋତୁସ୍ରାବ ନ ହେବାର କାରଣ ହୋଇଥାଏ।

**ଡିମ୍ବାଣୁଜନିତ ସମସ୍ୟା :** ଗର୍ଭଧାରଣରେ ସମସ୍ୟାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କର ଯାଞ୍ଚ କରାଯିବା ଆବଶ୍ୟକ। ଯେହେତୁ ପିସିଓଏସ୍‌ର ବିକାଶ କାରଣରୁ ଏହି ସମସ୍ୟାକୁ ରୋକାଯାଇପାରିବ।

**ମାତ୍ରାଧିକ କେଶ ବୃଦ୍ଧି:** ମହିଳାମାନଙ୍କ ଶରୀରରେ ଯେତେବେଳେ ଟେଷ୍ଟୋଷ୍ଟେରୋନ ସ୍ତରରେ ବୃଦ୍ଧି ଘଟିଥାଏ ଏହା କାରଣରୁ ଓଠର ଉପରିଭାଗରେ, ତଳିପେଟରେ, ଥୋଡ଼ି ଏବଂ ସ୍ତନର ଚାରିପାଖରେ ମାତ୍ରାଧିକ କେଶ ବଢ଼ିବାର ଦେଖାଯାଇଥାଏ।

**ଅସ୍ୱାଭାବିକ ରକ୍ତ ପ୍ରବାହ:** ପିସିଓଡି ମହିଳାଙ୍କ ଶରୀରରେ ପ୍ରୋଜେଷ୍ଟେରୋନ ସ୍ତରକୁ ବୃଦ୍ଧି କରିଥାଏ । ଏହା ଉପଯୁକ୍ତ ଗର୍ଭଧାରଣ ଯୋଗୁ ସମ୍ଭବ ହୋଇଥାଏ ଏବଂ ଯାହାକି ଆଗକୁ ଯାଇ ଏଣ୍ଡୋମେଟ୍ରିଆଲ ଟିସୁରେ ଯନ୍ତ୍ରଣା ବୃଦ୍ଧିର କାରଣ ହୋଇଥାଏ। ଯାହାକି ଗର୍ଭାଶୟକୁ ଆଚ୍ଛାଦିତ କରାଇ ମହିଳାମାନଙ୍କଠାରେ ଅନିୟମିତ ରକ୍ତସ୍ରାବର କାରଣ ହୋଇଥାଏ । ଯଦି ଉପଯୁକ୍ତ ଯତ୍ନ ନିଆ ନ ଯାଏ ତେବେ ଏହା ଗର୍ଭାଶୟ କ୍ୟାନ୍ସର ଭଳି ଅନେକ ଗମ୍ଭୀର ସମସ୍ୟାର କାରଣ ହୋଇପାରେ।

**ଇନସୁଲିନରେ ଆଧିକ୍ୟ ଏବଂ ମେଦବହୁଳତା:** ଡାକ୍ତରୀ ଗବେଷଣା ଏବଂ ଡାକ୍ତରମାନେ ଅନୁଧ୍ୟାନ କରି ଜାଣିପାରିଛନ୍ତି ଯେ ପିସିଓଡିରେ ଆକ୍ରାନ୍ତ ମହିଳାଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ଅଧିକ ଓଜନର ହୋଇଥାନ୍ତି ଏବଂ ମୋଟାପଣ ସମସ୍ୟାରୁ ମୁକ୍ତ ଥିବା ମହିଳାମାନଙ୍କ ଠାରେ ମଧ ଇନସୁଲିନରେ ତାରତମ୍ୟତା ଦେଖାଯାଇଥିବା ବେଳେ କେତେକଙ୍କୁ ଏହି ଉଭୟ ସମସ୍ୟା ସହ ଲଢ଼ିବାକୁ ପଡ଼ିଥାଏ।





**ପିସିଓଏସ୍ ଥିଲେ ଆପଣ କ'ଣ କରିବା ଉଚିତ :** ବର୍ତ୍ତମାନ ପିସିଓଏସ୍ ପାଇଁ ଅନେକ ଉନ୍ନତ ଚିକିତ୍ସା ପ୍ରଣାଳୀ ଉପଲବ୍ଧ। କିନ୍ତୁ କେତେକ ନିର୍ଦ୍ଦିଷ୍ଟ ପରିବର୍ତ୍ତନକୁ ଗ୍ରହଣ କରିବା ଦ୍ୱାରା ପ୍ରଚଳିତ ଚିକିତ୍ସା ପଦ୍ଧତିରେ ଏହାର ପ୍ରଭାବ ଏବଂ ସଫଳତାକୁ ବଢ଼ାଇଦେଇଛି।

**ନିୟମିତ ବ୍ୟାୟାମ :** ପିସିଓଏସ୍ ଚିକିତ୍ସା ଅଧୀନରେ ଥିବାବେଳେ କେବଳ ବେଡ୍‌ରେଷ୍ଟ କରିବା ବଦଳରେ ପ୍ରତିଦିନ ଅତିକମ୍‌ରେ ୩୦ ମିନିଟ ଚାଲନ୍ତୁ।

**ପ୍ରଚୁର ମାତ୍ରାରେ ଶୋଇବା:** ଉପଯୁକ୍ତ ମାତ୍ରାର ଶୟନ ଆପଣଙ୍କୁ ଉତ୍ତମ ଏବଂ ସକ୍ରିୟ ଅନୁଭବ କରାଇବା ସହ ଯଦି ଆପଣ ମୋଟାପଣ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ତେବେ ଏହା ଆପଣଙ୍କୁ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ । ମନେରଖନ୍ତୁ ୮ଘଣ୍ଟାର ନିଦ୍ରା ଆପଣଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଉପଯୁକ୍ତ ନିଦ୍ରାର ଅଭାବ କାରଣରୁ ଆପଣଙ୍କ ଠାରେ ହରମୋନଜନିତ ଅନିୟମିତତା ଦେଖାଯାଇଥାଏ। ଏଥିଯୋଗୁ ଆପଣଙ୍କୁ ଭୋକ ସମସ୍ୟା ଦେଖାଦିଏ ଏବଂ ଏଣୁତେଣୁ ଏପରିକି ସ୍ୱାସ୍ଥ୍ୟ ଅନୁପଯୋଗୀ ଖାଦ୍ୟ ଖାଇବାକୁ ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ।

**ଔଷଧ :** ପରାମର୍ଶ କରାଯାଇଥିବା ଔଷଧକୁ ଛାଡ଼ିଦେବା ଦ୍ୱାରା ଏହା ସମଗ୍ର ଡାକ୍ତରୀ ଚିକିତ୍ସାର ବିଫଳତାର କାରଣ ହୋଇଥାଏ। ଯାହାକି ଏହି ବଟିକା ଗ୍ରହଣ ଉପରେ ହିଁ ଆଧାରିତ ଏବଂ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଏବଂ ଆକ୍ରାନ୍ତ ଥିବା ରୋଗ ପାଇଁ ମଧ ବିପଜ୍ଜନକ ହୋଇଥାଏ।

**ଓଜନ ନିୟନ୍ତ୍ରଣ:** ଠିକ୍ ଓଜନର ନିୟନ୍ତ୍ରଣ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ କେତେକାଂଶରେ ଦୂରେଇ ରଖିଥାଏ। ଏହା ଆପଣ ନିୟମିତ ବ୍ୟାୟାମ, ସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ ଏବଂ ଏକ ନିୟନ୍ତ୍ରିତ ଡାଏଟ ମାଧ୍ୟମରେ କରି ପାରିବେ। କିନ୍ତୁ ଅସ୍ୱାସ୍ଥ୍ୟକର ଖାଦ୍ୟଠାରୁ ଦୂରେଇ ରୁହନ୍ତୁ, କାରଣ ଏଗୁଡ଼ିକର ଗ୍ରହଣ ଆପଣଙ୍କ ପାଇଁ ପରିସ୍ଥିତିକୁ ଅଧିକ ଜଟିଳ କରିଥାଏ।

**ମାସିକ ଋତୁସ୍ରାବର ହିସାବ ରଖନ୍ତୁ :** ଆପଣଙ୍କ ଋତୁଚକ୍ରର ଏକ ସବିଶେଷ ହିସାବ ରଖନ୍ତୁ। କାରଣ ପିସିଓଡିରେ ଆକ୍ରାନ୍ତ ଲୋକମାନଙ୍କ କ୍ଷେତ୍ରରେ ଅନିୟମିତ ଋତୁସ୍ରାବ କିମ୍ବା ଆଦୌ ଋତୁସ୍ରାବ ନ ହେବା ଏକ ଚିନ୍ତାର ବିଷୟ। ଏହା ଗର୍ଭାଶୟଜନିତ କର୍କଟ କିମ୍ବା ଅନ୍ୟାନ୍ୟ ସମସ୍ୟାଗୁଡ଼ିକର କାରଣ ହୋଇପାରେ । ଯଦି ଆପଣ ନିଜ ଋତୁସ୍ରାବର ହିସାବ ରଖୁଥାନ୍ତି ତେବେ ଏହିଭଳି ସମସ୍ୟାଗୁଡ଼ିକୁ ଡାକ୍ତରଙ୍କ ନିକଟରେ ପ୍ରକାଶ କରନ୍ତୁ

**ଧୂମପାନ ଏବଂ ନିଶାଦ୍ରବ୍ୟ ସେବନ :** ଯେତେବେଳେ ଆପଣ ପିସିଓଡିରେ ଆକ୍ରାନ୍ତ ଥାନ୍ତି ସେତେବେଳେ ଆପଣଙ୍କର ପୂର୍ବରୁ ବିଗିଡ଼ି ଯାଇଥିବା ସ୍ୱାସ୍ଥ୍ୟରେ ଆହୁରି ଅନେକ ନୂଆ ରୋଗ ବିକଶିତ ହେବାର ଆଶଙ୍କା ଥାଏ ଏବଂ ଧୂମପାନ ଏବଂ ନିଶାଦ୍ରବ୍ୟ ସେବନ ଅଭ୍ୟାସ ଯୋଗୁ ଡାଇବେଟିସ, ହୃଦ୍‌ଜନିତ ରୋଗ ଭଳି ଅନେକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଥାଏ । ତେଣୁ ଏକ ସୁସ୍ଥ ଜୀବନ ପାଇଁ ଏବଂ ପିସିଓଡିକୁ ପ୍ରଭାବକାରୀ ଭାବେ ଚିକିତ୍ସା କରିବା ପାଇଁ ଆପଣଙ୍କୁ ଏସବୁକୁ ତ୍ୟାଗ କରିବାକୁ ହେବ।

**ସମ୍ଭାବ୍ୟ ଅବସାଦଗୁଡ଼ିକୁ ଚିହ୍ନଟ କରନ୍ତୁ**

ପିସିଓଡିରେ ଆକ୍ରାନ୍ତ ମହିଳାମାନଙ୍କ ଠାରେ ଅନ୍ୟମାନଙ୍କ ତୁଳନାରେ ଅବସାଦ ବେଶି ମାତ୍ରାରେ ଦେଖାଯାଇଥାଏ । ତେଣୁ ଯଦି ଆପଣ ଏପରି କିଛି ଲକ୍ଷଣ ଦେଖନ୍ତି, ଯାହାକି ଅବସାଦ ଆଡ଼କୁ ସଂକେତ ଦେଉଥାଏ ତେବେ ଏହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ ନାହିଁ। ଏହି ଲକ୍ଷଣଗୁଡ଼ିକ ହେଉଛି ମାତ୍ରାଧିକ ନିଦ୍ରା ଏବଂ ଖାଦ୍ୟ ଗ୍ରହଣ, ଓଜନରେ ମାତ୍ରାଧିକ ବୃଦ୍ଧି କିମ୍ବା ହ୍ରାସ, ଶୋଇବା ଏବଂ ଖାଦ୍ୟ ଗ୍ରହଣ ଅଭ୍ୟାସରେ ଅନିୟମିତତା କିମ୍ବା ସମସ୍ୟା ଦେଖାଯିବା, ଦୀର୍ଘ ସମୟର ବିଷାଦ ଆଦି।

ପିସିଓଡି ଏପରି ଏକ ରୋଗ ଯାହାକି ଉପଯୁକ୍ତ ଯତ୍ନର ଅଭାବରେ ଏକ ଗମ୍ଭୀର ସମସ୍ୟା ରୂପ ଧାରଣ କରେ। କିନ୍ତୁ ଯଦି ଆପଣ ସୁସ୍ଥ ଉପାୟରେ ଏକ ଶୃଙ୍ଖଳିତ ଢଙ୍ଗରେ ଚିକିତ୍ସା ଗ୍ରହଣ କରନ୍ତି ତେବେ ଆପଣଙ୍କୁ ଏଥିରୁ ବାହାରିବା ପାଇଁ ଅଧିକ ସହଜ ହୋଇଯିବ।

*-ଗାଇନାକଲୋଜିଷ୍ଟ ଏବଂ ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍ ହସ୍‌ପିଟାଲ, ଭୁବନେଶ୍ୱର*

# କିପରି ଦେଖାଯିବେ ଷ୍ଟାଇଲିଶ୍

ଆଉ ଦିନ କେଇଟା ପରେ ଶୀତଦିନ ଆସିବ । ଏହି ଦିନରେ କିପରି ଷ୍ଟାଇଲିଶ୍ ଦେଖାଯିବେ ଜାଣନ୍ତୁ ସେ ସମ୍ପର୍କରେ...



- ଆପଣ ଜିନ୍ସ ବଦଳରେ ମ୍ୟାକ୍ସି ସ୍କର୍ଟ କ୍ୟାରି କରିପାରିବେ। ଏହାକୁ ପିନ୍ଧିଲେ ଅଧିକ ଥଣ୍ଡାରେ ଆପଣ ଷ୍ଟାଇଲିଶ୍ ଲାଗିବେ। କାଜୁଆଲ ଆଉଟିଂ ହେଉକି ଲଞ୍ଚ ଡେଟ୍, ଏହି ସ୍କର୍ଟ ଆପଣଙ୍କୁ ଟ୍ରେଣ୍ଡି ଓ ଗ୍ଲାମର୍ସ ଲୁକ୍ ଦେବ। ଏହା ସହିତ ଆପଣ ଲଙ୍ଗ ଓ ରେଗୁଲାର ଦୁଇ ପ୍ରକାର ଜ୍ୟାକେଟ୍ ପିନ୍ଧିପାରିବେ।
- ଟ୍ରେଣ୍ଡି ଲୁକ୍ ପାଇଁ ଡେନିମ୍ ମ୍ୟାକ୍ସି ସ୍କର୍ଟ ପିନ୍ଧିପାରିବେ। ଏହା ଫ୍ରଣ୍ଟରେ ବଟନ୍ ଦିଆଯାଇଛି ଯାହାକୁ ଆପଣ ନିଜ ହିସାବରେ ଷ୍ଟାଇଲ୍ କରିପାରିବେ।
-ଇଣ୍ଡୋ ୱେଷ୍ଟର୍ନ ଲୁକ୍ ପାଇଁ ଆପଣ ବ୍ଲୁ ଓ ଗ୍ରୀନ୍ ଫ୍ଲୋରାଲ ପ୍ରିଣ୍ଟ ମ୍ୟାକ୍ସି ସ୍କର୍ଟ କ୍ୟାରି କରନ୍ତୁ।
-ଷ୍ଟାଇଲିଶ୍ ଲୁକ୍ ପାଇଁ ଷ୍ଟ୍ରାଇପ୍ଡ ମ୍ୟାକ୍ସି ସ୍କର୍ଟ ବେଷ୍ଟ। ଏହା ସହ ସ୍ଲିଟସ୍ ଟିଟେଲିଙ୍ଗ ଦିଆହୋଇଛି।
-କୁଲ୍ ଓ କାଜୁଆଲ୍ ଲୁକ୍ ପାଇଁ କଣ୍ଟ୍ରାଷ୍ଟ ବ୍ଲକ୍ ପ୍ରିଣ୍ଟ ସ୍କର୍ଟ ପିନ୍ଧନ୍ତୁ। ଏହି ଫ୍ଲୋଇ ମ୍ୟାକ୍ସି ସ୍କର୍ଟକୁ ଆପଣ କେଉଁଠି ବି କ୍ୟାରି କରିପାରିବେ। ଏହା ଆପଣଙ୍କୁ ରିଫ୍ରେଶିଂ ଲୁକ୍ ଦେବ।
-ଭିନ୍‌ଟେଜ୍ ଲୁକ୍ ପାଇଁ ସାଇଡ୍ ବଟନ୍ ପ୍ରିଣ୍ଟେଡ୍ ପ୍ୟାନେଲ୍‌ଡ ମ୍ୟାକ୍ସି ସ୍କର୍ଟ ଚୟନ କରନ୍ତୁ। ସ୍ଲିମ୍ ଲୁକ୍ ପାଇଁ ଏହା ବେଷ୍ଟ । ଏହାକୁ ପିନ୍ଧିଲେ ଆପଣ ପୂର୍ବାପେକ୍ଷା ଡେଙ୍ଗା ଦେଖାଯିବେ।

ଖାଦ୍ୟରୁଚି

# ମିଠା ପଲଉ

**ଆବଶ୍ୟକ ସାମଗ୍ରୀ**

ଘିଅ ୩ଚାମଚ(ବଡ଼),ଦୁଇଟି ବଡ଼ ତେଜପତ୍ର,କଞ୍ଚାଲଙ୍କା୫-୬ଟି,କଳା ଅଳେଇଚ ୨-୩ଟି, ଡାଲଚିନି ଦୁଇଖଣ୍ଡ, ଲବଙ୍ଗ ୭-୮ଟି, ଜାଇତ୍ରୀ- ୧ଟି,କେସର ୩-୪ଖଣ୍ଡ,ଅଦା ଏକ ଚାମଚ, ବାସ୍‌ମତି ଚାଉଳ ଏକ କପ୍, କାଜୁ ୧୨-୧୬ଟି, କିସ୍‌ମିସ୍ ଏକଚତୁର୍ଥାଂଶ, ପିସ୍ତା ୧୨-୧୬ଟି, ଚିନି ଦୁଇ ବଡ଼ ଚାମଚ, ଲୁଣ ଆବଶ୍ୟକ ପରିମାଣର, ଜାଇଫଳ ଏକ ଛୋଟ ଚାମଚ, ହଳଦୀ ପାଉଡର୧- ୨ଚାମଚ, ଗ୍ରୀନ୍ ମଟରଏକ କପ୍, ପାଣି ଦୁଇକପ୍।


**ପ୍ରସ୍ତୁତି ପ୍ରଣାଳୀ**

ମିଠା ପଲାଉ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ଏକ ବଡ଼ ପାତ୍ରରେ ଚାଉଳକୁ ଦଶମିନିଟ୍ ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ଏହାପରେ ଏକ କଡ଼ାଇରେ ଘିଅ ଗରମ କରନ୍ତୁ। ସେଥିରେ ଗୋଟା ମସଲା ସବୁ ପକାଇ ନାଲି ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ତାକୁ ପାତ୍ରରେ ରଖିଦିଅନ୍ତୁ। ଏବେ ଭିଜାଯାଇଥିବା ଚାଉଳକୁ ଛାଣି କଡ଼ାଇରେ କିଛି ସମୟ ପାଇଁ ଫ୍ରାଏ କରନ୍ତୁ। ଏହାପରେ ଏକ ଅଲଗା ପାତ୍ର ନେଇ ପାଣି ଗରମ କରନ୍ତୁ। ପାଣି ଫୁଟିଲା ବେଳକୁ ସେଥିରେ ଚାଉଳ ପକାନ୍ତୁ। ଏହା ହୋଇଗଲା ପରେ ପାଣି ସବୁକୁ ନିଗାଡ଼ି ଦିଅନ୍ତୁ। ଏବେ ସେଥିରେ ଚିନି, କେସର ଓ ମସଲା ସବୁ ପକାଇ ହାଲ୍‌କା ଆଞ୍ଚରେ ବସାନ୍ତୁ। ସେଥିରେ ଏବେ କାଜୁ, କିସ୍‌ମିସ୍, ପିସ୍ତାବାଦାମ ଆଦି ପକାଇ ୧୦ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମିଠା ପଲାଉ।



# ବୁଲି ଯିବାର ପ୍ଲାନିଂ ଥିଲେ...

କେଉଁଠିକି ବୁଲିଯିବାର ଥିଲେ ମନରେ ଯେତିକି ଉତ୍ସାହ ରହିଥାଏ,ତା' ଠୁ ଜିନିଷପତ୍ରକୁ ଠିକ୍‌ଭାବେ ପ୍ୟାକ୍ କରିବାକୁ ନେଇ ଅଧିକ ଚିନ୍ତା ଥାଏ । ସାଧାରଣତଃ ଜିନିଷପତ୍ରକୁ ସଜାଇ ନ ରଖିଲେ ଠିକ୍ ସମୟରେ ଖୋଜିଲା ବେଳେ ସେଗୁଡିକ ସହଜରେ ମିଳି ନ ଥାଏ। ଆସନ୍ତୁ ଜାଣିବା ଟ୍ରାଭେଲ ସମୟରେ ଜିନିଷ ପ୍ୟାକିଂ କରି କେଉଁଠି ରଖିବେ ଓ କାହିଁକି...



-ପ୍ରଥମେ ସୁଟ୍‌କେସ୍‌କୁ ତଳେ ପୂରା ଖୋଲା କରି ରଖନ୍ତୁ।
-ମୋଜାକୁ ଜୋତା ଭିତରେ ରଖିଦିଅନ୍ତୁ। ଏହାପରେ ଜୋତାକୁ ସୁଟ୍‌କେସ୍‌ରେ ରଖିଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ମୋଜା ହଜିବ ନାହିଁ ଓ ଜୋତା ବି ହଜିବ ନାହିଁ।
-ଜୋତା ଉପରେ ମୋଟା କପଡ଼ା ଯେମିତି ଜିନ୍ସ,ସ୍ୱେଟରର ଛୋଟ ଛୋଟ ଫୋଲ୍ଡ କରି ତଳେ ରଖନ୍ତୁ ,ଏହାଦ୍ୱାରା ଆପଣଙ୍କ ସୁଟ୍‌କେସ୍‌ରେ ଅଧିକ ଜାଗା ରହିବ।
-ଯଦି ଆପଣଙ୍କ ପାଖରେ ଏମିତି ଜିନିଷ ଅଛି ଯାହା ସହଜରେ ଭାଙ୍ଗିଯିବ,ତେବେ ଏହି ଜିନିଷକୁ ମଝି ସ୍ଥାନରେ ରଖନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ଜିନିଷ ସୁରକ୍ଷିତ ରହିବ।
-ଏହାପରେ ଟି ଶାର୍ଟ,ସ୍କାର୍ଫ ଆଦିକୁ ଫୋଲ୍ଡ କରି ରଖନ୍ତୁ।
-ଭଲ ହେବ କପଡ଼ାକୁ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ଫୋଲ୍ଡ କରି ରଖନ୍ତୁ,ଏହାଦ୍ୱାରା ଗୋଟିଏ କପଡ଼ାର ରଙ୍ଗ ଅନ୍ୟ କପଡ଼ାରେ ଲାଗିବ ନାହିଁ। ଏହା ସହ କପଡ଼ା ମଧ୍ୟ ଲୋଟାକୋଟା ହେବ ନାହିଁ।
-ରୁମାଲ ଓ ଛୋଟ ଛୋଟ ଜିନିଷକୁ ହାତ ପାଖ ଛୋଟ ପର୍ସରେ ରଖନ୍ତୁ।



## ସଂକ୍ଷେପରେ

### ଏଲ୍‌ଭିବି ମୁଖ୍ୟ ପଦବୀ ଦୌଡ଼ରେ ୭୦ ବରିଷ୍ଠ ଅଧିକାରୀ

ମୁମ୍ବାଇ,୨୮-୧୦: ତାମିଲନାଡୁ ଭିତ୍ତିକ ଲକ୍ଷ୍ମୀ ବିଳାସ ବ୍ୟାଙ୍କ(ଏଲ୍‌ଭିବି)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ପଦବୀ ଲାଗି ୭୦ ବରିଷ୍ଠ ବ୍ୟାଙ୍କ ଅଧିକାରୀ ଦୌଡରେ ଅଛନ୍ତି। ଏହା ଏକ ମଧ୍ୟମ ବର୍ଗ ଘରୋଇ ବ୍ୟାଙ୍କ ହୋଇଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବର ମଧ୍ୟ ଭାଗରୁ ଏହାର ସିଇଓ ପଦବୀ ଖାଲି ପଡିଛି। ସିଇଓ ଭାବେ କାର୍ଯ୍ୟ କରୁଥିବା ପାର୍ଥସାରଥି ବାନାର୍ଜୀ ତାଙ୍କର ୩ ବର୍ଷ କାର୍ଯ୍ୟ ଅବଧି ଶେଷ ହେବା ଆଗରୁ ବ୍ୟାଙ୍କ ଛାଡିବା ପରେ ଖାଲି ସ୍ଥାନରେ ଏଯାଏ କୌଣସି ନିଯୁକ୍ତି ହୋଇ ନାହିଁ। ଚଳିତ ବର୍ଷ ଅଗଷ୍ଟଠାରୁ ରିଜର୍ଭ ବ୍ୟାଙ୍କ ଉକ୍ତ ବ୍ୟାଙ୍କ ଉପରେ ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ କଟକଣା ଲଗାଇଛି। ଅତ୍ୟଧିକ କ୍ଷତି, ଏନ୍‌ପିଏ ଏବଂ ପୁଞ୍ଜି ନିୟମକୁ ଧ୍ୟାନରେ ରଖି ଏଭଳି କଟକଣା ଜାରି ହୋଇଛି। ସିଇଓ ପଦବୀ ଲାଗି ଘରୋଇ କ୍ଷେତ୍ରର ପ୍ରାୟ ୬୮ ବରିଷ୍ଠ ଅଧିକାରୀ ଆବେଦନ କରିଥିବା ଜଣେ ଅଧିକାରୀ କହିଛନ୍ତି।



“ଭାରତ ସରକାର ଗ୍ରହଣ କରିଥିବା କର୍ପୋରେଟ ଟିକସ ହ୍ରାସ ପଦକ୍ଷେପ ଅଭିବୃଦ୍ଧି ଧାରାକୁ ତ୍ୱରାନ୍ୱିତ କରିବାକୁ ସକ୍ଷମ ହେବା
– ଡେଭିଡ୍ ମାଲମାସ୍, ବିଶ୍ୱ ବ୍ୟାଙ୍କ ସଭାପତି



“ଡିଜିଟାଲ କ୍ଷମତା ଲାଗି ବିଶ୍ୱର ପ୍ରମୁଖ କମ୍ପାନୀଗୁଡ଼ିକ ମାଇକ୍ରୋସଫ୍ଟର କ୍ଲାଉଡ ସର୍ଭିସକୁ ପସନ୍ଦ କରୁଛନ୍ତି। ଗ୍ରାହକଙ୍କୁ ଉନ୍ନତ ଭାଲ୍ୟୁ ପ୍ରଦାନ, ଟେକ୍ନୋଲୋଜିରେ ନୂଆ ଉଦ୍ଭାବନ ସହ ପ୍ରମୁଖ ବଜାରରେ ନିବେଶ ବଢାଉଛୁ।
– ସତ୍ୟ ନାଡେଲା, ମାଇକ୍ରୋସଫ୍ଟ ସିଇଓ

**ଏୟାର ଇଣ୍ଡିଆ ଘରୋଇକରଣ**

# ବିଦେଶୀ ବିଡର ଆକୃଷ୍ଟ କରିବାକୁ ଯୋଜନା

ନୂଆଦିଲ୍ଲୀ,୨୮-୧୦

- ବିଭିନ୍ନ ପ୍ରସଙ୍ଗକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ବିଚାର
- ଅନ୍ୟ କ୍ଷେତ୍ରରେ ଏଫ୍‌ଡିଆଇ କୋହଳ ନେଇ ହେବ ବିଚାର
- ମଙ୍ଗଳବାର ଆନ୍ତଃ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ବୈଠକ



ଏୟାର ଇଣ୍ଡିଆର ଘରୋଇକରଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏଥିଲାଗି ବିଦେଶୀ ବିଡର ଆକୃଷ୍ଟ କରିବାକୁ ସରକାର ଯୋଜନା କରୁଛନ୍ତି। ଶିଳ୍ପ ଓ ଆନ୍ତଃ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏ ନେଇ ବିଭିନ୍ନ ପ୍ରସଙ୍ଗକୁ ବର୍ତ୍ତମାନ ବିଚାର କରୁଛି। ବିଦେଶୀ ପ୍ରତ୍ୟକ୍ଷ ନିବେଶ ଦିଗରେ ରହିଥିବା ବିଭିନ୍ନ ନିୟମକୁ ସରକାର ତର୍ଜମା କରୁଥିବା ଜଣାପଡିଛି। କ୍ଷତିରେ ଚାଲୁଥିବା ଏହି ବିମାନ କମ୍ପାନୀକୁ ଘରୋଇକରଣ କରିବା ନେଇ ସରକାର ପ୍ରୟାସ ଜାରି ରଖିଛନ୍ତି। ହେଲେ ଏଥିଲାଗି ବିଡରଙ୍କୁ ଆକୃଷ୍ଟ କରିବା ନେଇ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ସକ୍ଷମ ହେଉନାହାନ୍ତି। ଆସନ୍ତା ମାସରେ ଏ ନେଇ ପୁଣି ଥରେ ବିଡ୍ ଡାକିବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ଗ୍ରାଉଣ୍ଡ ପରିଚାଳନା, ବିମାନ କ୍ରୟ, ଓଭରହଲ ରିପେୟାର ଏବଂ ମେଣ୍ଟେନାନ୍ସ ଭଳି ବର୍ଗରେ ପ୍ରତ୍ୟକ୍ଷ ଭାବେ ଉକ୍ତ କ୍ଷେତ୍ରରେ ୧୦୦% ଏଫ୍‌ଡିଆଇ ନିୟମ ରହିଛି। ମାତ୍ର ବିମାନ କମ୍ପାନୀ ପରିଚାଳନା ପାଇଁ ମାଲିକାନା ଏବଂ ନିୟନ୍ତ୍ରଣ କ୍ଷେତ୍ରରେ ବିଭିନ୍ନ ସମସ୍ୟା ରହିଛି। ଏଭଳି ବିଭିନ୍ନ ସମସ୍ୟାକୁ ସମାଧାନ କରିବା ଦିଗରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ କୁହାଯାଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଏକ୍ଷେତ୍ରରେ ୧୦୦% ଏଫ୍‌ଡିଆଇ ନିୟମ ଲାଗୁହେଲେ ଏହା ବିମାନ କମ୍ପାନୀର ବିଡିଂ ଲାଗି ଉନ୍ନତ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। ମଙ୍ଗଳବାର ବସିବାକୁ ଥିବା ଆନ୍ତଃ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ବୈଠକରେ ବିମାନ କମ୍ପାନୀର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି।

**୩୭୦ ଉଚ୍ଛେଦ ପରେ କଟକଣା**

# କଶ୍ମୀରରେ ୧୦ ହଜାର କୋଟିର କାରବାର କ୍ଷତି

ନୂଆଦିଲ୍ଲୀ,୨୮-୧୦

ଜମ୍ମୁ କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦ ହଟାଯିବା ପରେ ନିରାପତ୍ତା ପାଇଁ ଲାଗୁ ହୋଇଥିବା ବିଭିନ୍ନ କଟକଣାର ପ୍ରଭାବ ସେଠାକାର ବାଣିଜ୍ୟ କାରବାର ଉପରେ ପଡିଛି। ଗତ ୩ ମାସରେ କଶ୍ମୀର ଘାଟିରେ ବାଣିଜ୍ୟ କାରବାର ବିଶେଷ ଭାବେ ପ୍ରଭାବିତ ହୋଇଥିବା ଜଣାପଡିଛି। ଘାଟିରେ ଗତ ୩ ମାସ ମଧ୍ୟରେ ବ୍ୟବସାୟୀମାନେ ପ୍ରାୟ ୧୦ ହଜାର କୋଟି ଟଙ୍କାର ବ୍ୟବସାୟ କ୍ଷତି ସହିଥିବା ଶିଳ୍ପ ଜଗତ ପକ୍ଷରୁ ଆକଳନ କରାଯାଉଛି। କେନ୍ଦ୍ର ସରକାର ଚଳିତ ବର୍ଷ ୫ ଅଗଷ୍ଟରେ ୩୭୦ ଅନୁଚ୍ଛେଦକୁ ଉଠାଇ ଦେଇଥିଲେ। କଟକଣା ଲାଗୁ ହେବାର ବର୍ତ୍ତମାନ ୮୪ ଦିନରୁ ଅଧିକ ସମୟ ବିତିଗଲାଣି। କଟକଣା ଯୋଗୁ ସେଠାକାର ବଜାର ଅଧିକାଂଶ ସମୟ ବନ୍ଦ ରହୁଥିବାବେଳେ ସାଧାରଣ ପରିବହନ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଛି। ଲାଲଚୌକ ଅଞ୍ଚଳରେ କିଛି ଦୋକାନ ସକାଳେ ଏବଂ ଆଉ କିଛି ସନ୍ଧ୍ୟାରେ ଖୋଲା ରହୁଥିଲେ ମଧ୍ୟ ମୁଖ୍ୟ ବଜାର ବନ୍ଦ ରହୁଥିବା କଶ୍ମୀର ବାଣିଜ୍ୟ ଏବଂ ଉଦ୍ୟୋଗ ସଙ୍ଗଠନର ଅଧ୍ୟକ୍ଷ ସେକ୍ ଆଶିକ କହିଛନ୍ତି।

## ଓଡ଼ିଶା ସରକାର

# ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

**File No. XIV-20/2019-147, Dated: 02.03.2019**

**No. XXV-06:-** ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ନୟାଗଡ଼ ଜିଲ୍ଲାର ଖୋରଧା ରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ଭିରୁଡ଼ା, ଥାନା- ନୂଆଗାଁ ନଂ.-୯୫, ତହସିଲ- ନୂଆଗାଁ, ଜିଲ୍ଲା-ନୟାଗଡ଼ରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨୫.୮୪୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLA R&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ୧୧(୧)ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ସ୍ୱରୂପ- ଖୋରଧାରୋଡ଼ - ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପମୁଖ୍ୟ ଯନ୍ତ୍ରୀ, (ନିର୍ମାଣ-୨) ପୂର୍ବତଟ ରେଳପଥ, ଭୁବନେଶ୍ୱର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଖୋରଧା ରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର ରାଜସ୍ୱ ଓ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୪୧୫୨୪, ତା୦୮।୧୧।୧୮ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ନୟାଗଡ଼।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍ ନାମ |
|---|---|---|---|---|---|---|---|---|
| ନୟାଗଡ଼ | ନୂଆଗାଁ | ଭିରୁଡ଼ା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୩୬.୨୬୫ | ଏ.୨୫.୮୪୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୧.୧୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ନୟାଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ନୟାଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ନୟାଗଡ଼

### ଜମିର ତାଲିକା

ଗ୍ରାମ- ଭିରୁଡ଼ା (ଅତିରିକ୍ତ), ତହସିଲ- ନୂଆଗାଁ, ଥାନା- ନୂଆଗାଁ ନଂ.୯୫, ଜିଲ୍ଲା- ନୟାଗଡ଼

| କ୍ର.ସଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅର୍ଜିତ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୪ | ୬୩୧ | ୦.୦୯୦ | ୦.୦୯୦ | ଶାରଦ-୩ | ଅମିନ ସ୍ୱାଇଁ, ଭାଗବତ ସ୍ୱାଇଁ, ଜଗନ୍ନାଥ ସ୍ୱାଇଁ, ଉଦ୍ୟନାଥ ସ୍ୱାଇଁ, ବ୍ରଜବନ୍ଧୁ ସ୍ୱାଇଁ, ପି: ବାସୁ ସ୍ୱାଇଁ |
| | | ୬୩୦ | ୦.୦୭୦ | ୦.୦୭୦ | ଶାରଦ-୩ | |
| | | ୬୦୪ | ୦.୦୪୦ | ୦.୦୪୦ | ଶାରଦ-୩ | |
| | | ୬୦୬ | ୦.୧୪୦ | ୦.୧୪୦ | ଶାରଦ-୩ | |
| | | ୭୦୩ | ୦.୧୪୦ | ୦.୧୪୦ | ଶାରଦ-୩ | |
| | | ୭୦୬ | ୦.୧୦୦ | ୦.୧୦୦ | ଶାରଦ-୩ | |
| ୨ | ୧୫୭/୧୮୩ | ୬୩୦/୧୬୫୮ | ୦.୨୧୦ | ୦.୨୧୦ | ଶାରଦ-୩ | ତ୍ରିନାଥ ବେହେରା, ପି: ଭିକାରି ଚରଣ ବେହେରା |
| ୩ | ୬ | ୬୪୯ | ୦.୩୮୦ | ୦.୧୮୦ | ଶାରଦ-୩ | ଅରକ୍ଷିତ ସାହୁ, ପି: ମଙ୍ଗୋଇ ସାହୁ |
| ୪ | ୯ | ୬୭୨ | ୦.୦୯୦ | ୦.୦୯୦ | ଶାରଦ-୩ | ଅହଲ୍ୟା ଦେଇ, ସ୍ୱା- ଖଲି ବେହେରା |
| | | ୬୭୩ | ୦.୧୦୦ | ୦.୧୦୦ | ଶାରଦ-୩ | |
| | | ୯୦୪ | ୦.୩୨୦ | ୦.୨୬୦ | ଶା.ଦୋ.ଫ.-୩ | |
| ୫ | ୧୧ | ୫୮୭ | ୦.୧୧୦ | ୦.୦୩୦ | ଶାରଦ-୩ | ଆନନ୍ଦ ନାୟକ, କପିଳ ନାୟକ, ପି: ତାରେଶ୍ୱର ନାୟକ |
| | | ୫୯୨ | ୦.୦୬୦ | ୦.୦୬୦ | ଶାରଦ-୩/୨ | |
| | | ୫୯୫ | ୦.୦୮୦ | ୦.୦୮୦ | ଶାରଦ-୩ | |
| | | ୭୩୮ | ୦.୦୭୫ | ୦.୦୭୫ | ଶାରଦ-୨ | |
| | | ୭୪୦ | ୦.୦୪୦ | ୦.୦୪୦ | ଶାରଦ-୧ | |
| ୬ | ୧୩ | ୮୮୭ | ୧.୧୨୦ | ୦.୦୨୦ | ଶା.ଦୋ.ଫ.-୩ | ଉଦୟ ଭୋଇ, ପି: ଖଲିଆ ଭୋଇ, ସୁନେଇ ଭୋଇ, ସ୍ୱା: ଖଲିଆ ଭୋଇ |
| ୭ | ୧୫ | ୬୬୬ | ୦.୦୧୦ | ୦.୦୧୦ | ଶାରଦ-୩ | ଶ୍ରୀ ରଘୁନାଥ ଜୀଉ ବିଜେ ଓଡ଼ଗାଁ ମାର୍ଫତ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ଦେବୋତ୍ତର ବିଭାଗ, ନୟାଗଡ଼ |
| ୮ | ୧୬ | ୭୬୨ | ୦.୦୬୦ | ୦.୦୬୦ | ଶାରଦ-୧ | ଶ୍ରୀ ଲଡୁକେଶ୍ୱର ମହାଦେବ ଜୀଉ ବିଜେ ଶରଣକୁଳ ମାର୍ଫତ ଏକ୍‌ଜିକ୍ୟୁଟିଭ୍ ଅଫିସର ଦେବୋତ୍ତର ବିଭାଗ, ନୟାଗଡ଼ |
| | | ୭୬୩ | ୦.୩୦୦ | ୦.୩୦୦ | ଶା.ଦୋ.ଫ-୧ | |
| ୯ | ୧୯ | ୬୭୧ | ୦.୧୦୦ | ୦.୧୦୦ | ଶାରଦ-୩ | କହ୍ନେଇ ସେଠୀ, ପି: ଭଗବାନ ସେଠୀ |
| | | ୭୦୦ | ୦.୧୫୦ | ୦.୧୫୦ | ଶାରଦ-୩ | |
| ୧୦ | ୨୪ | ୮୯୨ | ୦.୨୭୦ | ୦.୨୭୦ | ଶା.ଦୋ.ଫ.-୨ | ଖଲି ବେହେରା, ଗୋବିନ୍ଦ ବେହେରା, ରାମ ବେହେରା, ଅଲେଖ ବେହେରା, ପି: ମହାଦେବ ବେହେରା |
| ୧୧ | ୨୬ | ୫୯୪ | ୦.୩୪୦ | ୦.୦୬୦ | ଶାରଦ-୩/୩ | ଖଲି ଦେଇ, ସ୍ୱା: ରାମ ଚନ୍ଦ୍ର ବେହେରା, କାଞ୍ଚନ ଦେଇ, ସ୍ୱା: ଲକ୍ଷ୍ମଣ ବେହେରା, ଶତ୍ରୁଘ୍ନ ବେହେରା, ପି: ଆନନ୍ଦ ବେହେରା |
| ୧୨ | ୨୮ | ୮୪୭ | ୦.୧୮୦ | ୦.୦୧୦ | ଶା.ଦୋ.ଫ.-୨ | ଗଙ୍ଗାଧର ବିଶ୍ୱାଳ, ଗୟାଧର ବିଶ୍ୱାଳ, ପି: ଗଦାଧର ବିଶ୍ୱାଳ |
| ୧୩ | ୨୯ | ୯୦୮ | ୦.୦୮୦ | ୦.୦୮୦ | ଶା.ଦୋ.ଫ.-୨ | ଗତି ବିଶ୍ୱାଳ, ପି: ଅଗାଧୁ ବିଶ୍ୱାଳ |
| ୧୪ | ୩୦ | ୫୮୪ | ୦.୨୩୦ | ୦.୦୯୦ | ଶା.ଦୋ.ଫ.-୩ | ଗଦାଧର ବିଶ୍ୱାଳ, ପି: ଅଗାଧୁ ବିଶ୍ୱାଳ |
| ୧୫ | ୩୩ | ୫୬୯ | ୦.୦୮୦ | ୦.୦୫୦ | ଶାରଦ-୨ | ଗୋପାଳ ଚନ୍ଦ୍ର ସାହୁ, ପି: ଆନନ୍ଦ ଚନ୍ଦ୍ର ସାହୁ |
| | | ୫୭୦ | ୦.୧୦୦ | ୦.୦୬୦ | | |
| ୧୬ | ୩୭ | ୫୯୯ | ୦.୧୧୦ | ୦.୧୧୦ | ଶାରଦ-୩/୨ | ଚିରଞ୍ଜିବି ଲେଙ୍କା, ଅଭୟ କୁମାର ଲେଙ୍କା, ପି: ମାଧବ ଲେଙ୍କା |
| ୧୭ | ୪୦ | ୫୮୨ | ୦.୨୫୦ | ୦.୨୫୦ | ଶା.ଦୋ.ଫ.-୩ | ଜଗନ୍ନାଥ ବିଶ୍ୱାଳ, ପି: ଅଗାଧୁ ବିଶ୍ୱାଳ |
| ୧୮ | ୪୫ | ୬୨୮ | ୦.୧୬୦ | ୦.୦୮୦ | ଶାରଦ-୩/୨ | ଜୟକୃଷ୍ଣ ସ୍ୱାଇଁ, ମହେଶ୍ୱର ସ୍ୱାଇଁ, ଗୋବର୍ଦ୍ଧନ ସ୍ୱାଇଁ, ପି: ଅଗାଧୁ ସ୍ୱାଇଁ |
| | | ୬୨୯ | ୦.୧୩୦ | ୦.୧୩୦ | ଶାରଦ-୩ | |
| | | ୭୪୪ | ୦.୦୨୦ | ୦.୦୨୦ | ଶାରଦ-୩ | |
| | | ୬୭୪ | ୧.୦୯୦ | ୧.୦୩୦ | ଶାରଦ-୩ | |
| ୧୯ | ୪୯ | ୯୫୨/୧୧୦୬ | ୦.୦୪୦ | ୦.୦୪୦ | ତଇଳା-୧ | ଯୁଧିଷ୍ଠିର ବେହେରା, ପି: ଅନନ୍ତ ବେହେରା, ଆନନ୍ଦ ନାୟକ, କପିଳ ନାୟକ, ପି: ତାରେଶ୍ୱର ନାୟକ, ରଘୁ ବେହେରା, ପି: ସନେଇ ବେହେରା |
| ୨୦ | ୫୯ | ୯୧୧ | ୦.୫୭୦ | ୦.୩୯୦ | ଶା.ଦୋ.ଫ.-୨ | ଦେବ ନାୟକ, ତ୍ରିନାଥ ତ୍ରିଶଳ, ବ୍ରାହ୍ମଣୀ ଦେଇ, ପି: ଭିକା ନାଏକ, ରଇବାରୀ ଦେବୀ, ସ୍ୱା-ଭିକା ନାଏକ |
| ୨୧ | ୬୨ | ୬୧୬ | ୦.୨୦୦ | ୦.୧୩୦ | ଶାରଦ-୩/୬ | ନଟବର ମହାନ୍ତି, ପି: ପୁନିଆ ମହାନ୍ତି |
| | | ୬୨୩ | ୦.୦୧୦ | ୦.୦୧୦ | ଶାରଦ-୩/୨ | |
| | | ୭୫୨ | ୦.୧୫୦ | ୦.୧୫୦ | ଶାରଦ-୨ | |
| | | ୭୫୪ | ୦.୦୬୦ | ୦.୦୬୦ | ଶାରଦ-୨ | |
| | | ୯୦୯ | ୦.୧୧୦ | ୦.୧୧୦ | ଶା.ଦୋ.ଫ.-୨ | |
| ୨୨ | ୬୬ | ୭୫୩ | ୦.୦୬୦ | ୦.୦୬୦ | ଶାରଦ-୨ | ନରସିଂହ ପାଣିଗ୍ରାହୀ, ପି: ଗୋପି ପାଣିଗ୍ରାହୀ |
| ୨୩ | ୭୪ | ୬୨୦ | ୦.୦୮୦ | ୦.୦୮୦ | ଶାରଦ-୩/୨ | ନିଳେଇ ଲେଙ୍କା, ପି: ଲକ୍ଷ୍ମଣ ଲେଙ୍କା |
| ୨୪ | ୭୬ | ୬୬୧ | ୦.୦୨୦ | ୦.୦୨୦ | ଶାରଦ-୩/୨ | ପଦ୍ମଚରଣ ବିହାରୀ, ପି: ବିଦେଇ ବିହାରୀ |
| | | ୭୧୦ | ୦.୦୭୦ | ୦.୦୧୦ | ଶାରଦ-୩ | |
| ୨୫ | ୭୮ | ୫୮୦ | ୦.୧୦୦ | ୦.୧୦୦ | ଶାରଦ- | ପ୍ରକାଶ ଚନ୍ଦ୍ର ସ୍ୱାଇଁ, ପି: ବୁଲା ସ୍ୱାଇଁ, ସନାତନ ସ୍ୱାଇଁ, ଭାଗିରଥି ସ୍ୱାଇଁ, ଦାମୋଦର ସ୍ୱାଇଁ, ପି: ମଦନ ସ୍ୱାଇଁ |
| | | ୫୭୮ | ୧.୧୧୦ | ୦.୪୦୦ | ଶାରଦ-୨ | |
| ୨୬ | ୭୯ | ୮୫୨ | ୦.୩୩୦ | ୦.୦୭୦ | ଶା.ଦୋ.ଫ.-୨ | ପାଣୁ ନାଏକ, ପି: କ୍ଷେତ୍ରବାସୀ ନାଏକ |
| | | ୯୦୫/୧୦୭୭ | ୦.୩୦୦ | ୦.୦୩୦ | ତଇଳା-୧ | |
| ୨୭ | ୮୨ | ୭୬୪ | ୦.୦୫୦ | ୦.୦୫୦ | ଶା.ଦୋ.ଫ.-୧ | ଶ୍ରୀ ଭାଗବତ ଗୋସାଇଁ ବିଜେ ନିଜଗାଁ ମାର୍ଫତ୍ ସମସ୍ତ ଗ୍ରାମବାସୀ ପକ୍ଷେ ବଳଭଦ୍ର ମାନସିଂ, ପି: ଗଙ୍ଗାଧର ରାୟସିଂ |
| ୨୮ | ୮୩ | ୬୩୪ | ୦.୦୨୦ | ୦.୦୨୦ | ପଡିତ | ବଳଭଦ୍ର ମାନସିଂ, ପି: ଗଙ୍ଗାଧର ରାୟସିଂ |
| | | ୬୪୨ | ୦.୧୭୦ | ୦.୧୭୦ | ଶାରଦ-୩/୨୧ | |
| | | ୬୪୭ | ୦.୨୨୦ | ୦.୨୨୦ | ଶାରଦ-୩ | |
| | | ୬୬୩ | ୦.୦୮୦ | ୦.୦୮୦ | ଶାରଦ-୩ | |
| | | ୬୬୭ | ୦.୦୯୦ | ୦.୦୯୦ | ଶାରଦ-୩ | |
| | | ୭୦୫ | ୦.୨୫୦ | ୦.୨୫୦ | ଶାରଦ-୩ | |
| | | ୭୩୫ | ୦.୨୦୦ | ୦.୧୨୦ | ଶାରଦ-୧ | |
| | | ୭୪୧ | ୦.୦୫୦ | ୦.୦୫୦ | ଶାରଦ-୧ | |
| | | ୭୬୬ | ୦.୬୭୦ | ୦.୬୭୦ | ଶାରଦ-୧ | |
| | | ୭୭୯ | ୨.୮୨୦ | ୦.୯୦୦ | ଶା.ଦୋ.ଫ.-୨ | |
| | | ୮୭୯ | ୧.୪୪୦ | ୧.୨୫୦ | ଶାରଦ-୨ | |
| | | ୮୯୪ | ୦.୯୬୦ | ୦.୭୨୦ | ଶା.ଦୋ.ଫ.-୨ | |
| | | ୯୧୦ | ୦.୭୪୦ | ୦.୭୪୦ | ଶା.ଦୋ.ଫ.-୨ | |
| | | ୮୭୬ | ୧.୮୭୦ | ୧.୦୪୦ | ଶା.ଦୋ.ଫ.-୨ | |
| | | ୮୭୭ | ୦.୧୦୦ | ୦.୧୦୦ | ଶା.ଦୋ.ଫ.-୨ | |
| | | ୮୭୮ | ୧.୫୬୦ | ୧.୨୬୦ | ଶା.ଦୋ.ଫ.-୨ | |
| ୨୯ | ୮୭ | ୯୦୫/୧୦୯୧ | ୦.୦୫୦ | ୦.୦୧୦ | ଶା.ଦୋ.ଫ.-୨ | ବାଙ୍କନିଧି ନାୟକ, ପି: ଭିକାରୀ ନାୟକ, ଜବରଦଖଲ ବୁଲା ସ୍ୱାଇଁ, ସନାତନ ସ୍ୱାଇଁ, ଭାଗିରଥି ସ୍ୱାଇଁ, ସୁଦର୍ଶନ ସ୍ୱାଇଁ, ଦାମୋଦର ସ୍ୱାଇଁ, ପି: ମଦନ ସ୍ୱାଇଁ |
| ୩୦ | ୮୯ | ୮୪୫/୧୦୬୯ | ୦.୧୦୦ | ୦.୦୬୦ | ଶା.ଦୋ.ଫ.-୨ | ବାଙ୍କନିଧି ନାଏକ, ପି: ଭିଖା ନାଏକ, ପାଣୁ ନାଏକ, ପି: କ୍ଷେତ୍ର ନାଏକ, ବନମାଳୀ ନାଏକ, ପି: ପାଣୁ ନାଏକ |
| ୩୧ | ୯୩ | ୫୭୯ | ୦.୨୪୦ | ୦.୨୪୦ | ଶାରଦ-୨/୨ | ବାସନ୍ତି କୁମାରୀ ସ୍ୱାଇଁ, ପି: ବୁଲା ସ୍ୱାଇଁ |
| ୩୨ | ୯୫ | ୮୯୭ | ୦.୧୩୦ | ୦.୧୩୦ | ଶା.ଦୋ.ଫ.-୨ | ବୁଧି ବାମନ ବିହାରୀ, ପି: ବିଦେଇ ବିହାରୀ |
| | | ୬୫୮ | ୦.୦୫୦ | ୦.୦୩୦ | ଶାରଦ-୩ | |
| | | ୭୪୬ | ୦.୩୭୦ | ୦.୨୫୦ | ଶାରଦ-୨ | |
| ୩୩ | ୯୭ | ୭୬୫ | ୦.୧୪୦ | ୦.୧୪୦ | ଶା.ଦୋ.ଫ.-୨ | ବୁଲା ସ୍ୱାଇଁ, ସନାତନ ସ୍ୱାଇଁ, ଭାଗ୍ୟରଥି ସ୍ୱାଇଁ, ଦାମୋଦର ସ୍ୱାଇଁ, ପି: ମଦନମୋହନ ସ୍ୱାଇଁ |
| | | ୫୯୩ | ୦.୫୩୦ | ୦.୪୬୦ | ଶାରଦ-୩ | |
| ୩୪ | ୯୮ | ୯୦୫ | ୦.୫୨୦ | ୦.୪୬୦ | ଶା.ଦୋ.ଫ.-୨ | ବୁଲା ସ୍ୱାଇଁ, ସନାତନ ସ୍ୱାଇଁ, ଭାଗ୍ୟରଥି ସ୍ୱାଇଁ, ଦାମୋଦର ସ୍ୱାଇଁ, ସୁଦର୍ଶନ ସ୍ୱାଇଁ, ପି: ମଦନ ସ୍ୱାଇଁ |
| | | ୮୫୨/୧୦୭୧ | ୦.୨୫୦ | ୦.୦୩୦ | ଶା.ଦୋ.ଫ.-୨ | |
| | | ୭୬୫/୧୦୬୧ | ୦.୧୯୦ | ୦.୧୯୦ | ଶା.ଦୋ.ଫ.-୨ | |
| | | ୯୦୩ | ୦.୩୫୦ | ୦.୦୧୦ | ଶା.ଦୋ.ଫ.-୩ | |
| | | ୭୦୭ | ୦.୩୧୦ | ୦.୩୧୦ | ଶାରଦ-୩ | |
| ୩୫ | ୯୯ | ୬୦୭ | ୦.୧୨୦ | ୦.୦୬୦ | ଶାରଦ-୩ | ବୁଲା ସ୍ୱାଇଁ, ସନାତନ ସ୍ୱାଇଁ, ଭାଗ୍ୟରଥି ସ୍ୱାଇଁ, ସୁଦର୍ଶନ ସ୍ୱାଇଁ, ପଞ୍ଚୁ ସ୍ୱାଇଁ, ପି: ମଦନ ସ୍ୱାଇଁ, ମଦନ ସ୍ୱାଇଁ, ପି: ପରମାନନ୍ଦ ସ୍ୱାଇଁ |
| ୩୬ | ୧୦୩ | ୭୬୭ | ୦.୦୧୦ | ୦.୦୧୦ | ଶାରଦ-୧ | ଶ୍ରୀ ଭାଗବତ ଗୋସାଇଁ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀ ପକ୍ଷେ ବୈକୁଣ୍ଠ ନାଥ ସାମନ୍ତ, ପି: ବଳଭଦ୍ର ମାନସିଂ |
| ୩୭ | ୧୦୪ | ୬୬୯ | ୦.୦୩୦ | ୦.୦୩୦ | ଶାରଦ-୩ | ବୈକୁଣ୍ଠ ନାଥ ସାମନ୍ତ, ପି: ବଳଭଦ୍ର ମାନସିଂ |
| | | ୭୮୦ | ୦.୦୯୦ | ୦.୦୨୦ | ଶା.ଦୋ.ଫ.-୨ | |
| | | ୭୮୧ | ୦.୦୫୦ | ୦.୦୩୦ | ଶା.ଦୋ.ଫ.-୧ | |
| | | ୮୭୬/୧୧୨୫ | ୦.୪୦୦ | ୦.୦୩୦ | ଶା.ଦୋ.ଫ.-୨ | |
| ୩୮ | ୧୧୬ | ୫୮୧ | ୦.୧୭୦ | ୦.୧୭୦ | ଶା.ଦୋ.ଫ.-୩/୨ | ଭୁବନେଶ୍ୱର ତ୍ରିପାଠୀ, ପି: ପଦ୍ମନାଭ ତ୍ରିପାଠୀ |
| ୩୯ | ୧୧୭ | ୬୦୫ | ୦.୧୬୦ | ୦.୧୬୦ | ଶାରଦ-୩ | ମଦନ ସ୍ୱାଇଁ, ପି: ପରମାନନ୍ଦ ସ୍ୱାଇଁ |
| | | ୬୬୪ | ୦.୨୨୦ | ୦.୨୨୦ | ଶାରଦ-୩ | |
| | | ୬୬୦ | ୦.୩୬୦ | ୦.୩୬୦ | ଶାରଦ-୩ | |
| | | ୭୦୪ | ୦.୦୪୦ | ୦.୦୪୦ | ଶାରଦ-୩ | |
| | | ୭୦୨ | ୦.୧୩୦ | ୦.୧୩୦ | ଶାରଦ-୩ | |
| ୪୦ | ୧୧୯ | ୬୨୫ | ୦.୨୭୦ | ୦.୨୩୦ | ଶାରଦ-୩ | ମଦନ ସ୍ୱାଇଁ, ଧୋବେଇ ସ୍ୱାଇଁ, ପି: କୃଷ୍ଣ ସ୍ୱାଇଁ, କହ୍ନେଇ ସ୍ୱାଇଁ, ପି: ମାଧବ ସ୍ୱାଇଁ, ଅମିନ ସ୍ୱାଇଁ, ଭାଗବତ ସ୍ୱାଇଁ, ଜଗବନ୍ଧୁ ସ୍ୱାଇଁ, ବ୍ରଜବନ୍ଧୁ ସ୍ୱାଇଁ, ପି: ବାସୁଦେବ ସ୍ୱାଇଁ |
| ୪୧ | ୧୨୧ | ୮୯୫ | ୦.୦୮୦ | ୦.୦୩୦ | ପଡିତ | ମାଗି ସ୍ୱାଇଁ, ଉଦୟନାଥ ସ୍ୱାଇଁ, ପି: ଯୋଗୀ ସ୍ୱାଇଁ |
| | | ୮୯୬ | ୦.୬୨୦ | ୦.୦୯୦ | ଶା.ଦୋ.ଫ.-୨ | |
| ୪୨ | ୧୨୨ | ୮୯୮ | ୦.୧୮୦ | ୦.୧୮୦ | ଶାରଦ-୩ | ମାଗୁଣି ନାୟକ, ପି: ବିଦେଇ ନାୟକ |
| ୪୩ | ୧୨୪ | ୬୨୪ | ୦.୦୫୦ | ୦.୦୫୦ | ଶାରଦ-୩ | ମାଟିଆ ଲେଙ୍କା, ପି: ନିଳେଇ ଲେଙ୍କା |
| ୪୪ | ୧୨୬ | ୬୮୫ | ୦.୦୪୦ | ୦.୦୪୦ | ଶାରଦ-୩ | ମାଟିଆ ସେଠୀ, ପି: ପୁନିଆ ସେଠୀ, ସାରିଆ ବେୱା, ସ୍ୱା: ପୁନିଆ ସେଠୀ |
| | | ୬୯୯ | ୦.୧୨୦ | ୦.୧୨୦ | ଶାରଦ-୩ | |
| ୪୫ | ୧୨୭ | ୫୮୮ | ୦.୦୬୦ | ୦.୦୬୦ | ଶାରଦ-୩ | ମାନ ସେଠୀ, ପି: ଭୀମ ସେଠୀ |
| ୪୬ | ୧୨୮ | ୬୭୦ | ୦.୧୨୦ | ୦.୧୨୦ | ଶାରଦ-୩ | ମଦନ ସେଠୀ, ପି: ଭୀମ ସେଠୀ, ଚକ୍ରଧର ସେଠୀ, ଧନୀ ସେଠୀ, ପି: ମାନ ସେଠୀ |
| | | ୬୮୪ | ୦.୦୩୦ | ୦.୦୩୦ | ଶାରଦ-୩ | |
| ୪୭ | ୧୩୧ | ୫୯୧ | ୦.୦୪୦ | ୦.୦୪୦ | ଶାରଦ-୩ | ରଘୁ ବେହେରା, ପି: ସନେଇ ବେହେରା |
| | | ୭୦୮ | ୦.୦୪୦ | ୦.୦୧୦ | ଶାରଦ-୨ | |
| | | ୭୩୩ | ୦.୦୮୦ | ୦.୦୮୦ | ଶାରଦ-୧ | |
| | | ୭୩୬ | ୦.୦୨୦ | ୦.୦୨୦ | ଶାରଦ-୧ | |
| | | ୭୩୭ | ୦.୦୫୦ | ୦.୦୫୦ | ଶାରଦ-୧ | |
| | | ୭୩୯ | ୦.୦୮୦ | ୦.୦୮୦ | ଶାରଦ-୧ | |
| | | ୭୬୯ | ୦.୦୧୦ | ୦.୦୧୦ | ଶାରଦ-୨ | |
| | | ୮୯୧ | ୦.୨୪୦ | ୦.୦୨୦ | ଶା.ଦୋ.ଫ.-୨ | |
| ୪୮ | ୧୩୩ | ୫୭୨ | ୦.୯୮୦ | ୦.୯୮୦ | ଶାରଦ-୨ | ରଘୁନାଥ ଶତପଥୀ, ବଳରାମ ଶତପଥୀ, ବାସୁଦେବ ଶତପଥୀ, ପି: ହଳଧର ଶତପଥୀ |
| | | ୫୭୩ | ୦.୨୯୦ | ୦.୨୯୦ | ଶାରଦ-୩ | |
| ୪୯ | ୧୩୪ | ୬୧୮ | ୦.୦୯୦ | ୦.୦୯୦ | ଶାରଦ-୩ | ରମ୍ଭା ଲେଙ୍କା, ସ୍ୱା: ଗୋପିନାଥ ଲେଙ୍କା |
| ୫୦ | ୧୫୪ | ୯୦୧ | ୦.୦୨୦ | ୦.୦୨୦ | ଶାରଦ-୩ | ସାରିଆ ଲେଙ୍କା, ସ୍ୱା: ବନମାଳୀ ଲେଙ୍କା |
| ୫୧ | ୧୫୫ | ୬୪୯/୧୧୨୪ | ୦.୧୧୦ | ୦.୧୧୦ | ଶାରଦ-୩ | ସୁଶାନ୍ତ କୁମାର ଲେଙ୍କା, ପି: ମହେଶ୍ୱର ଲେଙ୍କା |
| ୫୨ | ୧୫୭/୧ | ୭୮୩ | ୦.୭୫୦ | ୦.୧୦୦ | ଶା.ଦୋ.ଫ.-୧ | ମନୋରମା ଷଡ଼ଙ୍ଗୀ, ସ୍ୱା: କାମେଶ୍ୱର ଷଡ଼ଙ୍ଗୀ, ଗୋକୁଳ ଚନ୍ଦ୍ର ଷଡ଼ଙ୍ଗୀ, ପି: ଜଗବନ୍ଧୁ ଷଡ଼ଙ୍ଗୀ |
| ୫୩ | ୧୫୭/୨ | ୫୭୧ | ୦.୦୮୦ | ୦.୦୮୦ | ଶା.ଦୋ.ଫ.-୩ | ଗୋପାଳ ଚନ୍ଦ୍ର ସାହୁ, ଯୁଗଳ ସାହୁ, ପି: ଆନନ୍ଦ ଚନ୍ଦ୍ର ସାହୁ |
| | | ୫୬୧ | ୦.୦୮୦ | ୦.୦୮୦ | ଶାରଦ-୨ | |
| | | ୫୬୮ | ୦.୧୪୦ | ୦.୧୦୦ | ଶାରଦ-୨ | |
| ୫୪ | ୧୫୭/୩ | ୭୮୨ | ୦.୧୯୦ | ୦.୧୯୦ | ଶା.ଦୋ.ଫ.-୧ | ମନୋରମା ଷଡ଼ଙ୍ଗୀ, ସ୍ୱା: କାମେଶ୍ୱର ଷଡ଼ଙ୍ଗୀ, ଗୋକୁଳ ଚନ୍ଦ୍ର ଷଡ଼ଙ୍ଗୀ, ପି: ଜଗବନ୍ଧୁ ଷଡ଼ଙ୍ଗୀ |
| ୫୫ | ୧୫୭/୯ | ୫୬୪ | ୦.୦୬୦ | ୦.୦୬୦ | ଶାରଦ-୨ | ଗୋପାଳ ଚନ୍ଦ୍ର ସାହୁ, ଯୁଗଳ କିଶୋର ସାହୁ, ପି: ଆନନ୍ଦ ଚନ୍ଦ୍ର ସାହୁ |
| | | ୫୬୫ | ୦.୦୬୦ | ୦.୦୬୦ | ଶାରଦ-୨ | |
| | | ୫୬୬ | ୦.୦୨୦ | ୦.୦୨୦ | ଶାରଦ-୩ | |
| | | ୫୬୭ | ୦.୦୨୦ | ୦.୦୨୦ | ଶାରଦ-୩ | |
| ୫୬ | ୧୫୭/୧୨ | ୭୪୫ | ୦.୨୯୦ | ୦.୨୯୦ | ଶାରଦ-୨ | ନକୁଳ ସାହୁ, ସହଦେବ ସାହୁ, ପି: ରାଧାମୋହନ ସାହୁ |
| ୫୭ | ୧୫୭/୧୪ | ୫୯୨/୧୧୩୭ | ୦.୦୯୦ | ୦.୦୯୦ | ଶାରଦ-୩ | ଗଦାଧର ବିଶ୍ୱାଳ, ପି: ଅଗାଧୁ ବିଶ୍ୱାଳ |
| ୫୮ | ୧୫୭/୧୫ | ୫୮୯ | ୦.୧୩୦ | ୦.୧୩୦ | ଶାରଦ-୩ | ଗଙ୍ଗାଧର ବିଶ୍ୱାଳ, ଗୟାଚାନ୍ଦ ବିଶ୍ୱାଳ, ପି: ଗଦାଧର ବିଶ୍ୱାଳ |
| ୫୯ | ୧୫୭/୨୦ | ୫୮୩ | ୦.୨୮୦ | ୦.୨୮୦ | ଶା.ଦୋ.ଫ.-୩ | ତମାଳ ଲତା ସାହୁ, ସ୍ୱା: ଆନନ୍ଦ ଚନ୍ଦ୍ର ସାହୁ |
| ୬୦ | ୧୫୭/୩୫ | ୭୫୦ | ୦.୧୭୦ | ୦.୦୧୦ | ଶାରଦ-୨ | ସୁଶିଳା ସେଠୀ, ସ୍ୱା: ଅମରେନ୍ଦ୍ର ସେଠୀ, ସୁରେନ୍ଦ୍ର ସେଠୀ, କେଶବ ସେଠୀ, ପି: ଭିକାରି ସେଠୀ |
| ୬୧ | ୧୫୭/୩୭ | ୬୭୫ | ୦.୪୫୦ | ୦.୧୫୦ | ଶାରଦ-୩ | ସନ୍ତୋଷ କୁମାର ସାହୁ, ପି: ଜୟକୃଷ୍ଣ ସାହୁ |
| ୬୨ | ୧୫୭/୫୦ | ୬୦୦ | ୦.୮୨୦ | ୦.୫୪୦ | ଶାରଦ-୨ | ଜଲିଲ ଖାଁ, ପି: ସାହାଜାନ ଖାଁ |
| ୬୩ | ୧୫୭/୫୬ | ୭୧୩ | ୦.୧୩୦ | ୦.୦୨୦ | ଶାରଦ-୩ | କୁଞ୍ଜ ସ୍ୱାଇଁ, ପି: ମଦନ ସ୍ୱାଇଁ |
| ୬୪ | ୧୫୭/୮୦ | ୭୦୧ | ୦.୦୯୦ | ୦.୦୯୦ | ଶାରଦ-୩ | ସନ୍ତୋଷ କୁମାର ସାହୁ, ପି: ଜୟକୃଷ୍ଣ ସାହୁ |
| ୬୫ | ୧୫୭/୧୦୪ | ୬୯୮ | ୦.୩୪୦ | ୦.୨୦୦ | ଶାରଦ-୩ | ବିଳାସିନୀ ପ୍ରଧାନ, ସ୍ୱା: ଛାଟ କିଶୋର ପ୍ରଧାନ |
| ୬୬ | ୧୫୭/୧୦୯ | ୮୫୨/୧୦୭୦ | ୦.୧୨୦ | ୦.୦୭୦ | ଶା.ଦୋ.ଫ.-୨ | ମଧୁସୁଦନ ନାୟକ, ପି: ପାଣୁ ନାୟକ |
| ୬୭ | ୧୫୭/୧୧୦ | ୭୫୧ | ୦.୨୨୦ | ୦.୧୦୦ | ଶାରଦ-୨ | ଶିଶୁଳା ସେଠୀ, ସ୍ୱା: ଅମରେନ୍ଦ୍ର ସେଠୀ, କୁମାରୀ ସେଠୀ, ସ୍ୱା: ସୁରେନ୍ଦ୍ର ସେଠୀ, ସୁକାନ୍ତି ସେଠୀ, ସ୍ୱା: କେଶବ ସେଠୀ |
| ୬୮ | ୧୫୭/୧୨୪ | ୬୦୨ | ୦.୦୬୦ | ୦.୦୬୦ | ଶାରଦ-୩ | ତ୍ରିନାଥ ସାହୁ, ପି: ଜଗନ୍ନାଥ ସାହୁ |
| | | ୬୦୩ | ୦.୦୨୦ | ୦.୦୨୦ | ଶାରଦ-୩ | |
| | | ୫୯୦ | ୦.୦୮୦ | ୦.୦୮୦ | ଶାରଦ-୩ | |
| | | ୬୦୧ | ୦.୧୧୦ | ୦.୧୧୦ | ଶାରଦ-୩ | |
| ୬୯ | ୧୫୭/୧୫୩ | ୬୮୨ | ୦.୧୨୦ | ୦.୧୨୦ | ଶାରଦ-୩ | ବୈକୁଣ୍ଠ ନାଥ ସ୍ୱାଇଁ, ପି: ଜୟକୃଷ୍ଣ ସ୍ୱାଇଁ |
| ୭୦ | ୧୫୭/୧୫୪ | ୬୧୯ | ୦.୦୮୦ | ୦.୦୮୦ | ଶାରଦ-୩ | ଜୟକୃଷ୍ଣ ସ୍ୱାଇଁ, ପି: ଅଗାଧୁ ସ୍ୱାଇଁ |
| ୭୧ | ୧୫୮ | ୬୬୨ | ୦.୬୩୦ | ୦.୨୫୦ | ଶାରଦ-୩ | ଶ୍ରୀ ଗ୍ରାମଦେବତୀ ରାମଚଣ୍ଡୀ ଠାକୁରାଣୀ ବିଜେ ନିଜଗାଁ, ମାର୍ଫତ ସମସ୍ତ ଗ୍ରାମବାସୀ ପକ୍ଷେ ଆଦିକନ୍ଦ ମହାମହାନ୍ତି, ପି: ନଟବର ମହାନ୍ତି, ବୁଲା ସ୍ୱାଇଁ, ପି: ମଦନ ସ୍ୱାଇଁ |
| ୭୨ | ୧୫୭/୪୩ | ୫୭୨/୧୧୭୦ | ୦.୬୮୦ | ୦.୬୮୦ | ଶାରଦ-୨ | ରଙ୍ଗନାଥ ବିଶ୍ୱାଳ, ସୋମନାଥ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ପି: ଜଗନ୍ନାଥ ବିଶ୍ୱାଳ |
| | | ସର୍ବମୋଟ ଏ. | ୩୬.୨୬୫ | ୨୪.୭୪୫ | | |
| (ବ୍ୟକ୍ତିଗତ ଜମିର ଗୋଚର ବଦଳି) | | | | | | |
| ୭୩ | ୧୩ | ୮୮୭ | ୧.୧୨୦ | ୧.୧୦୦ | ଶା.ଦୋ.ଫ.-୨ | ଉଦୟ ଭୋଇ, ପି: ଖଲିଆ ଭୋଇ, ସୁନେଇ ଭୋଇ, ସ୍ୱା: ଖଲିଆ ଭୋଇ |
| | | | | ୧.୧୦୦ | | |

**ସର୍ବମୋଟ ବିବରଣୀ:**

୧. ବ୍ୟକ୍ତିଗତ ଜମି — ଏ.୨୪.୭୪୫
୨. ବ୍ୟକ୍ତିଗତ ଜମିର ଗୋଚର ବଦଳି — ଏ.୧.୧୦୦
ଏ.୨୫.୮୪୫

24009/14/0005/1920

ସ୍ୱା./- ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ଖୋରଧା ରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ନୟାଗଡ଼

ଭାରତ-ବାଂଲାଦେଶ ପ୍ରଥମ ଟି୨୦ ମ୍ୟାଚ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେବ ନାହିଁ । ସରକାର ଏଥିଲାଗି ଆବଶ୍ୟକ ପଦକ୍ଷେପ ନେଇଛନ୍ତି ।
-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡକୁ ଛାଡ଼ିଦେଲେ ଟେଷ୍ଟ ଫର୍ମାଟରେ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ଭଳି ଦଳର ଅବନତି ଚିନ୍ତାର ବିଷୟ ।
- ଇଆନ ଚାପେଲ, ଅଷ୍ଟ୍ରେଲିଆର ମହାନ୍ କ୍ରିକେଟର



## ସଂକ୍ଷେପରେ

### ଫାଇନାଲରେ ହାରିଲେ ସ୍ୱସ୍ତିକ-ଚିରାଗ

**ପ୍ୟାରିସ୍,୨୮।୧୦:** ଭାରତୀୟ ପୁରୁଷ ଡବଲ୍ସ ଖେଳାଳି ସ୍ୱସ୍ତିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡ଼ିକୁ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଉପବିଜେତା ଭାବେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ସେମାନଙ୍କୁ ଟପ୍ ସିଡ୍ ଇଣ୍ଡୋନେସିଆର ମାର୍କସ ଫର୍ନାଲ୍ଡି ଗିଡେନ ଓ କେଭିନ ସଞ୍ଜୟ ସୁକାମୁଲଜୋଙ୍କ ଯୋଡ଼ି ହରାଇ ଫ୍ରେଞ୍ଚ ଓପନ ଟାଇଟଲ ଜିତିଛନ୍ତି। ଭାରତୀୟ ଖେଳାଳି ସ୍ୱସ୍ତିକ ଓ ଚିରାଗଙ୍କ ଯୋଡ଼ି ୧୮-୨୧, ୧୬-୨୧ ଗେମ୍‌ରେ ପରାସ୍ତ ହୋଇଥିଲେ। ପ୍ରତିପକ୍ଷ ମାର୍କସ ଓ କେଭିନ ଗତ ୧୨୧ ସପ୍ତାହ ହେଲା ପୁରୁଷ ଡବଲ୍ସ ବର୍ଗର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଚଳିତ ବର୍ଷ ଇଣ୍ଡୋନେସିଆ ଯୋଡ଼ିର ଏହା ୭ମ ଟାଇଟଲ। ଥାଇଲାଣ୍ଡ ଓପନ ସୁପର ୫୦୦ ଟୁର୍ନାମେଣ୍ଟ ଜିତିଥିବା ସ୍ୱସ୍ତିକ ଓ ଚିରାଗଙ୍କ ଯୋଡ଼ି ଫାଇନାଲରେ ମାତ୍ର ୩୫ ମିନିଟ୍ ତିଷ୍ଠି ପାରିଥିଲେ। ୩୬ ବର୍ଷ ପରେ ପ୍ରଥମ ଥର ପାଇଁ କୌଣସି ଭାରତୀୟ ଯୋଡ଼ି ସୁପର ୭୫୦ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଥିଲା। ଏମାନଙ୍କ ପୂର୍ବରୁ ଶେଷ ଥର ଲାଗି ପାର୍ଥୋ ଗାଙ୍ଗୁଲି ଓ ବିକ୍ରମ ସିଂ ୧୯୮୩ ଫ୍ରେଞ୍ଚ ଓପନ ଜିତିଥିଲେ। ସିଙ୍ଗଲ୍ସରେ ଏଠାରେ କିଦାମ୍ବି ଶ୍ରୀକାନ୍ତ ୨୦୧୭ରେ ପୁରୁଷ ସିଙ୍ଗିଲ୍ସ ଟାଇଟଲ ଜିତିଥିବାବେଳେ ସାଇନା ନେହ୍ୱାଲ ୨୦୧୨ ସଂସ୍କରଣରେ ମହିଳା ସିଙ୍ଗଲ୍ସ ବର୍ଗର ଉପବିଜେତା ହୋଇ ରହିଥିଲେ।

### ପ୍ୟାରୀମୋହନ ସାମନ୍ତରାୟ ସ୍ମାରକୀ ଚେସ୍ ୨ରୁ

**କଟକ ଅଫିସ,୨୮।୧୦:** ଆଇଏସ୍ ଚେସ୍ ସେଣ୍ଟର, କଟକ ଜିଲା ଚେସ୍ ଆସୋସିଏଶନ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆସନ୍ତା ନଭେମ୍ବର ୨ରୁ ୩ୟ ପ୍ୟାରୀମୋହନ ସାମନ୍ତରାୟ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା ଆରମ୍ଭ ହେବ। ମଧୁପାଟଣା ସ୍ଥିତ ପ୍ରମିଳା ମଣ୍ଡପଠାରେ ଦୁଇଦିନ ଧରି ଏହି ପ୍ରତିଯୋଗିତା ଚାଲିବ। ୭ ରାଉଣ୍ଡବିଶିଷ୍ଟ ଉକ୍ତ ପ୍ରତିଯୋଗିତାରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। ଏହାଛଡ଼ା ୧୨୦୦ ରେଟିଂ ମଧ୍ୟରେ ଥିବା ଖେଳାଳି ଏଥିରେ ଭାଗନେଇପାରିବେ। ପୁରସ୍କାର ଭାବେ ୩ଟି ସାଇକେଲ୍, ୫୦ଟି ଆକର୍ଷଣୀୟ ଟ୍ରଫି ଏବଂ ୧୦୦ଟି ମେଡାଲ ରହିଛି। ବିଭିନ୍ନ ବୟସ ବର୍ଗରେ ୪୦ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଟୁର୍ନାମେଣ୍ଟରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ନଭେମ୍ବର ୧ ତାରିଖ ହେଉଛି ନାମ ପଞ୍ଜୀକରଣର ଶେଷ ଦିବସ। ପ୍ରତିଯୋଗିତାରେ ଭାଗନେବା ପାଇଁ ଇଚ୍ଛୁକ ଖେଳାଳି ଆଇଏସ୍ ଚେସ୍ ସେଣ୍ଟର ସହ ଯୋଗାଯୋଗ କରିବାକୁ ସେଣ୍ଟର ନିର୍ଦ୍ଦେଶକ ମାନସ ପାଣି ଓ ସଂଯୋଜକ ସୁବ୍ରତ ସାମନ୍ତରାୟ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି ।



ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ମ୍ୟାଚ୍ ଖେଳିବା ଲାଗି ଭୁବନେଶ୍ୱରରେ ପହଞ୍ଚିଥିବା ରୁଷିଆ ଦଳ।

# ଫେଡରରଙ୍କୁ ରେକର୍ଡ ସୁଇସ୍ ଓପନ ଟାଇଟଲ

**ବାସେଲ(ସୁଇଜରଲାଣ୍ଡ), ୨୮।୧୦**

କିମ୍ବଦନ୍ତୀ ଟେନିସ ଖେଳାଳି ରୋଜର ଫେଡରର ରେକର୍ଡ ୧୦ମ ଥର ପାଇଁ ସୁଇସ୍ ଓପନ ଟାଇଟଲ ହାତେଇଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲରେ ଫେଡରର ୬-୨, ୬-୨ ଅଷ୍ଟ୍ରେଲିଆର ଆଲେକ୍ସ ଡେ ମିନାରଙ୍କୁ ହରାଇ ଦେଇଛନ୍ତି। ସର୍ବାଧିକ ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ମ୍ୟାଚ୍ ଆରମ୍ଭରୁ ହିଁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପ୍ରତିପକ୍ଷ ଖେଳାଳି ଉଦ୍ୟମ କରିଥିଲେ ମଧ୍ୟ ଫେଲ୍ ମାରିଥିଲେ। ୩୮ ବର୍ଷୀୟ ଫେଡରରଙ୍କ କ୍ୟାରିୟରର ଏହା ୧୦୩ତମ ଟାଇଟଲ। ରେକର୍ଡ ୧୦ମ ସୁଇସ୍ ଟାଇଟଲ ଜିତିବା ପରେ ଭାବବିହ୍ୱଳ ଫେଡରର କହିଥିଲେ, ଏହା ମୋ ପାଇଁ ଅବିଶ୍ୱସନୀୟ ସଫଳତା। ଏଠାରେ ମୁଁ ଦିନେ ବଲ ବୟ ଭାବେ କାର୍ଯ୍ୟ କରୁଥିଲି। ଏବେ ଏଠାରେ ସର୍ବାଧିକ ସଂଖ୍ୟକ ଟାଇଟଲ ଜିତିଥିବା ଖେଳାଳି ହୋଇପାରିଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛି।

# ଭାରତକୁ ଚ୍ୟାଲେଞ୍ଜ ଦେବୁ: ସ୍କିପାଚେଭ୍

**ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି)**

ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ଖେଳିବା ପାଇଁ ରୁଷିଆ ଦଳ ଭୁବନେଶ୍ୱରରେ ପହଞ୍ଚିଛି। ଭାରତ ଓ ରୁଷିଆ ମଧ୍ୟରେ ମ୍ୟାଚ୍ ନଭେମ୍ବର ୧ ଓ ୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ । ୨ ମ୍ୟାଚ୍‌ର ପ୍ରଦର୍ଶନଭିତ୍ତିରେ କେଉଁ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ, ତାହା ଧାର୍ଯ୍ୟ ହେବ।

ଭାରତ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫ମ ସ୍ଥାନରେ ଥିବାବେଳେ ରୁଷିଆ ୨୨ତମ ସ୍ଥାନରେ ରହିଛି। ମାତ୍ର ଭାରତ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ପାଇଁ ରୁଷିଆ ଅଧିନାୟକ ଡେନିସ ସ୍କିପାଚେଭ ଆଶାପ୍ରକାଶ କରିଛନ୍ତି। ''ଗତ ଜୁନ୍‌ରେ ଏଠାରେ ଏଫ୍‌ଆଇଏଚ୍ ସିରିଜ ଫାଇନାଲରେ ଖେଳିବା ପରେ ପୁଣି ଏଠାକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଆମେ ଖୁବ୍ ଖୁସୀ। ଏଠାରେ ଷ୍ଟାଡିୟମ ଭରପୂର ହକିପ୍ରେମୀଙ୍କ ଗହଣରେ ଆମେ ମ୍ୟାଚ୍‌କୁ ପୂରା ଉପଭୋଗ କରିଥିଲୁ। ଜୁନ୍‌ରେ ବହୁତ ଗରମ ହେଉଥିଲା। ତେଣୁ ଆମେ ପରିବେଶ ସହିତ ଖାପ ଖୁଆଇବା କଷ୍ଟକର ହୋଇଥିଲା। ମାତ୍ର ଏଥର ପରିବେଶ ଥଣ୍ଡା ରହିବା ନେଇ ଆମେ ଆଶାବାଦୀ'' ବୋଲି ସ୍କିପାଚେଭ୍ କହିଛନ୍ତି। ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସରେ ଭାରତ ୧୦-୦ ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ଏ ସମ୍ପର୍କରେ ସ୍କିପାଚେଭ୍ କହିଲେ ଯେ, ଭାରତ ଏକ ଶକ୍ତିଶାଳୀ ଦଳ। ର୍‍ୟାଙ୍କିଙ୍ଗ୍‌ରେ ଆମଠାରୁ ବହୁ ଉପରେ। ଆମେ ହକିରେ ଏବେ କ୍ରମେ ଉନ୍ନତି କରୁଛୁ। ତେବେ ଆଗାମୀ ମ୍ୟାଚ୍‌ଦ୍ୱୟରେ ଆମେ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେବାକୁ ଆଶା ରଖିଛୁ। ଆମେ ଭଲଭାବେ ପ୍ରସ୍ତୁତ ହୋଇ ଏଠାକୁ ଆସିଛୁ। ତେଣୁ ଏଥର ପୂର୍ବାପେକ୍ଷା ଭିନ୍ନ ପ୍ରଦର୍ଶନ ଦେଖିବାକୁ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି।

**ଏଫଆଇଏଚ୍ କ୍ୱାଲିଫାୟର୍ସ ହକି**

# ପଏଣ୍ଟ ବାଣ୍ଟିଲା ଚେନ୍ନାଇନ



ମୁମ୍ବାଇ ସିଟି ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଚେନ୍ନାଇ,୨୮।୧୦**

ଚେନ୍ନାୟିନ ଏଫ୍‌ସି ଏବଂ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ରବିବାର ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହିରୋ ଇଣ୍ଡିଆନ ସୁପର ଲିଗ୍‌ର ଅଷ୍ଟମ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷହୋଇଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି ।

ମ୍ୟାଚ୍‌ର ପ୍ରଥମ ମିନିଟରେ ଚେନ୍ନାୟିନ ଏଫ୍‌ସି ଅଗ୍ରଣୀ ହେବାର ଏକ ସୁନ୍ଦର ସୁଯୋଗ ପାଇଥିଲା । କିନ୍ତୁ ରାଫେଲ କ୍ରିଭେଲାରୋ ଏହାକୁ କାର୍ଯ୍ୟକାରୀ କରିପାରି ନ ଥିଲେ । ମୁମ୍ବାଇ ସିଟି ଏଫ୍‌ସି ଗୋଲ୍‌ରକ୍ଷକ ତଥା ଅଧିନାୟକ ଅମରିନ୍ଦର ସିଂ ନିଜ ବାମପଟକୁ ଡାଇଭ ମାରି କ୍ରିଭେଲାରୋଙ୍କ ଶଟ୍‌କୁ ନିଷ୍ଫଳ କରିଦେଇଥିଲେ। ଏକାଦଶ ମିନିଟ୍‌ରେ କ୍ରିଭେଲାରୋ ମଧ୍ୟ ଆଉ ଗୋଟିଏ ସୁଯୋଗ ହାତଛଡ଼ା କରିଥିଲେ। ସେ ବକ୍ସ ଉପରୁ ମାରିଥିବା ଏକ ଶକ୍ତିଶାଳୀ ଶଟ୍ ବାର ଉପରେ ଚାଲିଯାଇଥିଲା । ଏହାର ପାଞ୍ଚ ମିନିଟ ପୂର୍ବରୁ ଚେନ୍ନାୟିନ ଗୋଲରକ୍ଷକ ବିଶାଳ କାଇଥ ଉପରକୁ ଡେଇଁ ପ୍ରତିପକ୍ଷର ଶୁଭାଶିଷ ବୋଷ ମାରିଥିବା ଏକ ଶଟ୍‌କୁ ଦକ୍ଷତାର ସହ ଧରି ନେଇଥିଲେ । ଘରୋଇ ଦଳକୁ ଭାଗ୍ୟ ସାଥ୍ ନ ଦେବା ପରି ମନେ ହୋଇଥିଲା। ଏହାର କାରଣ ପ୍ରଥମ ୧୩ ମିନିଟ୍‌ରେ ମିଳିଥିବା ତିନୋଟି ସୁଯୋଗ ମଧ୍ୟରୁ ଦଳ ଗୋଟିଏ ବି କାର୍ଯ୍ୟକାରୀ କରିପାରି ନ ଥିଲା । ତ୍ରୟୋଦଶ ମିନିଟ୍‌ରେ ଲାଲିଆନଜୁଆଲା ଛାଙ୍ଗ୍‌ଟେ ଓ କ୍ରିଭେଲାରୋ ବକ୍ସ ଭିତରେ ବଲ ପାଇ ଗୋଲଦେବାରେ ବିଫଳ ହୋଇଥିଲେ । ମ୍ୟାଚ୍‌ର ୨୪ତମ ମିନିଟ୍‌ରେ ମୁମ୍ବାଇ ସିଟିର ଏକ ବଡ଼ ସୁଯୋଗ ବେକାର ହୋଇଥିଲା । ଅମିନ ଚେର୍ମିଟି ଆଗକୁ ମାଡ଼ିଆସିଥିବା ପ୍ରତିପକ୍ଷ ଗୋଲରକ୍ଷକ କାଇଥଙ୍କ ମୁଣ୍ଡ ଉପରେ ବଲ ଚିପ କରିବା ପରିବର୍ତ୍ତେ ଜୋରଦାର ଶଟ୍ ମାରି ଲକ୍ଷ୍ୟଭ୍ରଷ୍ଟ ହୋଇଥିଲେ । ଏହାପରେ ଉଭୟ ଦଳ ଆହୁରି କିଛି ସୁଯୋଗ ନଷ୍ଟ କରିବା ଯୋଗୁ ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା ।

ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସମାନ ଖେଳ ଦେଖିବାକୁ ମିଳିଥିଲା ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ସତ୍ତ୍ୱେ ଗୋଲଟିଏ ଦେଖିବା ସମ୍ଭବପର ହୋଇ ନ ଥିଲା । ମୁମ୍ବାଇ ସିଟିର ସୌଭିକଙ୍କୁ ରେଡ୍ କାର୍ଡ ପ୍ରଦର୍ଶନ କରାଯାଇଥିଲା। ଫାଉଲ ଖେଳ ପାଇଁ ସେ ଦ୍ୱିତୀୟଥର ହଳଦିଆ କାର୍ଡ ପାଇବା ଯୋଗୁ ପଡ଼ିଆରୁ ବାହାରି ଯାଇଥିଲେ । ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷହେବା ଯୋଗୁ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ସଂଗ୍ରହ କରିଥିଲେ । ମ୍ୟାଚ୍‌ରେ ମାରୁତି ସୁଜୁକି ଲିମିଟଲେସ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଅମରିନ୍ଦର ସିଂଙ୍କୁ ଏବଂ ହିରୋ ଅଫ୍ ଦି ମ୍ୟାଚ୍ ପୁରସ୍କାର ସାର୍ଥକ ଗୋଲୁଇଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ଲାଲିଆନଜୁଆଲା ଛାଙ୍ଗ୍‌ଟେ ଆଇଏସ୍‌ଏଲ ଇମର୍ଜିଂ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଲାଭ କରିଥିଲେ ।

# ଏସ୍‌ଆର୍ ଚେସ୍ ସେଣ୍ଟରରେ ଚିଲି ଗ୍ରାଣ୍ଡମାଷ୍ଟର



ଏସ୍‌ଆର୍ ଚେସ୍ ସେଣ୍ଟରର କର୍ମକର୍ତ୍ତାଙ୍କ ଗହଣରେ ରୋଡ୍ରିଗୋ ଭାସ୍କେଜ।

**ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି)**

ଚେସ୍‌ର ଗୁରୁକୂଳଭାବେ ପରିଚିତ ହେଉଥିବା ଏସଆର ଚେସ୍ ସେଣ୍ଟରର ସହିଦ ନଗର ବ୍ରାଞ୍ଚରେ ଶନିବାର ରାତିରେ ପହଞ୍ଚିଥିଲେ ଚିଲି ଗ୍ରାଣ୍ଡମାଷ୍ଟର ରୋଡ୍ରିଗୋ ଭାସ୍କେଜ। ସେ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ଉପସଭାପତି ରଞ୍ଜନ ମହାନ୍ତି, ସେଣ୍ଟରର ଅନ୍ୟ କୋଚ୍ ଏବଂ ପିଲାମାନଙ୍କ ସହ ମିଶିବା ସହ ଭାବର ଆଦାନ ପ୍ରଦାନ କରିଥିଲେ। ସେଣ୍ଟରର ପରିବେଶ ଏବଂ ଉପଲବ୍ଧ ସୁବିଧା ସୁଯୋଗ ଦେଖି ଖୁସି ହେବା ସହ ଗୋଟିଏ ମ୍ୟାଚ ଖେଳିଥିଲେ ଭାସ୍କେଜ। ଏହି ଅବସରରେ ସେ ପିଲାମାନଙ୍କୁ ଚେସ୍ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଟିପ୍ସମାନ ଦେଇଥିଲେ। ୧୯୬୯ ଡିସେମ୍ବର ୬ରେ ଜନ୍ମିତ ଭାସ୍କେଜ ୧୯୮୯, ୧୯୯୨ ଓ ୨୦୦୪ରେ ଚିଲିଆନ ଚାମ୍ପିୟନ ହୋଇଥିଲେ। ଗ୍ରାଣ୍ଡମାଷ୍ଟର କୋଚିଂ ଶିବିରରେ ପ୍ରଶିକ୍ଷଣ ଦେବାପାଇଁ ଭାସ୍କେଜ ଓଡ଼ିଶା ଆସିଛନ୍ତି।

# ପ୍ରଥମଥର ଲାଗି ଟପ୍-୧୦ରେ ବରେଟିନି

**ପ୍ୟାରିସ୍, ୨୮।୧୦ (ଏଏଫ୍‌ପି):** ଇଟାଲୀୟ ଟେନିସ୍ ଖେଳାଳି ମାଟ୍ଟେଓ ବରେଟିନି ପ୍ରଥମଥର ଲାଗି ଏଟିପି ର୍‍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ପ୍ରବେଶ କରିଛନ୍ତି। ସୋମବାର ପ୍ରକାଶିତ ସଦ୍ୟତମ ତାଲିକାରେ ବରେଟିନି ପୁରୁଷ ସିଙ୍ଗଲ୍ସର ୯ମ ସ୍ଥାନରେ ରହିଛନ୍ତି। ୨୩ ବର୍ଷୀୟ ଏହି ଯୁବ ଖେଳାଳି ଗତ ସପ୍ତାହରେ ଭିଏନା ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାପାନର କେଇ ନିଶିକୋରିଙ୍କ ମାନ୍ୟତାରେ ମଧ୍ୟ ଅବନତି ଘଟିଛି। ସେ ଗୋଟିଏ ପାହାଚ ଖସି ୧୧ତମ ସ୍ଥାନରେ ରହିଛନ୍ତି। ସର୍ବିଆର ନୋଭାକ ଜୋକୋଭିଚ୍ ପୁରୁଷ ସିଙ୍ଗଲ୍ସ ତାଲିକାର ଶୀର୍ଷରେ ରହିଛନ୍ତି। ରାଫାଲ ନାଡାଲ, ରୋଜର ଫେଡରର, ଡାନିଲ ମେଡ୍‌ଭେଡ, ଡୋମିନିକ ଥିଏମ ଯଥାକ୍ରମେ ତାଲିକାର ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।

# ଫୁଟବଲ ପ୍ରତିଭାର ବିକାଶ ପାଇଁ ଅଭିନବ ଉଦ୍ୟମ

**ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି)**



ପିଲାଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି କଲ୍ୟାଣ ଦତ୍ତ ।

ରାଜ୍ୟରେ ଫୁଟ୍‌ବଲର ପ୍ରଚାର ଓ ପ୍ରସାର ପାଇଁ ନିରନ୍ତର ଉଦ୍ୟମ କରିଆସିଥିବା ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଏବେ ଆଉ ଏକ ପଦକ୍ଷେପ ହାତକୁ ନିଆଯାଇଛି। ଲୋକଲୋଚନକୁ ଆସିପାରୁ ନ ଥିବା ଫୁଟବଲ ପ୍ରତିଭାର ବିକାଶ ପାଇଁ ଆସୋସିଏଶନ ପକ୍ଷରୁ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ଗତ ଜୁନ୍ ମାସରୁ ପିଲାମାନଙ୍କୁ ମାଗଣାରେ ଟ୍ରେନିଂ ଦିଆଯିବା ସହ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଇଛି। ୟୁନିଟ-୬ ହାଇସ୍କୁଲ ପଡ଼ିଆରେ ପ୍ରତି ଶନିବାର ଏବଂ ରବିବାର ଅପରାହ୍ନରେ ପିଲାମାନଙ୍କୁ ମାଗଣାରେ ଟିଫିନ୍ ଦିଆଯିବା ସହ ଆବଶ୍ୟକ ଖେଳ ସମ୍ପର୍କିତ ଟିପ୍ସ ଦିଆଯାଉଛି। ଆସୋସିଏଶନର ସଭାପତି ତପନ ମହାନ୍ତି ଏବଂ ସମ୍ପାଦକ ଦିଲୀପ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଛି। ଉପସଭାପତି ତଥା ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ପ୍ରଫୁଲ୍ଲ ମିଶ୍ର ଆବଶ୍ୟକସ୍ଥଳେ ପିଲାମାନଙ୍କୁ ଫୁଟ୍‌ବଲର ବିଭିନ୍ନ ନିୟମ ସମ୍ପର୍କରେ ଅବଗତ କରାଉଛନ୍ତି। ରାଜ୍ୟର ପୂର୍ବତନ ଖେଳାଳି ତଥା ଷ୍ଟେଟ୍‌ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ଦତ୍ତ ପିଲାମାନଙ୍କୁ ଟ୍ରେନିଂ ଦେଉଛନ୍ତି। ପୂର୍ବରୁ କଲ୍ୟାଣ ୟୁନିଟ୍-୬ ଆସୋସିଏଶନରେ ଟ୍ରେନିଂ ଦେଇ ଏକ ଦଳ ଗଠନ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଏହି ଦଳ ଭଲ ପ୍ରଦର୍ଶନ କରି ଏଜି ଭଳି ଦଳକୁ ପରାସ୍ତ କରିଥିଲା। ଏବେ ଅବସର ପରେ ସେ ସେହି ୟୁନିଟ୍-୬ରେ ପିଲାମାନଙ୍କୁ ଟ୍ରେନିଂ ଦେଇ ଆଉ ଏକ ଦଳ ଗଠନ ପ୍ରୟାସରେ ରହିଛନ୍ତି। ବିଶେଷକରି ୧୩ ବର୍ଷରୁ କମ୍ ଦଳ ଗଠନ କରି ଆନ୍ତଃସ୍କୁଲ ପରି ବିଭିନ୍ନ ଟୁର୍ନାମେଣ୍ଟରେ ଖେଳାଇବା ତାଙ୍କର ଇଚ୍ଛା ରହିଛି। ଏହା ବ୍ୟତୀତ ସିନିୟରସ୍ତରରେ ଆଉ ଏକ ଟିମ୍ ଗଢ଼ି ସର୍ବଭାରତୀୟ ଟୁର୍ନାମେଣ୍ଟଗୁଡ଼ିକରେ ଭାଗନେବା ତାଙ୍କ ଲକ୍ଷ୍ୟ ରହିଛି। କଲ୍ୟାଣ ରାଜ୍ୟ ପକ୍ଷରୁ ଖେଳିବା ସହ ଷ୍ଟେଟ୍‌ବ୍ୟାଙ୍କ ତରଫରୁ କଟକ ଲିଗ୍‌ରେ ପ୍ରତିନିଧିତ୍ୱ କରିଥିଲେ। କଟକ ଲିଗ୍‌ରେ ସେ ରାଧାରମଣ, ରାଇଜିଂ ଷ୍ଟାର ଆଦି ଦଳ ପକ୍ଷରୁ ଖେଳିବାର ଅଭିଜ୍ଞତା ରଖିଛନ୍ତି। ନିଜ ସମୟରେ ସେ ରାଇଜିଂ ଷ୍ଟାରକୁ ୩ଟି ସିଲ୍ଡ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେତେବେଳେ ଏହା ଏକ ବିରଳ ସଫଳତା ଥିଲା ବୋଲି କଲ୍ୟାଣ କହିଛନ୍ତି।



କଲ୍ୟାଣ ଦତ୍ତ

''ଛୋଟପିଲାମାନଙ୍କୁ ନେଇ ଟ୍ରେନିଂ ଆରମ୍ଭ ହୋଇଛି। ଏମାନେ ୟୁନିଟ୍-୬ର ଭବିଷ୍ୟତ। ଏବେ ମୋ ନିକଟରେ ୩୫ରୁ ୪୦ ପିଲା ଟ୍ରେନିଂ ନେଉଛନ୍ତି। ବିଶେଷକରି ବଲ୍‌କୁ ରିସିଭ୍ କରିବା, ନିୟନ୍ତ୍ରଣରେ ରଖିବା, ଜଗଲିଂ, ଶରୀରକୁ ଫିଟ୍ ରଖିବା ପାଇଁ ଆବଶ୍ୟକ ବ୍ୟାୟାମ ଆଦି ଏଠାରେ ଶିଖାଯାଉଛି। ପ୍ରଥମେ ଫିଟ୍‌ନେସ୍ ଏବଂ ପରେ ସେମାନଙ୍କୁ ଫୁଟ୍‌ବଲର ମୌଳିକ ଶିକ୍ଷା ଦିଆଯିବା ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଏହା ବିଗ୍‌ନିଂ ଷ୍ଟେଜ୍ ହୋଇଥିଲେ ହେଁ ପିଲାମାନେ ଭଲ ରିସିଭ୍ କରୁଛନ୍ତି। ଫିଟ୍‌ନେସ ସ୍ତର ବଢ଼ିଲେ ସେମାନେ ଆହୁରି ଭଲ କରିବେ'' ବୋଲି କଲ୍ୟାଣ ପ୍ରକାଶ କରିଛନ୍ତି। ଏଠାରେ ଭଲ ପିଲା ମିଳିଲେ ଆମେ ତାଙ୍କୁ କୋଚିଂ ଦେଇ ଯେପରି ଭାରତୀୟ ଦଳରେ ସ୍ଥାନ ପାଇବେ ତା' ଉପରେ ଧ୍ୟାନ ଦେବୁ। ସ୍ପୋର୍ଟ୍ସ ହଷ୍ଟେଲ ଚୟନ ପାଇଁ ମଧ୍ୟ ପିଲା ଉପଲବ୍ଧ ହୋଇପାରିବେ।

ଆସୋସିଏଶନ ସମ୍ପାଦକ ଦିଲୀପ ମଧ୍ୟ କ୍ୟାମ୍ପ୍‌କୁ ନେଇ ବେଶ୍ ଆଶାବାଦୀ। 'ଗତ ୫ ମାସ ହେଲା କ୍ୟାମ୍ପ୍ ଆରମ୍ଭ ହୋଇଛି। ଏବେ ପାଖାପାଖି ୪୦ ପିଲା ଆମ ନିକଟରେ ଅଛନ୍ତି। ଏଠାରେ ଟ୍ରେନିଂ ନେଇ ଆମ ପିଲାମାନେ ଯେପରି ଆଇ-ଲିଗ୍ କିମ୍ବା ଆଇଏସ୍‌ଏଲ ଦଳରେ ସାମିଲ ହୋଇପାରିବେ ତା' ଉପରେ ଧ୍ୟାନ ଦେବୁ। ମୋଟାମୋଟି ଫୁଟ୍‌ବଲରେ ଓଡ଼ିଶାର ପିଲାମାନେ ଯେପରି ନାଁ ରଖିପାରିବେ ତା' ଉପରେ ଆମେ ଫୋକସ କରିବୁ। ପୂର୍ବତନ ରାଜ୍ୟ ଖେଳାଳି କଲ୍ୟାଣ ଦତ୍ତ ପୂରା ସମୟ ଦେଇ ପିଲାଙ୍କୁ ଟ୍ରେନିଂ ଦେଉଛନ୍ତି। ଏଠାରେ ଆବଶ୍ୟକ ସରଞ୍ଜାମ ମଧ୍ୟ ମାଗଣାରେ ଯୋଗାଇ ଦିଆଯାଉଛି। ଭବିଷ୍ୟତରେ କିଛି ପ୍ରତିଭାସମ୍ପନ୍ନ ପିଲାଙ୍କୁ ଏଠାରେ ରଖି ମାଗଣାରେ ଟ୍ରେନିଂ ଦେବା ସହ ସେମାନଙ୍କ ପାଠପଢ଼ା ଦାୟିତ୍ୱ ମଧ୍ୟ ଆମେ ବୁଝିବାକୁ ଲକ୍ଷ୍ୟ ରଖିଛୁ। ଟ୍ରେନିଂ ପାଇଁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ପିଲାମାନେ ଆସୁଛନ୍ତି। ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏବେ ସପ୍ତାହକୁ ୨ ଦିନ ଟ୍ରେନିଂ ଦେଉଛୁ, ଭବିଷ୍ୟତରେ ଏହାକୁ ନିୟମିତ କରିବାକୁ ଚେଷ୍ଟା କରୁଛୁ। ପିଲାଙ୍କ ମଧ୍ୟରେ ମ୍ୟାଚ୍ ମଧ୍ୟ ହେଉଛି। ଫଳରେ ବ୍ୟକ୍ତିଗତ ଭାବେ ପ୍ରଦର୍ଶନର ସ୍ତର ବଢ଼ାଇବା ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ବଢ଼ୁଛି'' ବୋଲି ଦିଲୀପ କହିଛନ୍ତି।

# ଇଣ୍ଟରନ୍ୟାଶନାଲ ରେଫରି ପରୀକ୍ଷାରେ ପ୍ରେମ୍ ସିଂ ଉତ୍ତୀର୍ଣ୍ଣ



ସାର୍ଟିଫିକେଟ ଗ୍ରହଣ କରୁଛନ୍ତି ପ୍ରେମ୍ ସିଂ ଥାପ୍ପା।

**ଭୁବନେଶ୍ୱର, ୨୮।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ପେନଚାକ୍ ସିଲଟ୍ ଆସୋସିଏଶନର ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପ୍ପା ଇଣ୍ଟରନ୍ୟାଶନାଲ ରେଫରି କ୍ଲାସ-୨ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ୨୪ରେ ସିଙ୍ଗାପୁରଠାରେ ଏହି ଇଣ୍ଟରନ୍ୟାଶନାଲ ରେଫରି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରେମ ସିଂ ଭାଗନେଇ ଉତ୍ତୀର୍ଣ୍ଣ ହେବା ସହ କ୍ଲାସ-୨ ରେଫରି ହୋଇପାରିଛନ୍ତି। ଏହି ସଫଳତା ଲାଗି ଭାରତ ପେନଚାକ୍ ସିଲଟ୍ ଆସୋସିଏଶନ ଏବଂ ଓଡ଼ିଶା ପେନଚାକ୍ ସିଲଟ୍ ଆସୋସିଏଶନ ପ୍ରେମ ସିଂଙ୍କୁ ଅଭିନନ୍ଦନ ଜଣାଇବା ସହ ସେ ଦେଶ ଓ ରାଜ୍ୟକୁ ଗର୍ବିତ କରିଛନ୍ତି ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ପେନ୍‌ଚାକ ସିଲଟ୍ ହେଉଛି ଏକ ଇଣ୍ଡୋନେସିଆ ମାର୍ଶାଲ ଆର୍ଟ ପ୍ରତିଯୋଗିତା। ୨୦୧୮ ଏସିଆନ ଗେମ୍ସରେ ଏହି କ୍ରୀଡ଼ାକୁ ସାମିଲ କରାଯାଇଥିଲା।



କେନ୍ଦ୍ରୀୟ ଚୁକ୍ତି ଖିଲାପ ପାଇଁ ଶକିବ ଉଲ ହସନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଇ ପାରେ, ହେଲେ ତାଙ୍କୁ କାରଣ ଦର୍ଶାଇବାକୁ ପଡ଼ିବ ।
–ନିଜାମୁଦ୍ଦିନ ଚୌଧୁରୀ, ବାଂଲାଦେଶ କ୍ରିକେଟ ବୋର୍ଡ ସିଇଓ



ଅନ୍ତର୍ଜାତୀୟ ମ୍ୟାଚ ବ୍ୟତୀତ ବହୁ ଘରୋଇ ଲିଗ୍‌ରେ ସମ୍ପୃକ୍ତ ଥିବାରୁ କାର୍ଯ୍ୟଭାର ଲାଘବ ପାଇଁ ମୁଁ ଟେଷ୍ଟ କ୍ରିକେଟରେ ଉଇକେଟ କିପିଂରୁ ଅବ୍ୟାହତି ନେଉଛି ।
–ମୁସ୍‌ଫିକର ରହିମ, ବାଂଲାଦେଶ ଉଇକେଟକିପର

## ସଂକ୍ଷେପରେ

### ପୋର୍ତା ଜିତିଲେ ମୋଟୋ୩ ବିଶ୍ୱ ଟାଇଟଲ



**ଫିଲିପ୍ ଆଇସଲାଣ୍ଡ (ଅଷ୍ଟ୍ରେଲିଆ), ୨୮।୧୦(ଏଏଫପି):** ଇଟାଲୀର ହୋଣ୍ଡା ରାଇଡର ଲରେଞ୍ଜୋ ଡେଲା ପୋର୍ତା ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ଜିତିବା ସହ ମୋଟୋ୩ ବିଶ୍ୱ ଚାମ୍ପିୟନ ହେବାର ସୌଭାଗ୍ୟ ପାଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆରନ କାନେଟ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ପୋର୍ତା ଟାଇଟଲ ହାସଲ କରିଛନ୍ତି। ୨୨ ବର୍ଷୀୟ ପୋର୍ତା ଗ୍ରୀଡ୍‌ର ୬ଷ୍ଠ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ। ସେ ନିକଟତମ ସ୍ପେନ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଷ୍ଟାଣ୍ଡିଂରେ ୪୭ ପଏଣ୍ଟ ଆଗରେ ଥିବାରୁ ଟାଇଟଲ ଫେଭରାଇଟ ଥିଲେ। ଅନ୍ୟତମ ହୋଣ୍ଡା ରାଇଡର ମାର୍କୋସ ରାମିରେଜ ଓ କେଟିଏମର ଆଲବର୍ଟ ଆରେନ୍ସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ସିଜନରେ ପୋର୍ତା ୩ ବିଜୟ ସହ ୧୦ ଥର ପୋଡିୟମ ମଣ୍ଡନ କରିଥିଲେ। ଫଳସ୍ୱରୂପ ଆହୁରି ୨ଟି ରେସ୍ ବାକିଥାଇ ବିଶ୍ୱ ଟାଇଟଲ ହାସଲ ସ୍ପଷ୍ଟ କରିଛନ୍ତି।

### ଆସାମ ବିପକ୍ଷ ମ୍ୟାଚ୍ ପାଇଁ ରାଜ୍ୟ ଦଳ ଘୋଷିତ

**କଟକ ଅଫିସ,୨୮।୧୦:** ଆସନ୍ତା ୩୧ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଆସାମର ଗୁଆହାଟୀଠାରେ ୧୬ ବର୍ଷରୁ କମ୍ ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି ପୂର୍ବାଞ୍ଚଳ ଗ୍ରୁପ୍‌ର ଏକ ମ୍ୟାଚ୍‌ରେ ଓଡ଼ିଶା ଘରୋଇ ଆସାମ ଦଳକୁ ଭେଟିବ। ଉକ୍ତ ମ୍ୟାଚ୍ ପାଇଁ ରାଜ୍ୟ ୧୬ ବର୍ଷରୁ କମ୍ ଦଳ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ୩ଟି ମ୍ୟାଚ୍ ଖେଳିସାରିଲାଣି। ପ୍ରଥମ ଦୁଇ ମ୍ୟାଚ୍‌ରେ ତ୍ରିପୁରାକୁ ୭୯ ରନ୍‌ରେ ଓ ବିହାରକୁ ୪୫ ରନ୍‌ରେ ପରାସ୍ତ କରିଥିଲା। ଝାଡ଼ଖଣ୍ଡ ବିପକ୍ଷ ୩ୟ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିବା ବେଳେ ଉଭୟ ଦଳ ପଏଣ୍ଟ ବାଣ୍ଟି ନେଇଥିଲେ। ଆସାମ ବିପକ୍ଷ ମ୍ୟାଚ୍ ଖେଳିସାରିବା ପରେ ଘରୋଇ ଗ୍ରାଉଣ୍ଡରେ ପ୍ରତିଯୋଗିତାର ଅନ୍ତିମ ମ୍ୟାଚ୍ ଓଡ଼ିଶା ବେଙ୍ଗଲ ବିପକ୍ଷରେ ଖେଳିବ।
ଓଡ଼ିଶା ଦଳ: ଶ୍ରେଷ୍ଠ ସିଂ (ଅଧିନାୟକ), ତନୟ କୁମାର ବିଶ୍ୱାଳ, ସାଇଦୀପ ମହାପାତ୍ର, ଆଶୀର୍ବାଦ ସ୍ୱାଇଁ (ଉଇକେଟ କିପର), ସୁଦର୍ଶନ ସ୍ୱାଇଁ (ଉଇକେଟ କିପର), ମହମ୍ମଦ ସୋହେଲ ଖାନ୍, ଶୁଭମ୍ ନାୟକ, ଦିଗ୍‌ବିଜୟ ପାତ୍ର, ପ୍ରତୀକ ବଳ (ଉଇକେଟ କିପର), ଅଂଶୁମାନ ବେଜ୍, ମହମ୍ମଦ ଜିସାନ, ଭବିଷ୍ୟ ବେହେରା, ତାରିଣୀ ପ୍ରସାଦ ନାୟକ, ଓମ୍ ପ୍ରକାଶ ସାହୁ, ଶ୍ରେୟାଂଶ ପଣ୍ଡା । କେ.ଭି. ପ୍ରସାଦ- କୋଚ୍ ଓ ମ୍ୟାନେଜର, ଦୀନେଶ ସାହୁ-ଫିଜିଓ, ସୌର୍ଯ୍ୟ ରଞ୍ଜନ ରାୟ-ଟ୍ରେନର ।

### ହାଫିଜ, ମଲିକଙ୍କୁ ଚୟନ କରିବା ନେଇ ବିବାଦ

**କରାଚୀ,୨୮।୧୦(ପି.ଟି.):** ପାକିସ୍ତାନ ଟି୨୦ ଦଳର ନୂଆ ଅଧିନାୟକ ବାବର ଆଜାମ ସିନିୟର ଖେଳାଳି ମହମ୍ମଦ ହାଫିଜ ଓ ଶୋଏବ ମଲିକଙ୍କୁ ଅଷ୍ଟ୍ରେଲିଆ ଗସ୍ତରେ ଚାହୁଁଥିଲେ। ହେଲେ ଏହାକୁ ପାକିସ୍ତାନ କ୍ରିକେଟ ବୋର୍ଡ ଖାରଜ କରି ଦେଇଛି। ଦଳର ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ମୁଖ୍ୟ କୋଚ୍ ଓ ମୁଖ୍ୟ ଚୟନକର୍ତ୍ତା ମିଶବା ଉଲ ହକ୍ ଅଧିନାୟକ ବାବରଙ୍କ ସହ ଖେଳାଳିଙ୍କ ଚୟନ ନେଇ ଆଲୋଚନା କରିଥିଲେ। ଉଭୟ ହାଫିଜ ଓ ମଲିକଙ୍କ ଚୟନରେ ରାଜି ହୋଇଥିଲେ। ହେଲେ ପିସିବିର କିଛି ଅଫିସିଆଲ ଦୁଇ ସିନିୟର ଖେଳାଳିଙ୍କୁ ଦଳରେ ନ ନେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ କୋଚ ଓ ଅଧିନାୟକ ଖେଳାଳି ଚୟନ କରିବାରେ କେତେ ଅଧିକାର ରହିବା ଉଚିତ ସେ ନେଇ ଆଲୋଚନା ଆରମ୍ଭ ହୋଇଛି।

### ବିଜୟ୍ କୁମାର ମହାନ୍ତିଙ୍କ ପରଲୋକ

**କଟକ ଅଫିସ,୨୮।୧୦:** ଯାଜପୁର କ୍ରିକେଟ୍ ଆସୋସିଏଶନ ସମ୍ପାଦକ ବିଜୟ୍ କୁମାର ମହାନ୍ତିଙ୍କ ଶନିବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ବିଜୟ୍ ଯାଜପୁର କ୍ରିକେଟ ଆସୋସିଏଶନ ପ୍ରଥମ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିବା ସହ ମୃତ୍ୟୁ ପର୍ଯ୍ୟନ୍ତ ଏହି ପଦବୀରେ ଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ବିଜୟ୍‌ଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରାଯାଇଛି।

# ଏନ୍‌ସିଏ ମୁଖ୍ୟ ଦ୍ରାବିଡଙ୍କୁ ଭେଟିବେ ଗାଙ୍ଗୁଲି

ନୂଆଦିଲ୍ଲୀ, ୨୮।୧୦ (ପି.ଟି.)

ଦୀର୍ଘଦିନ ଧରି ଟିମ୍‌ମେଟ୍ ରହିଆସିଥିବା ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ ବୁଧବାର ବେଙ୍ଗାଲୁରୁରେ ପରସ୍ପରକୁ ଭେଟିବେ। ଗାଙ୍ଗୁଲି ବର୍ତ୍ତମାନ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଦ୍ରାବିଡ ନ୍ୟାଶନାଲ କ୍ରିକେଟ୍ ଏକାଡେମୀ(ଏନ୍‌ସିଏ)ର ମୁଖ୍ୟ ଅଛନ୍ତି। ଉଭୟେ ଭାରତୀୟ କ୍ରିକେଟ୍‌ର 'ରୋଡ୍ ମ୍ୟାପ୍' ନେଇ ଆଲୋଚନା କରିବେ। ଦ୍ରାବିଡ ଜୁଲାଇରେ ଏନ୍‌ସିଏର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରତିଷ୍ଠାନ ପାଇଁ ସେ ଇତିମଧ୍ୟରେ ଏକ 'ରୋଡ୍ ମ୍ୟାପ୍' ପ୍ରସ୍ତୁତ କରିସାରିଛନ୍ତି। ଦୁଇ ପୂର୍ବତନ ଅଧିନାୟକ ଯେତେବେଳେ ଭେଟାଭେଟି ହେବେ ସେତେବେଳେ ଗାଙ୍ଗୁଲି କ୍ରିକେଟ୍‌ରେ ଉନ୍ନତି ପାଇଁ ତାଙ୍କ ମନରେ ରହିଥିବା ଚିନ୍ତାଧାରାକୁ ଉପସ୍ଥାପନ କରିବେ। ଗତ ୨୩ ତାରିଖରେ ଦାୟିତ୍ୱ ଗ୍ରହଣ କରିଥିବା



ରାହୁଲ ଦ୍ରାବିଡ ଓ ସୌରଭ ଗାଙ୍ଗୁଲି।

ବିସିସିଆଇର ନବନିର୍ବାଚିତ କର୍ମକର୍ତ୍ତାଗଣ ଏହି ବୈଠକରେ ଉପସ୍ଥିତ ରହିବେ। ଏନ୍‌ସିଏର ସିଇଓ ତୁଫାନ୍ ଘୋଷ୍ ମଧ୍ୟ ଆଲୋଚନାରେ ଭାଗନେବେ। ଗାଙ୍ଗୁଲି ଓ ଦ୍ରାବିଡ ଅତୀତରେ ବିସିସିଆଇର ବୈଷୟିକ କମିଟି ବୈଠକରେ କେତେଥର ଏକାଠି ହୋଇଛନ୍ତି। 'ପ୍ରିନ୍ସ ଅଫ୍ କୋଲ୍‌କାତା' ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଦ୍ରାବିଡ ୧୯ ବର୍ଷରୁ କମ୍ ଏବଂ ଭାରତ ଏ' ଟିମ୍ କୋଚ୍ ଭାବେ ଏଥିରେ ଯୋଗଦେଇଛନ୍ତି। କହିବାକୁ ଗଲେ, ଭାରତୀୟ କ୍ରିକେଟକୁ ଖେଳାଳି ଯୋଗାଇବା ଲକ୍ଷ୍ୟ ନେଇ ଏନ୍‌ସିଏ ଗଠନ କରାଯାଇଥିଲା। ମାତ୍ର ଏହା ଏକ ରିହାବିଲିଟେଶନ ସେଣ୍ଟରରେ ପରିଣତ ହୋଇଯାଇଛି। ଗାଙ୍ଗୁଲି କିନ୍ତୁ ଏନ୍‌ସିଏକୁ ନୂଆ ରୂପ ଦେବାକୁ ଚାହୁଁଛନ୍ତି। ଏହାକୁ କିପରି କାର୍ଯ୍ୟକାରୀ କରିହେବ, ସେନେଇ ଗାଙ୍ଗୁଲି ଓ ଦ୍ରାବିଡ ଆଲୋଚନା କରିପାରନ୍ତି ବୋଲି ବିସିସିଆଇର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ପୃଥ୍ୱୀ ଶ'ଙ୍କ ଭଳି ଖେଳାଳିଙ୍କ ଲାଗି କରାଯାଇଥିବା ରିହାବିଲିଟେଶନ ପ୍ରୋଗ୍ରାମ୍ ସମ୍ପର୍କରେ ନୂଆ ସଭାପତି ହୁଏତ ଜାଣିବାକୁ ଚାହିଁ ପାରନ୍ତି। ପୃଥ୍ୱୀ ଶ' ଡୋପିଂ ପାଇଁ ବାସନ୍ଦ ହେବା ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହାଛଡ଼ା ଯଶପ୍ରୀତ୍ ବୁମ୍‌ରା ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଲାଗି ଷ୍ଟ୍ରେନ୍ଥ ଏବଂ କଣ୍ଡିଶନିଂ କ୍ୟାମ୍ପ ସମ୍ପର୍କରେ ମଧ୍ୟ ସେ ପଚାରି ବୁଝିପାରନ୍ତି। ଭିଭିଏସ୍ ଲକ୍ଷ୍ମଣ ଏବଂ ଭାରତର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ସମେତ ବହୁ ପୂର୍ବତନ ଖେଳାଳି ଏହି ଦୁଇ ସେଲିବ୍ରିଟି ଗାଙ୍ଗୁଲି ଏବଂ ଦ୍ରାବିଡଙ୍କଠାରୁ ଅନେକ କିଛି ଆଶା କରୁଛନ୍ତି।

# ପ୍ରଦୂଷଣ ମ୍ୟାଚ୍‌ରେ ବାଧା ଆଣିବନି

ନୂଆଦିଲ୍ଲୀ, ୨୮।୧୦(ପି.ଟି.)

ବାଂଲାଦେଶ କ୍ରିକେଟ୍ ଦଳ ନଭେମ୍ବର ପ୍ରଥମ ସପ୍ତାହରେ ଭାରତ ଗସ୍ତରେ ଆସି ଏକ ଦ୍ୱିପାକ୍ଷିକ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି କ୍ରମରେ ପ୍ରଥମେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଖେଳାଯିବ। ଏହି ସିରିଜର ପ୍ରଥମ ମ୍ୟାଚ୍ ରାଜଧାନୀ ଦିଲ୍ଲୀଠାରେ ନଭେମ୍ବର ୩ରେ ଅନୁଷ୍ଠିତ ହେବ। ଦିଲ୍ଲୀରେ ବର୍ତ୍ତମାନ ବାୟୁ ପ୍ରଦୂଷଣର ମାତ୍ରା ଗମ୍ଭୀର ରହିଥିବାରୁ ପ୍ରଥମ ଟି୨୦ ମ୍ୟାଚ୍ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ଏପରି କି ଦୀପାବଳି ପରଦିନ ଅର୍ଥାତ୍ ସୋମବାର ବାୟୁ ପ୍ରଦୂଷଣସ୍ତର 'ଗୁରୁତର' କାଟେଗୋରିରେ ରହିଛି, ଯାହାକି ଚଳିତ ସିଜନରେ ପ୍ରଥମ। ତେବେ ପ୍ରଦୂଷଣ ଏହି ମ୍ୟାଚ୍‌ରେ କୌଣସି ବାଧା ସୃଷ୍ଟି କରିବ ନାହିଁ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଆଶାପୋଷଣ କରିଛନ୍ତି। ଏପରି କି ପ୍ରଦୂଷଣ ସ୍ତରରେ ଉନ୍ନତି ପାଇଁ ଗାଡ଼ି ଚାଳନାରେ ଯୁଗ୍ମ-ଅଯୁଗ୍ମ ଫର୍ମୁଲା ଆରମ୍ଭ କରିବା ନେଇ ସେ ପଦକ୍ଷେପ ଗ୍ରହଣ କରିଛନ୍ତି।

'ମୁଁ ଆଶା କରୁଛି ମ୍ୟାଚ୍‌ରେ ପ୍ରଦୂଷଣ ବାଧା ସୃଷ୍ଟି କରିବ ନାହିଁ। ପ୍ରଦୂଷଣସ୍ତର କମାଇବା ପାଇଁ ଆମେ ୪ ନଭେମ୍ବରରୁ ଯୁଗ୍ମ-ଅଯୁଗ୍ମ ଫର୍ମୁଲା ଆରମ୍ଭ କରିବାକୁ ଯାଉଛୁ। ପୂର୍ବରୁ ଚଳିତ ସିଜନରେ ମ୍ୟାଚ୍ ଭଲରେ ଅନୁଷ୍ଠିତ ହୋଇସାରିଛି। ତେଣୁ ଦିଲ୍ଲୀରେ ଏହି ମ୍ୟାଚ୍ ଖେଳାଯିବ' ବୋଲି କେଜ୍‌ରିୱାଲ ଏକ ଖବରଦାତା

**ଭାରତ-ବାଂଲାଦେଶ ଟି୨୦**

ସମ୍ମିଳନୀରେ ସୋମବାର ପ୍ରକାଶ କରିଛନ୍ତି। ପୂର୍ବରୁ ୨୦୧୭ ଡିସେମ୍ବରରେ ଭାରତ ବିପକ୍ଷ ଏକ ଟେଷ୍ଟ ମ୍ୟାଚ୍ ସମୟରେ ବାୟୁ ପ୍ରଦୂଷଣ ଯୋଗୁ ଶ୍ରୀଲଙ୍କା ଖେଳାଳିମାନେ ମୁହଁରେ ମାସ୍କ ଲଗାଇ ଫିଲ୍ଡିଂ କରିଥିବାର ନଜିର ରହିଛି। ଦୀପାବଳି ପରେ ଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ତରରେ ଅବନତି ଘଟିଛି। କିନ୍ତୁ ମ୍ୟାଚ୍ ଖେଳାଯିବାକୁ ଆହୁରି ପାଖାପାଖି ଗୋଟିଏ ସପ୍ତାହ ସମୟ ରହିଥିବାରୁ ଖେଳାଳିମାନଙ୍କର କୌଣସି ଶାରୀରିକ ସମସ୍ୟା ହେବନାହିଁ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି।

# ଦୀପାବଳି ପାଳିଲେ କୋହଲି

ମୁମ୍ବାଇ,୨୮।୧୦

ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଦୀପାବଳି ପାଳନ କରିବାର କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସଭିଙ୍କୁ ଦୀପାବଳିର ଶୁଭକାମନା। ଆଲୋକର ଉତ୍ସବ ସଭିଙ୍କ ପାଇଁ ପ୍ରେମ ଓ ଶାନ୍ତି ଆଣି ଦେଉ ବୋଲି କୋହଲି ଟୁଇଟର ଓ ଇନ୍‌ଷ୍ଟାଗ୍ରାମରେ କ୍ୟାପଶନ ଦେଇ ଲେଖିଛନ୍ତି। ତାଙ୍କ ଭଳି ଅନୁଷ୍କା ମଧ୍ୟ କିଛି ଫଟୋ ଶେୟାର କରିଛନ୍ତି। ଗୋଟିଏ ଫଟୋରେ ଘରେ ରଙ୍ଗୋଲି ସହ ଦୀପ ସଜା ହୋଇଥିବା ଦେଖିବାକୁ ମିଳିଛି। ଉଭୟଙ୍କ ଟୁଇଟ୍‌କୁ ପ୍ରଶଂସମାନେ ବହୁ ପସନ୍ଦ କରିଛନ୍ତି। ନିକଟରେ କୋହଲିଙ୍କ ନେତୃତ୍ୱାଧୀନ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୩-୦ ବ୍ୟବଧାନରେ ମୂଳପୋଛ କରି ଦେଇଛି। ସେହିଭଳି ବିଗ୍‌ବି ଅମିତାଭ ବଚ୍ଚନ ତାଙ୍କ ମୁମ୍ବାଇସ୍ଥିତ ବାସଭବନରେ 'ଗ୍ରାଣ୍ଡ ଦିୱାଲି ପାର୍ଟି' ଆୟୋଜନ କରିଥିଲେ। ଯେଉଁଥିରେ କୋହଲି ଓ ଅନୁଷ୍କାଙ୍କ ସମେତ ବଲିଉଡ୍‌ର ବହୁ ନାମୀଦାମୀ କଳାକାରଙ୍କୁ ଦେଖିବାକୁ ମିଳିଥିଲା।



# ଦ୍ୱିତୀୟ ଟି୨୦ ଖେଳିବେନି ଷ୍ଟାର୍କ

**ଆଡିଲେଡ୍,୨୮।୧୦:** ଆସନ୍ତା ୩୦ ତାରିଖରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ଟି୨୦ ଖେଳାଯିବ। ଏହି ମ୍ୟାଚ୍‌ରେ ବାମହାତୀ ପେସର ମିଚେଲ ଷ୍ଟାର୍କ ଖେଳିବେ ନାହିଁ। ବୁଧବାର ତାଙ୍କ ଭାଇଙ୍କ ବିବାହ ଉତ୍ସବରେ ସେ ଯୋଗଦେବେ। ଷ୍ଟାର୍କଙ୍କ ଅନୁପସ୍ଥିତିରେ ବିଲି ଷ୍ଟାନଲେକ ଓ ସିନ ଆବଟଙ୍କ ମଧ୍ୟରୁ ଜଣେ କେହି ପେସରଙ୍କୁ ଗାବାଠାରେ ଖେଳିବାକୁ ସୁଯୋଗ ମିଳିବ। ଉଭୟ ଆବଟ ଓ ଷ୍ଟାନଲେକ ଘରୋଇ ଦିନିକିଆ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରି ଦଳରେ ସ୍ଥାନ ପାଇଛନ୍ତି। ତେବେ ଷ୍ଟାନଲେକ ନିକଟରେ ଜାତୀୟ ଦଳ ପାଇଁ ଖେଳିଥିଲେ। ଅନ୍ୟପକ୍ଷରେ ଅନ୍ତିମ ଥର ୨୦୧୪ରେ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଖେଳିଥିବା ଆବଟଙ୍କୁ ପ୍ରାରମ୍ଭିକ ଦଳରେ ସାମିଲ କରାଯାଇ ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କୁ ଆହତ ଆଣ୍ଡ୍ର୍ୟୁ ଟାଇଙ୍କ ବଦଳରେ ନିଆଯାଇଛି। ପ୍ରଥମ ଟି୨୦ ମ୍ୟାଚ୍‌କୁ ଘରୋଇ ଅଷ୍ଟ୍ରେଲିଆ ଦଳ ୧୩୪ ରନ୍‌ର ବୃହତ୍ ବ୍ୟବଧାନରେ ଜିତି ନେଇଛି।

# ହାମିଲଟନ ଜିତିଲେ ମେକ୍ସିକାନ ଗ୍ରାଁ ପ୍ରି

ମେକ୍ସିକୋ ସିଟି, ୨୮।୧୦ (ଏଏଫପି)

ମର୍ସିଡିଜ୍‌ରେ ଲୁଇସ୍ ହାମିଲଟନ ମେକ୍ସିକାନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଜିତିଛନ୍ତି। ଚଳିତ ସିଜନରେ ଏହା ହେଉଛି ତାଙ୍କର ୧୦ମ ଟାଇଟଲ। ଫେରାରିର ସେବାଷ୍ଟିଆନ ଭେଟେଲ ଏବଂ ହାମିଲଟନଙ୍କ ଟିମ୍‌ମେଟ ଭାଲ୍‌ଟେରୀ ବୋଟାସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିଲେ ମଧ୍ୟ ତାଙ୍କୁ ଯଥାକ୍ରମେ ରେଡ୍‌ବୁଲ୍‌ର ଆଲେକ୍ସ ଆଲବନ ଏବଂ ମାକ୍ସ ଭର୍ଷ୍ଟାପେନ୍‌ଙ୍କଠାରୁ ଆଗରେ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ରେସ୍ ଆରମ୍ଭରେ ପିଟ୍ ଷ୍ଟପ୍ ଯୋଗୁ ଭର୍ଷ୍ଟାପେନ୍‌ଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ସ୍ଥାନୀୟ ହିରୋ ରେସିଂ ପଏଣ୍ଟର ସର୍ଗିଓ ପେରେଜ ସପ୍ତମ ସ୍ଥାନ ଅଧିକାର କରିଥିଲେ। ଟୋରୋ ରୋସୋର ଦୁଇ ଡ୍ରାଇଭର ପିଏରେ ଗାସ୍‌ଲି ଏବଂ ନିକୋ ହକେନ୍‌ବର୍ଗଙ୍କୁ ପଛରେ ପକାଇ ରେନଲ୍ଟର ଡାନିଏଲ ରିକାର୍ଡୋ ୮ମ ହୋଇଥିଲେ। ହାମିଲଟନଙ୍କ କ୍ୟାରିୟରର ଏହା ୮୩ତମ ଟାଇଟଲ। ଅନ୍ୟପକ୍ଷରେ ମର୍ସିଡିଜ୍‌ର ଏହା ହେଉଛି ୧୦୦ତମ ବିଜୟ। ଆସନ୍ତା ସପ୍ତାହରେ ଟେକ୍ସାସ୍‌ର ଅଷ୍ଟିନ୍‌ଠାରେ ୟୁଏସ୍ ଗ୍ରାଁ ପ୍ରି ହେବ। ଏଥିରେ ବିଜୟ ସହ ସେ ତାଙ୍କର ୬ଷ୍ଠ ୱାର୍ଲ୍ଡ ଡ୍ରାଇଭର୍ସ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।



ଟ୍ରଫି ସହ ଲୁଇସ୍ ହାମିଲ୍‌ଟନ୍।

# କୋଲକାତାରେ ଖେଳାଯାଇପାରେ ଦିବାରାତ୍ର ଟେଷ୍ଟ

ମୁମ୍ବାଇ,୨୮।୧୦

କୋଲକାତାସ୍ଥିତ ଇଡେନ ଗାର୍ଡେନ୍ସଠାରେ ୧୯୮୭ ଓ ୨୦୧୬ ଟି୨୦ ବିଶ୍ୱକପ୍ ଫାଇନାଲ ବ୍ୟତୀତ ବହୁ ସ୍ମରଣୀୟ ଟେଷ୍ଟ ଖେଳାଯାଇଛି। ଏହି ଐତିହାସିକ ଭେନ୍ୟୁରେ ଭାରତର ପ୍ରଥମ ଦିବାରାତ୍ର ଟେଷ୍ଟ ଖେଳାଯାଇପାରେ। ଭାରତ ଓ ବାଂଲାଦେଶ ମଧ୍ୟରେ ଆସନ୍ତା ନଭେମ୍ବର ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଟେଷ୍ଟ ଖେଳାଯିବାର ଅଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଟେଷ୍ଟକୁ ଦିବାରାତ୍ର ଭିତ୍ତିରେ ଖେଳାଯିବା ନେଇ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)କୁ ବିସିସିଆଇ ପ୍ରସ୍ତାବ ଦେଇଛି। ତେବେ ଏ ସମ୍ପର୍କରେ ବିସିବି କିଛି ନିଷ୍ପତ୍ତି ନେଇ ନାହିଁ। ବିସିସିଆଇ ଆମକୁ ଦିବାରାତ୍ର ଟେଷ୍ଟ ପ୍ରସ୍ତାବ ଦେଇଛି। ଆମେ ଚିନ୍ତା କରିବା ପରେ ତାଙ୍କୁ ଏସମ୍ପର୍କରେ ଜଣାଇବୁ। ୨ କିମ୍ବା ୩ ଦିନ ତଳେ ଆମକୁ ପତ୍ର ମିଳିଥିଲା। ଆମେ ଏସମ୍ପର୍କରେ ଆଲୋଚନା କରିନାହୁଁ ବୋଲି ବିସିବି କ୍ରିକେଟ ଅପରେଶନ୍ସ ଚେୟାରମ୍ୟାନ ଆକ୍ରମ ଖାଁ କହିଛନ୍ତି। ଏ ସମ୍ପର୍କରେ ବିସିବି କାର୍ଯ୍ୟକାରୀ ମୁଖ୍ୟ ନିଜାମୁଦ୍ଦିନ ଚୌଧାରୀ କହିଛନ୍ତି, ସର୍ବପ୍ରଥମେ ଆମକୁ ଖେଳାଳି ଓ ଟିମ୍ ମ୍ୟାନେଜମେଣ୍ଟଠାରୁ ଗ୍ରୀନ ସିଗ୍‌ନାଲ ନ ମିଳିଲା ପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ହେବ ନାହିଁ। ଦିବାରାତ୍ର ଟେଷ୍ଟ ଖେଳିବା କି ନାହିଁ ସମ୍ପୂର୍ଣ୍ଣ ଟେକନିକାଲ ନିଷ୍ପତ୍ତି। ପିଙ୍କ୍ ବଲରେ ଟେଷ୍ଟ ଖେଳିବା ପୂର୍ବରୁ ଅଭ୍ୟାସ ନିହାତି ଦରକାର। ଏହାକୁ ମଧ୍ୟ ଆମେ ଗୁରୁତ୍ୱ ଦେବାକୁ ପଡ଼ିବ। ଉଲ୍ଲେଖଥାଉ କି, ଅତୀତରେ ନ୍ୟୁଜିଲାଣ୍ଡ ପକ୍ଷରୁ କରାଯାଇଥିବା ସମାନ ପ୍ରସ୍ତାବକୁ ଅଭ୍ୟାସ ପାଇଁ ଆବଶ୍ୟକ ସମୟ ନ ଥିବାରୁ ବାଂଲାଦେଶ ପ୍ରତ୍ୟାଖ୍ୟାନ କରି ଦେଇଥିଲା। ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ବିସିସିଆଇ ସଭାପତି ପଦ ନେବା ପରେ ଦିବାରାତ୍ର ଟେଷ୍ଟ ସପକ୍ଷରେ ମତ ବାଢ଼ିଥିଲେ।

# ପ୍ରି-କ୍ୱାର୍ଟରରେ ଜ୍ୟୋତ୍ସ୍ନା

**କାଇରୋ, ୨୮।୧୦ (ପି.ଟି.):** ଭାରତର ଅଗ୍ରଣୀ ସ୍କ୍ୱାଶ୍ ଖେଳାଳି ଚିନ୍ନାପା ଜ୍ୟୋତ୍ସ୍ନା ସିଆଇବି ପିଏସ୍‌ଏ ମହିଳା ବିଶ୍ୱ ଚାମ୍ପିୟନଶିପ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ହଂକଂର ହୋ ଟିଜି ଲୋକ୍‌ଙ୍କ ବିପକ୍ଷରେ ସେ ସହଜ ବିଜୟ ହାସଲ କରିଛନ୍ତି। ବିଶ୍ୱର ୧୨ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ଜ୍ୟୋତ୍ସ୍ନା ପ୍ରି-କ୍ୱାର୍ଟରରେ ଦ୍ୱିତୀୟ ସିଡ୍ ନୁର୍ ଏଲ୍ ଶେରବିନିଙ୍କୁ ଭେଟିବେ। ଜ୍ୟୋତ୍ସ୍ନା ୧୧-୫, ୧୧-୪ରେ ଅଗ୍ରଣୀ ରହିଥିବାବେଳେ ବିପକ୍ଷ ଖେଳାଳି ଟିଜି ଲୋକ୍ ଆଘାତପ୍ରାପ୍ତ ହେବାରୁ ମ୍ୟାଚ୍‌ରୁ ଓହରି ଯାଇଥିଲେ। ଫଳରେ ଜ୍ୟୋତ୍ସ୍ନା ବିଜୟୀ ହୋଇଥିଲେ।

# ଦଙ୍ଗଲରେ ଅନୁପମା ଚାମ୍ପିୟନ

ଭୁବନେଶ୍ୱର, ୨୮।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କୁସ୍ତି ଓ ପୁରୀ କୁସ୍ତି ସଂଘର ମିଳିତ ଆନୁକୂଲ୍ୟରେ ୩ଦିନିଆ ରାଜ୍ୟ କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ପୋଲିସରେ କାର୍ଯ୍ୟରତ ଥିବା ତାରକା ସାମରିକ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ ଓପନ୍ ୱେଟ୍ ଓ ବୟସ କୁସ୍ତି (ଦଙ୍ଗଲ)ରେ ଚାମ୍ପିୟନ ହୋଇଛନ୍ତି। ମହିଳା ଦଙ୍ଗଲ ଫାଇଟ୍‌ରେ କଟକର ଅଜିଜା ବେଗମ୍ ରନର୍ସଅପ୍ ହୋଇଛନ୍ତି। ପୁରୁଷ ଦଙ୍ଗଲ ଫାଇଟ୍‌ର ଫାଇନାଲ ସମୟ ଅଭାବରୁ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରତିଯୋଗିତାରେ ପୁରୀ ଜିଲା ଓଭରଅଲ୍ ଚାମ୍ପିୟନ ଓ କଟକ ରନର୍ସଅପ୍ ହୋଇଥିଲା। ସେହିଭଳି ପୁରୁଷରେ ପୁରୀ ଓ କଟକ ଏବଂ ମହିଳାରେ କଟକ ଓ ଢେଙ୍କାନାଳ ଯଥାକ୍ରମେ ଚାମ୍ପିୟନ ଏବଂ ରନର୍ସଅପ୍ ହୋଇଥିଲେ।
ଏହି ପ୍ରତିଯୋଗିତାରେ ଆୟୋଜକ ପୁରୀ ସମେତ କଟକ, ଖୋର୍ଦ୍ଧା, ସମ୍ବଲପୁର, ଗଞ୍ଜାମ, ଗଜପତି, ବାଲେଶ୍ୱର, ଢେଙ୍କାନାଳ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ୧୧୦ ଜଣ ପୁରୁଷ ଓ ୬୦ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।
ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

**ରାଜ୍ୟ କୁସ୍ତି ଉଦ୍‌ଯାପିତ**

ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କୁସ୍ତି ସଂଘର ସଭାପତି ରାମଚନ୍ଦ୍ର ପାଢ଼ୀ, ସମ୍ପାଦକ ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ବିନୋଦ ଚନ୍ଦ୍ର ଦାସ, ପୁରୀ ସଂଘର ସମ୍ପାଦକ ରବି ନାରାୟଣ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। କଟକ ଜିଲା ସମ୍ପାଦକ କିଶୋର ଚନ୍ଦ୍ର ବେହେରା, ରାଜ୍ୟ ସଂଘର ସହସମ୍ପାଦକ ଭାରତ ଭୂଷଣ ସ୍ୱାଇଁ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଅନୁପମା ସ୍ୱାଇଁ।

# ଅଷ୍ଟ୍ରେଲିଆକୁ ବିଜୟୀ କଲେ ୱାର୍ନର

ଆଡିଲେଡ, ୨୮।୧୦(ଏଏଫପି)

ନିଜର ୩୩ତମ ଜନ୍ମଦିନରେ ଶତକ ହାସଲ କରିଛନ୍ତି ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର। ତାଙ୍କର ଏହି ଶତକ ବଳରେ ଅଷ୍ଟ୍ରେଲିଆ ସିରିଜର ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ୧୩୪ ରନରେ ପରାସ୍ତ କରିଛି। ଟି୨୦ରେ ଏହାଥିଲା ୱାର୍ନରଙ୍କ ପ୍ରଥମ ଶତକ। ବାର୍ଥଡେ ବୟ ୱାର୍ନରଙ୍କ ଅପରାଜିତ ଶତକ ବଳରେ ଅଷ୍ଟ୍ରେଲିଆ ୨୦ ଓଭରରେ ୨ ଉଇକେଟ ହରାଇ ବୃହତ୍ ୨୩୩ ରନ କରିଥିଲା। ୱାର୍ନର ୫୬ ବଲ୍‌ରୁ ୧୦ ଚୌକା ଓ ୪ ଛକା ସହାୟତାରେ ୧୦୦ ରନ କରି ଅପରାଜିତ ରହିଥିବାବେଳେ ଆରନ ଫିଞ୍ଚ୍ ୬୪ (୩୬ ବଲ, ୮ ଚୌକା, ୩ ଛକା) ଏବଂ ଗ୍ଲେନ ମ୍ୟାକ୍ସୱେଲ ଦ୍ରୁତ ୬୨ (୨୭ ବଲ, ୭ ଚୌକା, ୩ ଛକା) ରନର ଇନିଂସ ଖେଳିଥିଲେ। ଜବାବରେ ଶ୍ରୀଲଙ୍କା ୨୦ ଓଭରରେ ୯ ଉଇକେଟ ହରାଇ କେବଳ ୯୯ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଦୁସାନ ଶନକା ସର୍ବାଧିକ ୧୭ ରନ କରିଥିଲେ। ଅଷ୍ଟ୍ରେଲୀୟ ବୋଲରଙ୍କ ମଧ୍ୟରେ ଆଡାମ ଜାମ୍ପା ୩ଟି

**ଜନ୍ମଦିନରେ ଶତକ**

ଏବଂ ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କମିନ୍ସ ୨ଟି ଲେଖାଏ ଉଇକେଟ ନେଇଥିଲେ। ୱାର୍ନର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ବିଜୟ ଫଳରେ ଅଷ୍ଟ୍ରେଲିଆ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।



ଡେଭିଡ ୱାର୍ନର

# ଧରିତ୍ରୀ
DHARITRI

## ସଂକ୍ଷେପରେ

### କାର୍ଯ୍ୟରେ ଅବହେଳା, ଏସ୍ଆଇ ନିଲମ୍ବିତ

**ତାଲଚେର, ୨୮।୧୦(ନି.ପ୍ର.):** କାର୍ଯ୍ୟରେ ଅବହେଳା ଯୋଗୁ ଅନୁଗୋଳ ପୋଲିସ ଜିଲା ଅନ୍ତର୍ଗତ ତାଲଚେର କଲିଆରୀ ଥାନାର ସବ୍‌ଇନ୍ସପେକ୍ଟର (ଏସ୍ଆଇ) ସୁମିତ୍ରା ପାତ୍ରଙ୍କୁ ସୋମବାର ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ନିଲମ୍ବନ କରିଛନ୍ତି। ଗତ ମାର୍ଚ୍ଚ ୧୨ରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କଲିୟାରୀ ଥାନାରେ ନମ୍ବର ୮୦/୧୯ରେ ମାମଲା ରୁଜୁ ହୋଇଥିଲା। ତେବେ ତଦନ୍ତ ଦାୟିତ୍ୱ ନେଇଥିବା ଅଧିକାରୀ ସୁମିତ୍ରା ଘଟଣାର ଠିକ୍ ତଦନ୍ତ କରି ନ ଥିଲେ। ଫଳରେ ଅଭିଯୋଗର ୧୧ ଦିନରେ ମହିଳା ଜଣଙ୍କ ଆତ୍ମହତ୍ୟା କରିଥିଲେ। ତଦନ୍ତରେ ଅବହେଳା ଯୋଗୁ ମହିଳା ଜଣକ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଡିଆଇଜିଙ୍କୁ ଅଭିଯୋଗ କରାଯାଇଥିଲା। ଡିଆଇଜି ଘଟଣାର ତଦନ୍ତ କରି କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗରେ ସୁମିତ୍ରାଙ୍କୁ ନିଲମ୍ବନ କରିଛନ୍ତି। ତାଙ୍କୁ ହେଡ୍‌କ୍ୱାର୍ଟର ଅନୁଗୋଳକୁ ବଦଳି କରାଯାଇଛି। ସେ ଅନୁଗୋଳ ଆର.ଆଇ.ଙ୍କ ଅଧୀନରେ ରହି କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି।

### ୩୦ରେ ଅନୁଗୋଳ ଏନ୍‌କ୍ଲେଭର ଭିତ୍ତିପ୍ରସ୍ତର

**ଅନୁଗୋଳ ଅଫିସ, ୨୮।୧୦:** ଅନୁଗୋଳ ଏନ୍‌କ୍ଲେଭ ପାଇଁ ଆସନ୍ତା ୩୦ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟକ ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେବେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍ପି ମହେଶ ସାହୁ, ଜିଲାପାଳ ମନୋଜ କୁମାର ମହାନ୍ତି, ଓଡ଼ିଶା ହାଉସିଂ ବୋର୍ଡ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର ଉପସ୍ଥିତ ରହିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମୋଟ୍ ୩୩୧ଟି ଘର ନିର୍ମାଣ ପାଇଁ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଉକ୍ତ ଗୃହର ମୂଲ୍ୟ ଧାର୍ଯ୍ୟ ହୋଇଥିବାବେଳେ ଏହାର ୧୦ ପ୍ରତିଶତ ଅଗ୍ରୀମ ଓଡ଼ିଶା ଷ୍ଟେଟ ହାଉସିଂ ବୋର୍ଡ ନିକଟରେ ଜମା କରିବାକୁ କୁହାଯାଇଛି। ଅନୁଗୋଳ ମେଡିକାଲ ପଛ ପାର୍ଶ୍ୱରେ ଏହି ଭିତ୍ତିପ୍ରସ୍ତର ଦିଆଯିବ ବୋଲି ସୂଚନା ଦିଆଯାଇଛି।

### ବାଣ ଦୁର୍ଘଟଣା: ୩୨ ଆହତ

**ଅନୁଗୋଳ ଅଫିସ, ୨୮।୧୦:** ଦୀପାବଳିରେ ଅନୁଗୋଳ ସହର ଓ ଉପକଣ୍ଠରେ କେତେକ ସ୍ଥାନରେ ବାଣ ଦୁର୍ଘଟଣା ଘଟି ୩୨ ଜଣ ଆହତ ହୋଇଛନ୍ତି। ତେବେ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ମେଡିକାଲକୁ ଆସିଥିବା ୩୨ଜଣଙ୍କ ମଧ୍ୟରୁ ଲିଙ୍ଗରାଯୋଡ଼ି ଗୋଡ଼ିସାହି ଅଞ୍ଚଳର ମାନସ ରଞ୍ଜନ ପ୍ରଧାନଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ସହରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ଶରଧାପୁର ଅଞ୍ଚଳର ରଞ୍ଜନ ସେଠ, ଜରପଡ଼ା ଅଞ୍ଚଳର ବୁଗୁଲି ପ୍ରଧାନ ଓ ଶାବଳଭଙ୍ଗା ଅଞ୍ଚଳର ସଚିନ ନାଏକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

## ଅନୁଗୋଳରେ ମା'କାଳୀ


ହେମସୁରପଡ଼ା ମେଢ଼।


ବସ୍‌ଷ୍ଟାଣ୍ଡ କାଳୀପୂଜା କମିଟି।


ଡେଲି ମାର୍କେଟ୍।




■ଗଛ ବଞ୍ଚାଇଦେଲା ଜୀବନ

## ନାଳରେ ଭାସି ଯାଇଥିବା ବୃଦ୍ଧା ଉଦ୍ଧାର

**ରାସୋଳ, ୨୮।୧୦(ଡି.ଏନ.ଏ)**



ଗଛ ବଞ୍ଚାଇଦେଲା ବୃଦ୍ଧାଙ୍କ ଜୀବନ। ଘଟଣା ଘଟିଛି ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ବାହାଲୁଣ୍ଡା ଗ୍ରାମ ନିକଟରେ। ରବିବାର ରାତିରେ ସ୍ଥାନୀୟ ବଡଯୋରା ନାଳରେ ବୃଦ୍ଧା ଜଣକ ଭାସିଯାଇଥିବା ବେଳେ ସୋମବାର ସକାଳେ ତାଙ୍କୁ ଉଦ୍ଧାର କରାଯାଇଛି। ରାତି ତମାମ ବୃଦ୍ଧା ଜଣକ ନାଳ ଭିତରେ ଏକ ଗଛ ଡାଳକୁ ଜାବୁଡ଼ି ଧରି ରହିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଘଟଣାରୁ ଜଣାପଡିଛି, ବାଲିମୀ ଥାନା ରଞ୍ଜାଗୋଳ ଗ୍ରାମର ଶଙ୍କର ମହାପାତ୍ର ଜଣେ ପୂଜକ। ରବିବାର ଶଙ୍କର ବଡଯୋରା ନାଳ ପାରି ହୋଇ ପୂଜା କରିବାକୁ ଯାଇଥିଲେ। ରାତି ହୋଇଯାଇଥିଲେ ହେଁ ଶଙ୍କର ଘରକୁ ଫେରି ନ ଥିଲେ। ଫଳରେ ସ୍ତ୍ରୀ ପାକେଲି ତାଙ୍କୁ ଖୋଜିବାକୁ ବାହାରିଥିଲେ। ତେବେ ନାଳରେ ଅଧିକ ପାଣି ଥିବାରୁ ସେ ଭାସି ଯାଇଥିଲେ। କିଛି ବାଟ ଭାସିଯିବା ପରେ ଏକ ଗଛଡାଳ ଦେଖି ତାହାକୁ ପାକେଲି ଜାବୁଡ଼ି ଧରିବାରୁ ସେଠାରେ ଅଟକି ଯାଇଥିଲେ। ରାତିତମାମ ସେଠାରେ ସେ ସେମିତି ରହିଥିଲେ। ସକାଳେ ବାହାଲୁଣ୍ଡା ଗ୍ରାମର ସୁଶାନ୍ତ ପଟ୍ଟନାୟକ ଓ ଅନ୍ୟମାନେ ଶୌଚ ପାଇଁ ଯାଇଥିବା ବେଳେ ବୃଦ୍ଧାଙ୍କ ପାଟିଶୁଣି ତାଙ୍କୁ ନାଳରୁ ଉଦ୍ଧାର କରିଥିଲେ। ପରେ ଗ୍ରାମବାସୀ ତାଙ୍କୁ ଡାକ୍ତରଖାନା ନେବା ସହ ପରିବାରକୁ ହସ୍ତାନ୍ତର କରିଥିଲେ।

## ତାଳଚେର: ଚଳଚଞ୍ଚଳ କାଳୀମଣ୍ଡପ ପଡ଼ିଆ

**ତାଳଚେର/ବଇଣ୍ଡା/ବଅଁରପାଳ ୨୮।୧୦(ନି.ପ୍ର.)**

ମା' ଶ୍ୟାମାକାଳୀଙ୍କ ଆରାଧନା ପାଇଁ ଚଳଚଞ୍ଚଳ ହୋଇଉଠିଛି ତାଳଚେର ଏମ୍‌ସିଏଲ ନନ୍ଦିରାସ୍ଥିତ କାଳୀମଣ୍ଡପ ପଡିଆ। ନନ୍ଦିରା ଭୂତଳ କୋଇଲା ଖଣି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମା ଆକର୍ଷଣୀୟ ଭାବେ ନିର୍ମାଣ କରାଯାଇଛି। ମଣ୍ଡପ ସମ୍ମୁଖରେ ୭୫ ଫୁଟ୍ ଉଚ୍ଚ ଓ ୭୦ ଫୁଟ ଓସାର ବିଶିଷ୍ଟ ମନଲୋଭା ତୋରଣ ପ୍ରସ୍ତୁତ ହୋଇଛି। ଏଥିସହ ଅତ୍ୟାଧୁନିକ ଏଲ୍‌ଇଡି ଲାଇଟଯୁକ୍ତ ଗେଟ୍, ମିନାବଜାର, ନାନା ରକମର ଦୋଳି ଲୋକଙ୍କୁ ଆକୃଷ୍ଟ କରିବାକୁ ଆୟୋଜନ କରାଯାଇଛି। ମା'ଙ୍କ ପୂଜାରେ ଚଳିତ ବର୍ଷ ଆନୁମାନିକ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ପୂଜାକମିଟି ସଦସ୍ୟମାନଙ୍କ ପକ୍ଷରୁ ପ୍ରକାଶ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଆସନ୍ତା ୩୧ ତାରିଖରେ ମା'ଙ୍କ ଭସାଣି ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଭିଡ଼ ନିୟନ୍ତ୍ରଣ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଖଣି କର୍ତ୍ତୃପକ୍ଷ ଓ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୂଜାକୁ ଶୃଙ୍ଖଳିତ ଭାବରେ ଉପଭୋଗ କରିବା ପାଇଁ ନନ୍ଦିରା କାଳୀପୂଜା କମିଟିର ସଭାପତି ସନ୍ତୋଷ କୁମାର ମହାନ୍ତି, ସମ୍ପାଦକ ମଳୟ ଦୁବେ, କାର୍ଯ୍ୟକାରୀ ସମ୍ପାଦକ ଅବିନାଶ ସାହୁଙ୍କ ସହ ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି। ସେହିପରି ଏମ୍‌ସିଏଲର ବଳରାମ ଓ ହିଙ୍ଗୁଳା କୋଇଲା ଖଣିରେ ମଧ୍ୟ କାଳୀ ପୂଜା ପାଳନ କରାଯାଉଛି।

ସେହିପରି ବଅଁରପାଳ ଓ ନାଲ୍‌କୋ ଅଞ୍ଚଳରେ କାଳୀପୂଜା ରବିବାର ରାତିରୁ ଆରମ୍ଭ ହୋଇଛି। ସନ୍ଧ୍ୟାରେ ପୂଜା କମିଟିର କର୍ମକର୍ତ୍ତାମାନେ କଳସ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ଜଳାଶୟରୁ ପାଣି ଆଣି ପୂଜା ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ମଧ୍ୟରାତିରେ ଦେବୀଙ୍କର ପୂଜା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ବଅଁରପାଳ ଛକ ନାଲ୍‌କୋ ମେନ ଗେଟ ନାଲକୋ କଲୋନୀ, ଏଫସିଆଇ ଛକ ଆଦି ସ୍ଥାନରେ କାଳୀ ପୂଜା ଅନୁଷ୍ଠିତ ହୋଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ମଣ୍ଡପ ଗୁଡ଼ିକ ଝଲସି ଉଠୁଛି। ଏହି ଅବସରରେ ପ୍ରସାଦସେବନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହିପରି କିଶୋରନଗର ବ୍ଲକ ଅଙ୍ଗପଡ଼ା ଓ ବଇଣ୍ଡା ହାଇସ୍କୁଲ ରୋଡଠାରେ ରବିବାର ମହାସମାରୋହରେ କାଳୀ ପୂଜା ପାଳିତ ହୋଇଛି। କଳସରେ ପାଣି ଆଣିବା ପରେ ଯଥାରୀତି ପୂଜାର୍ଚ୍ଚନା ହୋଇଥିଲା। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜା ମଣ୍ଡପ ଗୁଡ଼ିକ ଝଲସି ଉଠୁଛି। ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଦଣ୍ଡନୃତ୍ୟ ଅନୁଷ୍ଠିତ ହୋଇଥିଲା। ମହେଶ ଅଗ୍ରୱାଲା, ଚିତ୍ରସେନ ପ୍ରଧାନ, ନରେଶ ସାହୁ, ବିକ୍ରମ ସାହୁ, ଚନ୍ଦନ ସାହୁ ପ୍ରମୁଖ ସହଯୋଗ କରିଥିଲେ।


ତାଳଚେର ନନ୍ଦିରା କୋଇଲା ଖଣି ମେଢ଼।


କିଶୋରନଗର ବ୍ଲକ ଅଙ୍ଗପଡ଼ାରେ କାଳୀ ପୂଜା।


ବଅଁରପାଳଠାରେ ଅନୁଷ୍ଠିତ ପୂଜା।

■ପ୍ରଦୂଷଣ ବଢ଼ାଇଲା ଦୀପାବଳି

## ଅଢ଼େଇଗୁଣ ବୃଦ୍ଧି ଆଶଙ୍କା

**ଅନୁଗୋଳ ଅଫିସ, ୨୮।୧୦**



■କୋଟିଏ ଟଙ୍କାର ବାଣ ଫୁଟାଗଲା

■ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ରହିଲା ଧୂଆଁ

ଦେଶର ପ୍ରଦୂଷିତ ଜିଲା ଓ ସହର ତାଲିକାରେ ଅନେକ ସମୟରେ ନିଜ ଉପସ୍ଥିତି ଜାହିର କରୁଥିବା ଅନୁଗୋଳର ପ୍ରଦୂଷଣ ଦୀପାବଳିରେ ବେଶ୍ ବଢ଼ିଯାଇଛି। ଏହାକୁ ସହରବାସୀ, ପରିବେଶବିତ୍‌ମାନେ ସିଧାସଳଖ ଅନୁଭବ କରିପାରୁଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ମଧ ଏପରି ଆଶଙ୍କା ପ୍ରକାଶ ପାଇଛି। ଯଦିଓ ପ୍ରଦୂଷଣର ମାତ୍ରା କେତେ ରହିଛି ତାହା ଆସନ୍ତା ଦୁଇ ଦିନ ମଧ୍ୟରେ ଜଣାପଡ଼ିବ ବୋଲି କୁହାଯାଇଛି ତଥାପି ସାଧାରଣ ଦିନ ଅପେକ୍ଷା ଦୀପାବଳିରେ ପ୍ରଦୂଷଣ ଦୁଇରୁ ଅଢ଼େଇ ଗୁଣ ବୃଦ୍ଧି ପାଇଥିବା ଆଶଙ୍କା ବ୍ୟକ୍ତ କରାଯାଇଛି।

ସହରବାସୀଙ୍କ କହିବା ଅନୁଯାୟୀ, ଦୀପାବଳୀରେ ଅନୁଗୋଳରେ ପାଖାପାଖି କୋଟିଏ ଟଙ୍କାର ବାଣ ଫୁଟାଯାଇଛି। ଅପରାହ୍ନରୁ ପାଖାପାଖି ରାତି ୧୨ଟା ପର୍ଯ୍ୟନ୍ତ ବାଣଫୁଟା ଯୋଗୁ ଧୂଆଁର ବହଳିଆ ଆସ୍ତରଣ ପୂରା ସହରକୁ ଘୋଡ଼ାଇ ଦେଇଥିଲା। ସନ୍ଧ୍ୟାରୁ ମୁହଁକୁ ମୁହଁ ଦେଖିବା କଷ୍ଟକର ହୋଇପଡ଼ିଲା। ଗାଡ଼ି ଚଳାଚଳ ମଧ ବାଧାପ୍ରାପ୍ତ ହୋଇଥିଲା। କୁହୁଡ଼ି ଅଧିକ ହୋଇଥିଲେ ପରିସ୍ଥିତି ଅଧିକ ଖରାପ ହୋଇଥାନ୍ତା ବୋଲି ପରିବେଶବିତ୍‌ମାନେ କହିଛନ୍ତି। ଶିଳ୍ପାୟନ ଯୋଗୁ ଅନୁଗୋଳ ଜିଲା ତଥା ସହର ପ୍ରଦୂଷିତ ହେଉଥିବା ବେଳେ ଲୋକମାନେ ଏଥିପ୍ରତି ସଚେତନ ନ ହେଲେ ଆଗକୁ ଆହୁରି ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ସେମାନେ କହିଛନ୍ତି। ତେବେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, କୁହୁଡ଼ିରେ ଧୂଆଁ ବାହାରକୁ ବାହାରି ପାରେ ନାହିଁ। ସାମୟିକ କାର୍ଯ୍ୟ ହୋଇଥିବାରୁ ୨୪ ଘଣ୍ଟା ମଧ୍ୟରେ ଆକାଶରେ ଥିବା ଧୂଆଁ ଆସ୍ତରଣ ଚାଲିଯିବ। ଅନ୍ୟଦିନମାନଙ୍କରେ ବାୟୁରେ ଥିବା ଧୂଳିକଣାରେ ପ୍ରଦୂଷଣ ମାତ୍ରା ୧୦୦ ରହିବା କଥା। କିନ୍ତୁ ଏହା ଦୀପାବଳିରେ କେତେ ପ୍ରତିଶତ ହୋଇଛି ତାହା ଦୁଇ ଦିନ ମଧ୍ୟରେ ଜଣାପଡ଼ିବ। ଏପରି କି ଦୁଇ ଶହରୁ ଅଢ଼େଇଶହ ପ୍ରଦୂଷଣ ମାତ୍ରା ହୋଇଥିବ ବୋଲି ଆଶଙ୍କା କରାଯାଉଥିବା କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ଟ୍ରକ୍ ପଛରେ ପିଟିଲା ଟ୍ରକ୍, ଖଲାସି ଗୁରୁତର



**ଛେଣ୍ଡିପଦା, ୨୮।୧୦(ସ୍ୱ.ପ୍ର.)**

ଅନୁଗୋଳ ଜିଲା ନିଶା ଥାନା ଅନ୍ତର୍ଗତ ୬୩ ନଂ ରାଜ୍ୟ ରାଜପଥର ରାଇଝରଣଠାରେ ରବିବାର ଏକ ଟ୍ରକ୍ ଆଉ ଏକ ଟ୍ରକ୍ ପଛରେ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଖଲାସି ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ପରିଚୟ ଜଣାପଡିନାହିଁ। ଘଟଣାରୁ ପ୍ରକାଶ, ଅନୁଗୋଳ-ଛେଣ୍ଡିପଦା ୬୩ ନମ୍ବର ରାଜ୍ୟ ରାଜପଥରରେ ଏକ ଟ୍ରକ୍ (ନଂ. ଓଡି୧୯ଏଫ ୯୯୨୦) ଆଇରନ ବୋଝେଇ କରି ଅନୁଗୋଳ ପଟକୁ ଯାଉଥିବା ବେଳେ ଆଗରେ ଯାଉଥିବା ଅନ୍ୟ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଏଥିରେ ଆଇରନ ବୋଝେଇ ଟ୍ରକ୍‌ର ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତେବେ ୪/୫ ଜଣ ଲୋକେ ରାସ୍ତାପାର୍ ହେଉଥିବା ଦେଖି ଟ୍ରକ୍ ଚାଳକ ଭାରସାମ୍ୟ ହରାଇ ଅନ୍ୟ ଟ୍ରକ୍‌କୁ ଧକ୍କା ଦେଇଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଖବରପାଇ ନିଶା ଶିଳ୍ପାଞ୍ଚଳ ଥାନା ଏସ୍ଆଇ ଅରୁନ୍ଧତୀ ପରିଡା ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଦୁଇଟିକୁ ଜବତ କରିଛନ୍ତି।

■କୋଇଲା ପରିବହନ ବନ୍ଦ ବିରୋଧରେ ଧାରଣା

## ପ୍ରଶାସନ ସହ ଆଲୋଚନା ବିଫଳ

**ଅନୁଗୋଳ ଅଫିସ, ୨୮।୧୦**


ସୋଲଡାବାସୀ ଧାରଣାରେ ବସିଛନ୍ତି।

କୋଇଲା ପରିବହନ ନେଇ ବିବାଦ ଯୋଗୁ ତାଳଚେରଠାରେ ଥିବା ଏମ୍‌ସିଏଲ୍‌ର ବଳରାମ ଖଣି ଗତ ୧୨ ତାରିଖ ଠାରୁ ବନ୍ଦ ରହିଛି। ପ୍ରଶାସନ, ପୋଲିସ ଓ ଖଣି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ମଧ କୌଣସି ସୁଫଳ ମିଳୁନାହିଁ। ତେଣୁ ତୁରନ୍ତ ଖଣି କାର୍ଯ୍ୟ ଆରମ୍ଭ କରାଯିବା ଦାବିରେ କଳାପାଟ ଟ୍ରକ୍ ମାଲିକ ସଂଘ ଉପସଭାପତି ଗଦାଧର ସାହୁଙ୍କ ନେତୃତ୍ୱରେ ସୋମବାର ସୋଲଡ଼ାବାସୀ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଖଣି କାର୍ଯ୍ୟ ଚାଲୁ କରାଯିବା ପରେ ସେମାନେ ଧାରଣାରୁ ଉଠିବେ ବୋଲି ସାହୁ ସୂଚନା ଦେଇଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଧାରଣାରେ ବସିଥିବା ଏକ ୫ ଜଣିଆ କମିଟି ସହ ଅପରାହ୍ନରେ ଆଲୋଚନା କରିଥିଲେ। ଦୁଇ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି କହି ଧାରଣାରୁ ଉଠିଯିବାକୁ ପ୍ରଶାସନ ଅନୁରୋଧ କରିଥିଲେ ବି ସୋଲଡ଼ାବାସୀ ଜିଦ୍‌ରେ ଅଟଳ ରହିଛନ୍ତି।

ଗ୍ରାମ ସଭାପତି ଫିରୋଜ କୁମାର ପ୍ରଧାନ କହିଛନ୍ତି, ବଳରାମ ଖଣିରେ ଟ୍ରକ୍ ଉପରେ ୩ଶହ ପରିବାର ନିର୍ଭର କରୁଥିବାବେଳେ ଟ୍ରକ୍‌ରେ ପାଲ ଭିଡ଼ି ୭ଶହ ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। କିନ୍ତୁ ଖଣି ବନ୍ଦ କାରଣରୁ ଏକ ହଜାର ପରିବାରଙ୍କ ଚଳିବା କଷ୍ଟକର ହୋଇପଡ଼ିଛି। ଫେବୃୟାରୀ ୨୫ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଟ୍ରକ୍ ଲୋଡିଂ ନେଇ ଆଲୋଚନା ହୋଇଥିଲା। ଏହା ପରଠାରୁ ଦୈନିକ ଲୋଡିଂ କିଛି ଦିନ ଠିକ୍‌ରେ ଚାଲିଥିଲେ ମଧ ପରବର୍ତ୍ତୀ ସମୟରେ ଡଅଁରା ଗ୍ରାମର କିଛି ଲୋକ ଭୟଭୀତ କରାଇ ଉପରୋକ୍ତ ୫ଟି ଗ୍ରାମର ଟ୍ରକ୍ ମାଲିକଙ୍କୁ ଲୋଡିଂ ଦେଇ ନ ଥିଲେ। ଏ ନେଇ ମା' କଳାପାଟ ଟ୍ରକ୍ ମାଲିକ ସଂଘ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ରାଜନୈତିକ ଚାପ ଦ୍ୱାରା ଖଣି ବନ୍ଦ କରାଯାଇଥିବା ସଭାପତି ଅଭିଯୋଗ କରିଛନ୍ତି। କଳାପାଟ ଟ୍ରକ ମାଲିକ ସଂଘର ସହସମ୍ପାଦକ ସିପୁନ ସ୍ୱାଇଁ, ଆଲୋକ ସାହୁ, ପ୍ରଶାନ୍ତ ସାହୁ, ସୁଶୀଲ ବେହେରା, ଅନି ସାହୁ, ରିଙ୍କୁ ସାହୁ, ବିମଳ ବେହେରା, ସୂର୍ଯ୍ୟକାନ୍ତ ସାହୁ, ମନମୋହନ ଗଡ଼ନାୟକ, ସୌମ୍ୟରଞ୍ଜନ ସାହୁ, ଆକାଶ ଜେନା, ସୁଶାନ୍ତ ସାହୁ, ସାଗର ତନୟା ବେହେରା ପ୍ରମୁଖ ଧାରଣାରେ ବସିଥିବା ଟ୍ରକ୍ ମାଲିକ ସଂଘ ଉପସଭାପତି ସାହୁ ସୂଚନା ଦେଇଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ